
# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୩/୨୦୨୪ (୧୬ ପୃଷ୍ଠା) Bhubaneswar, Tuesday, August 13/2024 Page 16 ₹ 7.00 | BERHAMPUR

୫୦ଶ ଭାଗ ୨୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 260 ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୩/୨୦୨୪ | Bhubaneswar, Tuesday, August 13/2024 | ପୃଷ୍ଠା-୧




## ଜର୍ମାନୀ ଗଲେ ନୀରଜ ଚୋପ୍ରା

ନିଜର ଅସ୍ତ୍ରୋପଚାର ସମ୍ପର୍କରେ ଡାକ୍ତରୀ ପରାମର୍ଶ ନେବା ପାଇଁ ଜର୍ମାନୀ ଗଲେ ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା।

୧୪ ୦୮

## 'ଲାହୋର ୧୯୪୭'ର ଶୁଟିଂ ଶେଷ

ଅଭିନେତା ସନି ଦେଓଲଙ୍କ 'ଲାହୋର ୧୯୪୭' ଫିଲ୍ମର ଶୁଟିଂ ଶେଷ ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।






ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ପ୍ରତିବାଦରେ କୋଲକାତାରେ ସୋମବାର ଜୁନିୟର ଡାକ୍ତର, ଟ୍ରେନି ଡାକ୍ତର ଏବଂ ଡାକ୍ତରୀ ଛାତ୍ରୀଛାତ୍ରମାନେ ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି।

# ବାସହୀନଙ୍କୁ ପୂର୍ଣ୍ଣାଙ୍ଗ ଘର ପ୍ୟାକେଜ୍

## ୫ ବର୍ଷ ପରେ ରାଜ୍ୟରେ ରହିବେନି ଭୂମିହୀନ: ମନ୍ତ୍ରୀ ପୂଜାରୀ

**ଭୁବନେଶ୍ୱର,୧୨।୮(ଅନିଲ ଦାସ)**

ଆସନ୍ତା ୫ ବର୍ଷ ପରେ ରାଜ୍ୟରେ କେହି ଭୂମିହୀନ କିମ୍ବା ବାସହୀନ ପରିବାର ରହିବେ ନାହିଁ । ଗରିବ ଭୂମିହୀନ ଓ ବାସହୀନଙ୍କୁ ଘର ନିର୍ମାଣ ପାଇଁ ଜମି ଯୋଗାଇ ଦିଆଯିବ। ଏପରି କି ସେହି ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ବିଦ୍ୟୁତ୍, ପାନୀୟ ଜଳ ଓ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ଯୋଗାଇବାର ବ୍ୟବସ୍ଥା କରାଯିବ। ବାସହୀନ ଓ ଭୂମିହୀନ ଗରିବ ଲୋକଙ୍କୁ ୫ ବର୍ଷରେ ପୂର୍ଣ୍ଣାଙ୍ଗ ଘର ପ୍ୟାକେଜ୍ ଯୋଗାଇ ଦିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ସୋମବାର ଗଣମାଧ୍ୟମକୁ ସୂଚନାଦେଇ ମନ୍ତ୍ରୀ କହିଛନ୍ତି, ଗ୍ରାମାଞ୍ଚଳରେ ବର୍ଷବର୍ଷ ଧରି ସରକାରୀ ଜାଗାରେ ରହିବା ସତ୍ତ୍ୱେ ଭୂମିହୀନ ଗରିବଙ୍କୁ ଘରଡିହ ପଟ୍ଟା ମିଳୁନି। ଯେଉଁମାନଙ୍କର ବାର୍ଷିକ ଆୟ ୧ ଲକ୍ଷ ଟଙ୍କା ଥିବ, ସେମାନଙ୍କୁ ସରକାର ୪ ଡିସିମିଲ୍ ଲେଖାଏ ଜମିପଟ୍ଟା ପ୍ରଦାନ କରିବେ। ଯେଉଁ ଗରିବମାନେ ସରକାରୀ ଜାଗାରେ ଘର କରି ରହୁଥିବେ, ଯଦି ସେହି ଜାଗା ଆପତ୍ତିଜନକ ନ ଥିବ, ତେବେ ସେଥିରୁ ୪ ଡିସିମିଲ୍ ଜାଗାର ପଟ୍ଟା ପ୍ରଦାନ କରାଯିବା ବ୍ୟବସ୍ଥା ହେବ। ଯଦି ସେହି ଜାଗା ଉପରେ କୌଣସି ଆପତ୍ତି ଥିବ, ତେବେ ସେମାନଙ୍କୁ ଅନ୍ୟ ସ୍ଥାନରେ ୪ ଡିସିମିଲ୍ ଜମି ଯୋଗାଇ ଦିଆଯିବ। ସେହିପରି ସହରାଞ୍ଚଳରେ ବିଭିନ୍ନ ବସ୍ତିରେ ବାସ କରୁଥିବା ଭୂମିହୀନଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ସେମାନଙ୍କୁ ଖୁବଶୀଘ୍ର ପଜେସନ୍ ସାର୍ଟିଫିକେଟ୍ ଦିଆଯିବ। ମ୍ୟୁନିସିପାଲିଟି ତରଫରୁ ଦିଆଯାଉଥିବା ସେହି ପଜେସନ୍ ସାର୍ଟିଫିକେଟ କେମିତି ରାଜସ୍ୱ ବିଭାଗର ମୋହର ଲାଗିବ ସେ ବାବଦରେ ତର୍ଜମା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ସରକାର ଜଳ ଓ ଜଙ୍ଗଲ ଆଇନର ସଂଶୋଧନ କରିଛନ୍ତି; ଯେଉଁଥିରେ ଜନଜାତିର ଲୋକଙ୍କୁ ଜଙ୍ଗଲର ଅଧିକାର ଦେବା ବ୍ୟବସ୍ଥା ରହିଛି। ସେମାନଙ୍କୁ ଜଙ୍ଗଲ କିସମ ଜମିର ପଟ୍ଟା ପ୍ରଦାନ କରାଯିବ। ଯେଉଁମାନଙ୍କୁ ପଟ୍ଟା ପ୍ରଦାନ କରାଯିବ, ସେମାନଙ୍କୁ ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରିବା ବ୍ୟବସ୍ଥା କରାଯିବ। ଆବାସ ଯୋଜନାରେ ଯେଉଁ ଘର ନିର୍ମାଣ ହେବ, ସେଥିରେ ସ୍ୱଚ୍ଛ ଭାରତ ଅଭିଯାନରେ ଶୌଚାଳୟ ବ୍ୟବସ୍ଥା ରହିବ। ପ୍ରତି ଘରକୁ ଟ୍ୟାପ ଯୋଗେ ପାଣି ଦେବା ସହ ବିଦ୍ୟୁତ୍ ସଂଯୋଗ କରାଯିବ। ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ପହଞ୍ଚାଇବାର ମଧ୍ୟ ବ୍ୟବସ୍ଥା କରାଯିବ। ଠିକ୍ ଭାବେ ସର୍ଭେ କରିବା ପାଇଁ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୫ ବର୍ଷ ପରେ ଓଡ଼ିଶାରେ ଏମିତି କେହି ଗରିବ ଲୋକ ରହିବେନି, ଯାହାର ନିଜସ୍ୱ ଘର ଡିହ ପଟ୍ଟା ନ ଥିବ। ସର୍ଭେ ଓ ଆବଣ୍ଟନ କାମ ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହିତ ମନ୍ତ୍ରୀ କହିଛନ୍ତି, ହୀରାକୁଦ ବନ୍ଧ ପାଇଁ ଯେଉଁମାନେ ବାସଚ୍ୟୁତ ହୋଇଥିଲେ, ସେମାନଙ୍କୁ ୧୦ ଡିସିମିଲ୍ ଲେଖାଏ ଜମି ଦେବାର କାର୍ଯ୍ୟକ୍ରମ ଚାଲିଛି। ସେହି ନିୟମ ଅନୁସାରେ ଝାରସୁଗୁଡ଼ାରେ ୪୪୦୦ ପଟ୍ଟା ଓ ସମ୍ବଲପୁରରେ ୨୨୦ ପଟ୍ଟା ବଣ୍ଟା ସରିଲାଣି। ୭୫ ବର୍ଷ ପୂର୍ବେ ଯେଉଁମାନଙ୍କ ପ୍ରତି ଅନ୍ୟାୟ ହୋଇଥିଲା, ଭାଜପା ସରକାର ସେମାନଙ୍କୁ ନ୍ୟାୟ ପ୍ରଦାନ କରିବ ବୋଲି ପୂଜାରୀ କହିଛନ୍ତି।

ସୂଚନାଯୋଗ୍ୟ, ନିମ୍ନ ଆୟକାରୀ ପରିବାରକୁ ଘର ଯୋଗାଇବାକୁ ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ ହେବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଉ ନ ଥିବା ହିତାଧିକାରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କାଘର ପାଇବେ। ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷ ବଜେଟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପାଇଁ ୬ ହଜାର ୯୦ କୋଟି ଟଙ୍କା ବ୍ୟୟ ବରାଦ କରିଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ (ସହରାଞ୍ଚଳ) ଯୋଜନା ପାଇଁ ୬୯୨ କୋଟି ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୧୦୫ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି।

# ଦେଶବ୍ୟାପୀ ଡାକ୍ତରଙ୍କ ବିକ୍ଷୋଭ

**କୋଲକାତା,୧୨।୮**

- ହସ୍ପିଟାଲରେ ବଳାତ୍କାରକୁ ନେଇ ଉତ୍ତେଜନା ଜାରି
- ମେଡିକାଲ କଲେଜ ପ୍ରିନ୍ସିପାଲଙ୍କ ଇସ୍ତଫା
- ସପ୍ତାହେ ସୁଦ୍ଧା ସିବିଆଇକୁ ହସ୍ତାନ୍ତର ହେବ ମାମଲା: ମମତା

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ସେମିନାର ପ୍ରକୋଷ୍ଠରେ ୩୧ ବର୍ଷୀୟା ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାକୁ ନେଇ ଉତ୍ତେଜନା ଜାରି ରହିଛି। ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଉକ୍ତ ହସ୍ପିଟାଲର ଜୁନିୟର ଡାକ୍ତରମାନେ ୪ ଦିନ ହେଲା ଆନ୍ଦୋଳନ ଜାରି ରଖିଥିବାବେଳେ ରୋଗୀସେବା ବାଧାପ୍ରାପ୍ତ ହୋଇଛି। ସୋମବାର ସାରା ଦେଶର ଡାକ୍ତର ଆନ୍ଦୋଳନରେ ସାମିଲ ହୋଇଛନ୍ତି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ମୃତା ଡାକ୍ତରଙ୍କ ପରିବାର ସଦସ୍ୟଙ୍କୁ ଭେଟି ଆଲୋଚନା କରିଛନ୍ତି। କୋଲକାତା ପୋଲିସ ମାମଲାର ତଦନ୍ତ ଜାରି ରଖିଛି। ଯଦି ରବିବାର ସୁଦ୍ଧା ତଦନ୍ତରେ ଉଲ୍ଲେଖନୀୟ ଅଗ୍ରଗତି ନ ହୁଏ, ତେବେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ମାମଲା ହସ୍ତାନ୍ତର କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। କୋଲକାତାର ମେଡିକାଲ କଲେଜ ହସ୍ପିଟାଲରେ ଘଟିଥିବା ଘଟଣା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ଏଥିରେ ଯିଏ ସମ୍ପୃକ୍ତ ଥାଆନ୍ତୁ ନା ☞ପୃଷ୍ଠା-୨

# ମନ୍ଦିରରେ ଦଳାଚକଟା, ୭ ମୃତ

**ଜହାନାବାଦ,୧୨।୮**

ବିହାରର ଜହାନାବାଦ ଜିଲା ମଖଦୁମପୁରସ୍ଥିତ ବାବା ସିଦ୍ଧେଶ୍ୱରନାଥ ମନ୍ଦିରରେ ସୋମବାର ଅଘଟଣ ଘଟିଯାଇଛି। ଶ୍ରାବଣ ମାସ ସୋମବାର ଅବସରରେ ହଜାର ହଜାର ସଂଖ୍ୟାରେ ବୋଲବମ ଯାତ୍ରୀ ବାବା ସିଦ୍ଧନାଥଙ୍କୁ ଜଳଲାଗି କରିବାକୁ ଆସିଥିବାବେଳେ ଦଳାଚକଟା ହୋଇ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୬ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଜହାନାବାଦ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ୬ ଜଣ ମହିଳା ଥିବାବେଳେ ଏହି ସଂଖ୍ୟା ଆହୁରି ବଢ଼ିବା ନେଇ ସ୍ଥାନୀୟ ପ୍ରଶାସନ ଆଶଙ୍କା କରିଛି। ଶ୍ରାବଣ ସୋମବାର ଉପଲକ୍ଷେ ମନ୍ଦିରରେ ଭିଡ଼ ଅଧିକ ହେବାରୁ ଏହାକୁ ନିୟନ୍ତ୍ରଣ କରିବାକୁ ପ୍ରଶାସନ ପକ୍ଷରୁ ଲାଠିଚାର୍ଜ କରାଯାଇଥିଲା। ତେବେ ଲାଠିଚାର୍ଜ ଯୋଗୁ ଅନେକ ଶ୍ରଦ୍ଧାଳୁ ଭିଡ଼ ମଧ୍ୟରେ ଜୀବନ ବିକଳରେ ଏଣେତେଣେ ଧାଇଁବାକୁ ଲାଗିଥିଲେ, ତେଣୁ ମନ୍ଦିରରେ ଦଳାଚକଟା ଘଟିଥିବା କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ଏହି ଦଳାଚକଟାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ଡିଓ ବିକାଶ କୁମାର କହିଛନ୍ତି। ଘଟଣାର ତଦନ୍ତ ପରେ ହିଁ ଆଧିକାରିକ ବୟାନ ଦିଆଯାଇପାରିବ ବୋଲି ସେ କହିଛନ୍ତି।

**ଆଜିର ସମ୍ପାଦକୀୟ**

**ଅସୁରକ୍ଷିତ ଡାକ୍ତର**

# ଆଦାନୀ ଗ୍ରୁପ୍‌ର ୨୨,୦୬୪ କୋଟି କ୍ଷତି

## ହିଣ୍ଡେନ୍‌ବର୍ଗ ରିପୋର୍ଟ ପରେ ପ୍ରଥମ ଝଟକା

**ମୁମ୍ବାଇ,୧୨।୮(ପି.ଟି.)**

ପୁଞ୍ଜି ବଜାର ନିୟାମକ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କ ବିରୋଧରେ ଆମେରିକୀୟ ରିସର୍ଚ୍ଚ ଫାର୍ମ ଶନିବାର ଗମ୍ଭୀର ଅଭିଯୋଗ ଆଣିବା ପରେ ସୋମବାର ପ୍ରଥମ କାରବାର ଦିବସରେ ଆଦାନୀ ଗ୍ରୁପ୍‌ର ଷ୍ଟକ୍ ମୂଲ୍ୟ ହ୍ରାସ ପାଇଥିଲା। ଫଳରେ କମ୍ପାନୀକୁ ୨୨,୦୬୪ କୋଟି ଟଙ୍କା ବଜାର ପୁଞ୍ଜି ହରାଇବାକୁ ପଡ଼ିଛି।

ଷ୍ଟକ୍ ମୂଲ୍ୟରେ ଜାଲିଆତି ପାଇଁ ଆଦାନୀ ଗ୍ରୁପ୍ ବ୍ୟବହାର କରୁଥିବା ଅଫସୋର ସଂସ୍ଥାରେ ସେବି ଅଧ୍ୟକ୍ଷା ମାଧବୀ ଓ ତାଙ୍କ ସ୍ୱାମୀ ପୁଞ୍ଜିନିବେଶ କରିଥିବା ହିଣ୍ଡେନ୍‌ବର୍ଗ ରିପୋର୍ଟରେ ଦର୍ଶାଯାଇଥିଲା। ଏହି ରିପୋର୍ଟ ସୋମବାର ଶେୟାର ବଜାର କାରବାରକୁ ପ୍ରଭାବିତ କରିଛି। ଆଦାନୀ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇସେସ୍ ଲିଃର ଶେୟାର ମୂଲ୍ୟ କାରବାର ଆରମ୍ଭରେ ୫.୫ ପ୍ରତିଶତ ଖସିଥିବାବେଳେ ଆଦାନୀ ଏନର୍ଜି ସଲ୍ୟୁଶନ ଲିଃର ଶେୟାର ୧୭ ପ୍ରତିଶତ ହ୍ରାସ ପାଇଥିଲା। ଆଦାନୀ ଗ୍ରୁପ୍‌ର ୧୦ଟି ଷ୍ଟକ୍ ମୂଲ୍ୟ ହ୍ରାସ ପାଇଥିବାବେଳେ ପରବର୍ତ୍ତୀ ସମୟରେ ଆଦାନୀ ଗ୍ରୁପ୍ ଏନର୍ଜି ଏବଂ ଅମ୍ବୁଜା ସିମେଣ୍ଟ ଲିଃର ଷ୍ଟକ୍ ମୂଲ୍ୟ ବୃଦ୍ଧି ପାଇଥିଲା। କାରବାର ଶେଷରେ ଆଦାନୀ ଏଣ୍ଟରପ୍ରାଇସେସ୍ ୧.୦୯ ପ୍ରତିଶତ କ୍ଷତି ସହିଥିବାବେଳେ ଆଦାନୀ ଏନର୍ଜି ☞ପୃଷ୍ଠା-୨

# ଝାଡ଼ାବାନ୍ତି: ୩ ଦିନରେ ୩ ମୃତ

**ନନ୍ଦାହାଣ୍ଡି,୧୨।୮(ପ୍ରଦୀପ୍ କୁମାର ଦାଶ)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକର ଝାଡ଼ବନ୍ଧଗୁଡ଼ା ପଞ୍ଚାୟତ ଦଣ୍ଡସେନାଗୁଡ଼ାରେ ଗତ ୩ ଦିନରେ ୩ ଜଣଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଛି। ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସେଠାରେ ପହଞ୍ଚି ଗାଁ ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରୁଛି। କେହି ଗୁଣିଗାରେଡ଼ି କରିଥିବା ସନ୍ଦେହରେ ଗୁଣିଆ ଆଣି ଝଡ଼ାଫୁଙ୍କା କରିବା ପରେ ସବୁକିଛି ଠିକ୍ ହୋଇଯିବ ବୋଲି ଗ୍ରାମବାସୀ କହୁଛନ୍ତି।

ସୂଚନାନୁଯାୟୀ, ଉମ୍ବରୁ ଅମନାତ୍ୟଙ୍କ ଝିଅ ଜାନକୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସେ ଡାକ୍ତରଙ୍କ ପରାମର୍ଶ ନ ମାନି ସୁସ୍ଥ ହେବା ପୂର୍ବରୁ ସେଠାରୁ ଫେରିଆସିଥିଲେ। ଶୁକ୍ରବାର ଗାଁରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିଭଳି ଗାଁର ନରସିଂହ ନାୟକ ରବିବାର ଓ ପାଖ ଗାଁ ଜଗନ୍ନାଥପୁରରୁ ଦଣ୍ଡସେନାଗୁଡ଼ାକୁ ଆସିଥିବା ବୃଦ୍ଧା ତୁଳସା ଅମନାତ୍ୟଙ୍କ ସୋମବାର ସକାଳେ ମୃତ୍ୟୁ ହୋଇଛି। ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଦଣ୍ଡସେନାଗୁଡ଼ା ଗ୍ରାମକୁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ଭଲ ଖାଇବା ଓ ଗରମପାଣି ପିଇବାକୁ ସଚେତନ କରାଇଛି। ରବିବାର ଗାଁର ଶ୍ରୀଧର ଅମନାତ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାପରେ ପରିବାର ଲୋକେ ଗୁଣିଆ ପାଖକୁ ନେଇଥିଲେ। ସେଠାରୁ ଫେରିବା ପରେ ଡାକ୍ତରୀ ଟିମ୍ ଶ୍ରୀଧରଙ୍କୁ ଡାକ୍ତରଖାନା ☞ପୃଷ୍ଠା-୨


# ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଆଇଆଇଟି ମାଡ୍ରାସ

**ଭୁବନେଶ୍ୱର,୧୨।୮(ଅସମାପିକା ସାହୁ)**

**ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ୍ ୨୦୨୪**

- ଶ୍ରେଷ୍ଠ ୧୦୦ ସାମଗ୍ରିକ ବର୍ଗରେ ସୋଆ, କିଟ୍ ଓ ଏନ୍‌ଆଇଟି ରାଉରକେଲା
- ସ୍ଥାନ ପାଇଲା ନାହିଁ ଓଡ଼ିଶାର ସରକାରୀ ଶିକ୍ଷାନୁଷ୍ଠାନ

ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୋମବାର ନ୍ୟାଶନାଲ ଇନଷ୍ଟିଚ୍ୟୁଶନାଲ ରାଙ୍କିଙ୍ଗ୍ ଫ୍ରେମ୍‌ୱର୍କ(ଏନ୍‌ଆଇଆର୍‌ଏଫ୍) ୨୦୨୪ ଘୋଷଣା କରାଯାଇଛି। ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ପୁଣିଥରେ ଆଇଆଇଟି ମାଡ୍ରାସ ବିବେଚିତ ହୋଇଛି। ଉଭୟ ସାମଗ୍ରିକ (କ୍ରମାଗତ ଷଷ୍ଠଥର) ଏବଂ ଇଞ୍ଜିନିୟରିଂ (ଅଷ୍ଟମଥର) ବର୍ଗରେ ୧ ନମ୍ବରରେ ରହିଛି। ଦ୍ୱିତୀୟ ସ୍ଥାନରେ ବେଙ୍ଗାଲୁରୁର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ, ତୃତୀୟ ସ୍ଥାନରେ ଆଇଆଇଟି ମୁମ୍ବାଇ ଓ ଚତୁର୍ଥ ସ୍ଥାନରେ ଆଇଆଇଟି ଦିଲ୍ଲୀ ରହିଛି। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଦଶମ ସ୍ଥାନରେ ରହିଛି। ତେବେ ଶ୍ରେଷ୍ଠ ୧୦୦ ସାମଗ୍ରିକ ବର୍ଗରେ ଓଡ଼ିଶାର ୩ ଶିକ୍ଷାନୁଷ୍ଠାନ ରହିଛି। ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ୨୪ତମ ସ୍ଥାନରେ, କିଟ୍ ବିଶ୍ୱବିଦ୍ୟାଳୟ ୨୮ତମ ଓ କେନ୍ଦ୍ରୀୟ ସରକାରୀ ଶିକ୍ଷାନୁଷ୍ଠାନ ଏନ୍‌ଆଇଟି ରାଉରକେଲା ୩୪ତମ ସ୍ଥାନରେ ରହିଥିଲେ ମଧ୍ୟ ଏହି ବର୍ଗରେ ଓଡ଼ିଶାର କୌଣସି ସରକାରୀ ଶିକ୍ଷାନୁଷ୍ଠାନ ସ୍ଥାନ ପାଇନାହିଁ। ସେହିଭଳି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ବର୍ଗରେ ବେଙ୍ଗାଲୁରୁର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ୧ ନମ୍ବରରେ ☞ପୃଷ୍ଠା-୨

**୧୭ରେ ଓଟିଇଟି: ୱେବସାଇଟରେ ମିଳିବ ଆଡ୍‌ମିଟ୍ କାର୍ଡ**

କଟକ,(କାର୍ଜିକ ସାହୁ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)ର ଆଡ୍‌ମିଟ୍ କାର୍ଡ ଅନ୍‌ଲାଇନ୍‌ରେ ଯୋଗାଇଦିଆଯିବ। ଉପରୋକ୍ତ ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ www.bseodisha.ac.inରୁ ନିଜ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଅଗଷ୍ଟ ୧୭ ତାରିଖରେ ହେବାକୁ ଥିବା ଏହି ପରୀକ୍ଷାର ପେପର-୧ ପୂର୍ବାହ୍ନ ୯ଟାରୁ ୧୧ଟା ୩୦ ଓ ପେପର-୨ ଅପରାହ୍ନ ୨ଟାରୁ ୪ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଥମ ପେପର ପାଇଁ ୩୮,୧୧୬ ଓ ଦ୍ୱିତୀୟ ପେପର ନିମନ୍ତେ ୧,୦୬,୧୬୭ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଏମ୍‌ସି ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ସକାଳ ୮ଟା।
- ଭାଜପା ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଆନୁକୂଲ୍ୟରେ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଓମ୍‌ଫେଡ୍ ଛକ, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ୱେଡ୍‌ସିରଜ୍ 'ମହାବାହୁ' ରିଲିଜ୍, ସ୍ଥାନ: ହୋଟେଲ ଲାଇଫ୍, ସତ୍ୟନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ କବିତା ଆସର ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- 'ଆଲୁଅରୁ ଉଜ୍ଜଳ' ଜମ୍ପଶାଳା, ସ୍ଥାନ: ହୋଟେଲ ମ୍ୟାରିଅନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଭାଜପା ପକ୍ଷରୁ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଜେନାପଦରପୁରରୁ ମୁଆପାଟଣା କଳାପାଟ ମନ୍ଦିର, ତିରିଗାଁ, ସମୟ: ସକାଳ ୯ଟା।

## ଖୋର୍ଦ୍ଧା
- ଏବିଭିପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ପିଏନ୍ କଲେଜ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁମନ୍ଦିର ସ୍କୁଲ ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ଭିଡିଏ କଲୋନୀ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ମୃତ୍ତିକା ସ୍ୱାସ୍ଥ୍ୟ କର୍ମଶାଳା, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ରାଣୀତାଲ, ସମୟ: ପୂର୍ବାହ୍ନ ୧୦ଟା।
- ହର ଘର ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକରୁ ନୁଆପାଢ଼ୀ ଏବଂ ମର୍ଦ୍ଦରାଜପୁର ଗ୍ରାମ ପର୍ଯ୍ୟନ୍ତ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଭାରତ ମାତା ପୂଜନ ଓ ଅଖଣ୍ଡ ଭାରତ ସଂକଳ୍ପ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୁଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ବସ୍ତା ଅଟୋଷ୍ଟାଣ୍ଡରୁ ଗାନ୍ଧୀଛକ ପର୍ଯ୍ୟନ୍ତ, ବସ୍ତା, ସମୟ: ଅପରାହ୍ନ ୩ଟା।

## ଭଦ୍ରକ
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ମହତାବ ଛକଠାରୁ ବାସୁଦେବପୁର, ଭଦ୍ରକ, ସମୟ: ସକାଳ ୭ଟା।
- ହର୍ ଘର ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଚନ୍ଦ୍ରଶେଖର ରଥଙ୍କର ହାଇସ୍କୁଲଠାରୁ ବ୍ଲକ କାର୍ଯ୍ୟାଳୟ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା ପତାକା ବଣ୍ଟନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ପରେଡ୍ ଅଭ୍ୟାସ, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ତ୍ରିରଙ୍ଗା ଯାତ୍ରା, ସ୍ଥାନ : ଅଟଳ ଛକ ବଡ଼ବିଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରତିଯୋଗିତା, ସ୍ଥାନ: ହାଟଡିହୀ ହାଇସ୍କୁଲ, ହାଟଡିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ହନୁମାନଙ୍କ ମନ୍ଦିରରେ ବେଦପାଠ ଏବଂ ଭଜନ ସଂକୀର୍ତ୍ତନ, ସ୍ଥାନ: ହାଟକେଶ୍ୱର, ହାଟଡିହୀ, ସମୟ: ସନ୍ଧ୍ୟା ୫ ଟା।
- ମଙ୍ଗଳା ମନ୍ଦିରରେ ମେଳା ଏବଂ ଭଜନ ସଂକୀର୍ତ୍ତନ, ସ୍ଥାନ: ଭୁଇଁପୁର, ଶାଳକଣାଁ, ହାଟଡିହୀ, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୭ଟା।
- ଶୁଡ଼ିସଭା, ସତ୍‌ସଙ୍ଗ ଏବଂ ଭଜନ ସଂକୀର୍ତ୍ତନ, ସ୍ଥାନ: ବଂଚୋ, ହାଟଡିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଦିବ୍ୟାଙ୍ଗ ଚିହ୍ନଟ ଶିବିର, ସ୍ଥାନ:ଶାମାଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ନଗରେ ବିରେଟ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମାରୋହ, ସ୍ଥାନ: ବ୍ରହ୍ମ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ମି।
- ତ୍ରିରଙ୍ଗା ଯାତ୍ରା,ସ୍ଥାନ:ଗାନ୍ଧୀ ପ୍ରତିମୂର୍ତ୍ତି, ଗାନ୍ଧୀନଗର, ସମୟ: ସକାଳ ୮ଟା।
- ହର ଘର ତ୍ରିରଙ୍ଗା ଅଭିଯାନ, ସ୍ଥାନ: ବିଧାୟକଙ୍କ କାଉନ୍ସିଲ, ଅନପୂର୍ଣ୍ଣା ମାର୍କେଟ, ବ୍ରହ୍ମପୁର, ସମୟ: ସକାଳ ୬ଟା।

## ଗଞ୍ଜାମ
- ତାରାତାରିଣୀ କଲେଜର ପ୍ରତିଷ୍ଠା ଦିବସ, ସ୍ଥାନ:କଲେଜ ପରିସର, ପୁରୁଷୋତ୍ତମପୁର, ସମୟ: ପୂର୍ବାହ୍ନ ୧୧ଟା.୩୦ମି।
- ସରକାରଙ୍କ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉଦ୍‌ଘାଟନ, ସ୍ଥାନ: କବିଚନ୍ଦ୍ରେଶ୍ୱରପୁରଶାସନ ସ୍କୁଲ ପରିସର, ପୁରୁଷୋତ୍ତମପୁର, ସମୟ:ପୂର୍ବାହ୍ନ ୧୦ଟା।
- କ୍ରାନ୍ତି ଦିବସ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ, ପୁରୁଷୋତ୍ତମପୁର, ସମୟ: ସକାଳ ୮ଟା।
- ଏନଏସି କାର୍ଯ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଗୁଣ୍ଡିଚା ମନ୍ଦିର ଛକ, ଦିଗପହଣ୍ଡି, ସମୟ:ସକାଳ ୮ ଟା
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ହରିହର ହାଇସ୍କୁଲ ମିନି ଷ୍ଟାଡିୟମ୍, ଆସିକା, ସମୟ:ସକାଳ ୮ଟା ୩୦।

## ଗଜପତି
- ହର ଘର ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ପେଲେସଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ, ପାରଳାଖେମୁଣ୍ଡି, ସମୟ:ସକାଳ ୧୦ଟା ୩୦।

## ଜଗତସିଂହପୁର
- 'ହର ଘର ତ୍ରିରଙ୍ଗା' ଶୋଭାଯାତ୍ରା ସ୍ଥାନ: ବକ୍ସୁମୁଖୀ ଇଣ୍ଡୋର ଷ୍ଟାଡିୟମରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ, ସମୟ: ସକାଳ ୭ଟା ୩୦।

## କେନ୍ଦ୍ରାପଡ଼ା
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ତ୍ରିରଙ୍ଗା ଯାତ୍ରା ଓ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ, ସ୍ଥାନ: ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।

## ଯାଜପୁର
- ଆଦର୍ଶ ଯୋଗ କେନ୍ଦ୍ର ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର ଚୋରଦା ଆଦର୍ଶ ଯୋଗ କେନ୍ଦ୍ର ପରିସର, ସମୟ: ସକାଳ ୬ଟା।
- ବ୍ୟାସନଗର ପୌର ପରିଷଦ ଆନୁକୂଲ୍ୟରେ ହରଘର ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବ୍ୟାସନଗର ଗୋପବନ୍ଧୁ ଛକ, ସମୟ: ସକାଳ ୭ଟା୩୦।
- ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଆନୁକୂଲ୍ୟରେ ଦୌଡ଼ କୁଦ, ଫୁଟବଲ କ୍ରୀଡ଼ା ପ୍ରତିଭା ଚୟନ କାର୍ଯ୍ୟକ୍ରମ, ସ୍ଥାନ: ଚଣ୍ଡିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ଟା।
- ଜାରକା ଇନରହ୍‌ଇଲ କୁବର ଅଧିଷ୍ଠାନ ଉତ୍ସବ, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ତ୍ରିରଙ୍ଗା ଯାତ୍ରା, ସ୍ଥାନ:ନୟାଗଡ଼ ବ୍ଲକ କାର୍ଯ୍ୟାଳୟଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଞ୍ଚାୟତ, ସମୟ: ସକାଳ ୮ଟା, ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟଠାରୁ ରଘୁନାଥ ମନ୍ଦିର, ସମୟ: ସକାଳ ୯ଟା।
- ପ୍ରବେଶ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।
- ଜନ ଆରୋଗ୍ୟ ସମିତି ବୈଠକ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ଅପରାହ୍ନ ୨ଟା।
- କାଉନସିଲରଙ୍କ ବୈଠକ, ସ୍ଥାନ: ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ବୈଠକ, ସ୍ଥାନ: ନୟାଗଡ଼ ବ୍ଲକ ସିନ୍ଦୁରିଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା, ସ୍ଥାନ: କମ୍ୟୁନିଟି ହଲ୍,ମୁନିଗୁଡ଼ା, ସମୟ: ସକାଳ ୮ଟା ୩୦।
- ଛାତ୍ରୀଛାତ୍ରଙ୍କ ପକ୍ଷରୁ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଗୁଣପୁର କଲେଜ, ସମୟ: ପୂର୍ବାହ୍ନ ୯ଟା।
- ଜିଲାସ୍ତରୀୟ ତ୍ରିରଙ୍ଗା ପଦଯାତ୍ରା, ସ୍ଥାନ: ରାୟଗଡ଼ା ରେଳ ଷ୍ଟେସନରୁ ଆରମ୍ଭ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ତ୍ରିରଙ୍ଗା ପଦଯାତ୍ରା, ସ୍ଥାନ: କୋଲନରା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର ବସ୍‌ଷ୍ଟାଣ୍ଡରୁ ମ୍ୟୁନିସିପାଲିଟି ହାଇସ୍କୁଲ ପର୍ଯ୍ୟନ୍ତ, ସମୟ: ପୂର୍ବାହ୍ନ ୯ଟା ୩୦।

## କୋରାପୁଟ
- ବାଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ପ୍ରତିବାଦରେ ନାଗରିକ ଏକତା ମଞ୍ଚର ବିକ୍ଷୋଭ ସହ ଶୋଭାଯାତ୍ରା, ସ୍ଥାନ: ମୁଆ ବସ୍‌ଷ୍ଟାଣ୍ଡ, ସେମିଲିଗୁଡ଼ା, ସମୟ: ସକାଳ ୯ ଟା।

## ମାଲକାନଗିରି
- ତ୍ରିରଙ୍ଗା ଦୌଡ଼ ଓ ମାରାଥନ୍, ସ୍ଥାନ- ମାଲକାନଗିରି ଜିଲ୍ଲା ପଞ୍ଚାୟତ ଇଣ୍ଡୋର ଷ୍ଟାଡିୟମଠାରୁ ସଂସ୍କୃତି ଭବନ, ସମୟ- ସକାଳ -୮ଟା

## ସମ୍ବଲପୁର
- ଆଇପିଏଫ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ମୋଟରସାଇକେଲ ଶୋଭାଯାତ୍ରା, ସ୍ଥାନ : ଟିପିଲିମା, ସମୟ : ସକାଳ ୯ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀ ଶକ୍ତି ଶାଖା ପକ୍ଷରୁ ମୁଆଁଖାଇ ଛୁଟିକୁ ସ୍ମାରକ ପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ : ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୦ଟା।
- ଲୁହାର ପରିବାର ପକ୍ଷରୁ ନୂଆଁଖାଇ ଛୁଟିକୁ ସ୍ମାରକ ପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୧ଟା ୪୫।
- ଶିକ୍ଷକଙ୍କ ସମସ୍ୟା ନେଇ ଆଲୋଚନା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ଡାକ୍ତର ସନାତନ ସ୍ମାରକୀ ସୁପର ଲିଗ ପର୍ଯ୍ୟାୟ ଫୁଟବଲ ମ୍ୟାଚ ଅନାମିକା କ୍ଲବ ବନାମ ମେହେର ଆସୋସିଏସନ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା୩୫।
- ନିର୍ମାଣ ଶ୍ରମିକଙ୍କ ସମସ୍ୟା ଓ ତାର ସମାଧାନ ଶୀର୍ଷକ ଆଲୋଚନା, ସ୍ଥାନ: ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୪ଟା।

## ବଲାଙ୍ଗୀର
- ରାଜ୍ୟ ସରକାରଙ୍କ ବଜେଟକୁ ନେଇ ଭାଜପାର ଖବରଦାତା ସମ୍ମିଳନୀ,ସ୍ଥାନ:ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ୟୁଥ୍ ରେଡକ୍ରସ୍ ଶାଖାର ଜିଲା କାର୍ଯ୍ୟକାରିଣୀ କମିଟି ବୈଠକ , ସ୍ଥାନ: ସରକାରୀମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ରଚନା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଲାଲ୍ ବିଲ୍ଡିଙ୍ଗ ଗଳି, ଡେଲିମାର୍କେଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫାଇଲେରିଆ ଔଷଧ ସେବନ ଓ ସଚେତନତା ଶିବିର, ସ୍ଥାନ: ଝରଣାବସ୍ତି, ବାସନ୍ତୀ କଲୋନୀ, ସମୟ: ୧୦ଟା ୩୦।

## ବରଗଡ଼
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ : ଗାନ୍ଧୀ ଛକ, ବରଗଡ଼, ସମୟ: ସକାଳ ୭ଟା।
- ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କେଶରୀପାଲି, ଭେଡ଼େନ, ସମୟ: ସକାଳ ୯ଟା।
- ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ବରଗଡ଼ ସାମ୍ବାଦିକ ସଂଘ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସୋହେଲା, ସମୟ: ପୂର୍ବାହ୍ନ ୧୧ଟା।
- ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ, ସ୍ଥାନ: ଜନତା ହାଇସ୍କୁଲ, ଭୁଲ୍ଲା, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ପୁରୁଣା ସିନେମା ହଲ, ଅତାବିରା, ସମୟ: ସକାଳ ୯ଟା।
- ଶିବ ପୀଠରେ ଗଙ୍ଗା ଜଳଶାୟୀ, ସ୍ଥାନ: ବିଶ୍ୱେଶ୍ୱର ମନ୍ଦିର, ସରଣ୍ଡା, ଅତାବିରା, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ଛଇଳେ କର୍ମଚାରୀଙ୍କୁ ଅଭ୍ୟାନ ଦାବିରେ ଗଣଧାରଣା, ସ୍ଥାନ: ତଳକାରିଙ୍ଗ, ଜୁନାଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ହରଘର ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଟାଉନ ହଲଠାରୁ ଲଙ୍କେଶ୍ୱରୀ ମନ୍ଦିର ଜୁନାଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ଅଧିକାରୀଙ୍କ ମାସିକ ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ତ୍ରିରଙ୍ଗା ନେଇ ବାଇକ୍ ଶୋଭାଯାତ୍ରା, ସ୍ଥାନ: ବ୍ରିଜ ଛକ, ବୌଦ୍ଧ, ସମୟ: ସକାଳ ୮ଟା।
- ଘଣ୍ଟାପଡ଼ା ମା' ସମଲେଶ୍ୱରୀ ମନ୍ଦିରରେ ମହାଆରତି, ସ୍ଥାନ: ଘଣ୍ଟାପଡ଼ା ମା' ସମଲେଶ୍ୱରୀ ମନ୍ଦିର, କଣ୍ଟାମାଳ, ସମୟ:ସନ୍ଧ୍ୟା ୭ଟା।

## ଦେବଗଡ଼
- ତ୍ରିରଙ୍ଗା ପଦଯାତ୍ରା ରାଲି, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଭରସା ପରିବାର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବିନିକା ସ୍କୋର୍ଟ କ୍ଲବ, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ତରଭା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଦେଶମାତୃକା, ବୀର ସଂଗ୍ରାମୀଙ୍କ ପ୍ରତି ସମ୍ମାନ ଜଣାଇ ଭାଜପା ପକ୍ଷରୁ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ବିନିକା କଲେଜ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ପୀଠରେ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜାର୍ଚ୍ଚନା, ସ୍ଥାନ: ସୁରେଶ୍ୱରୀଙ୍କ ମନ୍ଦିର ପରିସର, ସମୟ:ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ପରେଡ ଅଭ୍ୟାସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୮ଟା।
- ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।

## ଝାରସୁଗୁଡ଼ା
- ଘରେ ଘରେ ତ୍ରିରଙ୍ଗା ଅଭିଯାନ, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡ ଗାନ୍ଧି ଛକ, ସମୟ: ସକାଳ ୮ଟା।
- ୧୧ କେଭି ମରାମତି ପାଇଁ ବିଦ୍ୟୁତ୍ କାଟ୍, ସ୍ଥାନ: ସହରସ୍ଥିତ ସରବାହାଲ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଆଦିବାସୀ ଦିବସ ସମାରୋହ, ସ୍ଥାନ: ଜିଲାସ୍ଥିତ ସଂସ୍କୃତି ଭବନ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ହିନ୍ଦୁ ସଙ୍ଗଠନ ପକ୍ଷରୁ ରାଲି, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡରୁ ଟାଉନ ଥାନା ପର୍ଯ୍ୟନ୍ତ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଇଁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଭଲ ସମ୍ପର୍କ ନ ଥିବା ଲୋକଙ୍କ କପଟ କଥାରେ ପାରିବାରିକ ସମସ୍ୟା ସୃଷ୍ଟିହେବ। ବିରକ୍ତ ମନର ଅପ୍ରିୟ ସତ୍ୟ କଥା ସହକର୍ମୀଙ୍କ ମନରେ ଆଘାତ ସୃଷ୍ଟିକରିବ। କର୍ମକ୍ଷେତ୍ରରେ ଦୃଢ଼ଶକ୍ତିପୂର୍ବକ କାର୍ଯ୍ୟ ସମ୍ପାଦନ ବନ୍ଧୁବର୍ଗଙ୍କରେ ପ୍ରଶଂସାର ବ୍ୟୋତକ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପାରିବାରିକ ସ୍ଥିତି କେତେକାଂଶରେ ଭଲ ରହିବ।

**ବୃଷ**: ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମାନସିକ ଶାନ୍ତି ଫେରିପାଇବେ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ କେତେକ ବସ୍ତିକ୍ରମ ପରିଲକ୍ଷିତ ହେବା ସୂଚନା ରହିଛି। ଅର୍ଥ ସଙ୍କଟ କାରଣରୁ ଆଶା ଓ ଅଭିଳାଷ କେତେକାଂଶରେ ଅପୂରଣ ରହିଯାଇପାରେ। କର୍ମକ୍ଷେତ୍ର, ମାଲି ମକଦ୍ଦମା, ଲେଖାପଢ଼ା, ଜମିଜମା କାରବାର ପାଇଁ ଭଲ।

**ମିଥୁନ**: ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ମାନସିକ ଉତ୍ତେଜନା ସହ ଭାବପ୍ରବଣତା ବୃଦ୍ଧି ପାଇବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ ଓ ସଭାସମିତିରେ କାମଗୁଡ଼ିକ ଶୃଙ୍ଖଳିତ ହେବ। ପଡ଼ୋଶୀମାନେ ଆପଣଙ୍କ କାର୍ଯ୍ୟଦକ୍ଷତାର ଭୂରି ଭୂରି ପ୍ରଶଂସା କରିପାରନ୍ତି। ଫେରନ୍ତା ବାଟରେ କୌଣସି ଅଜଣା ବ୍ୟକ୍ତିଙ୍କ ସହ ବିତର୍କର ସୂଚନା ରହିଛି।

**କର୍କଟ**: ଚନ୍ଦ୍ରଙ୍କ ଦୁର୍ବଳତାଜନିତ ସ୍ୱାସ୍ଥ୍ୟ ସମସ୍ୟା ସହ କର୍ମକ୍ଷେତ୍ରର ଅବ୍ୟବସ୍ଥା ଚିନ୍ତାଶୀଳତାକୁ ବୃଦ୍ଧିକରିବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗହେବା କଷ୍ଟକର ହୋଇପାରେ। ସାମାଜିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ବିସ୍ତାର କରିବାରେ ଉଚ୍ଛେଦଯାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ ସକାଶେ କୌଣସି ଅସୁବିଧା ହେବ ନାହିଁ।

**ସିଂହ**: କର୍ମକ୍ଷେତ୍ରରେ ସହକର୍ମୀ ବିରୁଦ୍ଧାଚରଣ କରିବା ସୂଚନା ପରୋକ୍ଷରେ ଅନୁଭବକରିବେ। ନୂତନ ପ୍ରକଳ୍ପ କାର୍ଯ୍ୟ, ପର୍ଯ୍ୟଟନ, ଶେୟାର ବଜାର ଦିଗରୁ ସୁଫଳ ପାଇବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, କଳା, ସଙ୍ଗୀତ, ଗବେଷଣା ଓ ଅନୁସନ୍ଧାନରେ ସଫଳତା ମିଳିବ। ଯାତ୍ରା ସମୟରେ ଜଣେ ଅପରିଚିତ ବ୍ୟକ୍ତିଙ୍କ ସହ ମିତ୍ରତା ସୃଷ୍ଟି ହୋଇପାରେ।

**କନ୍ୟା**: ବିଭିନ୍ନ ପୁରୁଣା ସମସ୍ୟା ସମାଧାନ ନ ହେବା ଦୁଶ୍ଚିନ୍ତାର କାରଣ ହେବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ଭଲସମ୍ପର୍କ ବାଧାପ୍ରାପ୍ତ ହେବ। ଆଲୋଚନା କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। କୁଟୀରଶିଳ୍ପ,କଳା ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ତୁଳା**: ଆକସ୍ମିକଭାବରେ ଜଣେ ବନ୍ଧୁ ହଠାତ୍ ଖୁସିଖବର ସାଙ୍ଗକୁ ନିଛି ଅର୍ଥ ଦେଇପିବେ। ଉପରିସ୍ଥ କର୍ମଚାରୀ ନାହିଁ ନାହିଁ କରୁଥିଲେ ମଧ୍ୟ ପରିଶେଷରେ କାମଟି କରିଦେଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ ଗୁରୁତର ହେବ ନାହିଁ। ପାରିବାରିକ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବରେ ଶାନ୍ତିର ବାତାବରଣ ଆସି ନ ପାରେ।

**ବିଛା**: କର୍ମକ୍ଷେତ୍ର କିମ୍ବା ଘରୋଇ କ୍ଷେତ୍ରରେ ଅନ୍ୟମାନଙ୍କ ପ୍ରରୋଚନାରେ ଭୁଲ ନିଷ୍ପତ୍ତି ନେଇପାରନ୍ତି। ଆଜି ପ୍ରତ୍ୟେକ କାମରେ କିଛି ନା କିଛି ସମସ୍ୟା ଲାଗି ରହିବ। ନିଜର ସମ୍ପର୍କୀୟମାନଙ୍କ ଅଶ୍ୱାସନାନୁଳକ କଥାରେ ଅଶାନ୍ତ ମନରେ ସ୍ଥିରତା ଆସିପାରେ। ପ୍ରଶାସନିକ ସ୍ତରରେ କିମ୍ବା ବିବାଦୀୟ ଘଟଣାର ଅବସାନ ଘଟିବା ଆଶା ରହିଛି।

**ଧନୁ**: ସହକର୍ମୀମାନଙ୍କ ସହଯୋଗ ନ ପାଇ ଅସୁବିଧାର ସମ୍ମୁଖୀନ ହେବେ। ବିଶ୍ୱସ୍ତ ସୂତ୍ରରୁ ଭୁଲ ଖବରଟିଏ ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୀର୍ଘ ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦବୋଧକରିପାରେ। ଅଫିସ୍ କାମରେ ବ୍ୟସ୍ତ ରହି ଗୁରୁତ୍ୱପୂର୍ଣ୍ଣ କଥାଟି ପାସୋରି ଦେଇପାରନ୍ତି।

**ମକର**: କୌଣସି ନୂତନ କାର୍ଯ୍ୟରେ ହାତଦେବାକୁ ସ୍ଥିରକରି ସଫଳତା ପାଇପାରିବେ। ବନ୍ଧୁଙ୍କ ସାହାଯ୍ୟର ପ୍ରତିଶ୍ରୁତି ପାଇ ମନୋବଳ କ୍ରମଶଃ ବୃଦ୍ଧିପାଇବ। ବିଭିନ୍ନ ପ୍ରକାର ସମସ୍ୟା ବୃଦ୍ଧି କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**କୁମ୍ଭ**: ଅଧିକାଂଶ ସମୟ ଅନ୍ୟମନସ୍କ ରହିବା କାରଣରୁ ପ୍ରକୃତ ଆନନ୍ଦକୁ ଉପଭୋଗ କରିପାରିବେ ନାହିଁ। ଆଲୋଚନା କାଳରେ ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖଦେବ। ପରିବାରରେ ସନ୍ଦେହ ଓ ଭୁଲ ବୁଝାମଣାକୁ ଦୂରେଇଦେବା ପାଇଁ ଚେଷ୍ଟାକରିବା ଭଲ। ସାହିତ୍ୟ, ସାମ୍ବାଦିକତା, ଗବେଷଣା ଓ ଅନୁସନ୍ଧାନ କ୍ଷେତ୍ରରୁ ସୁଫଳ ମିଳିବ।

**ମୀନ**: ସ୍ୱାସ୍ଥ୍ୟ ସମସ୍ୟା ବହୁଳାଂଶରେ ସୁଧୁରିଯିବା ହେତୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ପ୍ରଶାସନ, ପ୍ରକାଶନ, ଲୁଣ୍ଠିପତ୍ର, ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିଯୋଗିତା ଉତ୍ସାହ ଆଶଙ୍କା ରହିଛି। ଅନ୍ୟମନସ୍କତା କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟହୋଇପାରେ। ପରିବାରରେ ସହଧର୍ମିଣୀଙ୍କର ଅଭାବ ଓ ସ୍ୱେଚ୍ଛାଚାରିତା ମନୋଭାବ ଅଶାନ୍ତିର କାରଣ ହେବ।

ଆଜି ଅଗଷ୍ଟ ୧୩ ତାରିଖ, ଶ୍ରାବଣ ଶୁକ୍ଳ ଅଷ୍ଟମୀଯୁକ୍ତ ନବମୀ ମଙ୍ଗଳବାର। ରାଶିକରନ୍ତ-ଦିବା ଘ.୧୦।୪୩ ମି. ଗତେ ଅନୁରାଧା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୪୦ ଗତେ, ଘ.୧୦।୪୫ ମଧ୍ୟେ, ଘ.୦୧।୦୭ ଗତେ, ଘ.୦୧।୨୬ ମଧ୍ୟେ ଶୁଭ ଶୁଭବେଳା। ଅପରାହ୍ନ ଘ.୦୩।୦୨ ଗତେ, ଘ.୦୪।୩୩ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ...

ଥିବାବେଳେ ଜେଏନ୍‌ୟୁ ଦ୍ୱିତୀୟ ସ୍ଥାନରେ ଓ ତୃତୀୟ ସ୍ଥାନରେ କ୍ରମାଗତ ତୃତୀୟଥର ଲାଗି ଜାମିଆ ମିଲିଆ ଇସ୍‌ଲାମିଆ ରହିଛି। ବିଶ୍ୱବିଦ୍ୟାଳୟ ବର୍ଗରେ ବି ଶ୍ରେଷ୍ଠ ୧୦୦ ଭିତରେ ଓଡ଼ିଶାର କୌଣସି ସରକାରୀ ଶିକ୍ଷାନୁଷ୍ଠାନ ସ୍ଥାନ ପାଇନାହିଁ। ତେବେ ଓଡ଼ିଶାର ସୋଆ ବିଶ୍ୱବିଦ୍ୟାଳୟ ୧୪ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ୧୫ତମ ସ୍ଥାନରେ ରହିଛି। ୨୦୨୨ ଓ ୨୦୨୩ରେ ଯଥାକ୍ରମେ ୮ ଓ ୯ତମ ସ୍ଥାନରେ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଚଳିତ ଥର ଆଦୌ ସ୍ଥାନ ପାଇନାହିଁ। ତେବେ ପ୍ରଥମଥର ଆରମ୍ଭ ହୋଇଥିବା ଷ୍ଟେଟ୍ ପବ୍ଲିକ ୟୁନିଭର୍ସିଟି ବର୍ଗରେ ଚେନ୍ନାଇସ୍ଥିତ ଆନା ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନରେ ଥିବାବେଳେ ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ ୪୨ତମ ସ୍ଥାନରେ ରହିଛି। ସେହିଭଳି ଦେଶର ଶ୍ରେଷ୍ଠ ୧୦୦ କଲେଜ ଭିତରେ ଓଡ଼ିଶାର ଗୋଟିଏ ବି କଲେଜ ସ୍ଥାନ ପାଇନାହିଁ।

ଅନ୍ୟପଟେ ଗବେଷଣା ଶିକ୍ଷାନୁଷ୍ଠାନ ବର୍ଗରେ ବେଙ୍ଗାଲୁରୁର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ୧ ନମ୍ବରରେ ଥିବା ବେଳେ ଓଡ଼ିଶାର ଏନ୍ଆଇଟି ରାଉରକେଲା ୩୦, କିଟ୍ ୪୨ ଓ ସୋଆ ୫୦ତମ ସ୍ଥାନରେ ରହିଛି। ଇଞ୍ଜିନିୟରିଂ ବର୍ଗରେ ଆଇଆଇଟି ମାଡ୍ରାସ ପ୍ରଥମରେ ଥିବା ବେଳେ ଓଡ଼ିଶାର ଏନ୍ଆଇଟି ରାଉରକେଲା ୧୯, ସୋଆ ୨୬, କିଟ୍ ୩୭, ଆଇଆଇଟି ଭୁବନେଶ୍ୱର ୫୪ ଏବଂ ସି.ଭି. ରମନ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ୧୭ତମ ସ୍ଥାନରେ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ବର୍ଗରେ ପ୍ରଥମଥର ପାଇଁ ଶ୍ରେଷ୍ଠ ୧୦ ଶିକ୍ଷାନୁଷ୍ଠାନ ଭିତରେ ଆଇଆଇଟି ବାରାଣସୀ ସ୍ଥାନ ପାଇବା ସହ ୧୦ତମ ସ୍ଥାନରେ ରହିଛି। ସେହିପରି ଶ୍ରେଷ୍ଠ ୧୦୦ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ଭିତରେ ଓଡ଼ିଶାର ଏକ୍ସଏଲଆରଆଇ ବିଶ୍ୱବିଦ୍ୟାଳୟ ୪୩ତମ ସ୍ଥାନରେ ଥିବାବେଳେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ସମ୍ବଲପୁର ୫୦, ଭୁବନେଶ୍ୱରର ଇଣ୍ଟରନ୍ୟାସନାଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ୬୧, ସୋଆ ୬୨ ଏବଂ କିଟ୍ ୬୭ତମ ସ୍ଥାନରେ ରହିଛି।

ସେପଟେ ଫାର୍ମାସି ଶିକ୍ଷାନୁଷ୍ଠାନ ବର୍ଗରେ ଶ୍ରେଷ୍ଠ ୧୦ ଭିତରେ ଓଡ଼ିଶାର କୌଣସି ଶିକ୍ଷାନୁଷ୍ଠାନ ସ୍ଥାନ ପାଇ ନ ଥିବା ଦେଖାଯାଇଛି। ତେବେ ଶ୍ରେଷ୍ଠ ୧୦ ଆର୍କିଟେକ୍ଚର ଆଣ୍ଡ ପ୍ଲାନିଂ ଶିକ୍ଷାନୁଷ୍ଠାନ ବର୍ଗରେ ଭିତରେ ଏନ୍ଆଇଟି ରାଉରକେଲା ନବମ ସ୍ଥାନରେ ରହିଛି। କିନ୍ତୁ ପ୍ରକାଶିତ ଏହାର ଶ୍ରେଷ୍ଠ ୪୦ ଶିକ୍ଷାନୁଷ୍ଠାନ ତାଲିକାରେ ଓଡ଼ିଶାର ଆଉ କୌଣସି ଶିକ୍ଷାନୁଷ୍ଠାନ ସ୍ଥାନ ପାଇନାହିଁ। ଆଇନ ଶିକ୍ଷାନୁଷ୍ଠାନ ବର୍ଗରେ ଓଡ଼ିଶାର ସୋଆ ନବମ ସ୍ଥାନରେ ଥିବାବେଳେ କିଟ୍ ୧୧, କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ୨୬ତମ ସ୍ଥାନରେ ରହିଛି। ସେହିଭଳି ଶ୍ରେଷ୍ଠ ୫୦ ଡାକ୍ତରୀ କଲେଜ ଭିତରେ ଏମ୍ସ ଦିଲ୍ଲୀ ପ୍ରଥମ ସ୍ଥାନରେ ଥିବାବେଳେ ଓଡ଼ିଶାର ଏମ୍ସ ଭୁବନେଶ୍ୱର ୧୫, ସୋଆ ୨୧ ଓ କିଟ୍ ୨୫ତମ ସ୍ଥାନରେ ରହିଛି। ଏହାଛଡ଼ା ଶ୍ରେଷ୍ଠ ୪୦ ଶିକ୍ଷାନୁଷ୍ଠାନ ଭିତରେ ଓଡ଼ିଶାର ସୋଆ ନବମ ସ୍ଥାନରେ ରହିଛି। ଏଗ୍ରିକଲଚର ଆଣ୍ଡ ଆଲାଏଡ୍ ସେକ୍ଟର ବର୍ଗରେ ଶ୍ରେଷ୍ଠ ୪୦ ଶିକ୍ଷାନୁଷ୍ଠାନ ଭିତରେ ଓଡ଼ିଶାର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ୧୪ତମ ସ୍ଥାନ ହାସଲ କରିଛି।

ମୁଖ୍ୟକ୍ରିୟା ଇଣ୍ଡିଆ ମଣ୍ଡପରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନ୍ଆଇଆରଏଫ୍-୨୦୨୪ ଘୋଷଣା କରିଛନ୍ତି। ଏହି ରାଙ୍କିଙ୍ଗକୁ ଅଫିସିଆଲ ୱେବସାଇଟ nirfindia.orgରେ ଦେଖିହେବ। ଏନ୍ଆଇଆରଏଫ ରାଙ୍କିଙ୍ଗର ଏହି ୯ମ ସଂସ୍କରଣରେ ୩ଟି ନୂଆ ବର୍ଗ ମୁକ୍ତ ବିଶ୍ୱବିଦ୍ୟାଳୟ, ଦକ୍ଷତା ବିଶ୍ୱବିଦ୍ୟାଳୟ ଓ ଷ୍ଟେଟ ପବ୍ଲିକ ୟୁନିଭର୍ସିଟିକୁ ସାମିଲ କରାଯାଇଛି।

## ଏନ୍ଆଇଆରଏଫ୍ ମାନ୍ୟତା ଜାତୀୟ ଶିକ୍ଷା ନୀତିର ଭାବନାକୁ ପ୍ରତିଫଳିତ କରୁଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୨।୮ (ସୁନିତ୍ ମିଶ୍ର)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁସନାଲ ର‌୍ୟାଙ୍କିଙ୍ଗ୍ ଫ୍ରେମୱାର୍କ (ଏନ୍ଆଇଆରଏଫ) ଅନ୍ତର୍ଗତ ଉଚ୍ଚଶିକ୍ଷା ରାଙ୍କିଙ୍ଗର ନବମ ସଂସ୍କରଣ-୨୦୨୪କୁ ଉନ୍ମୋଚନ କରିଛନ୍ତି। ଦେଶର ଶ୍ରେଷ୍ଠ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କୁ ପୁରସ୍କୃତ କରି ଶୁଭେଚ୍ଛା ଜଣାଇବା ସହ ଦେଶର ସମସ୍ତ ୫୮ ହଜାର ଉଚ୍ଚ ଶିକ୍ଷାନୁଷ୍ଠାନଙ୍କୁ ରାଙ୍କିଙ୍ଗ ଓ ରେଟିଂ ଫ୍ରେମୱାର୍କକୁ ଆଣିବା ଜରୁରୀ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେ ଆହୁରି କହିଛନ୍ତି, ରାଙ୍କିଙ୍ଗ, ରେଟିଂ ଏବଂ ମାନ୍ୟତା ଜାତୀୟ ଶିକ୍ଷା ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଏନ୍ଆଇଆରଏଫ୍‌ମାନ୍ୟତା ଜାତୀୟ ଶିକ୍ଷା ନୀତିର ଭାବନାକୁ ପ୍ରତିଫଳିତ କରୁଛି ବୋଲି କହିଛନ୍ତି। ଗୁଣାତ୍ମକତାକୁ ପ୍ରତିଷ୍ଠିତ କରିବା ସହ ବହୁମୁଖୀ ଶିକ୍ଷା ଦେଶର ଏହି ମାନ୍ୟତା ତାଙ୍କର କିଛି ସଂସ୍କାର କରାଯାଇଛି। ଶିକ୍ଷାଦାନ, ଇନୋଭେସନ, ଗବେଷଣା, ସ୍ନାତକ ଫଳାଫଳ ଏବଂ ଅନ୍ୟାନ୍ୟ ମାନଦଣ୍ଡରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଉତ୍କୃଷ୍ଟ ପ୍ରଦର୍ଶନ କରିବା ସହ ଭାରତୀୟ ୨୦୨୪ରେ ଗୌରବ ଅର୍ଜନ କରିଛନ୍ତି। ଶିକ୍ଷାନୁଷ୍ଠାନର ଗୁଣବତ୍ତା, ପ୍ରଦର୍ଶନ ଓ ଶକ୍ତି ଜାଣିବା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଅଧିକାର। ତେଣୁ ଦେଶରେ ଥିବା ସମସ୍ତ ୫୮ହଜାର ଶିକ୍ଷାନୁଷ୍ଠାନ ରାଙ୍କିଙ୍ଗ ଓ ରେଟିଂ ଡାଞ୍ଚାରେ ଆସିବା ଦରକାର। ନିୟୁତ୍ତ ଦକ୍ଷତାକୁ ଭାରତ ସରକାର ପ୍ରାଥମିକତା ଭାବେ ନେଇଛନ୍ତି। ଆମର ରାଙ୍କିଙ୍ଗ ବ୍ୟବସ୍ଥାରେ ଦକ୍ଷତାକୁ ଏକ ପାରାମିଟର ଭାବେ ମଧ୍ୟ ଅନ୍ତର୍ଭୁକ୍ତ କରାଯିବା ଉଚିତ। ଅନୁଷ୍ଠ ବିଗୁଡ଼ିତ ଶିକ୍ଷଣ ଏବଂ ବିକାଶ ପାଇଁ ଶକ୍ତିଶାଳୀ ଉପାୟ ଆଣିଦେଇ।

## ଦେଶବ୍ୟାପୀ ଡାକ୍ତରଙ୍କ...

କାର୍ଜିକ ଯେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ ବୋଲି ମମତା କହିଛନ୍ତି। ଗତ ଗୁରୁବାର ବିଳମ୍ବିତ ରାତିରେ ହସ୍ପିଟାଲ ପରିସରରେ ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଆନ୍ଦୋଳନ ଜୋରଧରିବା ପରେ ଆର୍.ଜି. କର ମେଡିକାଲ କଲେଜର ପ୍ରିନ୍ସିପାଲ ଡ. ସନ୍ଦିପ୍ ଘୋଷ ସୋମବାର ଇସ୍ତଫା ଦେଇଛନ୍ତି। ସୋସିଆଲ ମିଡିଆରେ ତାଙ୍କୁ ଅପମାନିତ କରାଯିବା ସହ ତାଙ୍କ ବିରୋଧରେ ରାଜନୈତିକ ବିବୃତିମାନ ଦିଆଯାଉଛି। ବଳାତ୍କାର ଓ ହତ୍ୟା ଘଟଣା ପରେ ସେ ପଡ଼ିବାକୁ ଦୋଷ ଦେଇଥିବା ବେଳେ ଯାହା ଅପପ୍ରଚାର ହେଉଛି, ତାହା ଠିକ୍ ନୁହେଁ। ସେ ସେଭଳି କୌଣସି ମନ୍ତବ୍ୟ ଦେଇ ନ ଥିଲେ ବୋଲି ଘୋଷ ଗଣମାଧ୍ୟମକୁ କହିଛନ୍ତି। ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ପ୍ରିନ୍ସିପାଲ ଘୋଷଙ୍କୁ ଟାର୍ଗେଟ କରିବା ସହ ତାଙ୍କୁ ନିଲମ୍ବନ କରାଯାଉ ବୋଲି ଦାବି କରିଥିଲେ।

ଫାଉଣ୍ଡେସନ ଅଫ୍ ରେସିଡେଣ୍ଟିଆଲ ଡକ୍ଟର୍ସ ଆସୋସିଏସନ (ଏଫଓଆରଡିଏ) ପକ୍ଷରୁ ସୋମବାରଠାରୁ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଛି। ସେମାନେ ବହିର୍ବିଭାଗ ସେବାଗୋଗାଣକୁ ଚାଲଉଥିଲେ। ଫଳରେ ସେବାରୁ ବାହାରି ନ ଥିବା ସମସ୍ତ ସେବାକୁ ବନ୍ଦ ରଖିଛନ୍ତି। ଆନ୍ଦୋଳନରେ ଦିଲ୍ଲୀ ଏମ୍ସ ଆବାସିକ ଡାକ୍ତର ସଂଘ ମଧ୍ୟ ସାମିଲ ହୋଇଛି। କେବଳ ଗୁରୁତର ରୋଗୀଙ୍କ ପାଇଁ ଜରୁରୀ ସେବା ଜାରି ରହିବ ବୋଲି ଏମ୍ସ ରେସିଡେଣ୍ଟିଆଲ ଡକ୍ଟର୍ସ ଆସୋସିଏସନର ସାଧାରଣ ସମ୍ପାଦକ ଡ. ରଘୁନନ୍ଦନ ଦୀକ୍ଷିତ କହିଛନ୍ତି। ବହୁ ସରକାରୀ ହସ୍ପିଟାଲ ନିରାପତ୍ତା ଆନ୍ଦୋଳନରେ ସାମିଲ ହୋଇଛନ୍ତି। କୋଲକାତା ପୋଲିସର ତଦନ୍ତ ସଙ୍କୋଚତାକୁ ନେଇ ଆବାସିକ ଡାକ୍ତରମାନେ ଚିନ୍ତାବ୍ୟକ୍ତ କରିବା ସହ ମାମଲାର ସ୍ୱଚ୍ଛ ତଦନ୍ତ ନିମନ୍ତେ ଏହାକୁ ସିବିଆଇକୁ ହସ୍ତାନ୍ତର ପାଇଁ ଦାବି କରିଛନ୍ତି। ମୃତା ଡାକ୍ତରଙ୍କ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ ଯୋଗାଇଦେବା ନିମନ୍ତେ ଆନ୍ଦୋଳନକାରୀମାନେ ଦାବି କରାଯାଇଛି। ଲୋକଙ୍କୁ ଚିକିତ୍ସା ଦେଉଥିବା ସେମାନଙ୍କ ଜୀବନ ବଞ୍ଚାଇବା ନିମନ୍ତେ କାର୍ଯ୍ୟ କରୁଥିବା ଡାକ୍ତରମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ଏହି ଜଘନ୍ୟ ଅପରାଧ ଘଟଣାରେ ଏପର୍ଯ୍ୟନ୍ତ ତଦନ୍ତରେ ଅଗ୍ରଗତି ହେଉ ନ ଥିବାବେଳେ କେବଳ ହତାଶା ବଢ଼ୁଥିବା ଡ. ଦୀକ୍ଷିତ କହିଛନ୍ତି। ନ୍ୟାୟ ପାଇଁ ଏବଂ ପ୍ରତ୍ୟେକଙ୍କ ସୁରକ୍ଷା ଓ ମର୍ଯ୍ୟାଦା ରକ୍ଷା ନିମନ୍ତେ ସମସ୍ତେ ଏକଜୁଟ ହେବାକୁ ସେ ଆହ୍ୱାନ ଦେଇଛନ୍ତି।

## ଆଦାନୀ ଗ୍ରୁପ୍‌ର...

ସନ୍ଧ୍ୟାରେ ୩.୭ ପ୍ରତିଶତ ହ୍ରାସ ସହ ବନ୍ଦ ହୋଇଥିଲା। ସେହିପରି ଆଦାନୀ ଉଲମାର ଶେୟାର ମୂଲ୍ୟ ୪.୧୪ ପ୍ରତିଶତ କମିଥିବାବେଳେ ଆଦାନୀ ଟୋଟାଲ ଗ୍ୟାସ୍ ୪.୦୩%, ଏନ୍‌ଡିଟିଭି ୩.୦୮%, ଆଦାନୀ ପୋର୍ଟସ୍ ୨.୦୨%, ଏସିସି ୧.୫୫% ଏବଂ ଆଦାନୀ ପାୱାର ୦.୬୫ ପ୍ରତିଶତ କ୍ଷତିରେ କାରବାର ବନ୍ଦ ହୋଇଥିଲା। କେବଳ ଅମ୍ବୁଜା ସିମେଣ୍ଟ ଶେୟାର ମୂଲ୍ୟ ୦.୫୫ ପ୍ରତିଶତ ଏବଂ ଆଦାନୀ ଗ୍ରୀନ୍ ଏନର୍ଜି ୧.୧୨ ପ୍ରତିଶତ ବଢ଼ିଥିଲା। ତେବେ ପ୍ରାରମ୍ଭିକ କାରବାରରେ ଅଦାନୀ ଟୋଟାଲ ଗ୍ୟାସ୍ ଷ୍ଟକ୍ ମୂଲ୍ୟ ୧୩.୩୯% ହ୍ରାସ ପାଇଥିବାବେଳେ ଏନ୍‌ଡିଟିଭିର ୧୧% ଏବଂ ଆଦାନୀ ପାୱାରର ଶେୟାର ମୂଲ୍ୟ ୧୦.୯୪% କମିଥିଲା। ସେହିପରି ଆଦାନୀ ଗ୍ରୀନ୍ ଏନର୍ଜି ଶେୟାର ମୂଲ୍ୟ ୬.୯୬ ପ୍ରତିଶତ କମିଥିବାବେଳେ ଆଦାନୀ ଉଲମାର ୬.୪୭%, ଆଦାନୀ ପୋର୍ଟସ୍ ୪.୯୫%, ଅମ୍ବୁଜା ସିମେଣ୍ଟ ୨.୫୩% ଏବଂ ଏସିସି ଶେୟାର ୨.୪୨ ପ୍ରତିଶତ ହ୍ରାସ ପାଇଥିଲା।

ସୂଚନାଯୋଗ୍ୟ, ଆଦାନୀ ଗ୍ରୁପ୍ ୧୦ଟି କମ୍ପାନୀର ମୋଟ ବଜାର ମୂଲ୍ୟ ୧୬.୭ ଲକ୍ଷ କୋଟି ଟଙ୍କା। ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ୫୬.୯୯ ପଏଣ୍ଟ ବା ୦.୦୭ ପ୍ରତିଶତ ଖସି ୭୯,୬୪୮.୯୨ ପଏଣ୍ଟରେ ରହିଥିବାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି ୨୦.୫୦ ପଏଣ୍ଟ ବା ୦.୦୮ ପ୍ରତିଶତ ହ୍ରାସ ପାଇ କାରବାର ଶେଷ ସୁଦ୍ଧା ୨୪,୩୪୭ ପଏଣ୍ଟ ରହିଛି।

## ଝାଡ଼ାବାନ୍ତି:...

ନେବାକୁ କହିଥିଲେ ମଧ୍ୟ ପରିବାର ଲୋକ ରାଜି ହୋଇ ନ ଥିଲେ। ଘରେ ହିଁ ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅତିରିକ୍ତ ଜିଲା ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ଡାକ୍ତରୀ ଟିମ୍ ଗାଁରେ ରହିଛି। ପାଣି ନମୁନା ଓ ଆକ୍ରାନ୍ତଙ୍କଠାରୁ ରେକ୍ଟାଲ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଠିକ୍ ତଥ୍ୟ ମିଳିପାରିବ ବୋଲି ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ନବ କିଶୋର ବେହେରା ସୂଚନା ଦେଇଛନ୍ତି। ତେବେ ଡାକ୍ତରଙ୍କୁ ସହଯୋଗ ନ କରି କେତେକ ଗୁଣିଆ ଏବଂ ବିଧିରୀ ପାଖରେ ପୂଜା ଏବଂ ଚିକିତ୍ସା କରାଇବା ଦ୍ୱାରା ସ୍ଥିତି ଜଟିଳ ହେବାର ଆଶଙ୍କା ରହିଛି। ତେଣୁ ସ୍ଥିତି ସୁଧୁରିବା ଯାଏ ଏକ ଡାକ୍ତରୀ ଟିମ୍ ଗ୍ରାମରେ ଉପସ୍ଥିତ ରହିବ ବୋଲି ସୂଚନା ମିଳିଛି।




# ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀଙ୍କ ଘରୁ ଅଢ଼େଇ କେଜି ସୁନା ଜବତ



ଜବତ ସୁନା ଗହଣା, କାର ଏବଂ ଚଢ଼ାଉ ହୋଇଥିବା ବାସଭବନ।

**ଭୁବନେଶ୍ୱର, କଟକ, ଝାରସୁଗୁଡ଼ାର ୯ ସ୍ଥାନରେ ଚଢ଼ାଉ**

- ୩୭୦ ଗ୍ରାମ ହୀରା ଅଳଙ୍କାର, ମିଳିଲା ବିଦେଶୀ ନୋଟ୍
- ବ୍ୟାଙ୍କ ଡିପୋଜିଟ୍ ୨.୭ କୋଟି, ୭ ପ୍ଲଟ୍ ଠାବ
- ଝାରୁସୁଗୁଡା, ଭୁବନେଶ୍ୱରରେ ୧୦ ଫ୍ଲାଟ୍

ଭୁବନେଶ୍ୱର,୧୨।୮ (ସତ୍ୟଜିତ୍ ରାଉତ)

ସୌଖୀନ ଦାମୀ କାର୍ ଚଢୁଥିଲେ, ରଖିଥିଲେ ବିପୁଳ ସୁନା ଅଳଙ୍କାର। ଭୁବନେଶ୍ୱରରେ ବିଭିନ୍ନ ଦାମୀ ଆପାର୍ଟମେଣ୍ଟରେ ଫ୍ଲାଟ୍ ସାଙ୍ଗକୁ କିଣିଥିଲେ ଏକାଧିକ ପ୍ଲଟ୍। କେବଳ ଏତିକି ନୁହେଁ, ବିଦେଶ ବୁଲିବା ସହ ବିଦେଶ ନୋଟ୍ ମଧ ରଖୁଥିଲେ। ସୋମବାର ରାଜ୍ୟର ଜଣେ କୋଟିପତି ବାବୁ ଭିଜିଲାନ୍ସ ସ୍କାନର୍‌କୁ ଆସିବା ପରେ ତାଙ୍କର ଏଭଳି ଗୁମର ପଦାକୁ ଆସିଛି। ବାବୁ ଜଣଙ୍କ ହେଲେ ଆର୍‌ଆଣ୍ଡବି(ସିଭିଲ୍) ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ତାରାପ୍ରସାଦ ମିଶ୍ର। ଆୟ ବର୍ହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ତାରାପ୍ରସାଦଙ୍କ ଘର ସମେତ ଭୁବନେଶ୍ୱର, କଟକ ଓ ଝାରସୁଗୁଡ଼ାର ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଯାଞ୍ଚବେଳେ ଭିଜିଲାନ୍ସ ଟିମ୍ ତାରାପ୍ରସାଦଙ୍କ ଘରୁ ଅଢ଼େଇ କେଜି ସୁନା, ୩୭୦ ଗ୍ରାମର ହୀରା ଅଳଙ୍କାର, ଦାମୀ କାର୍ ସମେତ ବହୁ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ କଟକ ଜିଲା ଆଠଗଡ଼ସ୍ଥିତ ପୈତୃକ ଘର, ତିଗିରିଆରେ ଥିବା ଜଣେ ସମ୍ପର୍କୀୟଙ୍କ ଘର, ନୟାପଲ୍ଲୀ ନୀଳକଣ୍ଠନଗର ପ୍ଲଟ୍ ନଂ.୧୧୯୧ରେ ଥିବା ଅନ୍ୟ ଜଣେ ସମ୍ପର୍କୀୟଙ୍କ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଚାଲିଥିବା ଯାଞ୍ଚରେ ଭିଜିଲାନ୍ସର ୧୨ଜଣ ଡିଏସ୍‌ପି, ୧୨ଜଣ ଇନ୍ସପେକ୍ଟର, ୧୬ ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି।

ସୋମବାର ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଦେଇଥିବା ରିପୋର୍ଟ ଅନୁଯାୟୀ, ତାରା ପ୍ରସାଦଙ୍କ କଟକ, ଭୁବନେଶ୍ୱର ଓ ଜଟଣୀର ମୁଖ୍ୟ ଅଞ୍ଚଳରେ ୭ଟି ପ୍ଲଟ୍ ଠାବ ହୋଇଛି। ପଞ୍ଜୀକୃତ ସେଲ୍ ଡିଡ୍ ଅନୁଯାୟୀ ମୋଟ୍ ପ୍ଲଟଗୁଡ଼ିକର ମୂଲ୍ୟ ୧ କୋଟି ରହିଥିବାବେଳେ ଏସବୁର ବଜାର ମୂଲ୍ୟ ବହୁ ଅଧିକ ହେବ। ସେହିପରି ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଅର୍ପଣ ଆପାର୍ଟମେଣ୍ଟରେ ୩ ବିଏଚ୍‌କେ ଫ୍ଲାଟ୍ (ନଂ. ୧୦୩), କସ୍ମୋପଲିସ୍‌ର ତୃତୀୟ ମହଲାରେ ଫ୍ଲାଟ୍ (ନଂ. କେ-୦୩୫), ୧୫ତମ ମହଲାରେ ଆଉ ଏକ ଫ୍ଲାଟ୍ (ନଂ. କେ-୧୫୫-ଏ), ଫାଲ୍‌କନ୍ କ୍ରେଷ୍ଟରେ ଫ୍ଲାଟ, ଗ୍ରାଣ୍ଡ ଆୱାସରେ ଫ୍ଲାଟ୍, ଆସୋଟେକ୍‌ରେ ୨ଟି ଫ୍ଲାଟ୍, ଝାରସୁଗୁଡ଼ା ଆସିଆନା ଆପାର୍ଟମେଣ୍ଟରେ ୨ଟି ଫ୍ଲାଟ୍(ନଂ.୨୦୭)-(ନଂ.୩୦୭) ଓ ଆସିଆନା ଏନ୍‌କ୍ଲେଭ୍‌ରେ ଆଉ ଏକ ଫ୍ଲାଟ୍ (ନଂ.୧୭) ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ଟିଡିଏସ୍ ଡିପୋଜିଟ୍ ତଥ୍ୟ ଅନୁଯାୟୀ ତାରା ପ୍ରସାଦ ୨.୭ କୋଟିରୁ ଊର୍ଦ୍ଧ୍ୱ ବିଭିନ୍ନ ବ୍ୟାଙ୍କରେ ଜମା ରଖିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହା ଯାଞ୍ଚ ହେବ। ଏଥିସହ ୨.୫୫୫ କେଜି ସୁନା ଅଳଙ୍କାର, ୩୭୦ ଗ୍ରାମର ହୀରା ଅଳଙ୍କାର, ନଗଦ ୬ ଲକ୍ଷ ଟଙ୍କା ମଧ ଘରୁ ମିଳିଛି। ଯାଞ୍ଚ ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ନିକଟରୁ ୟୁଏସ୍‌ଏ, ଥାଇଲାଣ୍ଡ, ଭିଏଟ୍‌ନାମ୍, ୟୁଏଇ, କାନାଡା, ମେକ୍ସିକୋ, ମାଲେସିଆ ଓ ସିଙ୍ଗାପୁରର ନୋଟ୍ ଠାବ କରିଛନ୍ତି। ଏଥିସହ ସେ ତାଙ୍କ ଝିଅଙ୍କୁ ଏମ୍‌ବିବିଏସ୍ ଓ ଏମ୍‌ଡି ପଢ଼ାଇବା ପାଇଁ ୮୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ଏହା ବ୍ୟତୀତ ଭିଜିଲାନ୍ସ ଟିମ୍ ତାରା ପ୍ରସାଦଙ୍କ ନିକଟରୁ ୨ଟି ସୌଖୀନ ଦାମୀ କାର୍ (ମର୍ସିଡିଜ୍ ବେଞ୍ଜ୍ ଓ କିଆ ସେଲ୍‌ଟସ୍) ଠାବ କରିଛି। ତେବେ ତାରା ପ୍ରସାଦଙ୍କ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ନୟାପଲ୍ଲୀ ବ୍ରାଞ୍ଚ ଓ ଆକ୍ସିସ୍ ବ୍ୟାଙ୍କ ସିଆର୍‌ପିଏଫ୍ ବ୍ରାଞ୍ଚରେ ଦୁଇଟି ଲକର୍‌କୁ ଚିହ୍ନଟ କରାଯାଇଥିବା ବେଳେ ଏହା ଖୋଲାଯିବାର ଅଛି। ଭିଜିଲାନ୍ସ ଟିମ୍ ତାରା ପ୍ରସାଦଙ୍କୁ ଏହି ବିପୁଳ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

**ୟୁନେସ୍କୋ କଳିଙ୍ଗ ପୁରସ୍କାର**

# କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର,୧୨।୮ (ଅନିଲ ଦାସ)

ୟୁନେସ୍କୋ କଳିଙ୍ଗ ପୁରସ୍କାର ପାଇଁ ସହାୟତା ଚାଲୁ ରଖିବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋମବାର କେନ୍ଦ୍ର ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଜିତେନ୍ଦ୍ର ପ୍ରସାଦଙ୍କୁ ଚିଠି ଲେଖିଛନ୍ତି।

ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି, ୧୯୫୨ରୁ ଆରମ୍ଭ ହୋଇଥିବା ଏହି ପୁରସ୍କାର ବର୍ତ୍ତମାନ ସୁଦ୍ଧା ୭୨ ଜଣ ବିଶିଷ୍ଟ ବୈଜ୍ଞାନିକ ଓ ୭ ଜଣ ନୋବେଲ ପୁରସ୍କାର ବିଜେତାଙ୍କୁ ପ୍ରଦାନ କରାଯାଇଛି। ୟୁନେସ୍କୋର ବଦାନ୍ୟତା ଯୋଗୁ ଏହି ପୁରସ୍କାର ଅନ୍ତର୍ଜାତୀୟ ମାନ୍ୟତା ଲାଭ କରିଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏହି ପୁରସ୍କାର ବିଜ୍ଞାନ ଓ ଗବେଷଣାକୁ ଲୋକପ୍ରିୟ କରିବାକୁ ଆରମ୍ଭ କରିଥିଲେ। କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ଦ୍ୱାରା ଏଥିପାଇଁ ୟୁନେସ୍କୋକୁ ୧ ହଜାର ପାଉଣ୍ଡ ଅର୍ଥରାଶି ପ୍ରଦାନ କରାଯାଉଥିଲା। ୨୦୦୨ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ସମୟରେ କେନ୍ଦ୍ର ବିଜ୍ଞାନ ଓ କାରିଗରି ମନ୍ତ୍ରଣାଳୟ, ଓଡ଼ିଶା ସରକାର ଏବଂ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ମିଳିତ ଭାବେ ୟୁନେସ୍କୋ କଳିଙ୍ଗ ପୁରସ୍କାର ଅଂଶୀଦାର ହେବା ସହ ସମସ୍ତ ଖର୍ଚ୍ଚକୁ ମିଳିତ ଭାବେ କରିବାକୁ ନିଷ୍ପତ୍ତି ହୋଇଥିଲା। ବିଜ୍ଞାନକୁ ପ୍ରୋତ୍ସାହିତ କରିବାକୁ ଏହା ଏକମାତ୍ର ଅନ୍ତର୍ଜାତୀୟ ପୁରସ୍କାର। ଏହି ପୁରସ୍କାର ପାଇଁ ଦିଆଯାଉଥିବା ସହାୟତାକୁ କେନ୍ଦ୍ର ବିଜ୍ଞାନ ଓ କାରିଗରି ମନ୍ତ୍ରଣାଳୟ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହି ଘଟଣାରେ ହସ୍ତକ୍ଷେପ କରି ପୂର୍ବଭଳି ସହାୟତା ଜାରି ରଖିବାକୁ ନବୀନ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ପ୍ରସାଦଙ୍କୁ ଅନୁରୋଧ କରିଛନ୍ତି।

# ଏମ୍ସରେ ବୀତିହୋତ୍ର ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର,୧୨।୮ (ସତ୍ୟଜିତ୍ ରାଉତ)

୨୦୦୬ ମାର୍ଚ୍ଚ ୨୧ରେ ରାଜସ୍ଥାନର ଅଲୱାରଠାରେ ଜଣେ ୨୬ ବର୍ଷୀୟା ଜର୍ମାନ ସହପାଠୀଙ୍କୁ ବଳାତ୍କାର ମାମଲାରେ ଜେଲ ଯାଇ ପରବର୍ତ୍ତୀ ସମୟରେ କ୍ୟାନ୍ସରରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ଓଡ଼ିଶାର ପୂର୍ବତନ ଅଗ୍ନିଶମ ଓ ହୋମଗାର୍ଡ ଡିଜି ବିଦ୍ୟାଭୂଷଣ ମହାନ୍ତିଙ୍କ ପୁଅ ବୀତିହୋତ୍ର ମହାନ୍ତିଙ୍କ ପରଲୋକ ହୋଇଛି। ଭୁବନେଶ୍ୱର ଏମ୍ସରେ କ୍ୟାନ୍ସରରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ପ୍ରାୟ ୧୧ଟା ୩୦ ବେଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପାକସ୍ଥଳୀ କର୍କଟରେ ପୀଡ଼ିତ ୪୨ ବର୍ଷୀୟ ବୀତିହୋତ୍ର ଗତ କିଛିଦିନ ହେବ ପ୍ରଥମେ ଆଚାର୍ଯ୍ୟ ହରିହର ଏବଂ ପରେ ଏମ୍ସରେ ଚିକିତ୍ସିତ ହେଉଥିଲେ। ସୋମବାର ବ୍ୟବଚ୍ଛେଦ କରାଯାଇ ବୀତିହୋତ୍ରଙ୍କ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ୨୦୨୩ରେ ତାଙ୍କୁ କ୍ୟାନ୍ସର ହୋଇଥିବା ନେଇ ଜଣାପଡ଼ିଥିଲା। ଦଣ୍ଡାଦେଶକୁ କୋହଳ ପାଇଁ ସେ ଗତ ଏପ୍ରିଲରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ମଧ୍ୟ କୋର୍ଟ ଏହାକୁ ଖାରଜ କରିଦେଇଥିଲେ। ଏଥିସହ ୨୦୨୪ ଜୁନ ୫ ପୂର୍ବରୁ ଚୌଦ୍ୱାର ଜେଲରେ ସେ ଆତ୍ମସମର୍ପଣ କରିବାକୁ ବୀତିହୋତ୍ରଙ୍କୁ ନିର୍ଦ୍ଦେଶ ଦେବା ପରେ ସେ ଆତ୍ମସମର୍ପଣ କରିଥିଲେ।

# ‘ହର୍ ଘର୍ ତିରଙ୍ଗା’ ଅଭିଯାନରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ




ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ‘ହର ଘର ତିରଙ୍ଗା’ କ୍ୟାମ୍ପେନ୍‌ରେ ସ୍ୱାକ୍ଷର କରୁଛନ୍ତି।

ଭୁବନେଶ୍ୱର,୧୨।୮ (ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଲୋକସେବା ଭବନଠାରେ ‘ହର୍ ଘର୍ ତ୍ରିରଙ୍ଗା’ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ଏହି ଅଭିଯାନରେ ଦେଶର କୋଣ ଅନୁକୋଣରୁ ପ୍ରତ୍ୟେକ ଭାରତୀୟ ସାମିଲ ହୋଇଛନ୍ତି।

ଏହି କ୍ରମରେ ଲୋକସେବା ଭବନଠାରେ ‘ହର୍ ଘର୍ ତ୍ରିରଙ୍ଗା’ ଅଭିଯାନର କାନ୍‌ଭାସରେ ‘ଜୟ ହିନ୍ଦ୍’ ନାରା ସହ ମୁଖ୍ୟମନ୍ତ୍ରୀ ଦସ୍ତଖତ କରିଛନ୍ତି। ଏଥିସହିତ ଜାତୀୟ ପତାକାକୁ ଲହରାଇ ସମ୍ମାନ ପ୍ରଦର୍ଶନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ଜାତୀୟ ପତାକା ଆମ ପାଇଁ ବହୁ ସମ୍ମାନ ଓ ଗୌରବର ବିଷୟ। ପ୍ରତ୍ୟେକ ଦେଶବାସୀଙ୍କୁ ଜାତୀୟ ପତାକାର ମହତ୍ତ୍ୱ ବିଷୟରେ ସଚେତନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ, ଏହି ଅଭିଯାନରେ ପ୍ରତ୍ୟେକ ଓଡ଼ିଶାବାସୀ ଆଗଭର ହୋଇ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ୩ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

**ଆଜି ଜାତୀୟ ରାଜପଥ ନିର୍ମାଣ ସମୀକ୍ଷା ବୈଠକରେ ଯୋଗଦେବେ**

ଭୁବନେଶ୍ୱର, ୧୨।୮ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସନ୍ଧ୍ୟାରେ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ମଙ୍ଗଳବାର ସେ ପୂର୍ବାହ୍ନରେ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଜାତୀୟ ରାଜପଥ ନିର୍ମାଣ ସମୀକ୍ଷା ବୈଠକରେ ଯୋଗଦେବେ। କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସାମିଲ ହେବେ। ସେହିକ୍ରମରେ ଓଡ଼ିଶାରୁ ଏହି ବୈଠକରେ ଯୋଗଦେବା ଲାଗି ମୁଖ୍ୟମନ୍ତ୍ରୀଙ୍କ ସମେତ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନୂଆଦିଲ୍ଲୀ ଗସ୍ତ କରିବେ। ମୁଖ୍ୟମନ୍ତ୍ରୀ ଆସନ୍ତା ୧୪ ତାରିଖ ପୂର୍ବାହ୍ନରେ ଭୁବନେଶ୍ୱର ଫେରିବେ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଛୁଆହାତୀର ଗଳିତ ମୃତଦେହ ଜବତ

**୫ ଦିନ ପୂର୍ବେ ମାଈହାତୀର ମୃତଦେହ ମିଳିଥିଲା**

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ଢେଙ୍କିକୋଟ (ନୀଳମଣି ମଣ୍ଡଳ),୧୨।୮

ବିଶ୍ୱ ହସ୍ତୀ ଦିବସରେ ଯେତେବେଳେ ଚାରିଆଡେ ହାତୀ ସୁରକ୍ଷାକୁ ନେଇ ବିତର୍କ ଚାଲିଛି ସେହି ସମୟରେ କେନ୍ଦୁଝର ବନଖଣ୍ଡ ଘଟଗାଁ ରେଞ୍ଜ୍ ଦେଓବନ୍ଧ ଫରେଷ୍ଟ ସେକ୍ସନ ବାରବାଙ୍କ ସଂରକ୍ଷିତ ଜଙ୍ଗଲରୁ ଏକ ମାଈ ଛୁଆହାତୀର ଗଳିତ ମୃତଦେହ ଜବତ ହୋଇଛି। ମୃତ ହାତୀର ବୟସ ୩ ରୁ ୭ ବର୍ଷ ମଧ୍ୟରେ ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ଗତ ଗୁରୁବାର ହଦଗଡ଼ ଅଭୟାରଣ୍ୟରୁ ଏକ ମାଈ ହାତୀର ମୃତଦେହ ଠାବ ହୋଇଥିଲା। ଏହାର ୫ ଦିନ ନ ପୂରୁଣୁ ଆଉ ଏକ ହାତୀ ମୃତଦେହ ଜବତକୁ ନେଇ ବନ୍ୟପ୍ରାଣୀପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଦେଓବନ୍ଧ ଫରେଷ୍ଟ ସେକ୍ସନରେ ୭ ଟିକିଆ ହାତୀପଲ ବିଚରଣ କରୁଛନ୍ତି। ପଲରେ ଥିବା ଛୁଆହାତୀର ମୃତ୍ୟୁ ଘଟିଥିବା ବେଳେ ବନ ବିଭାଗ ଜାଣିପାରିନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ ୧ ସପ୍ତାହ ହେବ ହାତୀର ମୃତ୍ୟୁ ହୋଇଥିବା କୁହାଯାଉଛି। ଦୁର୍ଗନ୍ଧ ହେବାରୁ ସୋମବାର ଜଙ୍ଗଲକୁ ଜାଳକାଠ ପାଇଁ ଯାଇଥିବା ଲୋକ ଜାଣି ବନ ବିଭାଗକୁ ଖବର ଦେଇଥିଲେ। ଛୁଆହାତୀଟିର ଗଳିତ ମୃତଦେହ ଘଟଗାଁ ରେଞ୍ଜ ଦେଓବନ୍ଧ ସେକ୍ସନ ସାନ୍ତରାପୁର ଗ୍ରାମଠାରୁ ପ୍ରାୟ ୬୦ ମିଟର ଦୂର ରଘୁବେଡା ଡ୍ୟାମ ନିକଟରେ ପଡ଼ିଥିଲା। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡିଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କିକୋଟ୍ ଫରେଷ୍ଟର ସନ୍ତୋଷ ବେହେରା, ଘଟଗାଁ ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ ପ୍ରଭାତ କୁଅଁର, କେନ୍ଦୁଝର ଏସିଏଫ୍ ଯତୀନ୍ଦ୍ର ବେହେରା, ଏସିଏଫ୍ ଅଶୋକ ଦାସ, ଏସିଏଫ୍ ସୁରେନ୍ଦ୍ର ହେମ୍ବ୍ରମ, ଘଟଗାଁ ଫରେଷ୍ଟର ଯତୀନ୍ଦ୍ର ସାହୁ, ପାରାଷ୍ଟାଫଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଘଟଗାଁ ପ୍ରାଣୀ ଚିକିତ୍ସକ ଡା. ଭାନୁପ୍ରିୟା ସାହୁ, ଢେଙ୍କିକୋଟ ପ୍ରାଣୀ ଚିକିତ୍ସକ ଡା. ବିଶ୍ୱରଞ୍ଜନ ସୋରେନ, ପଣ୍ଡାପଡ଼ା ପ୍ରାଣୀ ଚିକିତ୍ସକ ତ୍ରିନାଥ ମହାନ୍ତ ପହଞ୍ଚି ଡିଏଫ୍‌ଓଙ୍କ ଉପସ୍ଥିତିରେ ଗଳିତ ମୃତଦେହକୁ ବ୍ୟବଚ୍ଛେଦ କରିଥିଲେ। ପରେ ମୃତଦେହ ସଂରକ୍ଷିତ ଜଙ୍ଗଲରେ ପୋତି ଦିଆଯାଇଛି। ହାତୀ ଛୁଆଟିର ପ୍ରାକୃତିକ ବା ରୋଗଜନିତ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ବନ ବିଭାଗ ଜାଣିବାକୁ ପାଇଛି। ମୃତ୍ୟୁର ଠିକ୍ କାରଣ ଜାଣିବା ପାଇଁ ସେଣ୍ଟର ଫର ୱାଇଲ୍ଡଲାଇଫ ହେଲ୍‌ଥ, ଭୁବନେଶ୍ୱରର ମୁଖ୍ୟଙ୍କ ସହ ଯୋଗାଯୋଗ କରାଯାଇଥିବା ଡିଏଫ୍‌ଓ କହିଛନ୍ତି। ୫ ବର୍ଷ ତଳେ ସଂରକ୍ଷିତ ଜଙ୍ଗଲ ବାରବାଙ୍କ ଗୟଳମୁଣ୍ଡା ଗ୍ରାମ ନିକଟରୁ ଅନୁରୂପ ଏକ ଦନ୍ତାର ଗଳିତ ମୃତଦେହ ମିଳିଥିଲା।



ହାତୀର ଗଳିତ ମୃତଦେହ।

## ହାତୀ ଟ୍ରାକିଂ ବ୍ୟବସ୍ଥା ଫେଲ୍

**ରିପୋର୍ଟ ଅନୁଯାୟୀ ଛୁଆହାତୀ ପଲରେ ଅଛି**

କେନ୍ଦୁଝର,୧୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଡିଭିଜନ ଘଟଗାଁ ରେଞ୍ଜ ଦେଓବନ୍ଧ ସେକ୍ସନ ରଘୁବେଡା ବିଟ୍ ଅନ୍ତର୍ଗତ କୁଲାଡ଼େରା ଗ୍ରାମ ନିକଟ ବାରବାଙ୍କ ସଂରକ୍ଷିତ ଜଙ୍ଗଲରୁ ଗଳିତ ଛୁଆହାତୀର ମୃତଦେହ ଜବତ କରାଯାଇଛି। ଗତ ୧ ସପ୍ତାହ ତଳୁ ହାତୀଛୁଆଟି ମରିଥିବା ଅନୁମାନ କରାଯାଉଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଜଣାପଡୁଛି ଯେ, ଏହାକୁ କେହି ପୋଡ଼ିବାକୁ ଉଦ୍ୟମ କରିଛି। ଛୁଆହାତୀ ମରିବାର ୧ ସପ୍ତାହ ପରେ ବନ ବିଭାଗ ସୂଚନା ପାଇବାକୁ ନେଇ ବନ୍ୟପ୍ରାଣୀପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୭ ଟିକିଆ ହାତୀପଲରୁ ଗୋଟିଏ ଛୁଆହାତୀ ମରିଥିଲେ ମଧ ବନ ବିଭାଗର ଏଲିଫ୍ୟାଣ୍ଟ ଟ୍ରାକିଂ ରିପୋର୍ଟରେ ଛୁଆହାତୀ ରହିଥିବା ଦର୍ଶାଯାଇଛି। ଅନେକ ସମୟରେ ହାତୀର ଉପସ୍ଥିତି ନେଇ ଭୁଲ୍ ରିପୋର୍ଟ ଦିଆଯାଉଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ହାତୀଙ୍କ ଗତିବିଧି ଜାଣିବା ପାଇଁ ଟ୍ରାକିଂ କରାଯାଉଛି। ଡ୍ରୋନ୍ କ୍ୟାମେରା ବ୍ୟବହାର ହେଉଛି। ହାତୀ ସ୍କ୍ୱାଡ୍ ନିୟୋଜିତ ଥିବାବେଳେ ଗାଁ ଗାଁରେ ଗଜସାଥୀ ଅଛନ୍ତି। ତଥାପି ହାତୀ ମରିବାର ୧ ସପ୍ତାହ ପରେ ସୂଚନା ମିଳିପାରୁନି।



# ଅସୁରକ୍ଷିତ ଡାକ୍ତର

କୋଲକତାର ଡ. ରାଧାଗୋବିନ୍ଦ କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଜଣେ ପିଜି ଦ୍ୱିତୀୟ ବର୍ଷ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଏବେ ସାରା ଦେଶରେ ଆନ୍ଦୋଳନ ଜୋର୍ ଧରିଛି । ଅଗଷ୍ଟ ୯ ଶୁକ୍ରବାର ରାତିରେ ପୀଡ଼ିତା ଡ୍ୟୁଟିରେ ଥିଲେ ଏବଂ ଶନିବାର ସକାଳେ ତାଙ୍କ ମୃତଦେହ ମେଡିକାଲ ସେମିନାର ହଲ୍‌ରୁ ମିଳିଥିଲା । ଏହି ଘଟଣା ଉପରେ ପ୍ରତିକ୍ରିୟା ପ୍ରକାଶ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ, ଦରକାର ପଡ଼ିଲେ ଅପରାଧୀଙ୍କୁ ଫାଶୀ ଦିଆଯିବ । ଆସନ୍ତା ରବିବାର ସୁଦ୍ଧା ପୋଲିସ ତଦନ୍ତର ନିଷ୍କର୍ଷରେ ନ ପହଞ୍ଚିଲେ ତାହାକୁ ସିବିଆଇକୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି । ଏହି ଘଟଣା ଭାରତବର୍ଷରେ ମହିଳାଙ୍କ ସୁରକ୍ଷା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସାଧାରଣରେ ଚର୍ଚ୍ଚାକୁ ନ ଆସିଲେ ମଧ ପ୍ରତ୍ୟେକ ଦିନ ଏହିଭଳି ଅନେକ ଘଟଣା ଘଟିଯାଉଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ୧୯୭୩ରେ ମୁମ୍ବାଇର କେଇଏମ୍ ହସ୍ପିଟାଲରେ ଜଣେ ଆଟେଣ୍ଡାଣ୍ଟ ୨୫ବର୍ଷୀୟା ନର୍ସଙ୍କୁ ବଳାତ୍କାର କରିଥିଲେ । ତାଙ୍କ ମସ୍ତିଷ୍କରେ ଆଘାତ ଲାଗିବା ପରେ ସେ ଦୀର୍ଘ ୪୨ ବର୍ଷ ସେହି ହସ୍‌ପିଟାଲର ନର୍ସଙ୍କ ଚିକିତ୍ସାରେ ରହି ୨୦୧୫ରେ ମୃତ୍ୟୁବରଣ କରିଥିଲେ । ଏହା ବ୍ୟତୀତ କେରଳରେ ସେପ୍ଟେମ୍ବର ୨୦୨୦ରେ କୋଭିଡ୍ ମହାମାରୀ ସମୟରେ ଆମ୍ବୁଲାନ୍ସରେ ଜଣେ କୋଭିଡ୍ ଆକ୍ରାନ୍ତ ମହିଳା ବଳାତ୍କାରର ଶିକାର ହୋଇଥିଲେ । ଅନେକ ସମୟରେ ଦେଶର ବିଭିନ୍ନ ମେଡିକାଲରେ ମହିଳାଙ୍କ ପ୍ରତି ଅସଦାଚରଣ ଘଟଣା ସାମ୍ନାକୁ ଆସିଛି । ଏସବୁ ପ୍ରମାଣିତ କରୁଛି ଯେ, ମେଡିକାଲଗୁଡ଼ିକ ମଧ ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଅସୁରକ୍ଷିତ ସ୍ଥାନ ପାଲଟିଯାଇଛି । ଭାରତରେ ପ୍ରତି ଘଣ୍ଟାରେ ୮୭ ଜଣ ମହିଳା ଯୌନ ନିର୍ଯାତନାର ଶିକାର ହେଉଥିବା ୨୦୨୨ ଏନ୍‌ସିଆର୍‌ବି ରିପୋର୍ଟରେ କୁହାଯାଇଥିଲା । ଏହି ରିପୋର୍ଟ ଏକ ଭୟଙ୍କର ଚିତ୍ର ଦର୍ଶାଉଛି । ତାହାର ପ୍ରତିଫଳନ ପ୍ରାୟ ପ୍ରତିଦିନ ଦେଖିବାକୁ ମିଳୁଛି । କୋଲକାତାର ଆର୍.ଜି. ହସ୍ପିଟାଲ ଘଟଣାରେ ସବୁଠାରୁ ଉଦ୍‌ବେଗଜନକ ଦିଗ ହେଲା, ମହିଳା ଜୁନିୟର ଡାକ୍ତର ନିଜ କର୍ମକ୍ଷେତ୍ରରେ ନିୟୋଜିତ ଥିଲାବେଳେ ଆକ୍ରମଣର ଶିକାର ହେଲେ । ସବୁଠାରୁ ବଡ଼ କଥା ହେଲା, ଆର୍.ଜି. କର ହସ୍ପିଟାଲରେ ଘଟିଥିବା ମହିଳା ଡାକ୍ତରଙ୍କ ବଳାତ୍କାର ଓ ହତ୍ୟା ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ସଞ୍ଜୟ ରାୟ ହସ୍ପିଟାଲ କର୍ମଚାରୀ ନ ଥାଇ ମଧ କିପରି ବିଳମ୍ବିତ ରାତିରେ ହସ୍ପିଟାଲରେ ରହିପାରୁଥିଲେ । ସୂଚନାଯୋଗ୍ୟ ଯେ, କୋଲକାତା ପୋଲିସର ଜଣେ ସିଭିକ ଭଲ୍ୟୁଣ୍ଟିୟର ଭାବେ ସେ ଅନେକ କ୍ଷେତ୍ରରେ କାର୍ଯ୍ୟ କରିବା ପରେ ତାଙ୍କୁ ଆର୍.ଜି. ହସ୍ପିଟାଲରେ ପୋଲିସ ଆଉଟପୋଷ୍ଟରେ ଦାୟିତ୍ୱ ଦିଆଯାଇଥିଲା । ବିଭିନ୍ନ ରିପୋର୍ଟରୁ ଜଣାପଡ଼ିଛି ଯେ, ସେ ଅଧିକାଂଶ ସମୟରେ ନିଜକୁ ପୋଲିସ କର୍ମଚାରୀ ବୋଲି କହି ହସ୍ପିଟାଲରେ ଦଲାଲି କରୁଥିଲେ । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଏହି ଭଲ୍ୟୁଣ୍ଟିୟରଙ୍କ ଭଳି ଅସ୍ଥାୟୀ ନିଯୁକ୍ତି ପାଇଁ ପୋଲିସ ଦ୍ୱାରା କୌଣସି ବିଧିବଦ୍ଧ ଯାଞ୍ଚ କରାଯାଏ ନାହିଁ । ଏଭଳି ବ୍ୟକ୍ତି ଅନେକ କ୍ଷେତ୍ରରେ ଖାକିର ମୁଖା ପିନ୍ଧି ସମସ୍ତଙ୍କ ପାଇଁ ବିପଦ ପାଲଟିଯାଆନ୍ତି ।

> କେବଳ ଡାକ୍ତର କିମ୍ବା ନର୍ସ ନୁହନ୍ତି, ମେଡିକାଲରେ ଚିକିତ୍ସିତ ହେଉଥିବା ମହିଳା ରୋଗୀଙ୍କ ସୁରକ୍ଷା ଉପରେ ବି ପ୍ରଶ୍ନ ଉଠୁଛି । କାରଣ ମେଡିକାଲକୁ ବହୁ ଦୂରରୁ ଅନେକ ମହିଳା ଆସି ରୋଗୀଙ୍କ ପାଖରେ ରହୁଛନ୍ତି । ଏହା ବ୍ୟତୀତ ମହିଳା ରୋଗୀ ବି ଚିକିତ୍ସିତ ହେଉଛନ୍ତି । ଅନେକ କ୍ଷେତ୍ରରେ ଦେଖାଯାଏ ରୋଗୀଙ୍କ ପରିବାର ଦୂରରେ ରହୁଥିଲେ ମହିଳା ରୋଗୀ ଜଣକ ପାଖରେ ରାତିରେ ଆଟେଣ୍ଡାଣ୍ଟ ରହିବାକୁ କେହି ନ ଥାନ୍ତି । ଏଭଳି ସ୍ଥିତିରେ ସେମାନଙ୍କ ସୁରକ୍ଷା ସଙ୍କଟରେ ରହୁଛି ।

ଅନ୍ୟ ଏକ ଦିଗକୁ ଦେଖିଲେ, ବିଭିନ୍ନ ସମୟରେ ଡାକ୍ତର ଓ ମେଡିକାଲ କର୍ମଚାରୀମାନେ ବି ରୋଗୀଙ୍କ ସମ୍ପର୍କୀୟଙ୍କ ଆକ୍ରୋଶର ଶିକାର ହୋଇଥାନ୍ତି ଏବଂ ଏଭଳି ଘଟଣାରେ କେହି କଠୋର ଦଣ୍ଡରେ ଦଣ୍ଡିତ ହେବା ଦେଖାଯାଏ ନାହିଁ । ଏପରି କ୍ଷେତ୍ରରେ ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା ଦୃଢ଼ କରାଯିବାର ଆବଶ୍ୟକତା ରହିଛି । କେବଳ ଡାକ୍ତର କିମ୍ବା ନର୍ସ ନୁହନ୍ତି, ମେଡିକାଲରେ ଚିକିତ୍ସିତ ହେଉଥିବା ମହିଳା ରୋଗୀଙ୍କ ସୁରକ୍ଷା ଉପରେ ବି ପ୍ରଶ୍ନ ଉଠୁଛି । କାରଣ ମେଡିକାଲକୁ ବହୁ ଦୂରରୁ ଅନେକ ମହିଳା ଆସି ରୋଗୀଙ୍କ ପାଖରେ ରହୁଛନ୍ତି । ଏହା ବ୍ୟତୀତ ମହିଳା ରୋଗୀ ବି ଚିକିତ୍ସିତ ହେଉଛନ୍ତି । ଅନେକ କ୍ଷେତ୍ରରେ ଦେଖାଯାଏ ରୋଗୀଙ୍କ ପରିବାର ଦୂରରେ ରହୁଥିଲେ ମହିଳା ରୋଗୀ ଜଣକ ପାଖରେ ରାତିରେ ଆଟେଣ୍ଡାଣ୍ଟ ରହିବାକୁ କେହି ନ ଥାନ୍ତି । ଏଭଳି ସ୍ଥିତିରେ ସେମାନଙ୍କ ସୁରକ୍ଷା ସଙ୍କଟରେ ରହୁଛି । ବିଭିନ୍ନ ସଂସ୍ଥା ଦ୍ୱାରା ମେଡିକାଲରେ କରାଯାଉଥିବା ଥାର୍ଡ ପାର୍ଟି ନିଯୁକ୍ତି ଉପରେ ମଧ ଧ୍ୟାନ ଦିଆଯିବା ଦରକାର । ସେମାନଙ୍କ ପରିଚୟ ଓ ଅପରାଧ ପୃଷ୍ଠଭୂମି ଉପରେ ଯାଞ୍ଚ କରାଯିବା ଜରୁରୀ ।

# ଭାବୀ ପିଢ଼ି କ୍ଷମା ଦେବନି



ଡ. ପ୍ରମୋଦ କୁମାର ପଣ୍ଡା

ପାଠକ ବନ୍ଧୁ ! ଶୀର୍ଷକଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଆମ ସାମାଜିକ, ଅର୍ଥନୈତିକ, ଓଡ଼ିଆ ଅସ୍ମିତା ଓ ଆମ ଭବିଷ୍ୟତ ଉପରେ ଗଭୀର ପ୍ରଭାବ ରଖେ ବୋଲି ମୋର ମତ । ଓଡ଼ିଶା ୧୫.୫ ନିୟୁତ ହେକ୍ଟର କ୍ଷେତ୍ରଫଳ ସହିତ ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ । ୨୦୧୧ ଜନଗଣନା ଅନୁସାରେ ଆମର ମୋଟ ଜନସଂଖ୍ୟା ୪.୨ କୋଟି, ଯାହାକି ବୃଦ୍ଧି ପାଇ ବର୍ତ୍ତମାନ ୪.୬୬ କୋଟିରେ ପହଞ୍ଚିଲାଣି । ଆମ ସମସ୍ତଙ୍କ ଘରେ ଆଳୁ ଦରକାର । ସବୁଠୁ ଶସ୍ତା ପରିବା ହୋଇଥିବାରୁ ଏହା ମହଙ୍ଗା ସମୟରେ ଗରିବମାନଙ୍କର ରକ୍ଷା କବଚ ହୋଇ କାର୍ଯ୍ୟ କରେ । କିନ୍ତୁ ଏହା ଓଡ଼ିଶାରେ କିଲୋ ପିଛା ୫୦ରୁ ୬୦ ଟଙ୍କାରେ ବିକ୍ରି ହେବା ପରିତାପର ବିଷୟ । ଶସ୍ତାରେ ଆଳୁ ପାଇବା ପାଇଁ ଆମ ଲୋକ ଉହଳ ବିକଳ ହେଉଛନ୍ତି । ତା'ଛଡା ଆମର ନେତୃବୃନ୍ଦଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କରିବାକୁ ପଡୁଛି ଆମକୁ ଆଳୁ ପଠାଇବା ପାଇଁ । ଯେପରି କି ଆମର ମାଟି ନାହିଁ , ପାଣି ନାହିଁ, ଜ୍ଞାନକୌଶଳ ନାହିଁ କିମ୍ବା ଉତ୍ପାଦନ କରିପାରୁଥିବା ମଣିଷ ନାହାନ୍ତି । ପ୍ରତିବର୍ଷ ଆମେ ପଶ୍ଚିମବଙ୍ଗ ପାଖରେ ଆଳୁ ପାଇଁ ନତମସ୍ତକ । କିଏ କିଏ କହନ୍ତି ପଶ୍ଚିମବଙ୍ଗ ସହିତ ସୀମା ବିବାଦରେ ସେଥିପାଇଁ ତ ଆମକୁ ମୁହଁ ବନ୍ଦ କରିବାକୁ ପଡେ । କାରଣ ଯଦି ଆଳୁ ନ ଦେବେ ତା'ହେଲେ ଆମ ଚୁଲି ଜଳିବନି । ଦୁଃଖ ଲାଗେ ଆମ ଦୟନୀୟ ସ୍ଥିତି ଦେଖି । ୧୯୬୫ ମସିହାରେ ଏହି ସ୍ଥିତି ଥିଲା ଭରତବର୍ଷର ଖାଦ୍ୟାନ୍ନକୁ ନେଇ । ୧୯୬୫ ମସିହାରେ ଭାରତ– ପାକିସ୍ତାନ ଯୁଦ୍ଧ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ସମସ୍ତ ଦେଶବାସୀଙ୍କୁ ପ୍ରତ୍ୟେକ ଦିନ ଗୋଟେ ମିଲ ଖାଇବା ବନ୍ଦ କରିବାକୁ ଆହ୍ୱାନ ଦେଲେ । ତାଙ୍କ ସରକାରୀ ବାସଭବନ ଦିଲ୍ଲୀରେ ମଧ ଗହମ ଚାଷ କଲେ । ତା' ପରବର୍ଷ ୧୯୬୬ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଖାଦ୍ୟ ଆଣିବା ପାଇଁ ଆମେରିକା ଯାଇ ରାଷ୍ଟ୍ରପତି ଲିଣ୍ଡନ ଜନସନଙ୍କୁ ସାକ୍ଷାତ କଲେ । ଇନ୍ଦିରା ଗାନ୍ଧୀଙ୍କୁ ବହୁ ଅପମାନ ସହିବାକୁ ପଡିଲା । ସେ ଫେରିଆସି ତତ୍କାଳୀନ କୃଷି ମନ୍ତ୍ରୀ ଭାରତରତ୍ନ ସି. ସୁବ୍ରମଣ୍ୟମ ଏବଂ ଆଇସିଏଆର୍‌ର ନିର୍ଦ୍ଦେଶକ ଭାରତରତ୍ନ ସ୍ୱାମୀନାଥନଙ୍କୁ ଡାକିଲେ ଓ କହିଲେ ଯେତେ ଟଙ୍କା ଲାଗୁ ମୁଁ ଦେବି, ଆପଣ ଭାରତକୁ ଖାଦ୍ୟାନ୍ନରେ ସ୍ୱାବଲମ୍ବୀ କରନ୍ତୁ, ଯେପରି ମୋତେ ଖାଦ୍ୟ ଭିକ୍ଷା କରିବାକୁ ଆଉ ଆମେରିକା ଯିବାକୁ ପଡିବନି । ତା'ପରେ ଭାରତ ବିଶ୍ୱରେ ଇତିହାସ ରଚିଲା ।

ସବୁଜ ବିପ୍ଳବ ଜରିଆରେ ଖାଦ୍ୟାନ୍ନ ଉତ୍ପାଦନରେ ଆତ୍ମନିର୍ଭର ହେଲା ଭାରତ । ଆହ୍ୱାନ କରୁଛି ପ୍ରିୟ ଓଡ଼ିଶାବାସୀ ଓ ଆମ ନେତୃବୃନ୍ଦଙ୍କୁ ପଣ କରିବା ପାଇଁ । ପଶ୍ଚିମବଙ୍ଗର ଆଳୁ ନାଲି ଆଖିର ଜବାବ ଆଳୁ ଉତ୍ପାଦନରେ ଓ ସ୍ୱାବଲମ୍ବୀ କରିଦେବା ପାଇଁ । ଏହା ଆଦୌ ଅସମ୍ଭବ ନୁହେଁ । ପୁରୁଣା ଆଳୁ ମିଶନ ଫେଲ୍ ହେଲା ବୋଲି ଚୁପ୍ ହୋଇ ବସିବା ଠିକ୍ ନୁହେଁ । ସେଥିରୁ ବି ଆମକୁ ଅନେକ ଶିକ୍ଷା ମିଳିଛି । ତାକୁ ଉପଯୋଗ କରି ସଫଳତା ପାଇବା । ଆସନ୍ତୁ ବିଚାର କରିବା ଏହା କିପରି ହୋଇପାରିବ ?



ଆମର ବାର୍ଷିକ ଆଳୁ ଆବଶ୍ୟକତା ହେଲା ୧୫ ଲକ୍ଷ ଟନ୍ । ବର୍ତ୍ତମାନ ଆମେ ପ୍ରାୟ ୨୫୯୦୦ ହେକ୍ଟର ଜମିରେ ଆଳୁ ଚାଷ କରି ହେକ୍ଟର ପିଛା ୧୧୮ ଟନ୍ ଉତ୍ପାଦକତାରେ ମୋଟ ୨୯୮୦୨୦ ଟନ୍ ବା ୩ ଲକ୍ଷ ଟନ୍ ଆଳୁ ଉତ୍ପାଦନ କରୁଛେ । ଆମର ଚାହିଦା ଓ ଆପୂର୍ତ୍ତି ଗ୍ୟାପ୍ ବା ତଫାତ ହେଉଛି ୧୨ ଲକ୍ଷ ଟନ୍ । ବଡ ଦୁଃଖ ଲାଗେ ଆମ ଅତୀତକୁ ପରଖିଲେ ବା ବିଶ୍ଲେଷଣ କଲେ । ୧୯୬୬–୬୭ ମସିହାରେ ଆମେ ୩୦୭୧୬ ହେକ୍ଟର ଜମିରେ ଆଳୁ ଚାଷ କରି ହେକ୍ଟର ପିଛା ୧୨୪.୮୬ ଟନ୍ ଉତ୍ପାଦକତାରେ ମୋଟ ୩୮୩୫୨୮ ଟନ୍ ଉତ୍ପାଦନ କରିପାରୁଥିଲୁ । ମାତ୍ର ବିଗତ ୫୫–୫୬ ବର୍ଷରେ ଜନସଂଖ୍ୟା ବୃଦ୍ଧି ପାଇ ଆଳୁ ଚାହିଦା ଅନେକାଂଶରେ ବଢିଥିଲେ ସୁଦ୍ଧା ଯୋଜନା କରି ଆଳୁ ଉତ୍ପାଦନ ବୃଦ୍ଧିରେ ଅସମର୍ଥ ହେଲୁ । ଏହି ସମୟ ମଧ୍ୟରେ ଅନ୍ୟ ରାଜ୍ୟ ଯୋଜନା କରି ସଫଳତା ପାଇଲେ । ସବୁଠୁ ଆଶ୍ଚର୍ଯ୍ୟର କଥା ଯେ ଆମେ ବିକାଶ ଆଡକୁ ଯାଇ, ସବୁ ସୁବିଧା ହାତ ପାଆନ୍ତାରେ ପାଇ ମଧ ଷାଠିଏ–ସତୁରି ଦଶକରେ ପାଉଥିବା ହେକ୍ଟର ପିଛା ଅମଳଠୁ କମ୍ ଅମଳ ପାଉଛୁ ବର୍ତ୍ତମାନ । ଆମ ଦେଶରେ ୨.୩୫ ନିୟୁତ ହେକ୍ଟର ଜମିରେ ଆଳୁଚାଷ ହୋଇ ହେକ୍ଟର ପିଛା ୨୫.୦୬ ଟନ୍ ହିସାବରେ ମୋଟ ୫୮.୯ ନିୟୁତ ଟନ୍ ଆଳୁ ଉତ୍ପାଦନ ହେଉଛି । ପ୍ରତି ହେକ୍ଟର ଉତ୍ପାଦନରେ ପଶ୍ଚିମବଙ୍ଗ ସର୍ବାଗ୍ରେ (୩୪.୫୪ ଟନ୍) ଥିବା ବେଳେ ତା' ତଳକୁ ଉତ୍ତର ପ୍ରଦେଶ ଅଛି (୨୯.୨୩ ଟନ) ଓ ଆମେ ୧୧.୪ ଟନ୍‌ରେ ଅଛୁ । ବିହାର ତୃତୀୟ ବୃହତ୍ତମ ଆଳୁ ଉତ୍ପାଦନକାରୀ ରାଜ୍ୟ ହୋଇ ଉତ୍ପାଦକତା ୨୩.୭୨ ଟନ୍ ଅଛି । ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଓ ବିହାରର ଆଳୁ ଉତ୍ପାଦନ ସଫଳ କାହାଣୀ ବର୍ଷେ ଦୁଇ ବର୍ଷରେ ହୋଇ ନାହିଁ । ବରଂ ବିଗତ ୫୦ ବର୍ଷର ଭଲ ଯୋଜନା କ୍ରିୟାନ୍ୱୟନ ଓ ଭିତ୍ତିଭୂମି ନିର୍ମାଣ (ଶୀତଳ ଭଣ୍ଡାର) ଉପରେ ହିଁ ପର୍ଯ୍ୟବସିତ ହୋଇଛି । ଆଳୁ ଉତ୍ପାଦନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ରୋଜଗାର ଅବସର ସୃଷ୍ଟି । ଏକ ହେକ୍ଟର ଜମିରେ ଆଳୁଚାଷ ପାଇଁ ପ୍ରାୟ ୧୦୦–୧୨୦ ଜଣ ଶ୍ରମିକଙ୍କ ଆବଶ୍ୟକତା ପଡେ । ଯଦି ଆମେ ୪୦୦୦୦ ହେକ୍ଟର ଜମିରେ ଆଳୁ ଚାଷ କରିବା, ତା' ହେଲେ ୧୫ ଟନ ଉତ୍ପାଦକତାରେ ଆମେ ୬୦୦୦୦୦ ଟନ ଆଳୁ ଉତ୍ପାଦନ କରିପାରିବା, ଯାହାକି ଆମ ଆମଦାନୀର ୫୦ ପ୍ରତିଶତ ଭରଣାରେ ସହାୟକ ହେବ । ଏହା ଆମକୁ ହେକ୍ଟର ପିଛା ୧୧୦ ଜଣ ହିସାବରେ ୪୪୦୦୦୦୦ ଶ୍ରମ ଦିବସ ସୃଷ୍ଟି କରିବାରେ ସାହାଯ୍ୟ କରିବ ଓ ଦାଦନ ଯିବା ହ୍ରାସ କରିବ । ବର୍ତ୍ତମାନର ଏରିଆକୁ ବାଦ୍ ଦେଲେ ନୂଆ ୧୪୧୦୦ ହେକ୍ଟରରେ ଆଳୁଚାଷ ୧୫୫୧୦୦୦ ଶ୍ରମ ଦିବସ ସୃଷ୍ଟି କରିବ । ତେଣୁ ଆମକୁ ଆଳୁ ଚାଷକୁ ଏକ ରୋଜଗାର ପ୍ରଦାନ ଶିଳ୍ପ ହିସାବରେ ଗଣନା କରିବାକୁ ହେବ ।

ଆମ ପାଖରେ ପ୍ରାୟ ୨୪୮୦୦ କିଲୋମିଟର ନଦୀ ଓ କେନାଲ କୂଳ ରହିଛି । ଆମ ପାଖରେ ପର୍ଯ୍ୟାପ୍ତ ପଟୁମାଟି କ୍ଷେତ୍ର ଅର୍ଥାତ୍ ୬.୭ ଲକ୍ଷ ହେକ୍ଟର ଅଛି, ଯେଉଁଠି ଲାଭଜନକ ଆଳୁଚାଷ ସମ୍ଭବ । ଆମେ ସେଠାରେ ଶୀତଦିନରେ ପ୍ରଚୁର ଆଳୁ ଚାଷ କରିପାରିବା । ତା' ଛଡା ଫୁଲବାଣୀ ଓ କୋରାପୁଟ ଅଞ୍ଚଳର ଥଣ୍ଡା ଜଳବାୟୁରେ ବର୍ଷାଦିନିଆ ଆଳୁଚାଷ ମଧ କରାଯାଇପାରିବ । ଅବିଚ୍ଛିନ୍ନ ଆଳୁ ଚାଷ ପାଇଁ ଶୀତଳଭଣ୍ଡାର ନିହାତି ଦରକାର । ପଡୋଶୀ ରାଜ୍ୟରେ ଶୀତଳଭଣ୍ଡାର ସଫଳ ହେଉଥିବା ବେଳେ ଓଡ଼ିଶାରେ ଫେଲ୍ । ବର୍ତ୍ତମାନ ଓଡ଼ିଶାରେ ଛୋଟ କ୍ଷମତାସମ୍ପନ୍ନ ୩୬ ଚଳମାନ ଶୀତଳଭଣ୍ଡାର ଅଛି । ମାତ୍ର ପଶ୍ଚିମବଙ୍ଗରେ ବଡ କ୍ଷମତାସମ୍ପନ୍ନ ୫୬୦ ଚଳମାନ ଶୀତଳଭଣ୍ଡାର ସ୍ଥାପନ କରାଯାଇପାରିଛି । ସେଥିପାଇଁ ପ୍ରଥମେ ଆମକୁ ଏକ କ୍ଷମତାସମ୍ପନ୍ନ ଓ କର୍ମଚାରୀଯୁକ୍ତ ସ୍ୱତନ୍ତ୍ର ସେଲ୍ ପ୍ରତିଷ୍ଠା କରିବାକୁ ପଡିବ । ଘରୋଇ ବ୍ୟକ୍ତି କିମ୍ବା ସଂସ୍ଥାକୁ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଦିଆଯାଉଥିବା ବ୍ୟବସ୍ଥା ସୁବିଧାକୁ ବୁଝେଇବାକୁ ପଡିବ ଓ ସିଙ୍ଗିଲ ୱିଣ୍ଡୋ କ୍ଲିୟରାନ୍ସରେ ମଞ୍ଜୁରୀ ମିଳିବା ଜରୁରୀ । ଯଦି ଘରୋଇ କ୍ଷେତ୍ର ଆଗ୍ରହ ପ୍ରକାଶ ନ କରନ୍ତି, ତା'ହେଲେ ସରକାର ନିଜ ଉଦ୍ୟମରେ କମ୍ପାନୀ ନିୟମରେ ସଂସ୍ଥା ଖୋଲି ଶୀତଳ ଭଣ୍ଡାର ନିର୍ମାଣ କରି ତା'ର ପରିଚାଳନା କରିପାରିବେ ବୃତ୍ତିଗତ ଭାବରେ । ଏହି ଶୀତଳ ଭଣ୍ଡାରଗୁଡିକରେ ଆଳୁ ସହିତ ଅଦା, ପିଆଜ, ରସୁଣ, ଟମାଟୋ, ଆମ୍ବ, ଫୁଲ ଆଦି ସାମଗ୍ରୀ ରଖି ଏହାକୁ ଲାଭଜନକ କରାଯାଇ ପାରିବ । ଶୀତଳ ଭଣ୍ଡାରଗୁଡିକ ହାଇବ୍ରିଡ ମୋଡ୍ (ବିଦ୍ୟୁତ୍ + ସୌର) ଚାଳିତ କରାଯାଇ ପାରିବ । ଉତ୍ପାଦନ ଋତୁରେ ଅନ୍ୟ ରାଜ୍ୟରୁ ବି ଶସ୍ତା ସାମଗ୍ରୀ ଯଥା ଆଳୁ, ପିଆଜ, ରସୁଣ, ଅଦା ଆଦି କିଣି ସେଥିରେ ରଖାଯାଇ ପାରିବ ଓ ଅଫ୍ ସିଜିନରେ ସେଗୁଡିକରୁ ଲାଭ ବାହାର କରାଯାଇ ପାରିବ ।

ମୋଟ ଉପରେ ପ୍ରଥମେ ଶୀତଳ ଭଣ୍ଡାର , ଆଳୁ ଉତ୍ପାଦନ ପାଇଁ ବିହନ ଓ ଅନ୍ୟାନ୍ୟ ସୁବଧା ସୁଯୋଗ ପାଇଁ ଆମକୁ ପର୍ଯ୍ୟାପ୍ତ ପୁଞ୍ଜି ବିନିଯୋଗ କରିବାକୁ ପଡିବ । ସେଥିପାଇଁ ଆବଶ୍ୟକ ହେଲେ ଆମକୁ କୋଟି କୋଟି ଟଙ୍କା ଋଣ ନେବାକୁ ପଡିବ ଓ ସେସବୁକୁ ବିନା ପିସିରେ କ୍ରିୟାନୟନ କରିବାକୁ ହେବ । ଭାରତ ସବୁଜ ବିପ୍ଳବର ସଫଳତା ପାଇଲା ଭଳି ଓଡ଼ିଶା ମଧ ଆଳୁ ଉତ୍ପାଦନରେ ଇତିହାସ ସୃଷ୍ଟି କରିପାରିବ । ମାତ୍ର ପ୍ରଫେସନାଲ ପଦକ୍ଷେପ ନ ନେଇ ଧର୍ମକୁ ଆଖିଠାର ମାରିଲା ଭଳି ଭୋଟର ଦେଖାଣିଆ ପଦକ୍ଷେପରେ କିଛି ଫଳ ହେବନି । ଭବିଷ୍ୟତର ପିଢ଼ି ଆମକୁ କେବେ ବି କ୍ଷମା ଦେବେନି ।

ପ୍ରଧାନ ବୈଜ୍ଞାନିକ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଭାରତ ସରକାର), ଭୁବନେଶ୍ୱର
ମୋ: ୮୯୧୭୪୨୬୪୪୦

# ଧର୍ମ ନା ଅଧର୍ମ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ପବିତ୍ର ଶ୍ରାବଣ ମାସଟା ଯାକ ନିରାମିଷ ଭକ୍ଷଣ କରିବା ସହିତ ସୋମବାରଗୁଡ଼ିକରେ ଉପବାସ ରଖି ମହାଦେବଙ୍କୁ ଜଳଲାଗି କରାଯାଏ । ହଜାର ହଜାର ଭକ୍ତ ଦିନେ କିମ୍ବା ଦୁଇଦିନ ଆଗରୁ ପାଣି ନେଇ ସୋମବାର ମନ୍ଦିରରେ ଜଳ ଅର୍ପଣ କରି ଶିବ ଦର୍ଶନ କରି ସନ୍ତୋଷଲାଭ କରନ୍ତି । ଏପରିକି ମାସଟି ଯାକ କିଛି ଜଣ ଚୁଟି, ନିଶ, ଦାଢ଼ି ବି କାଟନ୍ତି ନାହିଁ । ଶ୍ରାବଣ ମାସର ପ୍ରତି ସୋମବାର ବଡ଼ି ଭୋରରୁ ଉଠି ଠାକୁର ଦର୍ଶନ ଓ ପୂଜା ଅର୍ଚ୍ଚନା ସହ ଦାନ କରି ପୁଣ୍ୟ ଅର୍ଜନ କରନ୍ତି । ମାତ୍ର ସତ କହିବାକୁ ଗଲେ ପୁଣ୍ୟ କରିବା ଆଳରେ ଯାହା ଭକ୍ତଙ୍କ ସହ ହୁଏ, ତାହା କେତେ ଧର୍ମ କେତେ ଅଧର୍ମ ପାଠକ କହିବେ ।

ପୂର୍ବେ କାଉଡ଼ିଆମାନଙ୍କ ପଟୁଆର ଦେଖି ଓ 'ବୋଲବମ' ଧ୍ୱନି ଶୁଣି ଯେଉଁଠି ମନରେ ଭକ୍ତି ଭାବନା ସୃଷ୍ଟି ହେଉଥିଲା, ଆଜିକାଲି ସେମାନଙ୍କ ଫିଲ୍ମ ଓ ଦ୍ୱିଅର୍ଥବୋଧକ ଶିବନାମ ଶୁଣି ମନ ବ୍ୟଥିତ ହେଉଛି । ପୁରୁଷ ଓ ମହିଳା ଉଭୟେ ପାଣି ନେଇ ଯାତ୍ରା କରୁଥିବାରୁ ସମୟ ସମୟରେ କଥା କଟାକଟି ଓ ଝଗଡ଼ା ବି ଦେଖିବାକୁ ମିଳୁଛି । ସ୍କୁଲ ଓ କଲେଜରେ ପଢୁଥିବା କମ୍ ବୟସର ପିଲା ମଧ କାନ୍ଧରେ ଜଳ ଧରି ବହୁ ଦୂରଦୂରାନ୍ତରୁ ପାଦରେ ଚାଲି ମହାଦେବଙ୍କୁ ଜଳ ଲାଗି କରୁଛନ୍ତି ସତ ; ମାତ୍ର ତା' ପଛର ଉଦ୍ଦେଶ୍ୟ ଭକ୍ତି ନା ସାଙ୍ଗମେଳିରେ ମଜା କରିବା ତାହା ସେମାନଙ୍କ ହାବଭାବରୁ ଅଭିଜ୍ଞ ଲୋକ ନିଶ୍ଚିତ ଠଉରେଇପାରିବ । ଜଳ କାନ୍ଧରେ ଧରି ଏସବୁ କରିବାକୁ ସେମାନଙ୍କ ବିବେକ କେମିତି ବାଧା ଦେଉନାହିଁ, ସେ ଆଉ ଗୋଟେ ପ୍ରଶ୍ନ ! ମିନି ଟ୍ରକ୍, ଟ୍ରାକ୍ଟରରେ ଗାଡ଼ିଭର୍ତ୍ତି ଲୋକ ବୋଝେଇ ହୋଇ ଜଳଲାଗି ପାଇଁ ଯାଉଥିବାର ଦେଖିବାକୁ ମିଳୁଛି, କିନ୍ତୁ ଉଚ୍ଚ ଶବ୍ଦଯୁକ୍ତ ଭଜନ ଓ ଜଣାଣରେ ଭକ୍ତି କମ୍, ମଉଜ ମଜ୍‌ଲିସ ବେଶି ଦେଖାଯାଉଛି । ନୀରବରେ ଭକ୍ତି ନିବେଦନର ସମୟ ବୋଧେ ଆଉ ନାହିଁ ?

ମନ୍ଦିରରେ ଦିଅଁ ଦର୍ଶନ କଥା ଆଲୋଚନା କରାଯାଉ । ଭକ୍ତଗଣ ଭଗବାନ୍‌ଙ୍କ ନିକଟରେ ଅର୍ପଣ କରିବା ପାଇଁ ଭୋଗ, ଦୀପ, କ୍ଷୀର ଆଦି ମନ୍ଦିର ପ୍ରାଙ୍ଗଣରେ ଥିବା ଦୋକାନରୁ କିଣିନେବା ଉଚିତ ମନେକରନ୍ତି । ସବୁ ତ ମିଳିଯାଉଛି କିଣା ଆଜିକାଲି, କ'ଣ ଦରକାର ଘରୁ ସବୁ ସଜାଇ ନେବା ? ତେଣେ ଦୋକାନୀ ଦୀପ, ଭୋଗର ଦୁଇଗୁଣା ଦାମ୍ ପଛକେ ନେଉ, ଚିନ୍ତା ନାହିଁ । ଏବେ ଆସିବା ଶିବଲିଙ୍ଗ ଉପରେ ଢଳା ହେଉଥିବା କ୍ଷୀର କଥାକୁ, ଦୋକାନୀ ମହାଶୟ ଗୋଟିଏ ଲିଟର କ୍ଷୀରକୁ ଚାରି ଲିଟର (ପାଣି ମିଶେଇ) କରି ନିଃସଙ୍କୋଚରେ ବିକ୍ରି କରନ୍ତି ଆଉ ଆମେ ବି କିଣିନେଉ । ହଁ ଠାକୁରଙ୍କ ଉପରେ ଢଳା ହେଉଛି ତ, କ୍ଷୀର ପାଣିଆ ହେଲେ କ'ଣ ହେଲା ! ପବିତ୍ର ଶ୍ରାବଣ ମାସରେ ଏତେ ବଡ଼ ଅଧର୍ମ ହେବା କଥା, ଆମେ ଦେଖି ବି ନ ଦେଖିଲା ଭଳିଆ ରହୁ । ଦୋକାନୀ ତ



ବେପାର କରିବ, ତା' ପାଇଁ ଏ କାମ ବର୍ଷଯାକର ତେଣୁ ତାକୁ ବେଶି କିଛି ଫରକ ପଡ଼େ ନାହିଁ ।

ଏହା ପରେ ଆମେ ଯିବା ଟିକେ ପରିବା ହାଟକୁ । ବାବାରେ ପରିବା ଦର ଯେ ଆକାଶଛୁଆଁ । କୌଣସି ପରିବା କିଲୋ ପିଛା ୬୦ ବା ୭୦ରୁ କମ୍ ନୁହେଁ । ଟମାଟୋ, ବିନ୍ସର ଦାମ୍ ତ ନ କହିବା ଭଲ । ସାଧାରଣ କଞ୍ଚାଲଙ୍କା କିଲୋ ୨୦୦, ସେ ପୁଣି ପାଣି ଦେଇ ରଖିଦେବାରୁ ଶୀଘ୍ର ଶଢ଼ିଯାଉଛି । ଶାଗବିଡ଼ା ୧୦ରୁ ୧୫ ଟଙ୍କା, ନିରାମିଷ ରୋଷେଇ ପାଇଁ ପରିବା ଟିକେ ଦରକାର, ହେଲେ ଉଚ୍ଚା ଦର ଯୋଗୁ ବାଧ ହୋଇ ଲୋକେ ଆଳୁ ଉପରେ ଅଧିକ ନିର୍ଭରଶୀଳ । ହେଲେ ଆଳୁ ଦର ବି ଏବର୍ଷ ଆକାଶଛୁଆଁ, କ'ଣ ଖାଇବ ଖାଅ ! ଆଳୁକୁ ନେଇ ରାଜନୀତି ବି ହେଉଛି, ଏଇଟା କ'ଣ କୌଣସି ଅଧର୍ମଠାରୁ କମ୍ କି ? ଆମିଷ ବାରଗୁଡ଼ିକରେ ଅଲୋଡ଼ା ହେଉଥିବା ପରିବାଗୁଡ଼ିକ ଯେମିତି ପ୍ରତିଶୋଧ ନେବା ପାଇଁ ଅପେକ୍ଷା କରିବସିଛନ୍ତି । ମନରେ ସନ୍ଦେହ ଆସେ ସତରେ କ'ଣ ଏସବୁ ପରିବା ଉତ୍ପାଦନରେ ଏତେ ଖର୍ଚ୍ଚ ହୁଏ ନା ବେପାର ପାଇଁ ଇଏ ପ୍ରକୃତ ସମୟ ଜାଣି ବେପାରୀ ନିଜ ଲାଭ ବାହାର କରିଦିଅନ୍ତି । ଚାଷୀ ପରିଶ୍ରମ କରି ଉପାର୍ଜନ କରିବ, ପଚିଶଢ଼ି ଯିବା ଭୟରେ ସମୟ ଥାଇ ବେପାରୀଙ୍କୁ ବିକିବ କମ୍ ମୂଲ୍ୟରେ । ବେପାରୀ ଏହାର ଲାଭ ଉଠେଇବେ ପରିବାକୁ ଦୁଇଗୁଣା ଦାମ୍‌ରେ ବିକି, ଚାଷୀ ବିଚରା ଯେଉଁ ଅଭାବକୁ ସେଇ ଅଭାବରେ ।

ବାସ୍ତବରେ ଧର୍ମ ବୋଲି କହି ଲୋକେ ଯାହା କରନ୍ତି, ତାହା ତାଙ୍କ ଆଚରଣରେ ପ୍ରତିଫଳିତ ହୁଏ କି ? ମନ୍ଦିରକୁ ଯାଇ ଗରିବ, ଭିକାରିମାନଙ୍କୁ ଦେବା ପାଇଁ ଦ୍ୱିଧା ବା ସଂକୋଚ ; ମାତ୍ର ପୂଜକ ବା ବ୍ରାହ୍ମଣଙ୍କୁ ଦକ୍ଷିଣା ରୂପେ ତା' ଠାରୁ ଅଧିକ ଦେବାର ଉଦାରତା କେଉଁ ଭଳି ମାନସିକତା, ମୋତେ ଏହି ପ୍ରଶ୍ନ ସବୁବେଳେ ବ୍ୟଥିତ କରେ । ଆବଶ୍ୟକତା ଥିବା ବ୍ୟକ୍ତିର ସାହାଯ୍ୟ ଯେ ଶ୍ରେଷ୍ଠ ଈଶ୍ୱର ସେବା, ଏହା ସାଧାରଣ ଲୋକେ କେବେ ବୁଝିବେ ?

ଉପରୋକ୍ତ ବିଷୟରେ ଅବତାରଣା ଜରୁରୀ ମନେହୁଏ କାରଣ, ଆମେ ଶ୍ରାବଣ ମାସରେ ଧର୍ମ ପାଳନ କରୁଛେ ବୋଲି ନିଜ ମନକୁ ସିନା ବୁଝେଇ ଦେଉ, ହେଲେ ଗଭୀର ଭାବରେ ଅନୁଶୀଳନ କଲେ ଜଣାପଡ଼େ ଯା ପଛର ପ୍ରକୃତ ବାସ୍ତବତା । ଭଗବାନ୍‌ଙ୍କୁ ଭୋଗ, ପୂଜାସାମଗ୍ରୀ ଅର୍ପଣ କରିବା ସମ୍ପୂର୍ଣ୍ଣ ରୂପେ ଭକ୍ତଙ୍କ ଉପରେ ନିର୍ଭରଶୀଳ, କାରଣ ଈଶ୍ୱର ସ୍ୱଦେହରେ ଆସି ମୋତେ ଏସବୁ ଦରକାର ବୋଲି କେବେ କହିନାହାନ୍ତି । ତେଣୁ ଅସଦ୍ ଉପାୟରେ ବା ଭେଜାଲ ସାମଗ୍ରୀ ଅର୍ପଣ ଦ୍ୱାରା ଧର୍ମ ତ ଅର୍ଜନ କରିହେଉ ନାହିଁ । ମାସଯାକ ନିରାମିଷ ଭକ୍ଷଣ ପରେ, ତା' ପରଦିନଗୁଡ଼ିକରେ ଆମିଷ ପାଇଁ ଲୋକଙ୍କ ଗହଳି ଓ ପ୍ରତିଯୋଗିତା ଦେଖାଇ ଦିଏ ଯେ ଏହି ମାସଟି ଶେଷ ହେବା ପାଇଁ ଧାର୍ମିକ ଗୋଷ୍ଠୀଙ୍କ ଭିତରେ କେତେ ଆତୁରତା ଥାଏ ।

ମୋ– ୬୩୭୦୫୧୬୪୭୮

## ଏଇ ଭାରତରେ

ଜଳବାୟୁ ପରିବର୍ତ୍ତନ ଯୋଗୁ ଏବେ ତାପମାତ୍ରା ବଢ଼ିଚାଲିଛି । ଏଥିରେ ଘରେ କିମ୍ବା ବାହାରେ ରହିବା କଷ୍ଟକର ହୋଇପଡୁଛି । ଏସି ବ୍ୟବହାର କରୁଛନ୍ତି । କିନ୍ତୁ ମନେରଖିବା ଦରକାର ଯେ, ଏସି ଯୋଗୁ ବି ଘର ଭିତର ବାୟୁ ପ୍ରଦୂଷିତ ହୁଏ । ଏଭଳି ପ୍ରଦୂଷଣ ଦୂର କରିବା ଲାଗି ରବି କୌଶିକ ଏସି ପ୍ୟୁରିଫାୟର ତିଆରି କରିଛନ୍ତି । ଆଇଆଇଟି କାନପୁର ସହଯୋଗରେ ଏହାକୁ ନିର୍ମାଣ କରିବାକୁ ସକ୍ଷମ ହୋଇଛନ୍ତି । ଆଇଆଇଟି କାନପୁର ଦ୍ୱାରା ଏହି ପ୍ୟୁରିଫାୟରକୁ ସବୁଜ ସଙ୍କେତ ଦିଆଯାଇଛି ଓ କୁହାଯାଇଛି ଯେ, ଏହି ପ୍ୟୁରିଫାୟର ୧ ଘଣ୍ଟା ମଧ୍ୟରେ ବାୟୁରୁ ପ୍ରଦୂଷଣ ଦୂର କରିପାରୁଛି । ରବି ୨୦୨୦ରେ ଆଇଆଇଟି ମୁମ୍ବାଇରୁ ଏରୋସୋଲ ସାଇନ୍ସରେ ଡିଗ୍ରୀ ହାସଲ କରିବା ପରେ ଏରୋସୋଲ ସାଇନ୍ସ ଓ ମାଇକ୍ରୋବାୟୋଲୋଜି ଉଭୟରେ କାମ ଆରମ୍ଭ କରିଥିଲେ । ରବି ୨୦୨୩ 'ଏ ୟାର୍ଥ' ଷ୍ଟାର୍ଟଅପ୍ ଆରମ୍ଭ କରି ଏହି ପ୍ୟୁରିଫାୟର ଉତ୍ପାଦନ ବୃଦ୍ଧି କରିଛନ୍ତି । ଏବେ ଏହାକୁ ମଧ ସେ ଅନ୍‌ଲାଇନରେ ବିକ୍ରି କରୁଛନ୍ତି । ଏହାର ମୂଲ୍ୟ ରହିଛି ୨୦୦୦ ଟଙ୍କା । ଏବେ ସୁଦ୍ଧା ଏହି ପ୍ୟୁରିଫାୟର ପାଖାପାଖି ୩ ହଜାର ଘରେ ଲାଗି ସାରିଲାଣି ।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ଅଗଷ୍ଟ ୧୯୭୫**

- ଜାତିସଂଘର ସଭ୍ୟ ହେବା ପାଇଁ ଉତ୍ତର ଓ ଦକ୍ଷିଣ ଭିଏତନାମର ଅବେଦନକୁ ଆମେରିକା ନିରାପତ୍ତା ପରିଷଦ ବୈଠକରେ ଭେଟୋ ପ୍ରୟୋଗ ଦ୍ୱାରା ନାକଚ କରିଦେଇଛି ।
- ଦୁର୍ନୀତି ଏବଂ ଦୁଶ୍ଚରିତ୍ର ଅଭିଯୋଗରେ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଗୁଜରାଟରେ ଶ୍ରମ ମନ୍ତ୍ରଣାଳୟ ଅଧୀନସ୍ଥ କର୍ମଚାରୀ ପ୍ରୋଭିଡେଣ୍ଟ ଫଣ୍ଡ ସଂସ୍ଥାର ୮ ଜଣ ଅଫିସରଙ୍କୁ ସସ୍‌ପେଣ୍ଡ କରାଯାଇଛି ।

## ଚିରନ୍ତନୀ

ଏ ଦେହି ମୋର ସାଜଇଁ ବସି
ତୁମରି ପ୍ରେମ ଲାଗି ଯେ
ନିଜକୁ ମୁଁ ଯେ କରଇଁ ପ୍ରେମ
ତୁମରି ଅନୁରାଗୀ ହେ ।
(ପ୍ରସାଧନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 3 | | | | |
| 6 | | 7 | 1 | | | | | |
| | 9 | | | 4 | | 2 | | |
| | 6 | 1 | | 8 | | | 3 | |
| | | 3 | 5 | 2 | | 8 | | |
| | | | | | | | | |
| 3 | | 2 | | | | | | 1 |
| | | | 8 | | | | 5 | |
| 8 | | 9 | | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 4 | 7 | 2 | 1 | 8 | 9 | 6 |
| 8 | 1 | 6 | 4 | 9 | 3 | 7 | 5 | 2 |
| 9 | 7 | 2 | 5 | 8 | 6 | 1 | 3 | 4 |
| 5 | 8 | 7 | 1 | 6 | 4 | 3 | 2 | 9 |
| 6 | 2 | 9 | 8 | 3 | 5 | 4 | 1 | 7 |
| 1 | 4 | 3 | 9 | 7 | 2 | 5 | 6 | 8 |
| 2 | 3 | 5 | 6 | 4 | 7 | 9 | 8 | 1 |
| 4 | 9 | 1 | 2 | 5 | 8 | 6 | 7 | 3 |
| 7 | 6 | 8 | 3 | 1 | 9 | 2 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମା' ମାଣିକେଶ୍ୱରୀଙ୍କ ନାମରେ ଟ୍ରେନ୍‌ର ନାମକରଣ କରାଯାଉ

ମହାଶୟ,

ରାଜଧାନୀ ଭୁବନେଶ୍ୱରରୁ କଳାହାଣ୍ଡି ଜିଲା ଜୁନାଗଡ଼ରୋଡ଼ ପର୍ଯ୍ୟନ୍ତ ଏକ ଏକ୍ସପ୍ରେସ୍ ଟ୍ରେନ୍ ନିୟମିତ ଚଳାଚଳ କରୁଛି । କିନ୍ତୁ ଏହି ଟ୍ରେନ୍‌ର କିଛି ନାମ ନାହିଁ । ଯେମିତି ଭୁବନେଶ୍ୱରରୁ ଜଗଲପୁର କୋରାପୁଟ–ଜୟପୁର ଏକ୍ସପ୍ରେସ୍‌କୁ ହୀରାଖଣ୍ଡ ଏକ୍ସପ୍ରେସ୍ । ଜଗଦଲପୁର–ଜୟପୁର–କୋରାପୁଟ–ହାଓଡ଼ା ଏକ୍ସପ୍ରେସ୍‌କୁ ମା' ସମଲେଶ୍ୱରୀ ଏକ୍ସପ୍ରେସ । ପୁରୀ–ହାତୀଆ–ରାଉରକେଲା ଏକ୍ସପ୍ରେସ୍‌ରେ ନାମିତ କରାଯାଇଛି । ତେଣୁ ଜୁନାଗଡ଼ ରୋଡ଼ ଏକ୍ସପ୍ରେସ୍‌ଟି ଭାୟା ଭବାନୀପାଟଣା, ଲାଞ୍ଜିଗଡ଼ ରୋଡ଼, ଆମ୍ବାଦୋଳା ହୋଇ ଯାତାୟାତ କରୁଛି । ତେଣୁ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ନାମ ଅନୁଯାୟୀ ଟ୍ରେନ୍‌ଟିକୁ ମା' ମାଣିକେଶ୍ୱରୀ ଏକ୍ସପ୍ରେସ୍‌ରେ ନାମିତ କରିବାକୁ ରେଳବାଇକୁ ଅନୁରୋଧ । ମା'ଙ୍କ ଉପରେ କଳାହାଣ୍ଡି ଜିଲାବାସୀଙ୍କ ଆଗାଢ଼ ବିଶ୍ୱାସ ରହିଛି ।

**–କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଅନୁପ୍ରବେଶକାରୀଙ୍କୁ ବାହାର କରିବାକୁ ଦାବି

ବ୍ରହ୍ମପୁର,୧୨।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ବିତାଡିତ କରିବାକୁ ବ୍ରହ୍ମପୁର ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପିଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସହରର କିଛି ଆଇନଜୀବୀ ଓ ବୁଦ୍ଧିଜୀବୀ ଏହି ଦାବିପତ୍ର ପ୍ରଦାନ କରିବା ସହ ବ୍ରହ୍ମପୁରରେ ବହୁ ବାଂଲାଦେଶୀ ଅନୁପ୍ରବେଶକରୀ ନକଲି ଆଧାରକାର୍ଡ ଧରି ବୁଲୁଥିବା ସେମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ବାଂଲାଦେଶରେ ଜଟିଳ ସ୍ଥିତି ଜାରି ରହିଥିବା ବେଳେ ସେଠାରୁ ଲୋକମାନେ ଭାରତର ବିଭିନ୍ନ ସୀମାନ୍ତ ଅଞ୍ଚଳକୁ ପଶିବାକୁ ଉଦ୍ୟମ କରୁଛନ୍ତି। ସେହିକ୍ରମରେ ବ୍ରହ୍ମପୁର ସହରରେ ବହୁ ବାଂଲାଦେଶୀ ଅନୁପ୍ରବେଶକରୀ ଆସିଛନ୍ତି । ପୂର୍ବରୁ ମଧ୍ୟ ସେହି ଦେଶର ବହୁ ଲୋକ ଏହି ସହରରେ ଅସ୍ଥାୟୀ ଭାବେ ରହି ବିଭିନ୍ନ ପ୍ରକାର ବ୍ୟବସାୟରେ ଲିପ୍ତ ରହିଛନ୍ତି। ତେବେ ସେମାନଙ୍କ ଭିତରୁ ଅନେକ ନିଜ ନାମରେ ନକଲି ଆଧାର କାର୍ଡ ପ୍ରସ୍ତୁତ କରିଛନ୍ତି। ଯାହା ସମ୍ପୂର୍ଣ୍ଣ ଭାବେ ବେଆଇନ ଏବଂ ଆଗକୁ ବ୍ରହ୍ମପୁର ଜନସାଧାରଣଙ୍କ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ଏହି ସବୁ ବାଙ୍ଗଲାଦେଶୀ ଅନୁପ୍ରବେକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ଆଇନଜୀବୀ ଅଶୋକ ଶୁକ୍ଳ, ସୂର୍ଯ୍ୟନାରାୟଣ ଚୌଧୁରୀ, ରାଜେଶ କୁମାର ସାହୁ, ରାଜେନ୍ଦ୍ର ପଣ୍ଡା, ଅଞ୍ଜଳି ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦାବିପତ୍ରର ଏକ ନକଲ ଜିଲାପାଳଙ୍କ ନିକଟକୁ ମଧ୍ୟ ପଠାଯାଇଛି।

# ଏମକେସିଜିକୁ ମିଳିଲାଣି ୨୯ ଶରୀର

ବ୍ରହ୍ମପୁର, ୧୨।୮ (ସୁବାସ ଚନ୍ଦ୍ର ପାଢ଼ୀ)

ମଙ୍ଗଳବାର ବିଶ୍ୱ ଅଙ୍ଗଦାନ ଦିବସ। ମୃତ ଶରୀର ପାଇଁ ମେଡିକାଲ ଛାତ୍ରୀଛାତ୍ରଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା। ଏବେ ବି ତାହା ଲାଗି ରହିଥିବାବେଳେ ଏହାର ସରଳୀକରଣ କରାଯାଇଛି। ଓଡ଼ିଶା ଆନାଟୋମି ବିଲ-୨୦୧୨ ପ୍ରଣୟନ ପରେ ଶରୀର ଦାନ ବୃଦ୍ଧି ପାଉଛି। ଏହି ବିଲ ଡାକ୍ତରୀ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ। ଏହା ଶରୀର ଓ ଅଙ୍ଗଦାନକୁ ଏକ ନୂଆ ଦୀଶା ଦେଖାଇଛି। ଏବେ ବହୁ ଲୋକ ସ୍ୱଇଚ୍ଛାରେ ଶରୀର ଦାନ କରିବାକୁ ଆଗେଇ ଆସୁଛନ୍ତି। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ଇତି ମଧ୍ୟରେ ୨୯ ଜଣଙ୍କ ମରଶରୀର ଦାନସୂତ୍ରରେ ମିଳିଥିବା ଆନାଟୋମି ବିଭାଗ ମୁଖ୍ୟ ପ୍ରଫେସର ଡା. ସାଗର ପୃଷ୍ଟି କହିଛନ୍ତି। ଏଥି ପାଇଁ ଲୋକଙ୍କ ମଧ୍ୟରେ ଧୀରେ ଧୀରେ ସଚେତନତା ବୃଦ୍ଧି ପାଉଛି। ଯାହାକି ଡାକ୍ତରୀ ପିଲାଙ୍କ ପାଠପଢ଼ା ଓ ଗବେଷଣାରେ ବେଶ ସହଯୋଗ କରୁଛି ବୋଲି ପ୍ରଫେସର ପୃଷ୍ଟି କହିଛନ୍ତି। ଶରୀର ଦାନକୁ ସରକାରୀ ସ୍ୱୀକୃତି ମିଳିବା ପରେ ବହୁ ସଚେତନ ନାଗରିକ ନିଜର ଶରୀର ଦାନ କରିବାକୁ ଆଗେଇ ଆସୁଛନ୍ତି। ପୂର୍ବରୁ ଥିବା ଓ ଆନାଟୋମି ଆକ୍ଟ-୧୯୭୫କୁ ସଂଶୋଧନ କରାଯାଇ ଓ ଆନାଟୋମି ବିଲ-୨୦୧୨ ସର୍ବସମ୍ମତି କ୍ରମେ ଓଡ଼ିଶା ବିଧାନସଭାରେ ଗୃହୀତ ହୋଇଥିଲା। ସଂଶୋଧିତ ଆଇନରେ ଶରୀର ଓ ଅଙ୍ଗଦାନ ପ୍ରକ୍ରିୟାକୁ ସରଳୀକରଣ କରାଯାଇଥିଲା। ଯଦ୍ୱାରା ଯେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାର ବର୍ଗ ଅତି ସହଜରେ ମରଶରୀର ଗବେଷଣା ପାଇଁ ସରକାରୀ ମେଡିକାଲକୁ ଦାନ ଆକାରରେ ଦେଇ ପାରିବେ। କିନ୍ତୁ ପୂର୍ବରୁ ଅଙ୍ଗଦାନ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ବହୁ ଜଟିଳ ପ୍ରକ୍ରିୟା ଦେଇ ଗତି କରିବାକୁ ପଡୁଥିଲା। ଏବେ ଏହା ସରଳୀକରଣ ପରେ ୨୦୧୫ରୁ

### ଶରୀର ଦାନ ପାଇଁ ୧୦୧ ଘୋଷଣାନାମା

### ଆଜି ବିଶ୍ୱ ଅଙ୍ଗଦାନ ଦିବସ

୨୦୨୪ ଅଗଷ୍ଟ ୮ତାରିଖ ସୁଦ୍ଧା ୧୦୧ ଜଣ ବ୍ୟକ୍ତି ନିଜର ଶରୀରଦାନ ପାଇଁ ଏମକେସିଜି ମେଡିକାଲ କଲେଜରେ ଘୋଷଣାନାମା ଦାଖଲ କରିଥିବା ସୂଚନା ମିଳିଛି। ଲୋକଙ୍କ ମଧ୍ୟରେ ଶରୀରଦାନ ପାଇଁ ସଚେତନତା ବୃଦ୍ଧି ପାଉଛି। ଏଥିପାଇଁ ସେମାନେ ନିର୍ଦ୍ଧାରିତ ଫର୍ମ ଜରିଆରେ ଆବେଦନ କରି ଏମକେସିଜି ମେଡିକାଲ କଲେଜର ଆନାଟୋମି ବିଭାଗ ମୁଖ୍ୟଙ୍କୁ ଘୋଷଣାନାମା ପ୍ରଦାନ କରୁଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁପରେ ପରିବାରବର୍ଗ ତାଙ୍କ ଶରୀର ମେଡିକାଲ କଲେଜକୁ ଦାନ କରିବେ ବୋଲି ସେଥିରେ ଉଲ୍ଲେଖ ରହୁଛି। ଗତ ୨୦୧୩ରୁ ଏମକେସିଜି ମେଡିକାଲ କଲେଜକୁ ଦାନସୂତ୍ରରୁ ମରଶରୀର ମିଳିଛି। ୨୦୧୩ରେ ଜଣେ ପୁରୁଷ, ୨୦୧୭ରେ ଜଣେ ପୁରୁଷ, ୨୦୧୮ରେ ଜଣେ ପୁରୁଷ ଓ ଜଣେ ମହିଳା, ୨୦୧୯ରେ ଦୁଇ ପୁରୁଷ, ୨୦୨୦ରେ ଜଣେ ପୁରୁଷ, ୨୦୨୧ରେ ଜଣେ ପୁରୁଷ ଓ ଜଣେ ମହିଳା, ୨୦୨୨ରେ ୫ ପୁରୁଷ ଓ ୨ ମହିଳା, ୨୦୨୩ରେ ୧୦ ପୁରୁଷ, ୩ ମହିଳା ଏଭଳି ୧୨ ବର୍ଷ ଭିତରେ ୨୨ ପୁରୁଷଙ୍କ ଶରୀର ମିଳିଥିବାବେଳେ ୭ ମହିଳାଙ୍କ ଶରୀର ମିଳିଥିବା ଆନାଟୋମି ବିଭାଗ ପ୍ରଫେସର ପୃଷ୍ଟି ସୂଚନା ଦେଇଛନ୍ତି।



କୋଲକାତାରେ ଡାକ୍ତରାଣୀ ମୌମିତା ଦେନାଥଙ୍କୁ ବଳାତ୍କାର ପରେ ହତ୍ୟା ବିରୋଧରେ ଏମକେସିଜି ମେଡିକାଲ ଛାତ୍ରୀଛାତ୍ର କଳାବ୍ୟାଜ ପରିଧାନ କରି ପ୍ରତିବାଦ କରୁଛନ୍ତି।

## ଚାରା ରୋପଣ କରି ସୁରକ୍ଷା ଶପଥ ନେଲେ

ବ୍ରହ୍ମପୁର,୧୨।୮ (ଅଶୋକ କୁମାର ସାହୁ)

ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଆନୁକୂଲ୍ୟରେ ସୁରଭି ଅନୁଷ୍ଠାନ ପକ୍ଷରୁ ଗଜପତିନଗର ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ଚାରାରୋପଣ କରାଯାଇଥିଲା। ସୁରଭି ଅନୁଷ୍ଠାନର ସଭାନେତ୍ରୀ ଉଷାରାଣୀ ପଟ୍ଟନାୟକ, ଜ୍ୟୋତି ବ୍ରହ୍ମା, ଅହଲ୍ୟା ପଟ୍ଟନାୟକ, ସସ୍ମିତା ଡାକୁଆ, ରୀନା ମହାପାତ୍ର, ସୁଜାତା ମହାପାତ୍ର, ସୁନୀତା ପଣ୍ଡା, ସୁଧୀର ରାଉତ, ରାଜେନ୍ଦ୍ର ପଣ୍ଡା, ବିନୋଦ ମହାପାତ୍ର, ଶ୍ୟାମ ସୁନ୍ଦର ଖାଡଙ୍ଗା ପ୍ରମୁଖ ଯୋଗଦେଇଥିଲେ। ବୃକ୍ଷଗୁଡିକର ଯତ୍ନ ନେବାକୁ ସମସ୍ତେ ଶପଥ ନେଇଥିଲେ। ସେହିପରି ବିଜୟ ବିହାର ବାସିନ୍ଦାଙ୍କ ଉଦ୍ୟମରେ ଶତାଧିକ ଚାରା ରୋପଣ କରାଯାଇଥିଲା। ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାସ ମହାରଣା, ସ୍ୱେଚ୍ଛାସେବୀ ଭିକାରୀ ବେହେରା, ତ୍ରିନାଥ ବେହେରା, ନିରଞ୍ଜନ ପୃଷ୍ଟି, ଗାଣ୍ଡୁ ପାଣିଗ୍ରାହ, ଉମାକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ ।



ଗଜପତିନଗର ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷ ରୋପଣ କରାଯାଉଛି।

## ଋଷିକୁଲ୍ୟାରେ ପ୍ରସ୍ତାବିତ ପିପଲପଙ୍କା ଡ୍ୟାମକୁ ବିରୋଧ

ବ୍ରହ୍ମପୁର,୧୨।୮ (ସ୍ମୃତି ରଞ୍ଜନ ମହାଲିକ)

ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଋଷିକୁଲ୍ୟାରେ ପ୍ରସ୍ତାବିତ ପିପଲପଙ୍କା ଡ୍ୟାମକୁ ବିରୋଧ କରାଯାଇଛି। ଏନେଇ ସୋମବାର ୧୦ ଦଫା ସମ୍ବଳିତ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବି ପତ୍ରରେ ଉଲେଖ ରହିଛି ଯେ, ଗଞ୍ଜାମର ଜୀବନ ରେଖା ଋଷିକୁଲ୍ୟା ନଦୀର ଉପର ମୁଣ୍ଡ ପିପଲ ପଙ୍କାଠାରେ ପାଣିକୁ ଆନିକଟ କରି ଟାଟା କଂପାନୀକୁ ପାଣି ଯୋଗାଇବା ପାଇଁ ପ୍ରସ୍ତାବିତ ଡ୍ୟାମ ତୁରନ୍ତ ବନ୍ଦ କରାଯାଉ। ଋଷିକଲ୍ୟା ନଦୀର ପାଣି କମ୍ପାନୀ ପାଇଁ ନା ଲୋକଙ୍କ ପାଇଁ ବୋଲି ମଞ୍ଚ ପ୍ରଶ୍ନ କରିଛି। ଲୋକଙ୍କ ଜୀବନ ଜୀବିକା, ବନ୍ୟଜନ୍ତୁ, ପଶୁ ପକ୍ଷୀ ଓ ଜଙ୍ଗଲ ସୁରକ୍ଷା ଦିଗରେ ମଧ୍ୟ ଏହା ପ୍ରଭାବ ପକାଇବ। ଏଣୁ ପ୍ରସ୍ତାବିତ ପ୍ରକଳ୍ପକୁ ତୁରନ୍ତ ବାତିଲ ପାଇଁ ମଞ୍ଚ ଦାବି କରିଛି। ଏଥିସହ ମଦ ନିଗମକୁ ସଂପୂର୍ଣ୍ଣ ଭାବେ ବାତିଲ, ଶିକ୍ଷାନୁଷ୍ଠାନ ଧର୍ମାନୁଷ୍ଠାନ ନିକଟରେ ମଦ ଦୋକାନ ଖୋଲିବାକୁ ସମସ୍ତ ସର୍ତ୍ତ ନିୟମକୁ ଖିଲାପ କରୁଥିବା ଅବକାରୀ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଦରଦାମ ବୃଦ୍ଧି ଓ କଳା ବଜାରୀକୁ ରୋକିବା ପାଇଁ ବଜାର ନିୟନ୍ତ୍ରଣ କମିଟିକୁ ତ୍ୱରାନ୍ୱିତ, ବାର୍ଦ୍ଧକ୍ୟ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି, କଟକ ଓ ଭୁବନେଶ୍ୱର ଭଳି ବ୍ରହ୍ମପୁରରେ ବି ବର୍ଦ୍ଧିତ ଘର ଟିକସ ଏବଂ ୟୁଜର୍ସ ଫି' ଛାଡ, ପ୍ରତ୍ୟେକ ଗରିବ ଓ ମଧ୍ୟବିତ ପରିବାରଙ୍କୁ ମାସିକ ୩୦୦ ୟୁନିଟ ମାଗଣା ବିଜୁଳି, ଖାଦ୍ୟ ପଦାର୍ଥ, ଔଷଧ, କୃଷି ସାମଗ୍ରୀ ଉପରେ ୧୮% ଜିଏସଟି ଛାଡ, ବାସହୀନ ଓ ଭୂମିହୀନ ପରିବାରଙ୍କୁ ଜମି ପଟ୍ଟା, ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କ୍ରୟ ପ୍ରତିଶ୍ରୁତି କାର୍ଯ୍ୟକାରୀ ପାଇଁ ଦାବି ହୋଇଛି। ଦାବି ପତ୍ର ପ୍ରଦାନ ସମୟରେ ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲିକ, ଆବାହକ ଅବନୀ ଗୟା, ଯୁବ ନେତା ମନୋଜ କୁମାର ତରାଇ, ଅଶୋକ କୁମାର ଦଳାଇ, ଗଗନ ଚନ୍ଦ୍ର ପ୍ରଧାନ, କିଶୋର ପାତ୍ରଙ୍କ ସମେତ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ହାତୀଙ୍କୁ ସୁରକ୍ଷା ଦେଇ ପ୍ରକୃତିକୁ ବଞ୍ଚାଇବାକୁ ଆହ୍ୱାନ

ବ୍ରହ୍ମପୁର, ୧୨।୮ (ସୁବାସ ଚନ୍ଦ୍ର ପାଢ଼ୀ)

'ବିଶ୍ୱ ହସ୍ତୀ ଦିବସ' ଅବସରରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ କୁକୁଡାଖଣ୍ଡି ବ୍ଲକ ଲଙ୍ଗଳଦେଇ ଗ୍ରାମ ଅଙ୍ଗନବାଡି କେନ୍ଦ୍ରରେ ମଙ୍ଗଳବାର ସଚେତନତା କାର୍ଯ୍ୟକ୍ରମ ହୋଇଛି। ଅଙ୍ଗନୱାଡି ଶିଶୁଙ୍କୁ ଜଙ୍ଗଲରେ ହାତୀର ଭୂମିକା ଏବଂ ଜୈବବିବିଧତା ସମ୍ପର୍କରେ ଅବଗତ କରାଯାଇ ଚିତ୍ରାଙ୍କନ,କବିତା, ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇଥିଲା। ହାତୀମାନଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କ ଅସ୍ତିତ୍ୱ ବଜାୟ ରଖିବାରେ ଯୋଗଦାନ ପାଇଁ ପ୍ରେରଣା ଯୋଗାଇବା ଏହି ଦିବସର ମୂଳ ଉଦ୍ଦେଶ୍ୟ। କିନ୍ତୁ ବର୍ତ୍ତମାନ ବାର୍ଦ୍ଧକ୍ୟ ବା ସ୍ୱାଭାବିକ ମୃତ୍ୟୁ ଅପେକ୍ଷା ରେଳ ଧକ୍କାରେ, ବିଦ୍ୟୁତ ସଂସ୍ପର୍ଶରେ ଅଧିକ ହାତୀଙ୍କ ମୃତ୍ୟୁ ହେଉଛି। ଏଥି ସହିତ ହାତୀଦାନ୍ତ ପାଇଁ ହାତୀ ଶିକାରୀଙ୍କ ଶିକାର ପାଲଟୁଛି। ତେଣୁ ହାତୀଙ୍କୁ ସୁରକ୍ଷା ଦେଇ ପ୍ରକୃତିକୁ ବଞ୍ଚାଇବା ପାଇଁ ଆହ୍ୱାନ ଦିଆଯାଇଛି। ସବୁଜ ବାହିନୀର ସମ୍ପାଦକ ସାଗର ପ୍ରସାଦ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବୀନ୍ଦ୍ର ସାହାଣୀ, ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ବନମାଳୀ ପ୍ରଧାନଙ୍କ ସମେତ ଅଙ୍ଗନବାଡି ଶିକ୍ଷୟିତ୍ରୀ ରିତା ସାହୁ ଓ ଛାତ୍ରୀଛାତ୍ର ସମୂହ ଉପସ୍ଥିତ ଥିଲେ। ସେହିପରି ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଦକ୍ଷିଣପୁର ପଞ୍ଚାୟତ ଭଗବାନପୁର ଗ୍ରାମ ପାର୍ଶ୍ୱ ଜଙ୍ଗଲରେ ବିଶ୍ୱ ହସ୍ତୀ ଦିବସରେ ତାଳ ଟାଙ୍କୁ ରୋପଣ କରାଯାଇଥିଲା। ବ୍ରହ୍ମପୁର ବନଖଣ୍ଡ ଅଧୀନ ଟାମଣା ଜଙ୍ଗଲ ହାତୀଙ୍କ ବିଚରଣ ସ୍ଥାନ ଭାବରେ ଗଣା ଯାଉଛି। ସେଠି ବର୍ଷର ଅଧିକାଂଶ ସମୟ ହାତୀମାନେ ରହୁଛନ୍ତି। ଗ୍ରୀଷ୍ମ ଦିନେ ଜଙ୍ଗଲରେ ଖାଦ୍ୟ ଅଭାବ ଯୋଗୁଁ ଏମାନେ ଜନବସତି ମୁହାଁ ହେବା ସହିତ ଲୋକଙ୍କ ଫସଲ ନଷ୍ଟ କରୁଛନ୍ତି ଏବଂ ଲୋକଙ୍କ ଶୀକାର ହେଛନ୍ତି। ତେଣୁ ହାତୀଙ୍କ ପାଇଁ ପ୍ରଚୁର ଖାଦ୍ୟ ସୃଷ୍ଟି କରିବା ସହ ସେମାନଙ୍କ ସୁରକ୍ଷା ନିମିତ୍ତ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ପରିଷଦର ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝୀ, ପ୍ରକୃତି ବନ୍ଧୁ ବନମାଳୀ ପ୍ରଧାନ,ଉପଦେଷ୍ଟା ନଳିନୀ କାନ୍ତ ପରିଡା,ରଞ୍ଜନ ବେହେରା, ଶ୍ରୀକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି। ଏହା ଦ୍ୱାରା ଲୋକଙ୍କ ମଧ୍ୟରେ ଏକ ସଚେତନତା ସୃଷ୍ଟି ହୋଇପାରିବ ବୋଲି ସେମାନେ କହିଛନ୍ତି।



ଅଙ୍ଗନୱାଡ଼ି ଶିଶୁଙ୍କୁ ହାତୀ ସୁରକ୍ଷା ବିଷୟରେ ସଚେତନ କରାଯାଉଛି।




## ବ୍ରହ୍ମପୁର ଅସ୍ଥିଶଲ୍ୟ ମଞ୍ଚର ବାର୍ଷିକ ସମ୍ମିଳନୀ

ବ୍ରହ୍ମପୁର,୧୨।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅସ୍ଥିଶଲ୍ୟ ମଞ୍ଚର ବାର୍ଷିକ ସମ୍ମିଳନୀ ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡ ସ୍ଥିତ ସ୍ୱେଷ୍ଟ୍ରମ ହୋଟେଲର ସମ୍ମିଳନୀ କକ୍ଷରେ ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଉପଦେଷ୍ଟା ପଦ୍ମଶ୍ରୀ ପ୍ରଫେସର ଡା କୃଷ୍ଣ ମୋହନ ପାଠୀ, ସଭାପତି ଡା ଅବନୀକାନ୍ତ ମିଶ୍ର, ସମ୍ପାଦକ ଡା ଶଙ୍କର୍ଷଣ ପାତ୍ର, ଓଡିଶା ଅସ୍ଥିଶଲ୍ୟ ସଂଘର ସମ୍ପାଦକ ଡା ସତ୍ୟ ପ୍ରସନ୍ନ ପାତ୍ର, ମୁଖ୍ୟ ଅତିଥି ଡା ସୁବ୍ରତ ବାସୁ, ସମ୍ମାନନୀୟ ଅତିଥି ଡା ଶୁଭ୍ରାଂଶୁ ମହାନ୍ତି ଓ ସାଙ୍ଗଠନିକ ସମ୍ପାଦକ ଡା ସ୍ୱରୂପ ଦାସ ମଂଚାସୀନ ଥିଲେ। ସଭାପତିଙ୍କ ସ୍ୱାଗତ ଭାଷଣ ପରେ ମୁଖ୍ୟ ଅତିଥି ସମ୍ମିଳନୀକୁ ଉଦଘାଟନ କରିଥିଲେ। ସମ୍ପାଦକ ଡା ଶଙ୍କର୍ଷଣ ପାତ୍ର ଅତିଥି ପରିଚୟ ଦେବାସହ ବ୍ରହ୍ମପୁର ଅସ୍ଥିଶଲ୍ୟ ସଂଘର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ଡା ପାଠୀ ମଞ୍ଚର ସୃଷ୍ଟି ଓ ଇତିହାସ ବିଷୟରେ ଉଲ୍ଲେଖ କରିଥିଲେ। ସାଙ୍ଗଠନିକ ସମ୍ପାଦକ ଧନ୍ୟବାଦ ଦେଇଥିଲେ। ରାଜ୍ୟ ବାହାରୁ ଓ ରାଜ୍ୟର ଦଶ ଜଣ ପ୍ରତିଷ୍ଠିତ ଅସ୍ଥିଶଲ୍ୟ ଚିକିତ୍ସକ ପ୍ରଶିକ୍ଷକ ଭାବେ ଯୋଗଦେଇ ଥିଲେ। ମଞ୍ଚର କୋଷାଧ୍ୟକ୍ଷ ଡା ସୌଭାଗ୍ୟ ହୋତା ସହଯୋଗ କରିଥିଲେ ।




नालको NALCO
A NAVRATNA COMPANY

**National Aluminium Company Limited**
(A Government of India Enterprise)
NALCO Bhawan, P/1, Nayapalli,
Bhubaneswar-751 013, Odisha, India
CIN : L27203OR1981GOI000920

Bauxite Mining Aluminium Smelter Alumina Refinery Renewable Energy Power Generation

**NALCO: EMPOWERING PROGRESS, NURTURING EXCELLENCE**

### EXTRACTS OF FINANCIAL RESULTS FOR THE QUARTER ENDED JUNE 30, 2024

( ₹ in Crore )

| Sl. No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | | Year Ended | Quarter Ended | | | Year Ended |
| | | 30/06/2024 (Unaudited) | 31/03/2024 (Audited) | 30/06/2023 (Unaudited) | 31/03/2024 (Audited) | 30/06/2024 (Unaudited) | 31/03/2024 (Audited) | 30/06/2023 (Unaudited) | 31/03/2024 (Audited) |
| 1. | Total Income from Operations | 2,856.10 | 3,579.05 | 3,178.69 | 13,149.15 | 2,856.10 | 3,579.05 | 3,178.69 | 13,149.15 |
| 2. | Net Profit for the period (before Tax, Exceptional and /or Extraordinary items) | 817.01 | 942.67 | 470.91 | 2,356.76 | 817.01 | 924.67 | 470.91 | 2,356.76 |
| 3. | Net Profit for the period before Tax (after Exceptional and /or Extraordinary items) | 817.01 | 1,369.48 | 470.91 | 2,783.57 | 804.21 | 1,350.39 | 455.28 | 2,712.08 |
| 4. | Net Profit for the period after Tax ( after Exceptional and /or Extraordinary items) | 601.22 | 1,015.83 | 349.39 | 2,059.95 | 588.42 | 996.74 | 333.76 | 1,988.46 |
| 5. | Total Comprehensive Income for the period comprising Profit/Loss for the period (after tax) and Other Comprehensive Income (after tax) | 603.20 | 1,026.36 | 357.11 | 2,067.86 | 590.40 | 1,007.27 | 341.48 | 1,996.37 |
| 6. | Equity Share Capital | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 |
| 7. | Reserves (excluding Revaluation Reserve) as shown in the Audited Balance Sheet of the previous year | - | - | - | 13,653.34 | - | - | - | 13,469.77 |
| 8. | Earnings Per Share (before extraordinary items) (of Rs.5/- each) (not annualised): | | | | | | | | |
| | 1. Basic (Rs.)<br>2. Diluted (Rs.) | 3.27<br>3.27 | 5.53<br>5.53 | 1.90<br>1.90 | 11.22<br>11.22 | 3.20<br>3.20 | 5.43<br>5.43 | 1.82<br>1.82 | 10.83<br>10.83 |

The above is an extract of the detailed format of Quarterly Financial Results filed with the Stock Exchanges under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full format of the above financial results are available on the Stock Exchange websites, **www.nseindia.com** and **www.bseindia.com**; and Company's website, **www.nalcoindia.com.**

**Notes :**

1. The financial results have been reviewed and recommended by the Audit Committee at the meeting held on 12th August, 2024 and approved by the Board of Directors in its meeting held on 12th August, 2024. Limited Review as required under Regulation 33 of the SEBI (Listing Obligations and Disclosure Requirements) Regulations, 2015 has been carried out by the Statutory Auditors of the Company.
2. Out of the four joint venture companies whose financials have been consolidated, financials of M/s. Angul Aluminium Park Company Limited and Khanij Bidesh India Limited have been consolidated on the basis of financials as certified by the Management as on reporting date, the effects whereof are not material.
3. The Board of Directors at its meeting held on 12th August 2024 has recommended final dividend of ₹ 2/- per equity share ( 40% on face value of ₹ 5/- each) amounting to ₹ 367.33 crore for the FY 2023-24.
4. Consequent upon execution of lease deed for Pottangi Bauxite Mine, an amount of ₹ 626.72 crore has been capitalised as mining right during the quarter ending 30.06.2024.
5. The Company has not recognised the revenue from its two wind power plants located in the State of Rajasthan due to non execution of fresh Power Purchase agreement (PPA) since 01.04.2019 and such issue being subjudice before Hon'ble High Court of Rajasthan based on writ petition filed by the Company.
6. The figures of the quarter ended 31st March 2024 are the balancing figures in respect of the audited full financial year ended 31st March 2024 and the unaudited published year to date figures up to the third quarter ended 31st December, 2023.
7. Figures pertaining to previous periods have been regrouped, recasted and rearranged, wherever necessary.

**Place : Bhubaneswar**
**Dated : 12th August, 2024**

**(CA Sridhar Patra)**
**Chairman-cum-Managing Director**

## ସଂକ୍ଷେପରେ

### ମଦ ଜବତ, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୧୨।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ପୋଟଖାଲ ଗ୍ରାମର ପ୍ରକାଶ ମଲ୍ଲିକଙ୍କୁ ଦିଗପହଣ୍ଡି ଅବକାରୀ ଏସ୍ଆଇ ଅନିତା ପ୍ରଧାନ ସୋମବାର କୋର୍ଟ ଚାଲାଣ କରିଛନ୍ତି। ଅବକାରୀ କାର୍ଯ୍ୟାଳୟ ମାମଲା ନଂ.୭୭/୨୪–୨୫ ଅନୁଯାୟୀ ଅଭିଯୁକ୍ତଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ରବିବାର ଅବକାରୀ ଏସ୍ଆଇ ଏବଂ କର୍ମଚାରୀ ନୀର ବେହେରା, ଶୂନ୍ୟ ନାରାୟଣ ଜେନା ସଦଳବଳ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ପ୍ରକାଶଙ୍କ ନିକଟରୁ ୧୮ ଲିଟର ମହୁଲି ମଦ ଜବତ କରାଯାଇଥିଲା। ଅଭିଯୁକ୍ତ ଏକ ଧଳା ରଙ୍ଗର ପ୍ଲାଷ୍ଟିକ ଜାରକିନ ସାଙ୍ଗରେ ନେଇ ରାସ୍ତାରେ ଯାଉଥିବା ବେଳେ ଅବକାରୀ କର୍ମଚାରୀମାନେ ତଲାସ କରିବାରୁ ସେଥିରେ ମଦ ଥିବା ଜଣାପଡ଼ିଥିଲା।

### ଶିକ୍ଷକଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଧରାକୋଟ,୧୨।୮(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର କାନଗିରିଡୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ସନ୍ନ୍ୟାସୀ ବିଶୋଇଙ୍କ ବିୟୋଗରେ ରବିବାର ଏକ ଶୋକ ସଭା ଆୟୋଜିତ କରାଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର,ପୂର୍ବତନ ଛାତ୍ରୀଛାତ୍ର ଏବଂ ପରିଚାଳନା କମିଟି ସଦସ୍ୟ, ସଦସ୍ୟାମାନେ ଯୋଗଦେଇଥିଲେ। ପରେ ସମସ୍ତେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ କରିଥିଲେ।

### ଇଣ୍ଡିଆ ବୁକ ରେକର୍ଡରେ ଜି.ପୋଖରାଜ



ବାଲିଗୁଡା,୧୨।୮(ସଞ୍ଜୟ ପାଣିଗ୍ରାହୀ):

କନ୍ଧମାଳ ଜିଲା ବାଲିଗୁଡା ନୂଆସାହିରେ ରହୁଥିବା ୩ ବର୍ଷ ବୟସର ବିସ୍ମୟ ବାଳକ ଜି.ପୋଖରାଜ ପ୍ରସାଦ ପାଢୀ ଏବେ ୫୧ ପ୍ରକାର ପ୍ରସଙ୍ଗରେ ସାଧାରଣ ଉତ୍ତର କହିପାରି ଇଣ୍ଡିଆ ବୁକ ରେକର୍ଡ ୨୦୨୪ ରେ ସ୍ଥାନ ପାଇଛନ୍ତି। ୨୦୨୧ ମାର୍ଚ୍ଚ ୨ରେ ମାତା ମିନତୀ କୁମାର ସ୍ୱାଇଁ ଓ ପିତା ଶିବ ପ୍ରସାଦ ପାଢୀଙ୍କ ପ୍ରଥମ ସନ୍ତାନ ଭାବେ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ଏକବର୍ଷ ବୟସରେ ମିନତୀ ଘରେ ପୂଜା ସମୟରେ ଶ୍ଳୋକ ପଢୁଥିବା ବେଳେ ପୋଖରା ସେହି ଶ୍ଳୋକ ଶୁଣି ଗୁଣୁ ଗୁଣୁ ଆରମ୍ଭ କରିଥିଲେ। ସେହି ଦିନଠାରୁ ତାର କିଛି ପ୍ରତିଭା ଜାଣିପାରି ମା' ମିନତୀ ପୁଅକୁ ବିଭିନ୍ନ ପୂଜା ପାର୍ବଣ, ଗୃହ ପାଳିତ ପଶୁ, ଫୁଲ, ଫଳ, ବିଭିନ୍ନ ଦେଶ ବିଦେଶର ନାମ, ରାଜ୍ୟ ସମେତ ୫୧ ପ୍ରକାର ବିଭିନ୍ନ ସାଧାରଣ ଜ୍ଞାନ ସମ୍ପର୍କିତ ବିଷୟକୁ ଜିଭ ଆଗରେ ରଖି ଏବେ ଚର୍ଚ୍ଚାକୁ ଆସିଛନ୍ତି।

# ଗୋପନଗର ବିଦ୍ୟାଳୟରେ ଅବ୍ୟବସ୍ଥା ନେଇ ଧାରଣା

ବେଲଗୁଣ୍ଠା,୧୨।୮(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ପଞ୍ଚାୟତ ଅନ୍ତର୍ଗତ ଗୋପନଗର ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା ନେଇ ସୋମବାର ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ କୌଣସି ସରକାରୀ ସୁବିଧା ମିଳୁ ନ ଥିବା ନେଇ ଅଭିଯୋଗ ଆଣି ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଅଭିଭାବକଙ୍କ ଅଭିଯୋଗ ପ୍ରକାରେ ବିଦ୍ୟାଳୟକୁ ତିନି ବର୍ଷ ଧରି କୌଣସି ଅନୁଦାନ ଆସିନାହିଁ। ଫଳରେ ବିଦ୍ୟାଳୟରେ କୌଣସି ଉନ୍ନୟନମୂଳକ କାର୍ଯ୍ୟକ୍ରମ ହୋଇପାରୁନାହିଁ। ଏପରି କି ଚକ୍ କି ଡଷ୍ଟର୍ ଖଣ୍ଡେ ମଧ କିଣିବା ପାଇଁ ବିଦ୍ୟାଳୟକୁ ଟଙ୍କାଟିଏ ଆସୁ ନ ଥିବାରୁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ସୋମବାର ଧାରଣା ସମୟରେ ବିଦ୍ୟାଳୟର ଅଧିକାଂଶ




ବିଦ୍ୟାଳୟ ସମ୍ମୁଖରେ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଧାରଣା।

ଛାତ୍ରୀଛାତ୍ର ଚିରାଫଟା ପୋଷାକ ପିନ୍ଧି ବିଦ୍ୟାଳୟକୁ ଆସିଥିବା ଦେଖିବାକୁ ମିଳିଛି। ଅଭିଭାବକଙ୍କୁ ପଚାରି ବୁଝିବାରୁ ଜଣାପଡ଼ିଲା ଯେ ବିଦ୍ୟାଳୟକୁ ଦୁଇ ବର୍ଷ ହେବ ପୋଷାକ ଅନୁଦାନ ଆସୁ ନ ଥିବାରୁ ପିଲାଙ୍କୁ ଜୋତା କିମ୍ବା ପୋଷାକ ମିଳିନାହିଁ।

ଅନ୍ୟପଟେ ବିଦ୍ୟାଳୟରେ ଦୁଇ ବର୍ଷ ହେବ ସ୍ଥାୟୀ ଶିକ୍ଷକ ପଦବୀ ଖାଲି ପଡିଛି। ବେଲଗୁଣ୍ଠା ବ୍ଲକର ଖାରୀଗୁଡା ପ୍ରାଥମିକ ବିଦ୍ୟାଳୟରୁ ଜଣେ ମାତ୍ର ଶିକ୍ଷକ ଏଠାରେ ଡେପୁଟେସନରେ କାର୍ଯ୍ୟ ତୁଲାଉଛନ୍ତି। ବିଦ୍ୟାଳୟରେ ୩୨ ଜଣ ଛାତ୍ରୀଛାତ୍ର ଏକ ମାତ୍ର ଭଙ୍ଗା ଘରେ ବିପଜ୍ଜନକ ଅବସ୍ଥାରେ ବସି ପାଠ ପଢୁଛନ୍ତି। ଏହି ସବୁ ଅବ୍ୟବସ୍ଥାରେ ଅତିଷ୍ଠ ହୋଇ ଅଭିଭାବକମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବା ସହ ପିଲାଙ୍କ ପାଇଁ ଆସିଥିବା ମଧ୍ୟାହ୍ନଭୋଜନ ଗାଡିକୁ ମଧ ଫେରାଇ ଦେଇଛନ୍ତି। ଏନେଇ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରାଙ୍କୁ ଯୋଗାଯୋଗ କରିବାରୁ ୨୦୨୦ରେ ବ୍ଲକର ୨୨ ବିଦ୍ୟାଳୟ ବନ୍ଦ ପାଇଁ ସରକାରୀ ନିର୍ଦ୍ଦେଶ ଆସିଥିଲା। କିନ୍ତୁ ଜିଲାପାଳଙ୍କ ଦ୍ୱାରା ଗଠିତ କମିଟିର ସୁପାରିସ କ୍ରମେ ବେଲଗୁଣ୍ଠା ବ୍ଲକର ତିନୋଟି ବିଦ୍ୟାଳୟ ବନ୍ଦ ହୋଇଯାଇଥିବା ବେଳେ ବ୍ଲକ ଗୋପନଗର ସମେତ ବାରଟା ଏବଂ ମହାସିଙ୍ଗିପଲ୍ଲୀ ବିଦ୍ୟାଳୟ ପୂର୍ବ ଭଳି କାର୍ଯ୍ୟ କରିଥିଲା। କିନ୍ତୁ ବିଦ୍ୟାଳୟଗୁଡ଼ିକୁ ଆସୁଥିବା ସମସ୍ତ ପ୍ରକାର ଅନୁଦାନ ବନ୍ଦ ହୋଇଯାଇଛି। ଏନେଇ ବାରମ୍ବାର ଜିଲା ଶିକ୍ଷାଧିକାରୀ ଏବଂ ଅନ୍ୟାନ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ ଏହା ବିଚାରାଧୀନ ରହିଥିବା ସେ କହିଛନ୍ତି। ଏପଟେ ଉକ୍ତ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ନ ମିଳିବା ଯାଏ ଧାରଣା ଜାରି ରହିବ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି।

# ମିଳିତ ଅଭିଯୋଗ ଶୁଣାଣି



ଜିଲାପାଳ ଦୃଷ୍ଟିବାଧିତାଙ୍କୁ ଲ୍ୟାପଟପ ପ୍ରଦାନ କରୁଛନ୍ତି।

ଆସିକା ୧୨।୮ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ସଭା ଗୃହରେ ସୋମବାର ଗଞ୍ଜାମ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟି, ଡେପୁଟି କଲେକ୍ଟର ଭାରତୋଶ ମଲ୍ଲ, ଭଞ୍ଜନଗର ଉପ–ଜିଲାପାଳ ଅନିଲ କୁମାର ସେଠୀ, ଜିଲା ଶିକ୍ଷାଧିକାରୀ ଅମ୍ରିତା ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପି. ପଦ୍ମା, ଜିଲା ସମାଜ ମଙ୍ଗଳ ଅଧିକାରୀ ଆବିଦା ପରୱିନ, ଜିଲା ଯୋଗାଣ ଅଧିକାରୀ କୋଷ୍ଠା ମୁଣ୍ଡା, ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିଡିଓ ଫକୀର ଚରଣ ପରିଡା, ଏନ୍ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜନସାଧାରଣଙ୍କ ପକ୍ଷରୁ ଆସିକା ବ୍ଲକ ଓ ଏନ୍ଏସିର ୨୬୭ଟି ଅଭିଯୋଗ ଦାଖଲ କରାଯାଇଥିଲା । ସେଥିମଧ୍ୟରୁ ୨୪ଟି ଅଭିଯୋଗ ତତ୍କାଳ ସମାଧାନ ହୋଇଛି। ଅଭିଯୋଗ ମଧ୍ୟରେ ଭତ୍ତା, ରାଶନ କାର୍ଡ, ଆବାସ ଯୋଜନାରେ ଗୃହ, ଜମିକୁ ଜଳସେଚନ, ବିଦ୍ୟାଳୟକୁ ରାସ୍ତା, ବନ୍ଦ ହୋଇଥିବା ବିଦ୍ୟାଳୟ ତୁରନ୍ତ ଖୋଲିବା, ଟିପିସର ନାଳର ସ୍ଥାୟୀ ପ୍ରତିକାର ଆଦି ଦାବି ରହିଥିବା ଜଣାପଡିଛି । ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଆସିକା ବିଧାୟକ ସରୋଜ ପାଢୀଙ୍କ ଉପସ୍ଥିତିରେ ୨୩ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା, ୧୦ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ, ଜଣକୁ ହ୍ୱିଲ ଚେୟାର ଓ ଜଣେ ଦୃଷ୍ଟି ବାଧିତାଙ୍କୁ ବ୍ରେଲି ଲେଖାପଢା ଲାପ୍‌ଟପ୍ ମଧ ପ୍ରଦାନ କରାଯାଇଥିଲା।

# ୨୦୨୪–୨୫ ଆର୍ଥିକ ବର୍ଷରେ ୧୫ କୋଟି ଖର୍ଚ୍ଚ ଯୋଜନା

## ଭଞ୍ଜନଗର ଏନ୍ଏସି କାଉନସିଲ ବୈଠକ

ଭଞ୍ଜନଗର,୧୨।୮(ବାବୁଲା ପ୍ରଧାନ):

ଭଞ୍ଜନଗର ଏନଏସି କାଉନସିଲ ବୈଠକ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭଞ୍ଜନଗର ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ଅଧ୍ୟକ୍ଷତା କରି ସହରର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ନିର୍ବାଚିତ ହେବା ପରେ ପ୍ରଥମ ଥର ପାଇଁ ବୈଠକରେ ଯୋଗ ଦେଇଥିବା ଯୋଗୁଁ ତାଙ୍କୁ ଏବଂ ନବ ନିଯୁକ୍ତ ଏମ୍‌ପି ପ୍ରତିନିଧି ସନ୍ତୋଷ ତିଆଡିଙ୍କୁ ଏନଏସି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଧାୟକ ନାୟକ କହିଥିଲେ, ମିଳିମିଶି ସମସ୍ତେ ସହରର ବିକାଶ କରିବା। ରାଜ୍ୟର ଏକ ଅଗ୍ରଣୀ ଏନଏସି ଭାବେ ଭଞ୍ଜନଗର ଏନଏସିକୁ ଗଢ଼ି ତୋଳିବା। ନିର୍ବାହୀ ଅଧିକାରୀ ମୁରଲି କ୍ରିଷ୍ଣା ପଣ୍ଡା ୨୦୨୪–୨୫ ଆର୍ଥିକ ବର୍ଷରେ ହେବାକୁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଏହି ଆର୍ଥିକ ବର୍ଷ ପାଇଁ ୧୪ କୋଟି ୭୬ ଲକ୍ଷ ୨୬ ହଜାର ୭୧୮ ଟଙ୍କାର ବଜେଟ ବୈଠକରେ ଅନୁମୋଦନ ହୋଇଥିଲା। ଉକ୍ତ ଅର୍ଥରେ ସହରର ସଫେଇ, ରାସ୍ତା



ବିଧାୟକ ଜଣେ କର୍ମଚାରୀଙ୍କୁ ରେନକୋଟ ପ୍ରଦାନ କରୁଛନ୍ତି ।

ଘାଟ ନିର୍ମାଣ ପ୍ରମୁଖ ବାବଦକୁ ଖର୍ଚ୍ଚ ହେବ। ସହରର ସମସ୍ତ ମୁକୁଳା ଡ୍ରେନଗୁଡିକୁ ପ୍ଲେଟ ପକାଇ କଭର କରାଯିବ। ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତ କରାଯିବ। ଏନେଇ ଏକ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସହରର ପରିମଳ, ରାସ୍ତା ଘାଟ, ପାନୀୟଜଳ, ବିଦ୍ୟୁତ ବ୍ୟବସ୍ଥା ଆହୁରି ଅଧିକ ଭଲ କିଭଳି ହୋଇପାରିବ ସେନେଇ କିଛି କାଉନସିଲର ମତ ରଖିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏମପି ପ୍ରତିନିଧି ସନ୍ତୋଷ ତିଆଡି, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ବରିଷ୍ଠ କାଉନସିଲର ଶିବ ଜେନା, ତହସିଲଦାର ଉମାଶଙ୍କର ବେହେରା, ଭାଜପା ନଗର ସଭାପତି ବିଷ୍ଣୁ ପ୍ରସାଦ ପ୍ରଧାନ, ପ୍ରେମାନନ୍ଦ ତ୍ରିପାଠୀ, ଶିବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କର୍ମଚାରୀମାନଙ୍କୁ ବର୍ଷାଦାଉରୁ ରକ୍ଷା ପାଇବା ପାଇଁ ରେନ୍‌କୋଟ ପ୍ରଦାନ କରିଥିଲେ।

### ଗୋଲିଆରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ବୁଗୁଡ଼ା,୧୨।୮(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଗୋଲିଆ ଦ୍ୱିତୀୟ ଅଙ୍ଗନୱାଡି କେନ୍ଦ୍ରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ସଂପୃକ୍ତ କେନ୍ଦ୍ରର କର୍ମୀ ଗୋଲାପ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳ ପରିଦର୍ଶିକା କୁସୁମ ପଣ୍ଡା, ଏଏନ୍ଏମ୍ ରେଶ୍ମାରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଶ୍ୱ ସ୍ତନ୍ୟପାନ ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରି ମା' କ୍ଷୀରର ଉପାଦେୟତା ଓ ଉପକାରିତା ସମ୍ପର୍କରେ ମା'ମାନଙ୍କୁ ସଚେତନ କରାଇଥିଲେ।

### ଜିଲାପାଳ ବିଜୟ କୁମାର ଦାଶଙ୍କ ଯୋଗଦାନ



ପାରଳାଖେମୁଣ୍ଡି, ୧୨।୮ (ଗିରିଧାରୀ ପରିଚ୍ଛା):

ଗଜପତି ଜିଲାର ନୂତନ ଜିଲାପାଳ ଭାବେ ବିଜୟ କୁମାର ଦାଶ ସୋମବାର ଯୋଗଦାନ କରିଛନ୍ତି। ପୂର୍ବରୁ ଥିବା ଜିଲାପାଳ ସ୍ମିତିରଞ୍ଜନ ପ୍ରଧାନଙ୍କୁ କେନ୍ଦ୍ରାପଡ଼ା ଜିଲାପାଳ ଭାବେ ବଦଳି କରାଯାଇଛି। ଜିଲା କାର୍ଯ୍ୟାଳୟଠାରେ ଦାୟିତ୍ୱ ଗ୍ରହଣ କରିବା ସହ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଅବଲମ୍ବନ ସକାଶେ ଉପସ୍ଥିତ ପଦାଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ସହ ହିତାଧିକାରୀମାନଙ୍କ ନିକଟରେ ଏହାର ସୁଫଳ ପହଞ୍ଚାଇବା ଉପରେ ନୂତନ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଗଜପତି ଜିଲାରେ ବିଭିନ୍ନ ବିକାଶମୂଳକ ଯୋଜନାକୁ ଗୁରୁତ୍ୱ ଦେବା ସହିତ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାମକୁ ତୁରନ୍ତ ଶେଷ କରାଯିବ ଓ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ପ୍ରାଥମିକତା ବୋଲି କହିଛନ୍ତି । ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ଡ଼.ଗୁଣନିଧି ନାୟକ, ଉପଜିଲାପାଳ ଅନୁପ ପଣ୍ଡାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ନୂତନ ଜିଲାପାଳଙ୍କୁ ସ୍ୱାଗତ କରିଥିଲେ।

# ବିଶ୍ୱ ହସ୍ତୀ ଦିବସ ପାଳିତ



ବିଶ୍ୱ ହସ୍ତୀ ଦିବସରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଆର.ଉଦୟଗିରି, ୧୨।୮ (ମନୋଜ କୁମାର ପାଢୀ):

ବିଶ୍ୱ ହସ୍ତୀ ଦିବସ ଉପଲକ୍ଷେ ସୋମବାର ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟ ଓ ରାମଗିରି ବନାଞ୍ଚଳ ଅଧିକାରୀଙ୍କ ତରଫରୁ ଏକ ବିଶାଳ ରାଲି ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ମହେନ୍ଦ୍ରଗଡ଼ ଗାଁ ପରିକ୍ରମା କରିଥିଲେ। ପରେ ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ନାହାକ ଓ ବନପାଳ ବିଭୀଷଣ ଭୂୟାଁ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ପୁରସ୍କୃତ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଓ ବନରକ୍ଷୀ ରମେଶ ଚନ୍ଦ୍ର ନାୟକ ଏହାକୁ ପରିଚାଳନା କରିଥିଲେ।

# ବାଦପଲ୍ଲୀ ପଞ୍ଚାୟତକୁ ଏଚ୍ଆଇଭି ମୁକ୍ତ ଲକ୍ଷ୍ୟ

ଖଲ୍ଲିକୋଟ,୧୨।୮(ପ୍ରଶାନ୍ତ କୁମାର ମିଶ୍ର):

ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଗଞ୍ଜାମ ଓ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି, ଭୁବନେଶ୍ୱରର ମିଳିତ ଉଦ୍ୟମରେ ଖଲ୍ଲିକୋଟ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉମାଶଙ୍କର ମିଶ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ଟିବି) ଡାକ୍ତର ଅବନୀ କୁମାର ପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାରତୀ ମହାରଣା, ବିଡିଓ ଦେବାଶିଷ ସାସମଲ, ତହସିଲଦାର ଡାକ୍ତର ଆର୍ଯ୍ୟ କୁମାର ସର୍ବଦମନ, ଆରସିଏମ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ସ୍ୱାଇଁ, ସିଡିପିଓ ପଦ୍ମିନୀ ସାହୁ, ସରପଞ୍ଚ ନିର୍ମଳା ଶବର, ଜିଲା ଏଡସ୍ ସେଲର ଅଧିକାରୀ ହେମନ୍ତ କୁମାର ଦାଶ, ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପ୍ରଦୀପ ଗନ୍ତାୟତ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ସୋମବାରଠାରୁ ବାଦପଲ୍ଲୀ ଗ୍ରାମପଞ୍ଚାୟତକୁ ଏଚ୍ଆଇଭି ଏଡସ୍ ମୁକ୍ତ ଘୋଷଣା ନିମନ୍ତେ କାର୍ଯ୍ୟକ୍ରମ ଓ ଯୌନ ସମ୍ପର୍କିତ ରୋଗର ନିରାକରଣ ପାଇଁ ବ୍ୟାପକ ସଚେତନତା କରିବା। ଏଚ୍ଆଇଭିର ବ୍ୟାପକ ସଚେତନତା ନେଇ ଯୁବ ସମାଜ ଆଗେଇ ଆସିବା ପାଇଁ ଡା. ମିଶ୍ର ଆହ୍ୱାନ ଦେଇଥିଲେ। ବାଦପଲ୍ଲୀ ଗ୍ରାମପଞ୍ଚାୟତର ଘରକୁ ଘର ଯାଇ ବୈଠକ କରି ଏହାର କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଯକ୍ଷ୍ମା ବିଭାଗର ସୁଧୀରକାନ୍ତ ବେହେରା, ଏଡସ୍ ସେଣ୍ଟର ସନ୍ତୋଷ କୁମାର ରାଜୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ, ଆଇସିଟିସି କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ।

# ଛତ୍ରପୁର ଏନ୍ଏସି କାଉନ୍‌ସିଲର ବୈଠକ

ଛତ୍ରପୁର,୧୨।୮(ସନ୍ତୋଷ ପାଢୀ):

ଛତ୍ରପୁର ଏନଏସି କାଉନସିଲର ବୈଠକ ସୋମବାର ସ୍ଥାନୀୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ସମସ୍ତେ ମିଳିମିଶି କାମ କରି ଏନଏସିର ବିକାଶ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ନବନିର୍ବାଚିତ ବିଧାୟକଙ୍କୁ ବୈଠକରେ କାଉନସିଲରମାନଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୈଠକରେ ଏନଏସି ଉପାଧ୍ୟକ୍ଷ ଜି. ପାପାରାଓ, ଏନଏସି ନିର୍ବାହୀ ଅଧିକାରୀ ୟାସିର ଅହମ୍ମଦଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ।

# ସ୍କୁଲ ନିକଟରୁ ମଦ ଦୋକାନ ଉଚ୍ଛେଦ ନିର୍ଦ୍ଦେଶ

ଛତ୍ରପୁର,୧୨।୮(ସନ୍ତୋଷ ପାଢୀ):

ଗଞ୍ଜାମ ଜିଲା ଶେରଗଡ଼ର ବାଲିସାହି ପ୍ରାଥମିକ ବିଦ୍ୟାଳୟ ନିକଟରେ ୨ଟି ମଦ ଦେକାନ ରହିଛି। ଏନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ହାଇକୋର୍ଟ ଏହାର ଶୁଣାଣି କରି ଉକ୍ତ ମଦ ଦୋକାନକୁ ଅନ୍ୟତ୍ର ଆପତ୍ତିନଥିବା ସ୍ଥାନକୁ ସ୍ଥାନାନ୍ତର କରିବାକୁ ଜିଲା ଅବକାରୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଏକ ସତ୍ୟପାଠ ଦାଖଲ ପାଇଁ କୁହାଯାଇଛି । ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୪ ତାରିଖ ପାଇଁ ଧାର୍ଯ୍ୟ ହୋଇଛି । ଏହି ଜନସ୍ୱାର୍ଥ ମାମଲାରେ ଜିଲାପାଳ, ଜିଲା ଅବକାରୀ ଅଧିକ୍ଷକ ଓ ଶେରଗଡ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ହାଇକୋର୍ଟ ଏହାର ଶୁଣାଣି କରି ୭ ତାରିଖରେ ଉକ୍ତ ନିର୍ଦ୍ଦେଶ କରିଛନ୍ତି ।

# କାମରେ ଲାଗୁନି କୃଷକ ପରାମର୍ଶ କେନ୍ଦ୍ର

ଖଜୁରିପଡ଼ା,୧୨।୮(ବିଦୁର ବେହେରା):

କୃଷିର ଉନ୍ନତି ପାଇଁ ସରକାର ପ୍ରତି ପଞ୍ଚାୟତରେ କୃଷକ ପରାମର୍ଶ କେନ୍ଦ୍ର ନିର୍ମାଣ କରିଛନ୍ତି। କୃଷକମାନଙ୍କୁ ଉନ୍ନତ ମାନର ଚାଷ ପ୍ରଣାଳୀ ଉପରେ ପରାମର୍ଶ ଦେବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏ ସବୁ କେନ୍ଦ୍ର ନିର୍ମାଣ ହୋଇଛି। ହେଲେ ଖଜୁରିପଡ଼ା ବ୍ଲକରେ ଏହି କେନ୍ଦ୍ରଗୁଡ଼ିକ ବ୍ୟବହାର ନ ହୋଇ ତାଲା ପଡ଼ି ରହୁଥିବାରୁ ଏବେ ଭୂତକୋଠୀ ପାଲଟିବାକୁ ଯାଉଛି। ଖଜୁରିପଡ଼ା ବ୍ଲକ ଅଧିନରେ ଥିବା ୧୪ଟି ପଞ୍ଚାୟତ ମଧ୍ୟରୁ ୧୧ଟି ପଞ୍ଚାୟତରେ କୃଷକ ପରାମର୍ଶ କେନ୍ଦ୍ର ନିର୍ମାଣ ସରିଛି। ୩ଟି ନିର୍ମାଣାଧୀନ ରହିଛି। ନିର୍ମାଣ ସରିଥିବା କେନ୍ଦ୍ରଗୁଡିକ



ଗୋଟିଏ ଦିନ ମଧ ଖୋଲା ହୋଇ ନ ଥିବା ଦେଖାଯାଇଛି। ଫଳରେ କେତେକ କୃଷକ ପରାମର୍ଶ କେନ୍ଦ୍ର ଭୂତ କୋଠୀ ପାଲଟିବାକୁ ବସିଲାଣି। ଆଉ କେତେକ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ରକ୍ଷଣାବେକ୍ଷଣ ଅଭାବ ସହିତ ବ୍ୟବହାର ନ ହେବା ଯୋଗୁ କୋଠାଗୁଡ଼ିକ ଏବେ ନଷ୍ଟ ହେବାକୁ ଯାଉଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏଗୁଡ଼ିକ ବ୍ୟବହାର ଉପଯୋଗୀ କଲେ ଚାଷୀ ମାନେ ଉନ୍ନତ ଧରଣର କୃଷି ପ୍ରଣାଳୀ ଶିଖିପାରିବେ। ଏଥିସହ କୃଷି ପାଇଁ ବ୍ୟବହୃତ ହେଉଥିବା ଯନ୍ତ୍ରପାତି ସୁବିଧାରେ ପାଇବା ସହିତ ବିହନ ମଞ୍ଜି ସବୁ ଠିକ୍ ସମୟରେ ପାଇ ପାରନ୍ତେ। ଏ ନେଇ ବ୍ଲକ କୃଷି ଅଧିକାରୀ ସୌମେନ୍ଦ୍ର କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, କୃଷକ ପରାମର୍ଶ କେନ୍ଦ୍ରଗୁଡିକରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଓ କୃଷି ଉପକରଣ ଆସି ନ ଥିବା କାରଣରୁ ଖୋଲାଯାଇନାହିଁ। ଜିନିଷ ଆସିଲେ କେନ୍ଦ୍ର ଖୋଲାଯିବ ବୋଲି କହିଛନ୍ତି।

# ଦେଶସେବା ପାଇଁ ଯୁବସମାଜ ବ୍ରତୀ ହେବା ଜରୁରୀ

ଛତ୍ରପୁର / ଭଞ୍ଜନଗର,୧୨।୮(ଦିଲୀପ ସାମଲ/ବାବୁଲା ପ୍ରଧାନ): ଛତ୍ରପୁରସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଯୁବ ରେଡକ୍ରସ ଓ ବ୍ରହ୍ମପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଅରୁଣା'ର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମାଜସେବୀ ଡଃ. ସୁଭାଷ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଲୋକନାଥ ମିଶ୍ର, ନିର୍ଦ୍ଦେଶକ ଅରୁଣା ଏବଂ ବି. ଗୋବିନ୍ଦ ରାଓ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ମହାବିଦ୍ୟାଳୟ, କ୍ଷତ୍ରୀୟବରପୁର ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅଜୟ କୁମାର ତ୍ରିପାଠୀ




କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସେ କହିଥିଲେ, ସମାଜ ପ୍ରତି ଯୁବକମାନଙ୍କର ଅଙ୍ଗୀକାରବଦ୍ଧତା ଦେଶର ପ୍ରଗତୀରେ ବିଶେଷ ଭୂମିକା ନିର୍ବାହ କରିଥାଏ। ମୁଖ୍ୟ ଅତିଥି ଡଃ. ସାହୁ କହିଥିଲେ ଦେଶ ସେବା ଓ ସମାଜ ସେବାକୁ ନିଜର ବ୍ରତ ଭାବରେ ଯୁବସମାଜ ଗ୍ରହଣ କରିବା ଉଚିତ । 'ଅରୁଣା'ର ନିର୍ଦ୍ଦେଶକ ମିଶ୍ର କହିଥିଲେ ଛାତ୍ରଛାତ୍ରୀମାନଙ୍କୁ ଏଡ୍ସ ବିଷୟରେ ସୂଚନା ଦେବା ସହିତ ଆତ୍ମ ସଂଯମତା କିପରି ଏଡ୍ସର ଭୟାବହତାରେ ସହାୟକ ହୋଇପାରେ ତା'ର ସୂଚନା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ବି. ଗୋବିନ୍ଦ ରାଓ ଛାତ୍ରଛାତ୍ରୀମାନଙ୍କୁ ରକ୍ତଦାନର ମହତ୍ୱ ବିଷୟରେ ସଚେତନ କରିବା କରିଥିଲେ। ପ୍ରାରମ୍ଭରେ ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ଡଃ. ମିଳିମିତା ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡଃ. ମାନସ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

■ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ

ସେହିପରି ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି, ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନାର ମିଳିତ ସହଯୋଗରେ ଯୁବ ଦିବସ ପାଳିତ ହୋଇଯାଇଛି। ଯୁବ ରେଡକ୍ରସ ସଂଯୋଜକ ବିଦେଶୀ ରାଉତଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ପ୍ରାଧାପିକା ଏ ବି ପ୍ରଧାନ, ପ୍ରାଧାପକ ବିଭାସ ଦାସ, ହରିଶ କୁମାର, ରବୀନ୍ଦ୍ର ମିଶ୍ର, ସନାତନ ବେହେରା, ଅଧାପିକା ସସ୍ମିତା ଦାସ, ଶେଫାଳି ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ।

# ଯୁବକଙ୍କୁ ଟେଣ୍ଟାରେ ଆକ୍ରମଣ, ଅଭିଯୁକ୍ତ ଅଟକ

ଦିଗପହଣ୍ଡି/ପାଟପୁର,୧୨।୮ (ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ସାନଖେମୁଣ୍ଡି ଖଲିଙ୍ଗି ପଞ୍ଚାୟତ ହଂସରାଳି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ଜଣେ ଯୁବକଙ୍କୁ ଏକ ଲୁହା ଟେଣ୍ଟାରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଆହତ ଯୁବକ ଜଣକ ହେଲେ ହଂସରାଳି ଗ୍ରାମର ସୁଦର୍ଶନ ସାହୁ। ସୁଦର୍ଶନ ସକାଳୁ ଘରୁ ଚାଷଜମିକୁ ଯାଉଥିବା ବେଳେ ଗ୍ରାମର କୁମୁଦ ମହାନ୍ତି ତାଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରି ସେଠାରୁ ଚମ୍ପଟ ମାରିଥିଲେ। ପରେ ପରିବାର ଲୋକେ ତାଙ୍କୁ ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କରି ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୁଦର୍ଶନ ବିଦ୍ୟୁତ୍ ବିଭାଗରେ ଲାଇନ୍ ମ୍ୟାନ ଭାବେ କାର୍ଯ୍ୟ କରନ୍ତି। ଗତ ପ୍ରାୟ ୧ ମାସ ପୂର୍ବେ ପରକୀୟା ପ୍ରୀତିକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସେହି ଦିନଠାରୁ କୁମୁଦ ସୁଦର୍ଶନଙ୍କୁ ହତ୍ୟା କରିବାକୁ ପ୍ଲାନ କରିଥିଲେ। ସକାଳେ ସେ ଏକୁଟିଆ ତାଙ୍କ ଚାଷଜମିକୁ ଯାଉଥିବା ବେଳେ କୁମୁଦ ତାଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ କରି ଫେରିଛି। ନଂ.୩୮୭/୨୪ ଅନୁଯାୟୀ ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଅଟକରଖି ପଚରା ଉଚୁରା ଚଳାଇଛି।

# ଗୁରୁତର ବ୍ୟକ୍ତିଙ୍କ ଚିକିତ୍ସା କରାଇଲେ ବିଏସ୍ଏଫ୍ ଯବାନ.

ଫିରିଙ୍ଗିଆ,୧୨।୮ (ବିମଳ ଦିଗାଲ)

ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ବାଲନ୍ଦାପଡା ଅଞ୍ଚଳରେ ସୋମବାର ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ବ୍ୟକ୍ତିଙ୍କୁ ବିଏସ୍ଏଫ୍ ଜବାନ ଚିକିତ୍ସା କରାଇଛନ୍ତି। ବାଲନ୍ଦାପଡ଼ା ପଞ୍ଚାୟତ ବାଘଡଙ୍ଗୁରି ଗାଁର ଚିତ୍ତ ନାୟକ ବାଇକରେ ବାଲନ୍ଦାପଡ଼ା ବଜାରକୁ ଯାଇ ଗାଁକୁ ଫେରୁଥିଲେ। ବଣିଆସାହି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ସେହି ସମୟରେ ବାଲନ୍ଦାପଡାଠାରେ ଥିବା ୯୯ ବାଟାଲିୟନର କେତେକ ଜବାନ ଡିୟୁଟି ସାରି କ୍ୟାମ୍ପକୁ ଫେରୁଥିଲେ। ଗୁରୁତରଙ୍କୁ ଜବାନମାନେ ଉଦ୍ଧାର କରି ପ୍ରଥମେ ବାଲନ୍ଦାପଡା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଫୁଲବାଣୀ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ। ଜବାନଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଉଛି।

# ଏସ୍ଏଚ୍‌ଜି ସମ୍ପାଦିକା ବେଆଇନ ଋଣ ଆଣିଥିବା ଅଭିଯୋଗ

## ମୃତ୍ୟୁ ପରେ ତଦନ୍ତ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର

ଚିକିଟି,୧୨।୮ (ପ୍ରକାଶ ଚନ୍ଦ୍ର ସାହୁ):

ଚିକିଟି ବ୍ଲକ ଅନ୍ତର୍ଗତ କୃଷ୍ଣପୁର ଗ୍ରାମସ୍ଥିତ ମା' ଘୋଡ଼ାଦେବୀ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକାଙ୍କ ମୃତ୍ୟୁ ପରେ ଉକ୍ତ ସଂଘ ନାମରେ ନିଆଯାଇଥିବା ଋଣଗୁଡ଼ିକର ତଦନ୍ତ ପାଇଁ ସୋମବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ସମ୍ପାଦିକା ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ ଏବଂ ସମବାୟ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଆଣିଥିବା ଜଣାପଡିଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଏ ନେଇ ନୋଟିସ କରିବା ପରେ ସମ୍ପୃକ୍ତ ସଂଘର ସଦସ୍ୟାମାନେ ଋଣ ସମ୍ପର୍କରେ ଜାଲିଆତି କରି ସେ ଟଙ୍କା ଆତ୍ମସାତ୍ କରିଥିବା ଜାଣିବାକୁ ପାଇଲେ। ଏ ନେଇ ଜିଲାପାଳଙ୍କୁ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ୧୯୯୮ ମସିହାରେ ମାଁ ଘୋଡ଼ା ଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଥିଲା। ଉକ୍ତ ସଂଘର ପରିଚାଳନା ନିମନ୍ତେ ବନ୍ତା ଉମାଙ୍କୁ ସଭାପତି ଓ ଚିନାରି ସୁବର୍ଣ୍ଣ ମାଳା ପାତ୍ରଙ୍କୁ ସମ୍ପାଦିକା ଭାବେ ଚୟନ କରାଯାଇଥିଲା। ଗ୍ରୁପ ନାମରେ ଇଣ୍ଡିଆନ୍ ଗ୍ୟାସ୍ ଡିଲର୍‌ସିପ ଅଣାଯାଇଥିଲା। ଗ୍ୟାସ୍ ଡିଲରସିପର ସମସ୍ତ ଅଫିସ କାର୍ଯ୍ୟ ସମେତ ଗ୍ୟାସ ବିତରଣ ଦାୟିତ୍ୱ ସମ୍ପାଦିକା ବୁଝି ଆସୁଥିଲେ। ଗତ ୨୩.୭.୨୪ ତାରିଖରେ ହଠାତ୍ ସମ୍ପାଦିକାଙ୍କ ମୃତ୍ୟୁ ପରେ ବିଭିନ୍ନ ବିଭାଗରୁ ଋଣ ପରିଶୋଧ କରିବା ନିମନ୍ତେ ଆମକୁ ତାଗିଦ କରାଯାଉଛି। ଛତ୍ରପୁରସ୍ଥିତ ଗ୍ୟାସ୍ କନେକ୍ସନ ଅଫିସ ପକ୍ଷରୁ ୫୬୧୨୭୦ ଟଙ୍କା ଋଣ ପରିଶୋଧ କରିବା ପାଇଁ କହୁଛନ୍ତି। ସେହିପରି ଚିକିଟି ସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ ଗ୍ରୁପ ନାମରେ ୫ ଲକ୍ଷ ଋଣ ଆଣିଥିବା ନେଇ ପରିଷଦ କରିବା ପାଇଁ ତାଗିଦ୍ କରାଯାଉଛି। ସେହିଭଳି ଗ୍ରାମ ପଞ୍ଚାୟତ ଆଞ୍ଚଳିକ ପକ୍ଷରୁ ୨୦.୧.୨୦୨୧ ତାରିଖରେ ୮୦୦୦୦ ଟଙ୍କା ଆଣିଛନ୍ତି। ଚିକିଟି ସମବାୟ ବ୍ୟାଙ୍କରୁ ୭୭୦୦୦ ଆଣିଛନ୍ତି। ଏହିଭଳି ବିଭିନ୍ନ ବ୍ଲାଙ୍କରୁ ସମ୍ପାଦିକା ଋଣ ଆଣି ପରିଷଦ କରିନାହାନ୍ତି। କିନ୍ତୁ ଆମେ ଗରିବ ଦିନ ମଜୁରିଆ ଶ୍ରେଣୀର ମହିଳା। ଏଣୁ ଉପରୋକ୍ତ ବିଷୟ ପ୍ରତି ଅନୁଧ୍ୟାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

# ମୋ ଗାଁକୁ ବାଂଲାଦେଶୀ ମନା

ଦାରିଙ୍ଗବାଡ଼ି, ୧୨।୮ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବାଂଲାଦେଶୀ ଅନୁପ୍ରବେଶକୁ ବିରୋଧ କରି ଶ୍ରୀରାମ ସେନା ପକ୍ଷରୁ 'ମୋ ଗାଁକୁ ବାଂଲାଦେଶୀ ମନା, ଆମେ ଚାହୁଁ ବାଂଲାଦେଶୀ ମୁକ୍ତ କନ୍ଧମାଳ' ଲେଖା ଥିବା ପୋଷ୍ଟର, ବ୍ୟାନରକୁ ବିଭିନ୍ନ ସ୍ଥାନରେ ଲଗାଯାଇଛି। ଏଥିସହ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ଆକ୍ରମଣ ବିରୋଧରେ ଦାରିଙ୍ଗବାଡ଼ି ଶ୍ରୀରାମ ସେନା କନ୍ଧମାଳ ଏବଂ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ପ୍ରତିବାଦ କରାଯିବା ସହ ଲୋକଙ୍କୁ ସଚେତନ କରାଯାଇଛି। ବିଭିନ୍ନ ଗ୍ରାମରେ ବୁଲାବିକାଳିଙ୍କ ବାଇକ କାଗଜପତ୍ରକୁ ଯାଞ୍ଚ କରାଯିବା ସହ ଆଧାର, ଭୋଟର ପରିଚୟ ପତ୍ରକୁ ସ୍ଥାନୀୟ ପୋଲିସ କଡ଼ାକଡ଼ି ଭାବେ ଯାଞ୍ଚ କରନ୍ତୁ ଏବଂ ବୁଲାବିକାଳିଙ୍କଠାରୁ କୌଣସି ସାମଗ୍ରୀ ନ କିଣିବାକୁ ପରାମର୍ଶ ଦିଆଯାଇଛି।


FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, Sector-7, CDA, Cuttack, Odisha
O.A. No. 152 of 2024

BANK OF INDIA, SASTRI NAGAR BRANCH .....Applicant
VERSUS
MR. NAROTTAM MOHANTY .....Defendant

To,
MR. NAROTTAM MOHANTY, S/o- Muralidhar Mohanty, resident of Flat No. 202, Tridhara Enclave, Mahadev Nagar, Jharapada, PS: Laxmisagar, Bhubaneswar, Dist.: Khurda, PIN-751006.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 152 of 2024** in the Court of the Debts Recovery Tribunal, Cuttack for recovery of **Rs.41,19,230/-** only together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an Advocate or duly authorized agent in support of their defense to show cause within **30 days** from the date of publication or on **19.09.2024 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in your absence.

Given under my hand and seal of this Tribunal on this **02nd day of August, 2024.**

Sd/- (NIKHILA RANJAN PATI)
REGISTRAR



कार्यपालक अभियंता का कार्यालय,
ग्रामीण कार्य विभाग, कार्य प्रमंडल, चाईबासा
email- rwdchaibasa64@gmail.com

**शुद्धि पत्र**

एतद् द्वारा सूचित किया जाता है कि इस कार्यालय के पत्रांक– 1060(अनु0) दिनांक–29.07.2024 द्वारा आमंत्रित ई निविदा आमंत्रण सूचना सं0–**06/2024-25 /RWD/EE/CHAIBASA** जिसके शुद्धि पत्र का **PR No–332345 West Singhbhum (24-25) D** में निकाली गई निविदा को आंशिक रूप से संशोधित किया जाता है जो निम्न है –

| क्र0 | पूर्व में दैनिक समाचार पत्र में प्रकाशित | संशोधित तिथि |
|---|---|---|
| 1 | वेबसाईट में निविदा प्रकाशन की तिथि :–14.08.2024 | वेबसाईट में निविदा प्रकाशन की तिथि –14.08.2024 |
| 2 | ई–निविदा प्राप्ति की अंतिम तिथि एवं समय :– 04.09.2024 अपराह्न 05:00 बजे तक। | ई–निविदा प्राप्ति की अंतिम तिथि एवं समय :– 24.08.2024 अपराह्न 05:00 बजे तक। |
| 3 | निविदा खोलने की तिथि एवं समय :–05.09.2024 अपराह्न 05:00 बजे। | निविदा खोलने की तिथि एवं समय :–27.08.2024 पूर्वाह्न 11:30 बजे। |

निविदा की शेश कंडिकाएँ एवं शर्त्तें यथावत् रहेंगी।

विश्वासभाजन,
ह0/–
कार्यपालक अभियंता
ग्रामीण कार्य विभाग, कार्य प्रमण्डल, चाईबासा

PR 332493 (West Singhbhum)24-25*D



FORM NO.-13
**BEFORE THE DEBTS RECOVERY TRIBUNAL, CUTTACK**
C-71, Sector-7, C.D.A, Cuttack, Odisha
O.A. No. 175/2024

BANK OF INDIA .....Applicant
VRS
**Sri Chandra Kishore Dash,** aged about 48 years, S/o- Sri Biswanath Dash of Aparna Nagar, Chauliaganj, P.O- Naya Bazaar, Dist.: Cuttack, Odisha-753004 .....DEFENDANT NO. 4

**SUMMONS BY PAPER PUBLICATION FOR SHOWING SHOW CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted **O.A. No. 175/2024** in the Court of Debts Recovery Tribunal, Cuttack for recovery of **Rs.32,92,469.48P** (Rupees Thirty Two Lakh Ninety Two Thousand Four Hundred Sixty Nine and Forty Eight Paise Only) together with current and future interest, cost and other reliefs. The above mentioned Defendant is therefore directed to appear before this Tribunal in person or through Advocate or duly authorized agent in support of his defense to show cause within **thirty days** from the date of publication or on **30.09.2024 at 10.30 A.M.** as to why relief prayed for should not be granted.

Take notice that in case of default the application will be heard and determined in your absence.

Given under my hand and seal of this Tribunal on this **1st day of August, 2024.**

Sd/- (NIKHILA RANJAN PATI)
REGISTRAR



**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL) :
BALIMELA HYDRO ELECTRIC PROJECT, Post : Balimela, Dist : Malkangiri (Odisha); Pin : 764051
Phone Nos. - 06861 - 232581 (O) / 232641 (R). FAX - 06861-232541
E-mail : <unit.head_balimela@yahoo.com, bhep.balimela@gmail.com>

REGD. OFFICE : ODISHA HYDRO POWER CORPORATION LIMITED
(A Government of Odisha Undertaking)
ODISHA STATE POLICE, HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22
Tel : 91-0674-2542983, 2542802, 25425526, 2542826, Fax : 254102, TELEGRAM : Hydropwer.
E-Mail : ohpc.co@gmail.com/md@ohpcltd.com, Web : www.ohpcltd.com

**SECTION-I**
**TENDER CALL NOTICE**
**NOTICE INVITING TENDER NO. BHEP/DE-III/16/2024-25 DTD-09.08.2024**

No.CAD-823 : Sealed Tenders are invited in two parts (i.e. Part-A techno-commercial bid & Part-B price bid) & in percentage bid basis from the Electrical Contractors/Firms/Agencies having experience in the execution of similar work under State/Central Govt/PSU of Govt of India/PSU of Govt. of Odisha & having valid license & fulfilling the eligibility criteria as per the tender specification for the work as mentioned below.

| Sl. No. | Description of Work | Cost of tender paper (Non-refundable) in Rs. | EMD (Refundable) in Rs. | Period of availability of tender documents | Last date & Time of receipt of Tender | Date & Time of opening of Techno-commercial Bid |
|---|---|---|---|---|---|---|
| 1 | OPERATION & MAINTENANCE CONTRACT OF H.T. & L.T. LINE, 11/0.4 KV SUB-STATION, STREET LIGHT, PATROLLING OF LINES, CUTTING OF BRANCHES OF TREES, INTERNAL WIRING, MAINTENANCE OF RESIDENTIAL AND NON RESIDENTIAL BUILDING ON JOB CONTRACT BASIS FOR 02 (TWO) YEARS | Rs. 6000/- + (GST @ 18%) Rs.1080/- = Rs.7080/- | Rs. 45,500/- in shape of DD | 11:00 Hrs on 14.08.2024 to 17:00 Hrs on 28.08.2024 | 28.08.2024 Up to 17:00 Hrs | 29.08.2024 at 12:30 Hrs |

NB: (1) For details of the tender documents, terms & conditions, please visit our website **www.ohpcltd.com**

OIPR-04019/11/0022/2425

Sd./- C & P Head
BHEP, Balimela



पुलिस अधीक्षक का कार्यालय, गुमला

(गुमशुदा की तलाश)



सर्व साधारण को सुचित किया जाता है कि पीड़िता मुक्ता टोप्पो, उम्र 14 वर्ष पे0 स्व0 इंजीनियुस टोप्पो ग्राम पुण्डी, थाना जारी, जिला गुमला (झारखण्ड) जो माह अप्रैल 2014 में अंतिम बार रोहतक (हरियाणा) में देखा गया था। जिसके संबंध में अहतु थाना कांड सं0 14/21 दिनांक 28.08.21 दर्ज कर खोजबीन की जा रही है। जिसका रंग सावला, शरीर सामान्य, बाल काला, भाशा सादरी एवं हिन्दी बोलती है। इनकी खोजबीन हेतु जनता का सहयोग अपेक्षित है। उपरोक्त सूचना को सार्वजनिक किया जाना आवश्यक है।

अतः सभी जन साधारण से अनुरोध है कि उपरोक्त लापता लड़की के बारे में कोई पहचान/जानकारी मिलने पर पुलिस अधीक्षक का कार्यालय गुमला या निम्नांकित मो0 नं0 पर संपर्क कर इसकी सूचना दे सकते है।

1.पुलिस अधीक्षक गुमला – 9431706376
2.पुलिस उपाधीक्षक (मु0) गुमला। 9471182113
3.अनुमण्डल पुलिस पदाधिकारी गुमला – 9431706202
4.थाना प्रभारी, अहतु – 8986604606

पुलिस अधीक्षक,
गुमला

PR 332559 (Police)24-25*D



**BJB AUTONOMOUS COLLEGE, BHUBANESWAR**
No. : 4972 Date : 10.08.2024

**Notice for Inviting Tender to Leave out KIOSK**

No.CAD-824 : Tender in two bids i.e. Technical Bid and Financial bid in sealed cover along with requisite documents are invited from interested and experienced registered firms/agencies/organizations/SHG/individual proprietors having up-to-date all tax clearance to lease out the running and managing the KIOSK (Students Utility Centre) in the College campus. For details and the download of bid documents please visit the college website : **www.bjbcollege.in**. The last date of receipt of the sealed offers in the office of the undersigned is up to 5.00 PM on dtd. **22.08.2024** by Speed Post / Registered Post / Courier only. The authority reserves the right to accept or reject any or all the offers without assigning any reason thereof.

Sd./- Principal

OIPR-11011/11/0007/2425



GOVERNMENT OF ODISHA No.A-216
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, SUBARNAREKHA IRRIGATION DIVISION NO-II,**
AT/PO : DEULI, DIST : MAYURBHANJ, PIN : 757021
Mail Id : ee.sid2.deuli@gmail.com
**Government of Odisha "e" Procurement Notice**
**Bid Identification No. 02/2024-25 of S.E, S.I Division No-II, Deuli**

| | | |
|---|---|---|
| 1 | Name of Work | "Construction of Internal Road from Keutuniman Hospital Chhaka to Church Chhaka" |
| 2 | Estimated Cost for put to tender | Rs. 52.93 Lakh |
| 3 | Bid Security/E.M.D | Rs. 53,000/- |
| 4 | Period of Completion | 04 (Four) Calendar Months |
| 5 | Class of Contractor | "B" Class |
| 6 | Date & Time of availability of bid document in the portal | 14.08.2024 at 10:00 AM |
| 7 | Last date/time for receipt of bid in the portal | 31.08.2024 up to 5.00 PM |
| 8 | opening of Bid | 02.09.2024 at 11:00 AM |
| 9 | Name & Address of the O.I.T | Superintending Engineer, Subarnarekha Irrigation Division No-II, Deuli |

Further details can be seen from the e-Procurement Portal "https://tendersodisha.gov.in".

Sd./- Superintending Engineer,
S.I. Division No. II, Deuli

OIPR-32187/11/0003/2425



E-mail : eemisundargarh@yahoo.co.in
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH**
'e' Procurement Notice
**Bid Reference No. SE MID SNG 04/2024-25**

No.A-214: Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works | Civil construction work |
| 2 | No. of Works | 02 (Two) Nos |
| 3 | Estimated cost | Varies from Rs. 33.44 lakh to Rs. 49.75 lakh (Approximately) |
| 4 | Period of completion | 04 (Four) Calendar months |
| 5 | Date and Time of availability of bid documents in the portal | From dt. 14.08.2024 at. 10.00 AM to dt.23.08.2024 up to 5.30 PM |
| 6 | Last date / time of receipt of bids in the portal | Dt. 23.08.2024 up to 5.30 PM |
| 7 | Date of opening of Bid | Dt. 27.08.2024 at 11.00 AM onwards |
| 8 | Name and address of the OIT | Superintending Engineer, Minor Irrigation Division, Sundargarh |

**Further details can be seen from the e-Procurement market place http://tendersodisha.gov.in

Sd./-Superintending Engineer
M.I.Division, Sundargarh

OIPR-32124/11/0005/2425



See Career Appointment on every **Wednesday & Saturday**



**ODISHA CONSTRUCTION CORPORATION LTD.**
(A Govt. of Odisha Undertaking) No.CAD-826
**OFFICE OF THE GENERAL MANAGER (MECH.), ERECTION AND MAINTENANCE, CENTRAL WORKSHOP, RASULGARH, BHUBANESWAR - 751010 (ODISHA)**
Tel - 0674 : 2580896, E-mail : gmerectionocc@gmail.com
**(GSTIN - 21AAACO2571K2ZM)**
**"e"-Tender Notice No.15/OCCL/2024-25 (on-line).**

Type of work : "Fitting of 1st stage embedded parts for both radial gates & stoplogs for 12 sets, erection of anchorage system for 06 Nos of radial gates (05 nos of intermediate piers), erection & testing of pulley supporting girders for 130T rope drum hoist of radial gates for 12 sets, erection & testing of anchor bars for gear box supporting frame for 130T rope drum hoist for 12 sets and concreting of 2nd stage embedded parts for radial gates and stoplog, pertaining to Kanupur Gate erection Project, Basudevpur, Keonjhar as per drawings, scope of work and instruction of engineer-in-charge"
Total No. of work : 01 (one)
Period of completion : 180 (One hundred eighty) days.

| Tendering Officer | Bid identification no. | Cost of Tender document (Including GST) through on-line transfer system | Availability of tender (On-line) | Submission of Bid (On-line) |
|---|---|---|---|---|
| General Manager (Mech.), Erection and Maintenance, OCC Ltd., Central Workshop, Rasulgarh, Bhubaneswar | OCCL-G.M./ E&M/02/2024-25 | Rs. 11,800/- (Non-re-fundable) | 13.08.2024 10.00 AM to 27.08.2024 5.00 PM | 13.08.2024 10.00 AM to 27.08.2024 5.00 PM |

Date of opening of the Technical Bid : 28.08.2024 at 11.30 A.M.
Further details can be seen from the Govt. website (www.tendersodisha.gov.in)
Amendment/corrigendum/cancellation, if any shall be posted on-line only.

Sd./- General Manager (Mech.),
Erection and Maintenance
OCC Ltd., Bhubaneswar

OIPR-34163/11/0013/2425



**ବିଜ୍ଞାପନ**

**କଟକ–ଭୁବନେଶ୍ୱର–ବ୍ରହ୍ମପୁର/ଆସ୍କା/ପୋଲସରା ମାର୍ଗରେ ଯାତାୟାତ କରୁଥିବା ଯାତ୍ରୀବାହୀ ଯାନଗୁଡ଼ିକର ଚିଠା ସୁବ୍ୟବସ୍ଥାକରଣ ସମୟସାରଣୀ**

No. JJ-10: ଏତଦ୍ୱାରା କଟକ–ଭୁବନେଶ୍ୱର–ବ୍ରହ୍ମପୁର/ଆସ୍କା/ପୋଲସରା ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ବସ୍ ମାଲିକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ବସ୍ ମାଲିକମାନଙ୍କର ଯାତାୟାତ କରୁଥିବା ସମୟକୁ ସୁବ୍ୟବସ୍ଥାକରଣ କରି ଚିଠା ସମୟସାରଣୀ (Draft Rationalized Time) ପ୍ରସ୍ତୁତ କରାଯାଇଅଛି, ଯାହାକି STA Websiteରେ ଉପଲବ୍ଧ ଅଟେ।

ପ୍ରସ୍ତୁତ କରାଯାଇଥିବା ଚିଠା ସୁବ୍ୟବସ୍ଥାକରଣ ସମୟ (Draft Rationalized Time) ସାରଣୀରେ ଯଦି କୌଣସି ବସ୍ ମାଲିକମାନଙ୍କର କିଛି ଆପତ୍ତି ଅଭିଯୋଗ ଥାଏ, ସେମାନେ ତାଙ୍କର ଲିଖିତ ଅଭିଯୋଗ ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟରେ ଖବରକାଗଜରେ ପ୍ରକାଶିତ ଦିନଠାରୁ ୧୫ଦିନ ମଧ୍ୟରେ ଦାଖଲ କରିପାରିବେ। ନିର୍ଦ୍ଧାରିତ ସମୟ ପରେ ଅଭିଯୋଗଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ। ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରାଯାଇଥିବା ଅଭିଯୋଗଗୁଡ଼ିକୁ ତର୍ଜମା କରାଯାଇ ଅନ୍ତିମ ସୁବ୍ୟବସ୍ଥାକରଣ (Final Rationalized Time) ସମୟସାରଣୀ ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ କରାଯିବ। ଯେଉଁ ଯାତ୍ରୀବାହୀ ବସ୍‌ଗୁଡ଼ିକୁ ଚିଠା ସୁବ୍ୟବସ୍ଥାକରଣ ସମୟ ସାରଣୀରେ (Draft Rationalized Time) ଅନ୍ତର୍ଭୁକ୍ତ କରାଯାଇଅଛି। ଉକ୍ତ ବସ୍‌ଗୁଡ଼ିକର ପଞ୍ଜୀକୃତ ନମ୍ବର ଓ ସମୟ ସାରଣୀ STA Websiteରେ ଉପଲବ୍ଧ ଅଛି। STA Websiteର ଠିକଣା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

Website: **www.odishatransport.gov.in**

ସ୍ୱା./– ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ, ଓଡ଼ିଶା, କଟକ

OIPR-38003/11/0019/2425



कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, गढ़वा

मुख्यमंत्री ग्राम सड़क योजना
अल्पकालीन ई–निविदा आमंत्रण सूचना
ई–निविदा संख्या – 06/2024-25/RWD/GARHWA दिनांक – 12.08.2024

**1.कार्य का विवरण :–**

| क्र0 | प्रखण्ड | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में | कार्य समाप्ति की अवधि |
|---|---|---|---|---|---|---|
| 1 | रमकण्डा | RWD/GARHWA/ 16/2024-25 | चोरवा सेमर से उदयपुर पंचायत भवन तक पथ निर्माण कार्य। (6.300 कि0मी0) | 840.519 | आठ करोड़ चालीस लाख एकावन हजार नौ रूपये। | 18 (अठारह) महीना |
| 2 | रंका | RWD/GARHWA/ 17/2024-25 | चुटिया बलीगढ़ पी0एम0जी0एस0वाई0 रोड से पंचायत भवन तक पथ निर्माण कार्य।(3.800 कि0मी0) | 483.377 | चार करोड़ तिरासी लाख सैंतीस हजार सात सौ रूपये। | 18 (अठारह) महीना |

2. वेबसाईट पर निविदा प्रकाशन की तिथि :– 20.08.2024
3. ई–निविदा प्राप्ति की अंतिम तिथि एवं समय :– 28.08.2024 अपराह्न 5:00 बजे तक।
4. निविदा खोलने की तिथि एवं समय :– 30.08.2024 पूर्वाह्न 11:30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रा0का0वि0 कार्य प्रमंडल, गढ़वा।
6. ई–निविदा प्रकोष्ठ का दूरभाष सं0: 06561–299963

विस्तृत जानकारी के लिए वेबसाईट www.jharkhandtenders.gov.in पर देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, गढ़वा

PR 332571 Rural Development(24-25).D



कार्यालय, जिला परिषद, रॉंची
(अभियंत्रण शाखा)

**अति अल्पकालीन ई–निविदा आमंत्रण सूचना**
टेन्डर रिफ्रेन्स नम्बर–DOPR/DE/Ranchi/ 10/2024-25

| S.No | योजना का नाम | स्वीकृत राशि (रुपये में) | अग्रधन की राषि | परिमाण विपत्र का मूल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | 50 शैयया अल्पसंख्यक छात्रावास मदरसा इस्लामिया अरबिया सोंस, चान्हों, रॉंची। | 3,12,51,800.00 | 6,25,500.00 | 10,000.00 | 18 माह |
| 02 | 50 शैयया अल्पसंख्यक छात्रावास आइडियल अकादमी ऑफ नर्सिंग एजुकेषन, दलादली चौक, रॉंची। | 3,12,51,800.00 | 6,25,500.00 | 10,000.00 | 18 माह |
| 03 | 50 शैयया अल्पसंख्यक छात्रावास इमारत पब्लिक स्कूल, लाधमा रोड, पिस्का नगड़ी, रॉंची। | 3,12,51,800.00 | 6,25,500.00 | 10,000.00 | 18 माह |
| 04 | 50 शैयया अल्पसंख्यक छात्रावास जामिया इस्लामिया मदरसा, ग्राम–रड़गॉव, पंचायत–रड़गॉव, प्रखण्ड–तमाड़, रॉंची। | 3,12,51,800.00 | 6,25,500.00 | 10,000.00 | 18 माह |
| 05 | 50 शैयया अल्पसंख्यक छात्रावास इदरीस मेडिकल हॉस्टल, जोरातालाब रोड, बरियातु, रॉंची। | 3,12,51,800.00 | 6,25,500.00 | 10,000.00 | 18 माह |
| 06 | 50 शैयया अल्पसंख्यक छात्रावास अलजेबर पारा मेडिकल कॉलेज, ब्राम्बे, माण्डर, रॉंची। | 3,12,51,800.00 | 6,25,500.00 | 10,000.00 | 18 माह |
| 07 | 50 शैयया अल्पसंख्यक छात्रावास दारूलउलूम इस्लाम नगर, जाड़ी बानापीड़ी, रॉंची। | 3,12,51,800.00 | 6,25,500.00 | 10,000.00 | 18 माह |

नोट :–केवल ई–टेण्डर ही स्वीकार होगें।
1.अधिक जानकारी के लिए बेबसाईट jharkhandtenders.gov.in पर देखा जा सकता है।
2. बेबसाईट में निविदा प्रकाशन की तिथि–20.08.2024
3. ई–निविदा की प्राप्ति की तिथि एवं समय–21.08.2024 से 28.08.2024 अपराह्न 5.00 बजे तक।
4. **निविदा खोलने की तिथि–29.08.2024 को 5.00 बजे अपराह्न।**
5. निविदा आमंत्रित करने वाले पदाधिकारी का नाम एवं पता–जिला अभियंता, जिला परिषद, रॉंची।
ई–निविदा प्रकोष्ट का दुरभाष नं0– 7739519093
6. परिमाण विपत्र की राशि घट बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
8. Form of Bid एवं Bill of Quauntity में दर भिन्न रहने पर संबंधित निविदादाता का निविदा अमान्य समझा जाएगा।
9. **निविदा डबल बीड प्रद्वति से होगा।**
10. **इस निविदा में जिला परिषद, रॉंची/भवन निर्माण विभाग, झारखण्ड रॉंची में निबंधित समुचित श्रेणी के संवेदक ही भाग लेगें।**

जिला अभियंता,
जिला परिषद, रॉंची।

PR 332562 (Panchayati Raj) 24-25 (D)



कार्यपालक अभियंता का कार्यालय,
ग्रामीण कार्य विभाग, कार्य प्रमण्डल, खूँटी।
ई–अति अल्पकालीन पुनर्निविदा आमंत्रण सूचना

ई–अति अल्पकालीन पुनर्निविदा संख्याः–13/RI/2024-25/RWD/KHUNTI, दिनांक– 12.08.2024
कार्यपालक अभियंता, ग्रामीण कार्य विभाग, कार्य प्रमण्डल, खूँटी द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।
1.कार्य का नामः–

| क्र० सं० | आई०डी० सं०/ पैकेज सं० | प्रखण्ड | पथ का नाम | प्राक्कलित राशि (रूपये में) | अग्रधन की राशि (रूपये में) | कार्य समाप्ति की अवधि | टेण्डर कॉल नं० |
|---|---|---|---|---|---|---|---|
| 1 | RWD-KHU-STPKG-15/ 2023-24 | अड़की | 1. सलगाडीह कैनाल एन०एच०–33 से बारीगढ़ा तक पथ का सुदृढ़ीकरण कार्य (लं०– 18.00 कि०मी०)। | 14,62,97,200.00 (चौदह करोड़ बासठ लाख संतानबे हजार दो सौ रूपये मात्र।) | 29,26,000.00 (उनत्तीस लाख छबीस हजार रूपये मात्र।) | 15 माह। | द्वितीय |

2 वेबसाईट में निविदा प्रकाशन की तिथिः– 13.08.2024।
3 ई–निविदा प्राप्ति की अंतिम तिथि एवं समयः– 20.08.2024 अपराहन 5.00 बजे।
4 निविदा खोलने की तिथि एवं समयः– 22.08.2024 अपराह्न 3.30 बजे
5 निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, खूँटी, पिन–835210।
6 ई– निविदा प्रकोष्ट का दूरभाष सं०:– 9431170803
7 अग्रधन की राशि स्वीकृत परिमाण विपत्र के अनुरूप भी मान्य होगा।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, खूँटी।

PR 332509 Rural Work Department(24-25)D



HDFC BANK We understand your world
ପଞ୍ଜୀକୃତ କାର୍ଯ୍ୟାଳୟ: ଏଚଡିଏଫସି ବ୍ୟାଙ୍କ ଲମିଟେଡ, ଏଚଡିଏଫସି ବ୍ୟାଙ୍କ ହାଉସ, ସେନାପତି ବାପତ ମାର୍ଗ, ଲୋୟର ପରେଲ (ପଶ୍ଚିମ), ମୁମ୍ବାଇ-୪୦୦୦୧୩
ଶାଖା କାର୍ଯ୍ୟାଳୟ: ଏଚଡିଏଫସି ବ୍ୟାଙ୍କ ଲମିଟେଡ, ସି-୧୧୧, ବିଜନେସ୍ ପାର୍କ, ସହିଦନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ପାଇଁ) [ରୁଲ୍ ୮(୧)]

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ **ଏଚଡିଏଫସି ବ୍ୟାଙ୍କ ଲମିଟେଡର** ପ୍ରାଧିକୃତ ଅଧିକାରୀ ଭାବରେ ସିକ୍ୟୁରିଟାଇଜେସସନ ଆଣ୍ଡ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟସ ଏଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଅର୍ଡିନାନ୍ସ ୨୦୦୨ (୨୦୦୨ର ଅର୍ଡ଼ିନାନ୍ସ ୩) ଅଧିନରେ ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ ୨୦୦୨ର ରୁଲ ୧୩ସହ ଉପବିଭାଗ ୧୩(୨) ଅଧିନରେ କ୍ଷମତାପ୍ରୟୋଗ ପୂର୍ବକ ଋଣଗ୍ରହୀତା / ସହ ଋଣଗ୍ରହୀତା **କୃଷ୍ଣ ଆୟୁର୍ବେଦିକ ଫାର୍ମାସି, ଶ୍ରୀ ଦୁର୍ଗାଚରଣ ଦାଶ ଓ ଚୁନମୁନ ଦାଶଙ୍କୁ** ୧୩ ମାର୍ଚ୍ଚ ୨୦୨୪ରେ ଏକ ଡିମାଣ୍ଡ ନୋଟିସ ଜାରି କରିଛନ୍ତି ଯେଉଁଥିରେ ଉକ୍ତ ନୋଟିସରେ ଦର୍ଶାଯାଇଥିବା ପ୍ରକାରେ **ଟ.୪୪,୯୪,୫୧୩.୦୦/- (ଚଉରାଳିଶ ଲକ୍ଷ ଚଉରାନବେ ହଜାର ପାଞ୍ଚଶହ ତେର ଟଙ୍କା)** କେବଳ ସହ ଏହା ଉପରେ ସୁଧକୁ କଥିତ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପ୍ରଦାନ କରିବାକୁ କୁହାଯାଇଛି।

ଋଣଗ୍ରହୀତା ଉକ୍ତ ପରିମାଣ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ବିଶେଷ ଭାବରେ ଋଣଗ୍ରହୀତା ଓ ଜନସାଧାରଣଙ୍କୁ ଏଠାରେ ନୋଟିସ ମାଧ୍ୟମରେ ଜଣାଯାଉଛି କି ନିମ୍ନ ସ୍ୱାକ୍ଷରକାରୀ କଥିତ ଅଧିନୟମର ଧାରା ୧୩(୪) ସହ କଥିତ ରୁଲର ରୁଲ ୮(୧) ଓ (୨) ଅଧିନରେ କ୍ଷମତା ପ୍ରୟୋଗ ପୂର୍ବକ **୭ ଅଗଷ୍ଟ ୨୦୨୪**ରେ ନିମ୍ନ ବର୍ଣ୍ଣିତ ସଂପତ୍ତିକୁ ସାଙ୍କେତିକ ଅଧିଗ୍ରହଣ କରିଛନ୍ତି।

ବିଶେଷ ଭାବରେ ଋଣଗ୍ରହୀତାଙ୍କୁ ଓ ଜନସାଧାରଣଙ୍କୁ ଏଠାରେ ନୋଟିସ୍ ମାଧ୍ୟମରେ ସତର୍କ କରାଯାଉଛି କି ସେମାନେ ଏହି ସଂପତ୍ତି ଉପରେ କୌଣସି କାରବାର କରନ୍ତୁ ନାହିଁ ଏବଂ ଯଦି କୌଣସି କାରବାର କରନ୍ତି ତେବେ ଏଚଡିଏଫସି ବ୍ୟାଙ୍କ ଲିମିଟେଡକୁ **ଟ.୪୪,୯୪,୫୧୩.୦୦/- (ଚଉରାଳିଶ ଲକ୍ଷ ଚଉରାନବେ ହଜାର ପାଞ୍ଚଶହ ତେର ଟଙ୍କା)** ଓ ୧୩ ମାର୍ଚ୍ଚ ୨୦୨୪ ଠାରୁ ଏହା ଉପରେ ସୁଧ ଦେବା ପାଇଁ ଦାୟୀ ରହିବେ।

**ସ୍ଥାବର ସମ୍ପତ୍ତିର ବିବରଣୀ**

ଗୋଟିଏ ପ୍ଲଟ ଏକତ୍ର ସହ ତହିଁ ଉପରେ ଆବାସିକ ଗୃହ ନିର୍ମିତ ପ୍ଲଟର ଏରିଆ ପ୍ରାୟ ୧୭୪୨ ବର୍ଗଫୁଟ ଓ ୧୯୨୮ ବର୍ଗଫୁଟ ଯାହା ପ୍ଲଟ ନଂ ୭୮୭/୨୮୩୭, ବସଷ୍ଟାଣ୍ଡ ନିକଟ, ଖାତା ନଂ ୪୭୬/୧୭୭୪, ମୌଜା-ସହଦେବଖୁଣ୍ଟା, ଥାନା-ବାଲେଶ୍ୱର ୟୁନିଟ ନଂ ୦୨, ତହସିଲ-ବାଲେଶ୍ୱର, ବାଲେଶ୍ୱର ଆରଓ, ଓଡ଼ିଶା, ଭାରତ-୭୫୬୦୦୧ ସହ ଏରିଆ ୦.୦୪୦୦ ଡିସିମିଲ, କିସମ/ପ୍ରକାର-ଘରବାରି, ସ୍ଥିତି: ସ୍ଥିତିବାନ। ଚତୁଃସୀମା:- ଉତ୍ତର-ପ୍ଲଟ ନଂ. ୭୮୭(ପି)(ସୁମନ କୁମାର ଚାନ୍ଦ), ଦକ୍ଷିଣ-ପ୍ଲଟ ନଂ. ୭୮୭(ପି), ପୂର୍ବ-ସଡ଼କ, ପଶ୍ଚିମ-ପ୍ଲଟ ନଂ.୭୮୭(ପି) (ସମ୍ପତ୍ତିର ମାଲିକ - ଦୁର୍ଗାଚରଣ ଦାଶ)

ତାରିଖ: ୧୩.୦୮.୨୦୨୪
ସ୍ଥାନ: ଭୁବନେଶ୍ୱର

ସ୍ୱା/- ପ୍ରାଧିକୃତ ଅଧିକାରୀ
ଏଚଡିଏଫସି ବ୍ୟାଙ୍କ ଲିଃ

## ସଂକ୍ଷେପରେ

### ୟୁଜିସି-ନେଟ୍ ପରୀକ୍ଷା ବାତିଲ ନିଷ୍ପତ୍ତିରେ ହସ୍ତକ୍ଷେପ କଲେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୨।୮(ପି.ଟି.)

ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ନେଇ ସରକାର ୟୁଜିସି-ନେଟ୍ ପରୀକ୍ଷା ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି କେତେଜଣ ପରୀକ୍ଷାର୍ଥୀ ସୁପ୍ରିମକୋର୍ଟରେ ସାନି ଆବେଦନ କରିଥିଲେ। ତେବେ ସର୍ବୋଚ୍ଚ ଅଦାଲତ ସରକାରଙ୍କ ନିଷ୍ପତ୍ତି ଉପରେ ହସ୍ତକ୍ଷେପ କରିବାକୁ ସୋମବାର ମନା କରିଦେଇଛନ୍ତି। ବର୍ତ୍ତମାନ ସ୍ଥିତିରେ ହସ୍ତକ୍ଷେପ କରିବା ଅବ୍ୟବସ୍ଥା ସୃଷ୍ଟି କରିବ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି। ସରକାର ଅଗଷ୍ଟ ୨୧ରେ ସାନି ପରୀକ୍ଷା କରାଇବାକୁ ଯାଉଥିବାରୁ ଛାତ୍ରଛାତ୍ରୀ ଆଶ୍ୱସ୍ତ ହେବେ ବୋଲି ଆଶା କରାଯାଉଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବା ଏହାକୁ ଗମ୍ଭୀର ଭାବେ ପ୍ରଭାବିତ କରିବା ସହ ଅରାଜକତା ସୃଷ୍ଟି କରିବ ବୋଲି ସିଜେଆଇ କହିଛନ୍ତି। ସୂଚନାଯୋଗ୍ୟ ଜୁନ୍ ୧୮ରେ ୟୁଜିସି-ନେଟ୍ ପରୀକ୍ଷା ହୋଇଥିବାବେଳେ ତା' ପରଦିନ ବାତିଲ କରିଦିଆଯାଇଥିଲା।

### ୟୁକ୍ରେନ୍‌ର ଆକ୍ରମଣ, ଅଞ୍ଚଳ ଖାଲି କରିବାକୁ ରୁଷୀୟ ସେନାର ଅନୁରୋଧ

କିଭ୍, ୧୨।୮

ରୁଷିଆର କୁର୍ସ୍କ ସୀମା ଛାଡ଼ି ଅନ୍ୟତ୍ର ପଳାଇଯିବାକୁ ସ୍ଥାନୀୟ ସ୍ଥାନୀୟ ବାସିନ୍ଦାଙ୍କୁ ରୁଷୀୟ ସେନା ଅପିଲ କରିଛି। ୟୁକ୍ରେନ୍ କୌଣସି ମୁହୂର୍ତ୍ତରେ ଆକ୍ରମଣ କରିବାକୁ ଥିବାରୁ ରୁଷୀୟ ସେନା ଏହି ନିର୍ଦ୍ଦେଶ ଦେଇଛି। ଗତ ୬ରେ ସଶସ୍ତ୍ର ୟୁକ୍ରେନ୍ ସେନା ସୀମା ପାର୍‌କରି ୩୦ କିଲୋମିଟର ପର୍ଯ୍ୟନ୍ତ ରୁଷିଆ ମଧ୍ୟକୁ ପଶି ଆକ୍ରମଣ କରିଥିଲା। ତେଣୁ ସପ୍ତାହେ ମଧ୍ୟରେ ୭୬ ହଜାର ଲୋକ କୁର୍ସ୍କ ଅଞ୍ଚଳ ଛାଡ଼ି ପଳାୟନ କରିଥିବା ରୁଷିଆର ଜରୁରିକାଳୀନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୟୁକ୍ରେନ୍ ସୈନ୍ୟ ୧୦ କି.ମି ମଧ୍ୟକୁ ପଶିଆସି ସୁଦ୍‌ଝା ସହରର ପଶ୍ଚିମ ପାର୍ଶ୍ୱକୁ ଅଧିକୃତ କରି ରଖିଥିବା ରୁଷିଆ କହିଛି।

# ଆଦାନୀ ତଦନ୍ତ ସିବିଆଇ କିମ୍ବା ଏସ୍‌ଆଇଟିଙ୍କୁ ଦିଆଯାଉ

## ଦାବି ଜଣାଇଲା କଂଗ୍ରେସ

ନୂଆଦିଲ୍ଲୀ,୧୨।୮(ପି.ଟି.)

ପୁଞ୍ଜି ବଜାର ନିୟନ୍ତ୍ରକ ସେବିର ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କ ବିରୋଧରେ ଆମେରିକୀୟ ରିସର୍ଚ୍ଚ ଫାର୍ମ ହିଣ୍ଡେନ୍‌ବର୍ଗ ଗମ୍ଭୀର ଅଭିଯୋଗ ଆଣିବା ପରେ କଂଗ୍ରେସ ପକ୍ଷରୁ ତାଙ୍କ ଇସ୍ତଫା ଦାବି କରାଯାଇଛି। ଆଦାନୀ ମାମଲାରେ ସେବି ସାଲିସ କରିବା ସମ୍ଭାବନା ଥିବାରୁ ସୁପ୍ରିମକୋର୍ଟ ଏହାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) କିମ୍ବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି)କୁ ହସ୍ତାନ୍ତର କରନ୍ତୁ ବୋଲି କଂଗ୍ରେସ ନିବେଦନ କହିଛି।

କଂଗ୍ରେସର ଅଭିଯୋଗ ଅନୁଯାୟୀ, ମୋଦାନୀ ମହାଦୁର୍ନୀତିରେ ଅଣଜୈବିକ ପ୍ରଧାନମନ୍ତ୍ରୀ ଏବଂ ଜୈବିକ ବ୍ୟବସାୟୀ ସମ୍ପୃକ୍ତ। ତେଣୁ ଏହାର ତଦନ୍ତ ପାଇଁ ତୁରନ୍ତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରାଯାଉ। ଆଦାନୀ ଗ୍ରୁପ୍ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକର ଉପଯୁକ୍ତ ତଦନ୍ତ ହୋଇଛି ଏବଂ ସେବି ଅଧ୍ୟକ୍ଷା ମାଧବୀ ଏହା ପ୍ରଘଟ କରିବା ସହ ଉକ୍ତ ଡିଲ୍‌ଠାରୁ ନିଜକୁ ଦୂରେଇ ରଖିଥିଲେ ବୋଲି ବଜାର ନିୟାମକ କହିବାର ଦିନକ ପରେ କଂଗ୍ରେସ ଉପରୋକ୍ତ ଅଭିଯୋଗ ଆଣିଛି। ଆଦାନୀ ଗ୍ରୁପ୍‌ର


ଗୌତମ ଆଦାନୀ


ମାଧବୀ ପୁରୀ ବୁଚ୍

କେତେକ ଆର୍ଥିକ କାରବାରକୁ ନେଇ ଚାଲିଥିବା ତଦନ୍ତ ଉପରେ ସେବି ନିଜର ବିବୃତି ଜରିଆରେ ଖୁବ୍ ସକ୍ରିୟ ଥିବାର ଭାବମୂର୍ତ୍ତି ଦେଖାଇବାକୁ ଉଦ୍ୟମ କରୁଥିବା କଂଗ୍ରେସର ଯୋଗାଯୋଗ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ସେବି ୧୦୦ ସମନ ଜାରି କରିବା ସହ ୧,୧୦୦ ଚିଠି ଓ ଇମେଲ୍ ପଠାଇବା ସହ ୧୨,୦୦୦ ପୃଷ୍ଠାର ୩୦୦ ଡକ୍ୟୁମେଣ୍ଟ ଯାଞ୍ଚ କରିଥିବା କହିଥିଲା। ଏହାଦ୍ୱାରା ମୁଖ୍ୟ ପ୍ରସଙ୍ଗରୁ ଧ୍ୟାନ ହଟାଇବାକୁ ଉଦ୍ୟମ ହେଉଛି। ଜୟରାମ କହିଛନ୍ତି, ଆଦାନୀ ଗ୍ରୁପ୍‌ର ଷ୍ଟକ୍ ମୂଲ୍ୟ ଜାଲିଆତିକୁ ନେଇ ହିଣ୍ଡେନବର୍ଗ ଗତବର୍ଷ ଜାନୁଆରୀରେ ପ୍ରଥମ ରିପୋର୍ଟ ପ୍ରକାଶ କରିବା ପରେ ପୁଞ୍ଜି ବଜାରର ସ୍ୱଚ୍ଛତା ଉପରେ ଭରସା ରଖିଥିବା କୋଟିକୋଟି ଭାରତୀୟଙ୍କ ତରଫରୁ ସେ ଭାରତର ଫାଇନାନ୍ସିଆଲ ମାର୍କେଟର ପରିଚାଳନା ଦାୟିତ୍ୱ ନିଭାଇବାକୁ ୨୦୨୩ ଫେବୃଆରୀ ୧୪ରେ ସେବି ଅଧ୍ୟକ୍ଷାଙ୍କୁ ପତ୍ର ଲେଖିଥିଲେ। ତେବେ ଅଧ୍ୟକ୍ଷା ଏହାର କୌଣସି ଉତ୍ତର ଦେଇ ନ ଥିଲେ।

ଆଦାନୀ ଗ୍ରୁପ୍‌ର ଜାଲିଆତି ଅଭିଯୋଗ ଉପରେ ତଦନ୍ତ ୨ ମାସ ମଧ୍ୟରେ ଶେଷ କରିବାକୁ ସୁପ୍ରିମକୋର୍ଟ ଗତବର୍ଷ ମାର୍ଚ୍ଚ ୩ରେ ନିର୍ଦ୍ଦେଶ ଦେଇଥିଲେ। ଅଥଚ ୧୮ ମାସ ପରେ ଆଦାନୀ ଗ୍ରୁପ୍ ସର୍ବନିମ୍ନ ପବ୍ଲିକ୍ ଶେୟାରହୋଲ୍ଡିଂ ସମ୍ପର୍କିତ ରୁଲ୍ ୧୯ଏ'ର ଉଲ୍ଲଂଘନ କରିଛି କି ନାହିଁ, ତାହାର ତଦନ୍ତ ଶେଷ ହୋଇ ନ ଥିବା ସେବି କହୁଛି। ଅର୍ଥାତ୍ ସେବି ୨୪ଟି ତଦନ୍ତ ମଧ୍ୟରୁ ୨ଟିର ତଦନ୍ତ କରିବାରେ ଅସମର୍ଥ ହୋଇ ବର୍ଷେ ହେଲା ରିପୋର୍ଟକୁ ପକାଇ ରଖିଛି। ଘନିଷ୍ଠ ବନ୍ଧୁଙ୍କ ବେଆଇନ କାର୍ଯ୍ୟରେ ପ୍ରଧାନମନ୍ତ୍ରୀଙ୍କ ଭୂମିକାକୁ ଲୁଚାଇ ସାଧାରଣ ନିର୍ବାଚନ ପାର ହେବା ପାଇଁ ତଦନ୍ତ ରିପୋର୍ଟକୁ ଜାଣିଶୁଣି ବିଳମ୍ବିତ କରାଯାଇଥିବା କଂଗ୍ରେସ ନେତା ଅଭିଯୋଗ ଆଣିଛନ୍ତି। ଆଦାନୀ ଗ୍ରୁପ୍ ଉକ୍ତ ମାମଲାରେ କ୍ଲିନ୍‌ଚିଟ୍ ପାଇଥିବା ଦାବି କରୁଥିବାବେଳେ ଏହାର ଅନେକ କମ୍ପାନୀକୁ ସେବି କାରଣ ଦର୍ଶାଅ ନୋଟିସ ଜାରି କରିଥିବା କୁହାଯାଉଛି। ବିରୋଧୀ ନେତାଙ୍କ ବିରୋଧରେ ପ୍ରଧାନମନ୍ତ୍ରୀଙ୍କ ତଦନ୍ତକାରୀ ସଂସ୍ଥାଗୁଡ଼ିକ ତ୍ୱରିତ୍ ତଦନ୍ତ କରୁଥିବାବେଳେ ଆଦାନୀ ମାମଲାରେ ବିଳମ୍ବ କାହିଁକି ବୋଲି କଂଗ୍ରେସ ନେତା ପ୍ରଶ୍ନ କରିଛନ୍ତି। ଗତ ୧୦ ତାରିଖରେ ହିଣ୍ଡେନ୍‌ବର୍ଗ ଦ୍ୱିତୀୟ ରିପୋର୍ଟ ପ୍ରକାଶ କରିବା ପରେ ଆଦାନୀ ମହାଦୁର୍ନୀତି ମାମଲାର ତଦନ୍ତ ପରିଚାଳନାରେ ସେବି ଅଧ୍ୟକ୍ଷା ମାଧବୀଙ୍କ ସାଧୁତାକୁ ନେଇ ପ୍ରଶ୍ନ ଉଠିଛି। ଆଦାନୀ ଗ୍ରୁପ୍ ଷ୍ଟକ୍ ଜାଲିଆତି ପାଇଁ ବ୍ୟବହାର କରୁଥିବା ବରମୁଡ଼ା ଓ ମରିସସ୍‌ର ଅଫ୍‌ସୋର କମ୍ପାନୀଗୁଡ଼ିକରେ ମାଧବୀ ଓ ତାଙ୍କ ସ୍ୱାମୀ ପୁଞ୍ଜିନିବେଶ କରିଥିବା ହିଣ୍ଡେନ୍‌ବର୍ଗର ଦ୍ୱିତୀୟ ରିପୋର୍ଟରେ ଦର୍ଶାଯାଇଛି।

### 'ନିଜକୁ ସ୍ୱଚ୍ଛ ପ୍ରମାଣିତ କରନ୍ତୁ ସେବି ଅଧ୍ୟକ୍ଷା'

ନୂଆଦିଲ୍ଲୀ,୧୨।୮(ପି.ଟି.)

HINDENBURG RESEARCH

ସେବି ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍ ଅଫସୋର କମ୍ପାନୀରେ ପୁଞ୍ଜିନିବେଶ କରିଥିବା ସ୍ୱୀକାର କରିଛନ୍ତି। ତାଙ୍କର ସିଙ୍ଗାପୁର ଏବଂ ଭାରତୀୟ କନ୍‌ସଲ୍ଟିଂ ଫାର୍ମରେ ଗ୍ରାହକମାନଙ୍କ ସହ ଡିଲ୍ ସମ୍ପର୍କରେ ନିଜର ସ୍ୱଚ୍ଛତା ପ୍ରମାଣିତ କରିବାକୁ ଆମେରିକୀୟ ରିସର୍ଚ୍ଚ ଫାର୍ମ ହିଣ୍ଡେନ୍‌ବର୍ଗ ମାଧବୀଙ୍କୁ ଆହ୍ୱାନ ଦେଇଛି।

ହିଣ୍ଡେନ୍‌ବର୍ଗର ସଦ୍ୟତମ ଅଭିଯୋଗ ସେବିର ବିଶ୍ୱସନୀୟତା ଉପରେ ଆକ୍ରମଣ ଏବଂ ଚରିତ୍ର ହାନି କରିବାକୁ ଉଦ୍ୟମ ବୋଲି ମାଧବୀ ଓ ତାଙ୍କ ସ୍ୱାମୀ ମନ୍ତବ୍ୟ ଦେଇଥିଲେ। ଏହା ପରେ ରିସର୍ଚ୍ଚ ଫାର୍ମ ଏକ୍ସ'ରେ ଏକାଧିକ ପୋଷ୍ଟ ଜରିଆରେ ଜବାବ ଦେଇଛି। ଏହା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଘଟ କରିବା ସହ ନୂଆ ପ୍ରଶ୍ନ ଛିଡ଼ା କରାଇଛି। ବରମୁଡ଼ା କିମ୍ବା ମରିସସ୍ଥିତ ବିନୋଦ ଅମ୍ବାନୀଙ୍କ ପରିଚାଳିତ ସଂସ୍ଥାରେ ମାଧବୀ ପୁଞ୍ଜିନିବେଶ କରିବା ସହ ଏହା ତାଙ୍କ ସ୍ୱାମୀଙ୍କ ବାଲ୍ୟବନ୍ଧୁଙ୍କ ଦ୍ୱାରା ପରିଚାଳିତ ହେଉଥିବା କହିଛନ୍ତି, ଯିଏକି ସେତେବେଳେ ଆଦାନୀ ଗ୍ରୁପ୍‌ର ନିର୍ଦ୍ଦେଶକ ଥିଲେ। ୨୦୧୭ରେ ମାଧବୀ ସେବିର ପୂର୍ଣ୍ଣକାଳୀନ ସଦସ୍ୟ ନିଯୁକ୍ତ ହେବା ସହ ୨୦୨୨ ମାର୍ଚ୍ଚରେ ଏହାର ଅଧ୍ୟକ୍ଷ ହୋଇଥିଲେ। ଏହା ପୂର୍ବରୁ ଅର୍ଥାତ୍ ୨୦୧୫ରେ ସେ ଓ ତାଙ୍କ ସ୍ୱାମୀ ଧବଳ ବୁଚ୍ ସିଙ୍ଗାପୁରରେ ରହୁଥିଲେ ଓ ବିଦେଶୀ ସଂସ୍ଥାରେ ପୁଞ୍ଜିନିବେଶ କରିଥିବା କହିଛନ୍ତି।

### କବିତାଙ୍କ ଜାମିନ ଆବେଦନ

### ଇଡି, ସିବିଆଇକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୨।୮

ବିଆର୍‌ଏସ ନେତ୍ରୀ କେ. କବିତାଙ୍କ ଜାମିନ ଆବେଦନ ଉପରେ ସୋମବାର ସୁପ୍ରିମକୋର୍ଟ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଜବାବ ମାଗିଛନ୍ତି। ଜୁଲାଇ ୧ରେ କବିତାଙ୍କ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଥିଲେ। ହାଇକୋର୍ଟଙ୍କ ଉକ୍ତ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି କବିତା ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଜଷ୍ଟିସ୍ ବି.ଆର୍. ଗଭାଇ ଓ ଜଷ୍ଟିସ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ଉଭୟ ଇଡି ଓ ସିବିଆଇକୁ ନୋଟିସ ଜାରି କରିଛନ୍ତି। ଦିଲ୍ଲୀର ଅବକାରୀ ଦୁର୍ନୀତି ମାମଲାରେ ସମ୍ପୃକ୍ତି ଅଭିଯୋଗରେ କବିତାଙ୍କୁମାର୍ଚ୍ଚ୧୫ରେଇଡିଗିରଫକରିଥିଲା।

### ଶିକ୍ଷକଙ୍କ ମାଡ଼ରେ ଦୃଷ୍ଟିଶକ୍ତି ହରାଇଲେ ଛାତ୍ର

ମିରଟ,୧୨।୮

ଉତ୍ତରପ୍ରଦେଶର ମିରଟ କ୍ୟାଣ୍ଟନ ମେଣ୍ଟସ୍ଥିତ ସେନା ପବ୍ଲିକ୍ ସ୍କୁଲରେ ଜଣେ ୭ମ ଶ୍ରେଣୀ ଛାତ୍ର ଶିକ୍ଷକଙ୍କ ମାଡ଼ରେ ଦୃଷ୍ଟିଶକ୍ତି ହରାଇଛନ୍ତି। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ ମିରଟ ପୋଲିସ ସ୍କୁଲର ପ୍ରିନ୍ସିପାଲ ଏବଂ ଯୋଗ ଶିକ୍ଷକଙ୍କ ନାଁରେ ଏତଲା ଦାଏର କରିଛି। ଯୋଗ ଶିକ୍ଷକଙ୍କ ଚାପୁଡ଼ାରେ ଛାତ୍ର ରେଟିନା ହରାଇ ଦୃଷ୍ଟିହୀନ ହୋଇଯାଇଥିଲେ।


ପ୍ରବଳ ବର୍ଷାରେ ବେଙ୍ଗାଲୁରୁର ଜୟଦେବ ହସ୍ପିଟାଲ ନିକଟରେ ଥିବା ଅଣ୍ଡରପାସ୍ ଜଳାର୍ଣ୍ଣବ।

## ଶମ୍ଭୁ ସୀମା ଅବରୋଧମୁକ୍ତ କରିବାକୁ ଚାଷୀଙ୍କୁ ମନାଅ

### ପଞ୍ଜାବ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

କୋଲକାତା,୧୨।୮

ଶମ୍ଭୁ ସୀମାରୁ ଅବରୋଧ ହଟାଇବା ପାଇଁ ଚାଷୀମାନଙ୍କୁ ମନାଇବା ନିମନ୍ତେ ସୁପ୍ରିମକୋର୍ଟ ସୋମବାର ପଞ୍ଜାବର ଭଗୱନ୍ତ ମାନ୍ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ରାଜପଥ ପାର୍କିଂ ପ୍ଲେସ୍ ନୁହେଁ। ଆମ୍ବୁଲାନ୍ସ, ଜରୁରୀ ଯାନ ଏବଂ ସ୍ଥାନୀୟ ଲୋକଙ୍କ ଯାତାୟାତ ଲାଗି ଶମ୍ଭୁ ସୀମାକୁ ଆଂଶିକ ଖୋଲାଯିବା ଆବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ସୂଚନାଯୋଗ୍ୟ, ଗତ ଫେବୃଆରୀ ୧୩ରୁ କୃଷକମାନେ ବିଭିନ୍ନ ଦାବି ନେଇ ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରେ ଆନ୍ଦୋଳନ ଜାରି ରଖିଛନ୍ତି। ସପ୍ତାହେ ମଧ୍ୟରେ ସଂଲଗ୍ନ ଜିଲାର ଏସ୍‌ପିମାନଙ୍କ ବୈଠକ ଡାକି ସମାଧାନର ବାଟ ବାହାର କରିବାକୁ ସର୍ବୋଚ୍ଚ ଅଦାଲତ ପଞ୍ଜାବ ଓ ହରିୟାଣାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଦୋଳନରତ ଚାଷୀମାନଙ୍କ ସହ ଆଲୋଚନା ପାଇଁ ପ୍ରସ୍ତାବିତ କମିଟିରେ ଅଣରାଜନୈତିକ ଲୋକମାନଙ୍କୁ ରଖିବା ନିମନ୍ତେ ଉଭୟ ରାଜ୍ୟ ସରକାର ପ୍ରସ୍ତାବ ଦେଇଥିବାରୁ ଅଦାଲତ ଏହାକୁ ପ୍ରଶଂସା କରିଛନ୍ତି। ତେବେ ସବୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଦାବିରେ ଦିଲ୍ଲୀକୁ ଦ୍ୱିତୀୟ ଅଭିଯାନ ଆରମ୍ଭ କରିଥିବା ଚାଷୀମାନଙ୍କୁ ଶମ୍ଭୁ ସୀମାରେ ଅଟକାଯିବାରୁ ସେମାନେ ଫେବୃଆରୀ ୧୩ରୁ ସେଠାରେ କ୍ୟାମ୍ପ ପକାଇ ରହିଥିବାବେଳେ ଜାତୀୟ ରାଜପଥରେ ବହୁସଂଖ୍ୟାରେ ଟ୍ରାକ୍ଟର ରଖି ଅବରୋଧ କରିଛନ୍ତି। ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ନ ମିଳିବା ପର୍ଯ୍ୟନ୍ତ ସେମାନେ ସୀମାରୁ ହଟିବାକୁ ଚାହୁଁନାହାନ୍ତି।

## ପାକ୍ ସେନା ଆତ୍ମସମର୍ପଣ ପ୍ରତିମୂର୍ତ୍ତି ଭାଙ୍ଗିଦେଲେ



ଢାକା,୧୨।୮

ବାଂଲାଦେଶ ସ୍ୱାଧୀନତାର ସ୍ମାରକ ଭାବେ ପରିଚିତ ୧୯୭୧ ଯୁଦ୍ଧ ପରବର୍ତ୍ତୀ ପାକିସ୍ତାନୀ ସେନା ଆତ୍ମସମର୍ପଣ କରୁଥିବାର ପ୍ରତିମୂର୍ତ୍ତିକୁ ଭାଙ୍ଗିଦିଆଯାଇଛି। ଭାରତ ବିରୋଧୀ ଆନ୍ଦୋଳନକାରୀମାନେ ଉକ୍ତ ପ୍ରତିମୂର୍ତ୍ତିକୁ ଭାଙ୍ଗିଥିବା କଂଗ୍ରେସ ନେତା ଶଶୀ ଥରୁର କହିବା ସହ ଭଙ୍ଗା ପ୍ରତିମୂର୍ତ୍ତିର ଫଟୋ ଶେୟାର କରିଛନ୍ତି। ମୁଜିବନଗରସ୍ଥିତ ୧୯୭୧ ଶହୀଦ ସ୍ମାରକୀ କମ୍ପ୍ଲେକ୍ସରେ ଉକ୍ତ ପ୍ରତିମୂର୍ତ୍ତି ରହିଥିଲା। ୧୯୭୧ର ଯୁଦ୍ଧରେ କେବଳ ବାଂଲାଦେଶ ସ୍ୱାଧୀନ ହୋଇ ନ ଥିଲା, ପାକିସ୍ତାନକୁ ପରାଜୟର ଝଟ୍‌କା ଲାଗିଥିଲା। ତତ୍କାଳୀନ ପାକ୍ ସେନାର ମେଜର ଜେନେରାଲ ଅମିର ଅବଦୁଲ୍ଲା ଖାନ୍ ନିଆଜି ଭାରତୀୟ ସେନା ଏବଂ ବାଂଲାଦେଶର ମୁକ୍ତିବାହିନୀ ନିକଟରେ ଆତ୍ମସମର୍ପଣ ପତ୍ରରେ ସ୍ୱାକ୍ଷର କରୁଥିବା ପ୍ରତିମୂର୍ତ୍ତିରେ ଦେଖିବାକୁ ମିଳେ। ମେଜର ଜେନେରାଲ ନିଆଜି ଭାରତର ଇଷ୍ଟର୍ଣ୍ଣ କମାଣ୍ଡର ତତ୍କାଳୀନ କମାଣ୍ଡିଂ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜଗଜିତ ସିଂ ଔରୋରାଙ୍କ ଆଗରେ ଆତ୍ମସମର୍ପଣ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ସର୍ବବୃହତ୍ ସାମରିକ ଆତ୍ମସମର୍ପଣ। ବାଂଲାଦେଶରେ ଆନ୍ଦୋଳନ ଯୋଗୁ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ଗତ ୫ ତାରିଖରେ ଇସ୍ତଫା ଦେଇ ଦେଶ ଛାଡ଼ିଥିଲେ।

## ଆମେରିକାରେ ରହି ଦରମା ନେଉଛନ୍ତି ଗୁଜରାଟ ସ୍କୁଲ୍ ଶିକ୍ଷୟିତ୍ରୀ

ଅହମଦାବାଦ, ୧୨।୮

ଗୁଜରାଟ ବନାସକାଣ୍ଠା ଜିଲା ଅମ୍ବାଜୀସ୍ଥିତ ପଞ୍ଚା ସରକାରୀ ସ୍କୁଲର ଭାବନା ପଟେଲ ନାମ୍ନୀ ଜଣେ ଶିକ୍ଷୟିତ୍ରୀ ୮ ବର୍ଷ ଧରି ଆମେରିକାର ଶିକାଗୋରେ ବସବାସ କରୁଛନ୍ତି। ଏହାସତ୍ତ୍ୱେ ବିନା ଡ୍ୟୁଟି କରି ସ୍କୁଲର ଶିକ୍ଷୟିତ୍ରୀ ଭାବେ ସେ ଦରମା ନେଉଥିବା ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଯୋଗ କରିଛନ୍ତି। ଭାବନା ୨୦୧୬ରୁ ଆମେରିକାର ଶିକୋଗୋରେ ସ୍ଥାୟୀ ବାସିନ୍ଦା ଭାବେ ରହିଆସୁଛନ୍ତି ବୋଲି ପଞ୍ଚା ସରକାରୀ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପାରୁଲ ମେହେଟ୍ଟା ଦାବି କରିଛନ୍ତି। ଭାବନା କେବଳ ଦୀପାବଳି ସମୟରେ ଗୋଟିଏ



ଭାବନା ପଟେଲ

ମାସ ପାଇଁ ଗୁଜରାଟ ଆସିଥାନ୍ତି। ସେ ନିଜ ଚାକିରିକୁ ବଞ୍ଚାଇ ରଖିବା ପାଇଁ ବର୍ଷକୁ ଥରଟିଏ ଗୋଟିଏ ମାସ ପର୍ଯ୍ୟନ୍ତ ଶିକ୍ଷାଦାନ କରନ୍ତି। ବାକି ସମୟ ସେ ଅନିୟମିତ ଭାବେ ଛୁଟିରେ ରହି ଶିକାଗୋରେ ବସବାସ କରନ୍ତି ବୋଲି ପାରୁଲ କହିଛନ୍ତି। ବର୍ତ୍ତମାନ ମଧ୍ୟ ବିଦ୍ୟାଳୟର ଶିକ୍ଷକ ତାଲିକାରେ ଭାବନାଙ୍କ ନାମ ରହିଛି ଏବଂ ସେ ସରକାରଙ୍କ ପକ୍ଷରୁ ଦରମା ପାଉଛନ୍ତି। ତେଣୁ ଭାବନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପାରୁଲ ବନାସକାଣ୍ଠା ଜିଲା ଶିକ୍ଷା ଅଧିକାରୀ(ଡିଇଓ) ବିନୁଭାଇ ପଟେଲଙ୍କୁ ଚିଠି ଲେଖିଛନ୍ତି। ପାରୁଲ କହିଛନ୍ତି, ଭାବନା ଲମ୍ବା ସମୟ ଧରି ଅନୁପସ୍ଥିତ ରହିବା ଯୋଗୁ ଛାତ୍ରଛାତ୍ରୀ ସମସ୍ୟାରେ ପଡୁଛନ୍ତି। ସେଥିପାଇଁ ସେ ଇସ୍ତଫା ଦିଅନ୍ତୁ ନଚେତ ଡ୍ୟୁଟିରେ ଯୋଗଦିଅନ୍ତୁ। ତେବେ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ, କୌଣସି ଶିକ୍ଷକ ବର୍ଷକରୁ ଅଧିକ ସମୟ ପାଇଁ ଅନୁପସ୍ଥିତ ରହିଲେ ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଇପାରିବ ବୋଲି ବନାସକାଣ୍ଠା ଡିଇଓ କହିଛନ୍ତି। ମାମଲାରେ ଭାବନାଙ୍କୁ ନୋଟିସ ଜାରି କରାଯିବ ଏବଂ ସନ୍ତୋଷଜନକ ଉତ୍ତର ନ ମିଳିଲେ ତାଙ୍କୁ ବରଖାସ୍ତ କରାଯିବ ବୋଲି ଡିଇଓ କହିଛନ୍ତି। ଘଟଣାକୁ ନେଇ ଗୁଜରାଟ ଶିକ୍ଷାମନ୍ତ୍ରୀ କୁବେର ଡିଣ୍ଡୋର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସେ ବନାସକାଣ୍ଠା ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ରିପୋର୍ଟ ମାଗିଛନ୍ତି। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ଭାବନା ନିୟମିତ ଅନ୍ତରାଳରେ ଛୁଟି ନେଉଥିବା ଜଣାପଡ଼ିଛି। ଯଦି ତଦନ୍ତରେ ଅନଧିକୃତ ଅନୁପସ୍ଥିତି ନେଇ ଭାବନା ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ଶିକ୍ଷାମନ୍ତ୍ରୀ କହିଛନ୍ତି।

## ଫୁର୍‌ସତ୍

## ଅନନ୍ୟ ପ୍ରତିଭାର ଅଧିକାରୀ ବାମହାତୀ

### ଅନ୍ତର୍ଜାତୀୟ ବାମହାତୀ ଦିବସ



ଅନ୍ତର୍ଜାତୀୟ ବାମହାତୀ ଦିବସ ପ୍ରତିବର୍ଷ ଅଗଷ୍ଟ ୧୩ରେ ସାରା ବିଶ୍ୱରେ ପାଳନ କରାଯାଏ। ବାମହାତର ଅର୍ଥ ହେଉଛି, ଯେଉଁମାନେ ନିଜ କାମକୁ ବାମହାତରେ ଅର୍ଥାତ୍ ବିପରୀତ ହାତରେ କରନ୍ତି। କୁହାଯାଏ, ଯେଉଁମାନେ ବାମହାତରେ କାମ କରନ୍ତି କିମ୍ବା ଲେଖନ୍ତି, ସେମାନଙ୍କଠାରେ ଅନନ୍ୟ ପ୍ରତିଭା ରହିଥାଏ। ସେମାନଙ୍କର ଏମିତି କିଛି ଗୁଣ ରହିଥାଏ, ଯାହା ସେମାନଙ୍କୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରିଥାଏ। ରିପୋର୍ଟ ଅନୁଯାୟୀ, ବିଶ୍ୱର ୭ରୁ ୧୦ ପ୍ରତିଶତ ଲୋକ ବାମହାତରେ ସବୁ କାମ କରିଥାନ୍ତି।

ଆମ ସାମ୍ନାରେ ନିଜର ପରିଚୟ ସୃଷ୍ଟି କରୁଥିବା ଅନେକ ବାମହାତୀଙ୍କ ଜ୍ୱଳନ୍ତ ଉଦାହରଣ ରହିଛି। ଆମ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସହ ପୂର୍ବତନ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକର ମଧ୍ୟ ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛନ୍ତି ଏବଂ ଭାରତରତ୍ନ ପୁରସ୍କାର ପାଇଛନ୍ତି। ଯଦିଓ ସଚିନ ତେନ୍ଦୁଲକର ତାଙ୍କ ଡାହାଣ ହାତରେ ବ୍ୟାଟିଂ କରନ୍ତି ତଥାପି ସେ ଲେଖାଲେଖି ପାଇଁ ବାମହାତକୁ ବ୍ୟବହାର କରିଥାନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ବାମହାତରେ ଲେଖିଥାନ୍ତି।

ସେହିପରି ଯେଉଁମାନେ ସାରା ବିଶ୍ୱରେ ବାମହାତୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି ସେମାନଙ୍କ ମଧ୍ୟରେ ରତନ ଟାଟା, ମାର୍କ ଜୁକରବର୍ଗ, ମଦର ଟେରେସା, ଆଲବର୍ଟ ଆଇନ୍‌ଷ୍ଟାଇନ୍, ମ୍ୟାରି କ୍ୟୁରି, ବିଲ୍ ଗେଟ୍ସ ପ୍ରମୁଖ ରହିଛନ୍ତି। ଏହା ବ୍ୟତୀତ ଚାର୍ଲି ଚାପ୍‌ଲିନ, ଯୁବରାଜ ସିଂ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା, ବିଲ୍ କ୍ଲିଣ୍ଟନ, ରୋନାଲ୍ଡ ରେଗାନ, ଟେନିସ ତାରକା ରାଫେଲ ନାଡାଲ ମଧ୍ୟ ବାମହାତୀ ତାଲିକାରେ ଅଛନ୍ତି।

ଇଣ୍ଟରନ୍ୟାଶନାଲ ଲେଫ୍ଟ ହ୍ୟାଣ୍ଡର ପ୍ରତିଷ୍ଠାତା ଡିନ୍ ଆର କ୍ୟାମ୍ପବେଲ ୧୯୭୬ରେ ବାମହାତୀ ଲୋକମାନଙ୍କର ସୁବିଧା ଏବଂ ଅସୁବିଧା ବିଷୟରେ ବର୍ଣ୍ଣନା କରିଥିଲେ। ଏହାପରେ ୧୩ ଅଗଷ୍ଟ ୧୯୯୨ରେ 'ଲେଫ୍ଟ ହ୍ୟାଣ୍ଡର୍ସ ଡେ' କ୍ଲବ ଦ୍ୱାରା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା। ବିଶେଷକରି କ୍ରୀଡ଼ାରେ ବାମହାତୀଙ୍କର ବେଶ୍ ଗୁରୁତ୍ୱ ରହିଛି।

### ଅନ୍ୟମାନଙ୍କ ଖୁସିର କାରଣ ସାଜନ୍ତୁ

#### ଆଜି ବିଶ୍ୱ ଅଙ୍ଗଦାନ ଦିବସ

ସାମ୍ପ୍ରତିକ ରୋଗଗ୍ରସ୍ତ କିମ୍ବା ଦୁର୍ଘଟଣାରେ ଗୁରୁତର ଆହତ ବ୍ୟକ୍ତିବିଶେଷଙ୍କୁ ସାହାଯ୍ୟ କରିବାକୁ ଅଙ୍ଗଦାନ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି। ଅନେକେ ସ୍ୱତଃସ୍ଫୂର୍ତ୍ତ ଭାବରେ ଅଙ୍ଗଦାନ କରିବାକୁ ଆଗଭର ହେଉଛନ୍ତି। ଏନେଇ ଅଧିକ ଜନସଚେତନତା ସୃଷ୍ଟିକରିବା ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖରେ 'ବିଶ୍ୱ ଅଙ୍ଗଦାନ ଦିବସ' ପାଳନ ହୋଇଥାଏ। ଏହାଦ୍ୱାରା ଏଭଳି ମହତ୍ କାମରେ ଆହୁରି ଅଧିକ ବ୍ୟକ୍ତିବିଶେଷ ସାମିଲ ହୋଇ ପାରିବେ। ଉକ୍ତ ଦିବସ ପାଳନ ଅବସରରେ ଚଳିତ ବର୍ଷର ସ୍ଲୋଗାନ ରହିଛି 'ଆଜି ଆମେମାନେ ଅନ୍ୟମାନଙ୍କ ଖୁସିର କାରଣ ସାଜିବା ଦରକାର' (ୱି ଦ ରିଜନ୍ ଫର୍ ସମୱାନ୍ସ ସ୍ମାଇଲ ଟୁଡେ)।

### 'ଲାହୋର ୧୯୪୭'ର ଶୁଟିଂ ଶେଷ

ମୁମ୍ବାଇ


ସନି ଦେଓଲ

ବଲିଉଡ୍ ଅଭିନେତା ଆମିର ଖାନ୍‌ଙ୍କ ନିର୍ମିତ, ରାଜକୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶିତ 'ଲାହୋର ୧୯୪୭' ଫିଲ୍ମର ଶୁଟିଂ ସୋମବାର ଶେଷ ହୋଇଛି। ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଏହା ଜଣାପଡ଼ିଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଏହି ଚଳଚ୍ଚିତ୍ରରେ ପ୍ରଥମ ଥର ପାଇଁ ଆମିର, ରାଜକୁମାର ଏବଂ ଅଭିନେତା ସନି ଦେଓଲ ଏକାଠି କାମ କରିଛନ୍ତି। 'ଲାହୋର ୧୯୪୭'ର ଶୁଟିଂ ଶେଷ ହେବା ନେଇ ସୋମବାର ଅପ୍‌ଡେଟ୍ ଆସିବା ପରେ ସନିଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି। ରିପୋର୍ଟ ଅନୁଯାୟୀ, କଷ୍ଟସାଧ୍ୟ କାର୍ଯ୍ୟସୂଚୀ ମଧ୍ୟରେ ବିନା କୌଣସି ବ୍ରେକ୍‌ରେ ପ୍ରାୟ ୭୦ ଦିନ ପରେ ଉକ୍ତ ଫିଲ୍ମର ଶୁଟିଂ ଶେଷ ହୋଇଛି। ୧୯୪୭ ମସିହାରେ ହୋଇଥିବା ଭାରତ ଓ ପାକିସ୍ତାନ ମଧ୍ୟରେ ବିଭାଜନ ଏହି ଚଳଚ୍ଚିତ୍ରର ବିଷୟବସ୍ତୁ ରହିଛି। ତେବେ 'ଲାହୋର ୧୯୪୭'ରେ ପୁଣିଥରେ ସନିଙ୍କ ଆକ୍ସନ ଅବତାର ଦେଖିବାକୁ ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରିବେ ବୋଲି ନିର୍ଦ୍ଦେଶକ ସନ୍ତୋଷୀ ଆଶା ପ୍ରକାଶ କରିଛନ୍ତି। ଫିଲ୍ମରେ ଆମିର ନିର୍ମାତା ଭୂମିକାରେ ନଜର ଆସିବେ। 'ଆମିର ଖାନ୍ ପ୍ରଡକ୍ସନ୍ସ' ମାଧ୍ୟମରେ ଏହି ପ୍ରୋଜେକ୍ଟରେ ସେ ନିଜ ଦୃଷ୍ଟିକୋଣ ଏବଂ ବିଶେଷ ଶୈଳୀକୁ ଯୋଡ଼ିଛନ୍ତି। ଫିଲ୍ମରେ ସନି ଦେଓଲଙ୍କ ବିପକ୍ଷରେ ଅଭିନେତ୍ରୀ ପ୍ରୀତି ଜିଣ୍ଟା ନଜର ଆସିବେ। ଏହାବ୍ୟତୀତ ଭିକି କୌଶଲ, ମିଥୁନ ଚକ୍ରବର୍ତ୍ତୀ, ଅଲି ଫଜଲ, ଶବାନା ଆଜମୀ ପ୍ରମୁଖ ମଧ୍ୟ 'ଲାହୋର ୧୯୪୭'ରେ ଅଭିନୟ କରୁଥିବାର ନଜର ଆସିବେ। ଆସନ୍ତା ବର୍ଷ ଜାନୁୟାରୀ ୨୬ରେ ଏହି ଫିଲ୍ମ ମୁକ୍ତିଲାଭ କରିବ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାଜପା କାଉନସିଲର

## ନୀଳଗିରି ଏନ୍‌ଏସିରେ ୧୪ରେ ଅନାସ୍ଥା ଭୋଟ୍

ନୀଳଗିରି,୧୨।୮(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବିଜ୍ଞପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ରେ କିଛିଦିନ ହେଲା ରାଜନୈତିକ ହଟଚମଟ ଲାଗି ରହିଛି। ଅଧ୍ୟକ୍ଷା ଅମ୍ବିକା ଦାସଙ୍କ ବିରୋଧରେ ଆସନ୍ତା ୧୪ ତାରିଖରେ ଅନସ୍ଥା ଭୋଟ ଗ୍ରହଣ କରାଯିବ। ଏଥିପାଇଁ ପୂର୍ବରୁ ସମସ୍ତ କାଉନସିଲରଙ୍କୁ ନୋଟିସ୍ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଭାଜପାର ୧୧ଜଣ କାଉନସିଲର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ସମୟରେ ବାଲେଶ୍ୱର ଏମ୍‌ପି ପ୍ରତାପ


ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ସହ କାଉନସିଲରମାନେ।

ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ। ଗତ ନିର୍ବାଚନରେ ନୀଳଗିରି ବିଜେଡିର ସଙ୍ଗଠନକୁ ସୁଦୃଢ଼ କରି ଏନ୍‌ଏସିରେ ୮ଜଣ କାଉନସିଲର ଜିତାଇବା ସହିତ ଅଧ୍ୟକ୍ଷା ପଦବୀ ହାତେଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସନ୍ତୋଷ କୁମାର ଖଟୁଆ। ମାତ୍ର ୨୦୨୪ ନିର୍ବାଚନରେ ପକ୍ଷ ପରିବର୍ତ୍ତନ କରି ଭାଜପାରେ ସାମିଲ ହୋଇଥିଲେ ଖଟୁଆ ଏବଂ ବିଧାୟକ ଭାବେ ବିଜୟୀ ହୋଇଥିଲେ। ଏହାପରେ ତାଙ୍କ ଅନୁଗତ କାଉନସିଲରମାନେ ଭାଜପାରେ ସାମିଲ ହୋଇଥିଲେ। ଗତ ଅଗଷ୍ଟ ୫ତାରିଖରେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଲାଗି ୧୩ କାଉନସିଲରଙ୍କ ମଧ୍ୟରୁ ୧୧ଜଣଙ୍କ ଦସ୍ତଖତ ଥାଇ ୯ଜଣ କାଉନସିଲର ଜିଲାପାଳଙ୍କୁ ଭେଟି ପତ୍ର ଦେଇଥିଲେ। ଅନାସ୍ଥା ପ୍ରସ୍ତାବ ମୁତାବକ ଓଡ଼ିଶା ମ୍ୟୁନିସିପାଲ ଆଇନ ଅନୁଯାୟୀ ନୀଳଗିରି ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୪ରେ ଏନ୍‌ଏସି ସଭାଗୃହରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ପୂର୍ବକ ଭୋଟ୍ ଗ୍ରହଣ କରାଯାଇ ଫଳାଫଳ ଘୋଷଣା ହେବ।

# ସମବାୟ ବ୍ୟାଙ୍କ ସଭାପତି ପଦବୀରୁ ହଟିଲେ ଟି ପ୍ରସାଦ ରାଓ ଦୋରା

ଭୁବନେଶ୍ୱର,୧୨।୮(ଅନିଲଦାସ)

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା କମିଟି ସଦସ୍ୟ ଓ ସଭାପତି ପଦବୀରୁ ବିଜେଡି ନେତା ଟି ପ୍ରସାଦରାଓ ଦୋରାଙ୍କୁ ହଟାଇ ଦିଆଯାଇଛି। ଏଥିସହିତ ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା କମିଟିରେ ସଦସ୍ୟତା ଓ ପରିଚାଳନା କମିଟିରେ ସଭାପତି ପଦବୀକୁ ତତ୍କାଳ ପ୍ରଭାବରୁ ରଦ୍ଦ ଘୋଷଣା କରାଯାଇଛି। ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ପ୍ରଭୁକଲ୍ୟାଣ ପଟ୍ଟନାୟକ ଅଗଷ୍ଟ ୯ ତାରିଖରେ ଦୋରାଙ୍କୁ ଚିଠି ଲେଖି ରାଜ୍ୟ ସମବାୟ ସୋସାଇଟି ରେଜିଷ୍ଟ୍ରାରଙ୍କ ନିର୍ଦ୍ଦେଶ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ଅବଗତ କରାଇଛନ୍ତି। ୨୦୨୪ ଜୁଲାଇ ୩୧ରେ ସମବାୟ ରେଜିଷ୍ଟ୍ରାର ଦୋରା ସଭାପତି ଥିବା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା କମିଟିକୁ ତତ୍କାଳ ପ୍ରଭାବରୁ ନିଲମ୍ବିତ କରିଥିଲେ। ସେହିପରି ରାଜ୍ୟ ସମବାୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦୋରାଙ୍କ ବିରୋଧରେ ଅର୍ଥ ତୋସାରପାତ ଅଭିଯୋଗର ପ୍ରମାଣ ମିଳି ସାରିଥିବାରୁ ସମ୍ପୃକ୍ତ ଅର୍ଥକୁ ତାଙ୍କଠୁ ଆଦାୟ ନିମନ୍ତେ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଆବଶ୍ୟକ ପଡ଼ିଲେ ଏହି ଅର୍ଥ ତୋସାରପାତ ଘଟଣାର ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗକୁ ସୁପାରିସ କରାଯିବ । ଯେହେତୁ ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ବୋର୍ଡକୁ ନିଲମ୍ବନ ସହ ଦୋରାଙ୍କୁ ଅଯୋଗ୍ୟ ଘୋଷଣା କରି ପଦବୀରୁ ହଟାଯାଇଛି, ତେଣୁ 'ଆପେକ୍ସ ବ୍ୟାଙ୍କ ସଭାପତି' ପଦ ପାଇଁ ଆଉଥରେ ନିର୍ବାଚନ ହେବାର ସମ୍ଭାବନା ରହିଛି । ଏନେଇ ସରକାରଙ୍କ ସବୁଜ ସଙ୍କେତ ମିଳିବା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ ।

ସୂଚନାଯୋଗ୍ୟ, ରାଜ୍ୟ ସମବାୟର ଶୀର୍ଷ ବ୍ୟାଙ୍କ ଭାବେ ପରିଚିତ 'ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ'ର ପରିଚାଳନା କମିଟିକୁ ଦୋରା ୨୦୨୩ରେ ନିର୍ବାଚିତ ହୋଇଥିଲେ । ବିଜେଡିର ପ୍ରତିନିଧି ଭାବେ ସମବାୟ ବ୍ୟାଙ୍କ ସଭାପତି ପଦ ହାତେଇବାରେ ମଧ୍ୟ ସକ୍ଷମ ହୋଇଥିଲେ। ତେବେ ଗତ ମେ' ରେ ନାବାର୍ଡ କର୍ତ୍ତୃପକ୍ଷଙ୍କ ଖୋଳତାଡ଼ ପରେ ଦୋରାଙ୍କ ବିରୋଧରେ ଆସିଥିବା ବିଭିନ୍ନ ଅର୍ଥ ତୋଷାରପାତ ଅଭିଯୋଗର ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏକ ୩ ଜଣିଆ ଉଚ୍ଚସ୍ତରୀୟ କମିଟି ତଦନ୍ତ କରି ଦୋରାଙ୍କ ବିରୋଧରେ ରହିଥିବା ଅଭିଯୋଗକୁ ସତ ବୋଲି ପ୍ରମାଣ ପାଇଥିଲେ । ଏହାକୁ ଆଧାର କରି ରାଜ୍ୟ ସମବାୟ ସୋସାଇଟି ରେଜିଷ୍ଟ୍ରାର ଗତ ଜୁଲାଇ ୩୧ତାରିଖରେ ଓଡ଼ିଶା ସମବାୟ ସୋସାଇଟି ଆକ୍ଟ-୧୯୬୨ର ଧାରା ୨୬(୩-କ) ଅନୁଯାୟୀ ଦୋରାଙ୍କ ସଦସ୍ୟ ପଦକୁ ଅଯୋଗ୍ୟ ଘୋଷଣା କରିଥିଲେ । ଏଥିସହିତ ଉକ୍ତ ଦିନ ମଧ୍ୟ ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ବୋର୍ଡକୁ ନିଲମ୍ବିତ କରିଥିଲେ । ବ୍ୟାଙ୍କ ସୁପରିଚାଳନା ପାଇଁ ସମବାୟ ବିଭାଗର ସଚିବ ରାଜେଶ ପ୍ରଭାକର ପାଟିଲଙ୍କୁ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରିଥିଲେ ।

# ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ



ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପଠାରେ ସୋମବାର ବିଜୁ ଯୁବ ଓ ଛାତ୍ର ଜନତା ଦଳର ସାଙ୍ଗଠନିକ ବୈଠକରେ ନେତାମାନେ।

## ବିଜୁ ଯୁବ ଓ ଛାତ୍ର ଜନତା ଦଳର ସାଙ୍ଗଠନିକ ବୈଠକ

ଭବାନୀପାଟଣା,୧୨।୮ (ଉତ୍ତମ କୁମାର ଦାଶ)

୨୦୨୪ ନିର୍ବାଚନ ପରେ ପ୍ରଥମଥର ପାଇଁ କଳାହାଣ୍ଡି ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପଠାରେ ସୋମବାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଯୁବ ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ରାଜ୍ୟ ଛାତ୍ର ବିଜେଡି ସଭାପତି ତଥା ବାଙ୍ଗୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଆଗାମୀ ଦିନରେ ହେବାକୁ ଥିବା ଛାତ୍ରସଂସଦ ନିର୍ବାଚନ ନିମନ୍ତେ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ। ସମସ୍ତ କଲେଜରେ ଛାତ୍ର ବିଜେଡି କିଭଳି ଭଲ ପ୍ରଦର୍ଶନ କରିବ ସେଥିପାଇଁ ଯୁବଛାତ୍ର ବିଜେଡି କର୍ମକର୍ତ୍ତା ପରିଶ୍ରମ କରିବା ଆବଶ୍ୟକ ବୋଲି କହିଥିଲେ। ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଥିବା ସମୟରେ ତାଙ୍କର ଜନହିତକର ଯୋଜନା ଓ ସରକାର ପରିଚାଳନାକୁ ରାଜ୍ୟବାସୀ ଭୁଲିପାରିନାହାନ୍ତି। ଏଣୁ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ସହ ଏକ ଉନ୍ନତ ଓଡ଼ିଶା ଗଠନ ପାଇଁ ଛାତ୍ରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିଧାୟକ ତ୍ରିପାଠୀ କହିଥିଲେ।

ସେହିପରି ଗତ ନିର୍ବାଚନରେ ଭାଜପାର ଭୋଟ ହାର ୪୦.୦୭% ଥିବା ବେଳେ ବିଜେଡିର ୪୦.୨୨% ରହିଥିବା ନେଇ ଚାନ୍ଦବାଲି ବିଧାୟକ ରାୟ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ନର୍ଲା ବିଧାୟକ ମନୋରମା ମହାନ୍ତି, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ରାଜ୍ୟ ଯୁବ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ବିଜେଡି ଉପସଭାପତି ରାକେଶ ରାମ, ରାଜ୍ୟ ଛାତ୍ର ବିଜେଡିର ଅନ୍ୟତମ କାର୍ଯ୍ୟକାରୀ ସଭାପତି ମିକୁ ପ୍ରଧାନ, ଜିଲା ଛାତ୍ର ବିଜେଡି ସଭାପତି ଅଜିତ ସାହୁ, ନର୍ଲା ବ୍ଲକ୍ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ, ଜିଲା ମହିଳା ସଭାନେତ୍ରୀ ଲଳିତା ନାଏକ, ଏସ୍‌ସି ସେଲ୍ ସଭାପତି ପ୍ରଶାନ୍ତ ନାଏକ, ରାଜ୍ୟ ଛାତ୍ର ବିଜେଡି ନେତା ପ୍ରଦୋଷ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। କଲମପୁର ବ୍ଲକ୍ ଯୁବ ବିଜେଡି ସଭାପତି ମନୋଜ ନାଏକ ଧନ୍ୟବାଦ ଦେଇଥିଲେ।

# ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ନିମାପଡ଼ା,୧୨।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଅଧ୍ୟକ୍ଷା ସସ୍ମିତା ସାହୁଙ୍କ ବିରୋଧରେ ସୋମବାର ପୁରୀ ଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। ଏନ୍‌ଏସିର ମୋଟ ୧୧ଜଣ କାଉନସିଲରଙ୍କ ମଧ୍ୟରୁ ଭାଜପା ସମର୍ଥିତ ୮ ଜଣ କାଉନସିଲର ପୁରୀ ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଏହି ଅନାସ୍ଥା ପ୍ରସ୍ତାବ ଦେଇଛନ୍ତି। ଏ ଦିଗରେ ଅନୁଧ୍ୟାନ କରାଯାଇ ଆଇନଗତ ଭାବେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କାଉନସିଲରମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ସେମାନେ ନିମାପଡ଼ାଠାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି। ଏନ୍‌ଏସିରେ ଗତ କିଛି ମାସ ହେଲା ଅଚଳାବସ୍ଥା ସୃଷ୍ଟି ହୋଇଛି। ଅଧ୍ୟକ୍ଷା ସାହୁ କାର୍ଯ୍ୟାଳୟରେ ବହୁ ସମୟ ଅନୁପସ୍ଥିତ ରହିବା, ପରିଷଦର କୌଣସି କାର୍ଯ୍ୟ ବାବଦରେ କାଉନସିଲରଙ୍କ ସହ ଆଲୋଚନା ନ କରି ଅଧ୍ୟକ୍ଷା ମନମୁଖି ନିଷ୍ପତ୍ତି ନେବା ଘଟଣାକୁ କେନ୍ଦ୍ରକରି ଦୀର୍ଘଦିନ ହେଲା କାଉନସିଲରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ଅନାସ୍ଥା ପ୍ରସ୍ତାବରେ ଦର୍ଶାଯାଇଛି।

# ଭତ୍ତାକୁ ନେଇ ୧୬ରୁ ଜନଜାଗରଣ ଅଭିଯାନ କରିବ ବିଜେଡି

ଭୁବନେଶ୍ୱର,୧୨।୮(ଅନିଲ ଦାସ)

ସାମାଜିକ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଦିଆଯାଉଥିବା ଭତ୍ତା ବୃଦ୍ଧି ପ୍ରତିଶ୍ରୁତି ପାଳନ ହେଉ ନ ଥିବା ଅଭିଯୋଗ ଆଣି ବିଜେଡି ଅଗଷ୍ଟ ୧୬ ତାରିଖରୁ ଜନଜାଗରଣ ଅଭିଯାନ ଆରମ୍ଭ କରିବ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ ଏକ୍ସରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭାଜପା ନିର୍ବାଚନୀ ଘୋଷଣାପତ୍ରରେ ଭତ୍ତାଧାରୀଙ୍କୁ ୩,୦୦୦ ଓ ୩,୫୦୦ ଟଙ୍କା ଭତ୍ତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲା। ଏଥିରେ ବୟସ୍କ, ଭିନ୍ନକ୍ଷମ, ବିଧବା ତଥା ନିରାଶ୍ରୟମାନେ ସାମିଲ ଥିଲେ। ହେଲେ ବଜେଟରେ କୁହାଯାଇଛି, କେବଳ ୮୦ ବର୍ଷ ବୟସରୁ ଅଧିକ ଏବଂ ୮୦% ଭିନ୍ନକ୍ଷମ ଏହି ବର୍ଦ୍ଧିତ ଭତ୍ତା ପାଇବେ। ୪୫,୦୦୦ କୋଟି ଟଙ୍କାର ଋଣ ନେଇ ମଧ୍ୟ ଘୋଷଣା ପାଳନ କରାଯାଉ ନାହିଁ। ଏଥିରୁ ପୂରା ସ୍ପଷ୍ଟ ହେଉଛି, ଭାଜପାର ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଭତ୍ତାଧାରୀ ବୟସ୍କ ତଥା ସମସ୍ତ ଓଡ଼ିଶାବାସୀଙ୍କ ସହ ପ୍ରତାରଣା ହୋଇଛି। ଏପରି ପ୍ରତାରଣା ଲୋକଙ୍କ ଭିତରେ ଜନ ଅସନ୍ତୋଷ ବଢ଼ାଇଛି ବୋଲି ନବୀନ କହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ୧୬ ଅଗଷ୍ଟରୁ ବିଜେଡି ଜନଜାଗରଣ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ପ୍ରତି ପଞ୍ଚାୟତରେ ଏ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ। ବୟୋଜ୍ୟେଷ୍ଠଙ୍କ ଅଧିକାର ପାଇଁ ବିଜେଡି ଆଗକୁ ବାହାରିବ। ପ୍ରତ୍ୟେକ କର୍ମୀ ତଥା ସଚେତନ ନାଗରିକ ଏଥିରେ ସାମିଲ ହୋଇ ଲୋକଙ୍କୁ ଭାଜପାର ପ୍ରତାରଣା ବିଷୟରେ ଜାଗ୍ରତ କରିବେ। ଭାଜପା ଓଡ଼ିଶାର ଲୋକଙ୍କୁ ଭୁଆଁ ନ ବୁଲେଇ ଦେଇଥିବା ପ୍ରତିଶ୍ରୁତି ପାଳନ କରୁ। ଭାଜପା ନିଜ ପ୍ରତିଶ୍ରୁତି ପୂରଣ ନ କରିବା ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ବିଜେଡି ସର୍ବଦା ନିଜର ଅଭିଯାନ ଜାରି ରଖିବ ବୋଲି ନବୀନ କହିଛନ୍ତି।

# ବିଜେଡି ସଭାପତିଙ୍କୁ ଭେଟିଲେ ପୁରୀ, ଭଦ୍ରକ,ନବରଙ୍ଗପୁର ଜିଲା ପ୍ରତିନିଧି

ଭୁବନେଶ୍ୱର,୧୨।୮(ଅନିଲଦାସ)

## ଲୋକଙ୍କ ସାଥିରେ ରହିବାକୁ ନବୀନଙ୍କ ପରାମର୍ଶ

ପୁରୀ ଓ ନବରଙ୍ଗପୁରର ବ୍ଲକ ଓ ପଞ୍ଚାୟତ ପ୍ରତିନିଧି ତଥା ଭଦ୍ରକ ପୌର ପରିଷଦର ସଭ୍ୟମାନେ ସୋମବାର ନବୀନ ନିବାସ ଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ବିଜେଡିକୁ ତୃଣମୂଳ ସ୍ତରରେ ମଜଭୁତ କରିବା ପାଇଁ ସେମାନେ କାମ ଜାରି ରଖିବେ ବୋଲି ସଭାପତିଙ୍କୁ ଜଣାଇଥିଲେ। ଲୋକଙ୍କ ସାଥିରେ ରହି ଦଳର କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ନବୀନ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ପୁରୀ ବିଧାୟକ ସୁନୀଲ ମହାନ୍ତି, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସଞ୍ଜୟ ଦାସବର୍ମା, ରମେଶ ମାଝୀ, ପୂର୍ବତନ ଏମ୍‌ପି ଝିନ ହିକ୍‌କା ଓ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ଉମା ସାମନ୍ତରାୟ, ରୁଦ୍ର ମହାରଥୀ, ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକର ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ନିମାପଡା ବିଧାୟକ ପ୍ରାର୍ଥୀ ଦିଲୀପ ନାୟକ ପ୍ରମୁଖ ବିଭିନ୍ନ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ଜିଲା ପରିଷଦ ସଭ୍ୟମାନେ ସଭାପତିଙ୍କୁ ଭେଟି ଆଲୋଚନା କରିଛନ୍ତି। ସେହିପରି ଝିଞ୍ଜାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଝିଞ୍ଜାରପୁର ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର ନେତାମାନେ ମଧ୍ୟ ନବୀନଙ୍କୁ ଭେଟି ୱକଫ୍ ବୋର୍ଡ ସଂଶୋଧନ ବିଲ୍ ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସଂଖ୍ୟାଲଘୁ ସମ୍ପ୍ରଦାୟର ସ୍ୱାର୍ଥ ସୁରକ୍ଷା ପାଇଁ ବିଜେଡି ଲଢ଼େଇ ଜାରି ରଖିବ ବୋଲି ନବୀନ କହିଛନ୍ତି।


ନବୀନ ନିବାସଠାରେ ସୋମବାର ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି।

# ସବୁ ସୀମା ଟପିଯାଇଛି ବିଜେଡି: ଭାଜପା

ଭୁବନେଶ୍ୱର, ୧୨।୮(ସୁନିତ୍ ମିଶ୍ର)

ବିଜେଡି ସବୁ ସୀମା ଟପିଛି। ଯେତେବେଳେ ହତାଶ ଏବଂ ପରାଜୟ ଗ୍ଳାନିରେ ନିରାଶ ଭାବକୁ ପ୍ରକାଶ କରିବା ପାଇଁ କୌଣସି ରାସ୍ତା ନ ଥାଏ, ସେତେବେଳେ ଏଭଳି 'ଔଷଧ ବିକଳରେ ତାଟିଆ କାମୁଡିବା' ପ୍ରକୃତି ଦେଖାଯାଏ। ୨୫ ବର୍ଷ ଧରି ନବୀନ ବାବୁ ଓଡ଼ିଶାର ଲୋକଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦେଇ ଭଣ୍ଡେଇ ଆସୁଥିଲେ। କିନ୍ତୁ ଭାଜପା ଓଡ଼ିଶାରେ ପ୍ରଥମ ସରକାର ଗଠନ କରିବା ପରେ ଯାହା ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା, ତାହା ଗୋଟି ଗୋଟି ପୂରଣ କରୁଛି। ଏହାକୁ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହ୍ୟ କରି ନ ପାରି ବାଉଳିଚାଉଳି ହୋଇ ଲୋକଙ୍କ ପାଖକୁ ଯାଇ 'ଜନଜାଗରଣ' କରିବେ ବୋଲି ତାଙ୍କ 'ଏକ୍ସ' ଆକାଉଣ୍ଟରେ କହିବା ଅତ୍ୟନ୍ତ ହାସ୍ୟାସ୍ପଦ। ଭାଜପା ବର୍ଦ୍ଧିତ ଭତ୍ତା ଦେବାର ଯେଉଁ 'ନିର୍ବାଚନ ପ୍ରତିଶ୍ରୁତି' ଦେଇଥିଲା ସେଥିରୁ ପ୍ରଥମ ପର୍ଯ୍ୟାୟରେ ୮୦ ବର୍ଷରୁ ଊର୍ଦ୍ଧ୍ୱ, ଭିନ୍ନକ୍ଷମ, ବିଧବାମାନଙ୍କୁ ୩୫୦୦ ଟଙ୍କା ଲେଖା ଦେବାକୁ ନିଷ୍ପତ୍ତି ନେଇଛି। ଏ କଥାକୁ ବିଜେଡି ସହଜରେ ହଜମ କରିପାରୁନାହିଁ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି କହିଛନ୍ତି।

ପ୍ରେସ୍ ବିଜ୍ଞପ୍ତି ଜରିଆରେ ଯତୀନ କହିଛନ୍ତି ଯେ, ୫୦୦ ଟଙ୍କା ଭତ୍ତାକୁ ହଜାରେ କରିବାକୁ ବିଜେଡିକୁ ୨୫ ବର୍ଷ ସମୟ ଲାଗିଲା। ଏବେ ୨ ମାସର ଭାଜପା ସରକାର ଅନେକ ଲକ୍ଷ ହିତାଧିକାରୀଙ୍କ ପାଇଁ ୩ ଗୁଣ ବଢ଼ାଇ ୩୫୦୦ ଟଙ୍କା ଭତ୍ତା କରିବା ପରେ, ବିଜେଡି ସଭାପତି ଅସହିଷ୍ଣୁ ହୋଇ 'ଜନଜାଗରଣ' କରିବ ବୋଲି କହିବା ଅତ୍ୟନ୍ତ ଲଜ୍ଜାକର କଥା। ଦୀର୍ଘଦିନର ଭ୍ରଷ୍ଟାଚାର, ଅପାରଗତା ଯୋଗୁ ଜନତା ବିଜେଡିକୁ ପ୍ରତ୍ୟାଖ୍ୟାତ କରିଛନ୍ତି। ଭାଜପା ଚାହୁଁଛି ନବୀନ ବାବୁ ଥରେ ଲୋକଙ୍କ ପାଖକୁ ଯାଆନ୍ତୁ। ଲୋକଙ୍କ ମନରେ ଯେଉଁ କ୍ଷୋଭ, ଗ୍ଲାନି ଓ ଆକ୍ରୋଶ ଅଛି ତାହାକୁ ସାମ୍ନା କରନ୍ତୁ। ବିଜେଡି ୨୫ ବର୍ଷରେ ଯେତେ ପ୍ରତିଶ୍ରୁତି ଦେଇଥିଲା, ତାହା ବିଭିନ୍ନ ଯୋଜନା ମାଧ୍ୟମରେ ସବୁ ଧୂଆଁବାଣ ଓ ଲୋକଙ୍କୁ ଠକିବାର ଉପାୟ ଥିଲା। ନବୀନ ଶାସନରେ ଥିବାବେଳେ ପୁରୀରେ ଛିଡ଼ା ହୋଇ କହିଥିଲେ, ପ୍ରତିବର୍ଷ କାଳିଆ ଯୋଜନାରେ ୧୦ ହଜାର ଟଙ୍କା ଚାଷୀଙ୍କୁ ଦେବେ। କିନ୍ତୁ କୌଣସି ଚାଷୀ ୧୦ ହଜାର ଟଙ୍କା ପାଇଲେ ନାହିଁ। ସୋହେଲାରେ ୧୦୦ ଟଙ୍କା ବୋନସ୍ ଚାଷୀଙ୍କୁ ଦେବେ ବୋଲି ଘୋଷଣା କରିଥିଲେ, ତାହା ମଧ୍ୟ ଦେଲେ ନାହିଁ। ଭାଜପା ନିର୍ବାଚନ ବେଳେ ଓଡ଼ିଶାବାସୀଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଯତୀନ କହିଛନ୍ତି।

# ଆଳୁ ପାଇଁ ସରକାର ଅନ୍ଧାରରେ ବାଡ଼ି ବୁଲାଉଛନ୍ତି : ବିଜେଡି

ଭୁବନେଶ୍ୱର,୧୨।୮(ଅନିଲଦାସ)

ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ରାଜ୍ୟରେ ଆଳୁ ସମସ୍ୟା ସୃଷ୍ଟି ହୋଇଛି । ଏହାର ସମାଧାନ ପାଇଁ ସରକାରଙ୍କ ପାଖରେ କୌଣସି ଯୋଜନା ନ ଥିଲା କି ଏ କ୍ଷେତ୍ରରେ କି ପଦକ୍ଷେପ ନେବେ ତା'ର ସ୍ପଷ୍ଟ ନୀତି ନାହିଁ ବୋଲି ବିଜେଡି ଜାତୀୟ ମୁଖପାତ୍ର ସଂତୃପ୍ତ ମିଶ୍ର କହିଛନ୍ତି। ସୋମବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ସରକାର କେବଳ ଅନ୍ଧାରରେ ବାଡ଼ି ବୁଲାଉଛନ୍ତି। ଆଳୁ ମହଜୁଦକାରୀ ଯଦି କଳାବଜାର କରୁଛନ୍ତି, ତେବେ ସରକାର ଏସ୍ମା ଲାଗୁ କରିବା ପାଇଁ କାହିଁକି ସାହସ କରିପାରୁ ନାହାନ୍ତି। ନବୀନ ବାବୁଙ୍କ ଶାସନ କାଳରେ ଆଳୁ ବା ଅନ୍ୟାନ୍ୟ ସାମଗ୍ରୀ ପାଇଁ ଏଭଳି ସମସ୍ୟା ସୃଷ୍ଟି ହୋଇ ନ ଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଟେଲିଫୋନରେ କଥା ହୋଇ ଓଡ଼ିଶାକୁ ଆଳୁ ପଠାଇବା କଥା ସତ୍ୟ ନୁହେଁ । ମମତା ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କରି ତାଙ୍କ ରାଜ୍ୟର ଲୋକମାନଙ୍କୁ ଓଡ଼ିଶାରେ ବାଂଲାଦେଶ ନାଗରିକ କହି ଆକ୍ରମଣ କରାଯାଉଛି ବୋଲି ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଭିତରେ କ'ଣ ବାର୍ତ୍ତାଳାପ ହୋଇଥିଲା ତାହା ସେ ଜାଣିନାହାନ୍ତି ବୋଲି କହିଛନ୍ତି । ତେବେ ଓଡ଼ିଶାରେ ବାସ କରୁଥିବା ଅନ୍ୟ ରାଜ୍ୟର ବାସିନ୍ଦାଙ୍କୁ ସୁରକ୍ଷା ଦେବା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ। ଯଦି ଅନ୍ୟ କୌଣସି ଦେଶର ବାସିନ୍ଦା ଓଡ଼ିଶାରେ ଅଛନ୍ତି, ତାଙ୍କୁ ଚିହ୍ନଟ କରିବା ମଧ୍ୟ ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି ସଂତୃପ୍ତ କହିଛନ୍ତି।

# ବିଜେଡି ପୌରାଧ୍ୟକ୍ଷାଙ୍କୁ ହଟାଇଲେ ବିଜେଡି କାଉନସିଲର

## ଅନାସ୍ଥାରେ ହାରିଲେ ଭବାନୀପାଟଣା ପୌରାଧ୍ୟକ୍ଷା

ଭବାନୀପାଟଣା,୧୨।୮(ଉତ୍ତମ କୁମାର ଦାଶ)



କାଉନସିଲରମାନେ ବିଜୟ ଉତ୍ସବ ମନାଉଛନ୍ତି।

କଳାହାଣ୍ଡି ଜିଲା ଭବାନୀପାଟଣା ପୌର ଅଧ୍ୟକ୍ଷା ସଂଯୁକ୍ତା ବେହେରା ଅନାସ୍ଥା ଭୋଟରେ ହାରିଛନ୍ତି। ସୋମବାର ପୂର୍ବାହ୍ନ ୧୧ଟାରେ ପୌର କାର୍ଯ୍ୟାଳୟରେ ଅନାସ୍ଥା ଭୋଟ ଗ୍ରହଣ କରାଯାଇଥିଲା। ଏଥିରେ ସଂଯୁକ୍ତା ବେହେରାଙ୍କ ବିପକ୍ଷରେ ସମସ୍ତ ୨୦ କାଉନସିଲର ଭୋଟ ଦେଇଥିଲେ ବୋଲି ଉପାଧ୍ୟକ୍ଷା ବିଷ୍ଣୁ ପ୍ରଧାନ ପ୍ରକାଶ କରିଛନ୍ତି। ବିଜେଡିର ୧୮ କାଉନସିଲରଙ୍କ ସମେତ ଭାଜପା ଓ କଂଗ୍ରେସର ଜଣେ ଲେଖାଏ କାଉନସିଲର ରହିଥିଲେ। ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ଦିଲୀପ କୁମାର ମହାରଣା ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଅନାସ୍ଥା ଭୋଟରେ ଅଧ୍ୟକ୍ଷା ହାରିବା ପରେ କାଉନସିଲରମାନେ ସ୍ଥାନୀୟ ପୌରପାଳିକା ଆଗରେ ବିଜୟ ଉତ୍ସବ ମନାଉଥିବା ଦେଖିବାକୁ ମିଳିଥିଲା। ଏହା ସମସ୍ତ କାଉନସିଲରଙ୍କ ଏକତାର ବିଜୟ ବୋଲି କହିଛନ୍ତି ଉପାଧ୍ୟକ୍ଷା ପ୍ରଧାନ। ବିଜେଡି ପୌରାଧ୍ୟକ୍ଷାଙ୍କୁ ବିଜେଡି କାଉନସିଲର ହଟାଇବା ଘଟଣା ଜିଲାରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ୨୦ ୱାର୍ଡ ବିଶିଷ୍ଟ ଭବାନୀପାଟଣା ପୌରପାଳିକାରେ ବିଜେଡିର ପୌରାଧ୍ୟକ୍ଷା ଥିବା ସଂଯୁକ୍ତା ବେହେରାଙ୍କ ମନମୁଖି କାର୍ଯ୍ୟରେ ଅତିଷ୍ଠହୋଇ ଉପରୋକ୍ତ କାଉନସିଲର ଓ ଉପାଧ୍ୟକ୍ଷା ଅନାସ୍ଥା ପ୍ରସ୍ତାବ ଆଗତକରି ଗତ ଜୁନ୍ ୨୮ରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। ଜିଲାପାଳଙ୍କ ପତ୍ର ପରେ ଜୁଲାଇ ୧୨ରେ ଭବାନୀପାଟଣା ପୌରପାଳିକାରେ ଅନାସ୍ଥା ଭୋଟ ଗ୍ରହଣ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ପୌରାଧ୍ୟକ୍ଷା ବେହେରା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ତାହା ଗତ ୩୧ ଯାଏ ସ୍ଥଗିତ ହୋଇଥିଲା। ପୁଣି ଥରେ ପୌରାଧ୍ୟକ୍ଷା ବେହେରା ହାଇକୋର୍ଟରେ ଆବେଦନ କରିବାରୁ ଏହା ଖାରଜ ହୋଇଥିଲା। ପରେ ଜିଲାପାଳ ଅଗଷ୍ଟ ୧୨ରେ ସ୍ୱତନ୍ତ୍ର ବୈଠକ ଓ ଅନାସ୍ଥା ଭୋଟ ଗ୍ରହଣ ପାଇଁ ପତ୍ର ମାଧ୍ୟମରେ ସୂଚାଇଥିଲେ। ଫଳରେ ସୋମବାର ଏହି ଅନାସ୍ଥା ଭୋଟ ଗ୍ରହଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସିଧାସଳଖ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ପୌର ଅଧ୍ୟକ୍ଷା ବେହେରା ଶେଷରେ ୨୦ କାଉନସିଲରଙ୍କ ଦ୍ୱାରା ଅନାସ୍ଥା ଭୋଟରେ ହାରି ନିଜ ପଦ ହରାଇଥିବା ଜଣାପଡ଼ିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ମିଉ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫୯ ମାସରେ ସର୍ବନିମ୍ନ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

**ଭୁବନେଶ୍ୱର, ୧୨।୮ (ଅନୁରାଧା ମହାରଣା)**

ଚଳିତ ଆର୍ଥିକ ବର୍ଷର ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ୩.୫୪%କୁ ଖସି ଆସିଛି। ଏହି କ୍ରମରେ ଗତ ୫୯ ମାସର ସର୍ବନିମ୍ନ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି ହାର ପହଞ୍ଚିଛି। ୨୦୧୯ ଅଗଷ୍ଟରେ ମୁଦ୍ରାସ୍ଫୀତି ୩.୨୧% ଥିବାବେଳେ ଜୁନ୍‌ରେ ମୁଦ୍ରାସ୍ଫୀତି ୫.୦୮% ରହିଥିଲା। ଖାଦ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ହେତୁ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ମୁଦ୍ରାସ୍ଫୀତି ବର୍ତ୍ତମାନ ଆର୍‌ବିଆଇର ଟାର୍ଗେଟରେ ୨-୪% ରହିଛି। ଶସ୍ୟ, ଫଳ, ପନିପରିବା, ଡାଲି ଏବଂ ମସଲା ମୂଲ୍ୟରେ ହ୍ରାସ ହେତୁ ଖାଦ୍ୟ ମୁଦ୍ରାସ୍ଫୀତି ହାର ୯.୩୬% ରୁ ୫.୪୨%କୁ ଖସି ଆସିଛି। ଏଥିସହିତ ସହରାଞ୍ଚଳ ମୁଦ୍ରାସ୍ଫୀତି ମଧ୍ୟ ମାସ-ମାସରେ ୪.୩୯% ରୁ ୨.୯୮% କୁ ହ୍ରାସ ପାଇଛି।



ଅନ୍ୟପଟେ ଗ୍ରାମୀଣ ମୁଦ୍ରାସ୍ଫୀତି ୫.୬୬% ରୁ ୪.୧୦%କୁ ହ୍ରାସ ପାଇଛି। ୨୦୨୩ ଜୁଲାଇରେ ଖାଦ୍ୟ ମୁଦ୍ରାସ୍ଫୀତି ୧୧.୫୧% ଥିଲା, ବର୍ତ୍ତମାନ ଏହା ୫.୪୨% ରେ ପହଞ୍ଚିଛି। ମୁଦ୍ରାସ୍ଫୀତି ବାସ୍କେଟରେ ଖାଦ୍ୟ ସାମଗ୍ରୀର ପ୍ରାୟ ୫୦% ଯୋଗଦାନ କରିଥାଏ। ଏହାର ମୁଦ୍ରାସ୍ଫୀତି ମାସ-ମାସରେ ୯.୩୬% ରୁ ୫.୪୨%କୁ ହ୍ରାସ ପାଇଛି। ଏକ ବର୍ଷ ପୂର୍ବେ ଅର୍ଥାତ୍ ୨୦୨୩ ଜୁଲାଇରେ, ଖାଦ୍ୟ ମୁଦ୍ରାସ୍ଫୀତି ୧୧.୫୧% ଥିଲା। ଅର୍ଥାତ୍ ବାର୍ଷିକ ଭିତ୍ତିରେ ମଧ୍ୟ ଏହା ହ୍ରାସ ପାଇଛି।

ପନିପରିବାର ମୁଦ୍ରାସ୍ଫୀତି ଜୁଲାଇରେ ୬.୮୩% ଥିବାବେଳେ ଜୁନ ମାସରେ ଏହି ହାର ୨୯.୩୨% ଥିଲା। ଶସ୍ୟ ଏବଂ ଡାଲି ଭାରତୀୟ ମୁଖ୍ୟ ଖାଦ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ଗଠିତ। ଏହାର ମୁଦ୍ରାସ୍ଫୀତି ୮.୧୪% ଏବଂ ୧୪.୭୭%କୁ ଖସି ଆସିଛି। ଇନ୍ଧନ ଏବଂ ଆଲୋକର ମୁଦ୍ରାସ୍ଫୀତି ମଧ୍ୟ ହ୍ରାସ ପାଇଛି। ସୂଚନାଥାଉକି, ନିକଟରେ ଅନୁଷ୍ଠିତ ମୁଦ୍ରା ନୀତି କମିଟି ବୈଠକରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏହି ଆର୍ଥିକ ବର୍ଷ ପାଇଁ ମୁଦ୍ରାସ୍ଫୀତି ଆକଳନକୁ ୪.୫% ଅପରିବର୍ତ୍ତିତ ରଖିଛି। ଏନେଇ ଆରବିଆଇ ଗଭର୍ନର କହିଥିଲେ, ମୁଦ୍ରାସ୍ଫୀତି ହ୍ରାସ ପାଉଛି, କିନ୍ତୁ ପ୍ରଗତି ଧୀର ଏବଂ ଅସମାନ ଅଟେ। ମୁଦ୍ରାସ୍ଫୀତିର ବୃଦ୍ଧି ଏବଂ ହ୍ରାସ ଉତ୍ପାଦର ଚାହିଦା ଏବଂ ଯୋଗାଣ ଉପରେ ନିର୍ଭର କରେ। ଯଦି ଲୋକଙ୍କ ପାଖରେ ଅଧିକ ଟଙ୍କା ଅଛି ତେବେ ସେମାନେ ଅଧିକ ଜିନିଷ କିଣିବେ। ଅଧିକ ଜିନିଷ କିଣିବା ଜିନିଷଗୁଡ଼ିକର ଚାହିଦା ବଢ଼ାଇବ ଏବଂ ଯଦି ଯୋଗାଣ ଚାହିଦା ଅନୁଯାୟୀ ନଥାଏ, ତେବେ ଏହି ଜିନିଷଗୁଡ଼ିକର ମୂଲ୍ୟ ବୃଦ୍ଧି ପାଇବ। ଏହିପରି ଭାବରେ ବଜାର ମୁଦ୍ରାସ୍ଫୀତି ପାଇଁ ଅସୁରକ୍ଷିତ ହୋଇଯାଏ। ବଜାରରେ ଯଦି ଚାହିଦା କମ ଏବଂ ଯୋଗାଣ ଅଧିକ ତେବେ ମୁଦ୍ରାସ୍ଫୀତି କମ ହୋଇଥାଏ। ଜଣେ ଗ୍ରାହକ ଖୁଚୁରା ବଜାରରୁ ସାମଗ୍ରୀ କିଣୁଥିବାବେଳେ ଏହା ସହିତ ଜଡିତ ମୂଲ୍ୟରେ ପରିବର୍ତ୍ତନ ଦେଖାଇବାର କାର୍ଯ୍ୟ ଗ୍ରାହକ ମୂଲ୍ୟ ସୂଚକାଙ୍କ (ସିପିଆଇ) ଦ୍ୱାରା କରାଯାଇଥାଏ। ସାମଗ୍ରୀ ଏବଂ ସେବା ପାଇଁ ଗ୍ରାହକ ଦେଉଥିବା ହାରାହାରି ମୂଲ୍ୟ ସିପିଆଇ ମାପ କରେ। ତେବେ ଅଶୋଧିତ ତୈଳ, ଦ୍ରବ୍ୟ ମୂଲ୍ୟ, ଉତ୍ପାଦିତ ଖର୍ଚ୍ଚ ବ୍ୟତୀତ ଅନ୍ୟାନ୍ୟ ଜିନିଷ ଅଛି, ଯାହା ଖୁଚୁରା ମୁଦ୍ରାସ୍ଫୀତି ହାର ନିର୍ଣ୍ଣୟ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏପରି ପ୍ରାୟ ୩୦୦ ଦ୍ରବ୍ୟ ଅଛି, ଯାହାର ଆଧାରରେ ଖୁଚୁରା ମୁଦ୍ରାସ୍ଫୀତି ହାର ସ୍ଥିର କରାଯାଇଥାଏ।

# ଜନି ଲିଭର ପେଟ୍ ସଫାର ବ୍ରାଣ୍ଡ୍ ଆମ୍ବାସାଡର

**ନୂଆଦିଲ୍ଲୀ,୧୨।୮**



ଦଶର ପ୍ରମୁଖ ଆୟୁର୍ବେଦିକ ସଂସ୍ଥା ତଥା ଦିଭିସା ହର୍ବାଲସ ପ୍ରାଇଭେଟ ଲିମିଟେଡର ଅଗ୍ରଣୀ ବ୍ରାଣ୍ଡ 'ଫେଟ୍ ସଫା'ର ନୂତନ ଟିଭି କମର୍ସିଆଲ (ଟଭିସି) ବା ବିଜ୍ଞାପନ ପାଇଁ ବଲିଉଡ ଅଭିନେତା ଜନି ଲିଭର ଏବଂ ରାଜପାଲ ଯାଦବଙ୍କୁ ବ୍ରାଣ୍ଡର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ବିଶେଷ କରି ପେଟ୍ ସଫାର ନୂତନ ଉତ୍ପାଦ ଓ ଏହି ଔଷଧର ଗୁଣାବତ୍ତା ସମ୍ପର୍କରେ ଉଭୟ ଜନି ଏବଂ ରାଜପାଲ ଭିନ୍ନ ଢଙ୍ଗରେ ଏହାର ପ୍ରଚାର ଓ ପ୍ରସାର ସହିତ ଜୀବନରେ ପେଟ ସଫା ଓ ପେଟ ସଫାର ଉତ୍ପାଦ ଅତ୍ୟନ୍ତ ଜରୁରୀ ବୋଲି ବିଜ୍ଞାପନରେ ସୁନ୍ଦର ବାର୍ତ୍ତା ଉପସ୍ଥାପନ କରିଛନ୍ତି। ଏ ସମ୍ପର୍କରେ ଦିଭିସା ହର୍ବାଲସ ପ୍ରାଇଭେଟ ଲିମିଟେଡର ସିଏମ୍‌ଡି ଡ. ସଞ୍ଜୀବ ଜୁନେଜା କହିଥିଲେ, ଆମର ଏହି ନୂତନ ଅଭିଯାନ ଉଭୟ ବ୍ରାଣ୍ଡ୍ ଓ ଗ୍ରାହକଙ୍କ ପାଇଁ ବେଶ୍ ସହାୟକ ହେବ। ଏପରିକି ଜନି ଓ ରାଜପାଲଙ୍କ ନିଖୁଣ ଅଭିନୟ ଓ ସୁନ୍ଦର ବାର୍ତ୍ତା ବ୍ରାଣ୍ଡର ଆଭିମୁଖ୍ୟକୁ ଆହୁରି ଲୋକପ୍ରିୟ କରାଇବା ସାଙ୍ଗକୁ ଶେଷ ସ୍ତରରେ ଥିବା ଗ୍ରାହକଙ୍କ ନିକଟଙ୍କୁ ପେଟ୍ ସଫାର ଉତ୍ପାଦକୁ ଏହି ଅଭିଯାନ ପହଞ୍ଚାଇବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ପ୍ରଥମ ତ୍ରୈମାସିକରେ ୬୦୧ କୋଟିର ନିଟ୍ ଲାଭ

**ଭୁବନେଶ୍ୱର,୧୨।୮**

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ତଥା ନ୍ୟାଶନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ ବା ନାଲ୍‌କୋର ନିର୍ଦ୍ଦେଶକମଣ୍ଡଳୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର ଆଗାମୀ କାର୍ଯ୍ୟକଳାପ ସହିତ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏପରିକି ୨୦୨୪ ଜୁନ୍ ଶେଷ ସୁଦ୍ଧା କମ୍ପାନୀ ମୋଟ ୨୮୫୬ କୋଟି ଟଙ୍କାର ବ୍ୟବସାୟ କରିବା ସହ ନିଟ୍ ୬୦୧କୋଟି ଟଙ୍କା ଲାଭ କରିଛି। ଏହି ଲାଭ ପରିମାଣ ଗତ ଆର୍ଥିକ ବର୍ଷରେ ଏହି ସମୟରେ କରିଥିବା ଲାଭ



ଶ୍ରୀଧର ପାତ୍ର

୩୪୯ କୋଟି ଟଙ୍କାଠାରୁ ୭୨% ଅଧିକ ବୋଲି ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ନାଲକୋ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟବସାୟିକ ଏବଂ ଆର୍ଥିକ କ୍ଷେତ୍ରରେ ସୁପରିଚାଳନା ଯୋଗୁ ଉତ୍କୃଷ୍ଟ ଫଳାଫଳ ହାସଲ କରିଅଛି। ଆନ୍ତର୍ଜାତିକ ବଜାରରେ ମେଟାଲ ଦରରେ ଉନ୍ନତି, ଘରୋଇ ବଜାରର ସକାରାତ୍ମକ ବ୍ୟବସାୟିକ ପରିବେଶ ତଥା ଉତ୍ପାଦନ କ୍ଷେତ୍ରରେ ଆର୍ଥିକ ସୁପରିଚାଳନା ଯୋଗୁ ଚଳିତ ତ୍ରୈମାସିକରେ କମ୍ପାନୀ ଉଲ୍ଲେଖନୀୟ ଫଳାଫଳ ହାସଲ କରିପାରିଛି।

ଏ ସମ୍ପର୍କରେ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର କହିଛନ୍ତି, ଉତ୍ପାଦନ କ୍ଷେତ୍ରରେ ନିରନ୍ତର ଅଭିବୃଦ୍ଧି ନିମନ୍ତେ କମ୍ପାନୀର ପ୍ରତିବଦ୍ଧତା,ଉତ୍କଳ-ଡି କୋଇଲା ଖଣି ମାଧ୍ୟମରେ ପାୱାର ପ୍ଲାଣ୍ଟ ନିମନ୍ତେ ନିଜସ୍ୱ ଆଭ୍ୟନ୍ତରୀଣ କୋଇଲା ଉତ୍ସର ବ୍ୟବସ୍ଥା ଏହି ସଫଳତାର ମୁଖ୍ୟ ଆଧାର ।


## ଜନ୍ମଦିନର ଶୁଭେଚ୍ଛା



**ମିଭାଂଶ ପ୍ରିୟଦର୍ଶୀ (ମିଉ)**

ମଙ୍ଗରାଜପୁର, ବାଲିକୁଦା, ଜଗତ୍‌ସିଂହପୁର

ଆଜି ତୋର ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀ ଗଣେଶଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଚଲାପଥ କୁସୁମିତ ହେବା ସହିତ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରୁଛୁ।

ଶୁଭେଚ୍ଛା ସହ: ଜେଜେବାପା: ମଦନମୋହନ ସାହୁ, ବାବା, ମାମା, ବଡ଼ବାବା, ବଡ଼ମାମା, ପିଉସା, ପିଉସୀ, ଅଜା, ଆଈ, ମାମୁ, ମାଈଁ, ବାବୁ, ରିଆ, ଲିକା, ସୁନୁ ଓ ସମସ୍ତ ପରିବାରବର୍ଗ ।

ଧ-୯୪୪


# ଓଡିଏମ୍ ପବ୍ଲିକ୍ ସ୍କୁଲର ନଲେଜ୍-କ୍ରଲ

**ଭୁବନେଶ୍ୱର,୧୨।୮**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର ବାର୍ଷିକ ପ୍ରଦର୍ଶନୀ 'ନଲେଜ୍-କ୍ରଲ୍-୨୦୨୪' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡା. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର (ଡା.) ଅସୀମ ରଞ୍ଜନ ପାଢ଼ୀ ମୁଖ୍ୟ ଅତିଥି ଏବଂ କେନ୍ଦ୍ରୀୟ ବିଦ୍ୟାଳୟ-୩ ର ଉପାଧ୍ୟକ୍ଷ ସରୋଜ କୁମାର ଦାସ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ।

ସେହିଭଳି ଓଡିଏମ ସମୂହର ପ୍ରତିଷ୍ଠାତା ଡା. ମୀନକେତନ ପିଲାମାନଙ୍କ ଭିତରେ ଥିବା ଆଗ୍ରହକୁ ସମ୍ମାନ କରିବା ସହ ସେମାନଙ୍କ ପ୍ରତିଭାର ବିକାଶ ନିମନ୍ତେ ଶୁଭାଶୀର୍ବାଦ ପ୍ରଦାନ କରିଥିଲେ। ଏହି ପ୍ରଦର୍ଶନଟି ବିଜ୍ଞାନ, ସମାଜିକ ବିଜ୍ଞାନ ଏବଂ




ଗଣିତ ବିଷୟକୁ ଆଧାରକରି ଆୟୋଜିତ କରାଯାଇଥିଲା। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନେ ଏହି ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିଥିଲେ।

ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୧୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଚାରକମଣ୍ଡଳୀ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ, ଚାର୍ଟ, ମଡେଲ୍, କ୍ଷୁଦ୍ର ଚଳଚ୍ଚିତ୍ରଗୁଡ଼ିକୁ ପ୍ରଦର୍ଶନ କରି ମୂଲ୍ୟାୟନ କରିଥିଲେ। ବିଚାରକମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟଂ ସତ୍ୟେନ୍ଦୁ, ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷ ଡା. ରାଜେଶ କୁମାର ପାଢ଼ୀ ଏବଂ ଅଭିଭାବକମାନେ ଏହି ପ୍ରଦର୍ଶନୀଗୁଡ଼ିକୁ ପରିଦର୍ଶନ କରିଥିଲେ।

# ୱାଣ୍ଡର୍ଲା ଭୁବନେଶ୍ୱରର ଫ୍ରିଡମ୍ ମନ୍ଥ୍ ଅଫର୍

**ଭୁବନେଶ୍ୱର,୧୨।୮**

ଭାରତର ସର୍ବବୃହତ୍ ଆମ୍ୟୁଜମେଣ୍ଟ ପାର୍କ ଚେନ୍ 'ୱାଣ୍ଡର୍ଲା ହଲିଡେଜ୍'ର ବହୁ ପ୍ରତୀକ୍ଷିତ ଫ୍ରିଡମ୍ ମନ୍ଥ ଅଫର୍ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୱାଣ୍ଡର୍ଲାର ଭୁବନେଶ୍ୱରସ୍ଥିତ ପାର୍କରେ ନିକଟରେ ଆରମ୍ଭ ହୋଇଥିବା ଇଣ୍ଡିପେଣ୍ଡେନ୍ସ ଡେ'ସେଲିବ୍ରେଶନ ପାଇଁ ଏକ ସ୍ୱତନ୍ତ୍ର ଫ୍ରିଡମ ପାସ୍‌ର ମଧ୍ୟ ଉନ୍ମୋଚନ କରାଯାଇଛି। ସେହିଭଳି ଗ୍ରାହକ ବର୍ତ୍ତମାନ ଅନଲାଇନ ବୁକ୍ କରିବା ସମୟରେ ଏକ ସ୍ୱତନ୍ତ୍ର 'ବାୟ ୨ ଗେଟ୍ ୧ ଫ୍ରି' ଟିକେଟ ଅଫରର ସୁବିଧା ଉପଭୋଗ କରିପାରିବେ। ଏହି ସୀମିତ ଅବଧି ଅଫର୍ ଚଳିତ ଅଗଷ୍ଟ ୩୧ ପର୍ଯ୍ୟନ୍ତ ପରିଦର୍ଶନ ପାଇଁ ଉପଲବ୍ଧ ରହିଛି। ଏହାର ଟିକେଟଗୁଡ଼ିକୁ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ବୁକ୍ କରାଯାଇପାରିବ। ସେହିପରି ସ୍ୱାଧୀନତା ଦିବସ ପାଳନରେ ମଧ୍ୟ ୱାଣ୍ଡର୍ଲା ଏହି ଗୁରୁତ୍ୱପୂର୍ଣ୍ଣ ଅବସରକୁ ଚିହ୍ନିତ କରିବା ପାଇଁ ସ୍ୱତନ୍ତ୍ର ଅଫରିଙ୍ଗ୍‌ଗୁଡ଼ିକର ଏକ ସିରିଜ ଘୋଷଣା କରି ଉତ୍ସାହିତ ଅଛି। ଅପରପକ୍ଷରେ ପାର୍କ ରେଷ୍ଟୁରାଣ୍ଟଗୁଡ଼ିକର ଏକ ଟ୍ରାଇ-କଲର




ଥିମ୍‌ର ମେନ୍ୟୁ ରହିବ, ଯେଉଁଥିରେ ଦେଶବ୍ୟାପୀ ସ୍ୱାଦିଷ୍ଟ ଖାଦ୍ୟଗୁଡ଼ିକ ସହ ଏକ ସ୍ୱତନ୍ତ୍ର ଇଣ୍ଡିପେଣ୍ଡେନ୍ସ ଡେ' ଥାଳି ମଧ୍ୟ ସାମିଲ ରହିବ। ୱାଣ୍ଡର୍ଲା ଭୁବନେଶ୍ୱର ଓଡିଶା ସୁପର ବାଇକ୍‌ସ କ୍ଲବକୁ ମଧ୍ୟ ସ୍ୱାଗତ କରିବ। ଯେଉଁଥିରେ ଏହି ସ୍ୱାଧୀନତା ଦିବସରେ ହାର୍ଲି ଡେଭିଡସନ ଗ୍ରୁପ୍, ବିଏମ୍‌ଡବ୍ଲ୍ୟୁ ବାଇକ୍‌ସ ଗ୍ରୁପ ଓ ହିମାଳୟାନ ବାଇକ୍‌ସ ଗ୍ରୁପ ଭଳି ପ୍ରତିଷ୍ଠିତ ଗ୍ରୁପ୍‌ଗୁଡ଼ିକ ସାମିଲ ରହିବ। ଏହାବ୍ୟତୀତ ସେମାନେ ଜାଭିୟର ସ୍କୋୟାର, ଜୟଦେବ ବିହାରରୁ ୱାଣ୍ଡର୍ଲା ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ଗ୍ରାଣ୍ଡ ସେଲିବ୍ରେଶନ ପାଇଁ ରାଇଡିଙ୍ଗ କରିବେ।

# ଶେୟାର ବଜାର କାରବାରରେ ହ୍ରାସ

**ନୂଆଦିଲ୍ଲୀ,୧୨।୮**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୭ (୫୬.୯୯) ପଏଣ୍ଟ କମି ୭୯,୬୪୯ (୭୯,୬୪୮.୯୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସଇ)ର ନିଫ୍ଟି-୫୦ରେ ମଧ୍ୟ ୨୦ (୨୦.୫୦) ପଏଣ୍ଟ ହ୍ରାସ ଘଟି ୨୪,୩୪୭(୨୪,୩୪୭.୦୦) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ବୀର ଲଚିତ୍ ବୋରଫୁକାନଙ୍କ ଜୀବନୀ ଉପରେ ସିରିଜ୍

**ଭୁବନେଶ୍ୱର, ୧୨।୮ (ଅନୁରାଧା ମହାରଣା)**

ଆସାମ ସଂସ୍କୃତି ବିଭାଗ ସହଯୋଗରେ ବୀର ଲଚିତ୍ ବୋରଫୁକାନଙ୍କ ଜୀବନୀ ଉପରେ ଆଧାରିତ ଏକ ଡକ୍ୟୁମେଣ୍ଟାରୀ ସିରିଜ ପ୍ରସ୍ତୁତ କରିବାକୁ ଯୋଜନା କରିଛି। ଏହି ପରିପ୍ରେକ୍ଷୀରେ ସୋମବାର ଦିନ ଗୌହାଟୀରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ଦୂରଦର୍ଶନର ଡାଇରେକ୍ଟର ଜେନେରାଲ କାଞ୍ଚନ ପ୍ରସାଦଙ୍କ ଉପସ୍ଥିତିରେ ଆସାମ ସରକାର ଏବଂ ପ୍ରସାର ଭାରତୀ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶଶର୍ମା କହିଛନ୍ତି ଯେ, ଆସାମବାସୀଙ୍କ ପାଇଁ ଏହା ଅତ୍ୟନ୍ତ ଖୁସି ଖବର। ପ୍ରଥମ ଥର ପାଇଁ ମହାନ ଯୋଦ୍ଧା ବୀର ଲଚିତ୍ ବୋରଫୁକାନଙ୍କ ଜୀବନୀ ଉପରେ ଏକ ଡକ୍ୟୁମେଣ୍ଟାରୀ ସିରିଜ ପ୍ରସ୍ତୁତ ହେବ। ଏହି ସିରିଜ୍‌ରେ ୫୨ ଏପିସୋଡ ରହିବାକୁ ଥିବାବେଳେ ଏହା ଉଭୟ ଆସାମ ସରକାର ଏବଂ ପ୍ରସାର ଭାରତୀ ଦ୍ୱାରା ପ୍ରସ୍ତୁତ ହେବ। ଡକ୍ୟୁମେଣ୍ଟାରୀ ବିଷୟରେ ଆଲୋଚନା କରି କାଞ୍ଚନ ପ୍ରସାଦ କହିଛନ୍ତି ଯେ, ଆସାମ ସରକାରଙ୍କ ସହ ସହଯୋଗ କରିବା ଦୂରଦର୍ଶନ ପାଇଁ ଏକ ଗର୍ବର ମୁହୂର୍ତ୍ତ। ସମାବେଶକୁ ସମ୍ବୋଧିତ କରି ମୁଖ୍ୟ ସଚିବ ବି କଲ୍ୟାଣ ଚକ୍ରବର୍ତ୍ତୀ କହିଛନ୍ତି ଯେ, ଏହି ଡକ୍ୟୁମେଣ୍ଟାରୀ ସିରିଜରେ ଆସାମର ଗୌରବମୟ ଇତିହାସ ଚିତ୍ରିତ ହେବ ଏବଂ ଏହା ଉଭୟ ଆସାମ ସରକାର ଏବଂ ପ୍ରସାର ଭାରତୀଙ୍କ ମିଳିତ ଉଦ୍ୟମ ହେବ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ରବି କୋଟା ଏବଂ ମନ୍ତ୍ରୀ ବିମଲ ବୋରା ମଧ୍ୟ ଉପସ୍ଥିତ ଥିଲେ।


# Classified Everyday

**0674-2580101, 2549949**



**REAL ESTATE**

**SALE**

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-1020

**HOUSE FOR SELL- Main road side individual house near Nua Gaon Petrol Pump Bhubaneswar, corner house, BDA approved, 3 storied building, plot size 2000 sqft. CONTACT- 91780 86321.** D-1003

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9853035888, 9437054765.** D-1019




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75767

Newly open health benefits SPA special offer @ 799 Bapuji Nagar. 8018429809. D-76144

Newly open SPA positively health benefits with expert therapist. 9040286886. D-76143

Newly open health benefits spa by expert therapist. Contact: 6371861658. D- 76142

**Relax, Refresh your body, mind at Saikrupa Spa with best therapies. 8984068077.** D-883

**Full body massage experience good looking therapist @ 999 (Bhubaneswar). 9078484455.** D-999

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, Ravneet Kaur Anand, D/o- Late Harbans Singh, resident of Ward No.- 1422/3156, Sai Vihar, P.O./P.S.- Rasulgarh, Dist.- Khordha, PIN-751010, Odisha declare by this affidavit No.- CF-79, 05.07.2024 that now onwards I shall be known as Ravneet Kaur for all future purposes. D-1018

As per affidavit before Executive Magistrate, I, Sharat Laha and Prafulla Laha, S/o- Late Karttika Laha is one and same person in our locality. My name is in LIC documents made bearing Policy No.- 599366109, 596690922 and 845378003 Prafulla Laha. Henceforth, I shall be known as Sharat Laha for all purposes in future. D-1022

# ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ମଞ୍ଜୁଲତା ବେହେରା**

ସ୍ୱାମୀ: ଗୌରାଙ୍ଗ ଚରଣ ବେହେରା

ସାଇଗୋଡ଼ା, ମନୋହରପୁର, ସାଲେପୁର, କଟକ

ଆବିର୍ଭାବ- ତା୨୧।୦୨।୧୯୭୩ରିଖ

ତିରୋଧାନ- ତା୧୩।୦୮।୨୦୨୨ରିଖ

ଚାହୁଁ ଚାହୁଁ ୨ବର୍ଷ ବିତିଗଲା। ଏବେବି ତୁମ କଥା ସବୁ ସମୟରେ ମନେପଡ଼େ। ତୁମ ସ୍ଥାନ ଅପୂରଣୀୟ । ତୁମ ସ୍ନେହ, ଆଦର୍ଶ, ଦିଗ୍‌ଦର୍ଶନ, କର୍ତ୍ତବ୍ୟନିଷ୍ଠା ଓ ଭଲପାଇବା ସଦାସର୍ବଦା ମନେ ରହିବ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଛୁ। ।

ଶୋକସନ୍ତପ୍ତ ପରିବାରବର୍ଗ: ସ୍ୱାମୀ, ପୁଅ: ନୀହାର, ଚିଣ୍ଟୁ, ପୁତୁରା, ପୁତୁରାବୋହୂ, ଭଣଜା, ଭାଣିଜୀ, ଝିଆରୀ, ଦେଢ଼ଶୁର, ଦିଅର, ଭାଇ, ଭାଉଜ, ବାପା, ମାଆ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।

ଧ-୧୦୨୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସୁନୀଲ ଚନ୍ଦ୍ର ଦାସ**

ଅଠାନ୍ତର, ବାଲିପାଟଣା, ଖୋର୍ଦ୍ଧା

ଆବିର୍ଭାବ: ୧୬।୦୯।୧୯୪୫

ତିରୋଧାନ: ୨୫।୦୮।୨୦୨୩

ଆପଣ ଥିଲେ ଆମର ଯଥାର୍ଥ ପଥ ପ୍ରଦର୍ଶକ। ଆପଣଙ୍କ ନିଷ୍ଠାପର କର୍ମ, ସ୍ପଷ୍ଟବାଦିତା ଆପଣଙ୍କୁ ସର୍ବଦା ଅମର କରି ରଖିବ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।

ଶୋକସନ୍ତପ୍ତ: ପୁତ୍ର: ମାତୃପ୍ରସାଦ, ଦେବୀପ୍ରସାଦ, ଭବାନୀ ପ୍ରସାଦ, ପୁତ୍ରବଧୂ: ସୁଜାତା, ଇତିଶ୍ରୀ, ସଙ୍ଗୀତା, କନ୍ୟା: ଶ୍ରୀୟା, ଜାମାତା: ପ୍ରଣବ, ଭ୍ରାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।

ଧ-୭୫୭୬୮

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ସୁମିତ୍ରା ବିଶୋଇ**

ସାମୀ- ୰ କେଦାରନାଥ ବିଶୋଇ

ବଡ଼ଦାଣ୍ଡସାହି, ପୁରୁଣା ଭୁବନେଶ୍ୱର

ଆବିର୍ଭାବ- ୦୮.୦୯.୧୯୪୨

ତିରୋଧାନ- ୦୬.୦୮.୨୦୨୨

(ଶ୍ରାବଣ ଶୁକ୍ଳ ପକ୍ଷନବମୀ ତିଥି)

ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା ବିଶ୍ୱାସ ହେଉନାହିଁ । ଏବେ ବି ତୁମର ଅନୁପସ୍ଥିତ ଆମକୁ ମର୍ମାହତ କରୁଛି । ତୁମର ସ୍ନେହ, ଶ୍ରଦ୍ଧା ଓ ଅଶିର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ । ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ

ପୁତ୍ର- ସନ୍ତୋଷ, ସନତ, ପୁତ୍ରବଧୂ- ଜୁନି, ଶାନ୍ତି, ସ୍ନେହା, ନାତି-ସୋନୁ, ଚିନୁ, ନାତୁଣୀ-ରୋମି,ପ୍ରିତି, ନାତୁଣୀ ଜ୍ୱାଇଁ-ପିକୁନ,ନାତୁଣୀ ବୋହୂ ସୁକନ୍ୟା ଏବଂ ବନ୍ଧୁ ଓ ପରିବାରବର୍ଗ ।

ଧ-୭୫୭୬୯

# ଭୁଜାଲିରେ ହାଣି ଯୁବକଙ୍କୁ ହତ୍ୟା

ଯୋଡ଼ା,୧୨।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦେଓଝର ନିକଟରେ ଜଣେ ଯୁବକଙ୍କୁ ଭୁଜାଲିରେ ହାଣି ହତ୍ୟା କରାଯାଇଛି। ମୃତ ଯୁବକ ଦେଓଝର ଘନସାହିର ଲିଙ୍ଗା ଶବର(୫୦)। ଛେଳିଚୋରିକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଥାନା ଅଧିକାରୀ ଲୋକେଶ ସାହୁ କହିଛନ୍ତି। ସୂଚନା ଅନୁଯାୟୀ, ଲିଙ୍ଗା ରବିବାର ରାତିରେ ମହାଦେବନଶା ଛକ ଦେଇ ଆସୁଥିଲେ। ସେହି ସମୟରେ ଦୁର୍ବୃତ୍ତ ଭୁଜାଲିରେ ହାଣି ଫେରାର ହୋଇଯାଇଥିଲେ। ସୋମବାର ସକାଳେ ସ୍ଥାନୀୟ ଲୋକେ ଘଟଣା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବଡ଼ବିଲ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଲିଙ୍ଗାଙ୍କ ଛାତିରେ ଗଭୀର କ୍ଷତ ହୋଇଛି। ଯୋଡ଼ା ଥାନାରେ ଏକ ମାମଲା(ନଂ. ୨୩୩/୨୪)ରୁଜୁ ହୋଇଛି। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ସହ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଥାନାରେ ହାଜର ହେଲେ ସତ୍ୟଜିତଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରୁଥିବା ମହିଳା

## ଏକାଧିକ ମହିଳାଙ୍କୁ ବିବାହ ନାଁରେ ଠକେଇ ଘଟଣା

ଭୁବନେଶ୍ୱର,୧୨।୮
(ସୂର୍ଯ୍ୟକାନ୍ତ ବେହେରା)

ମିଥ୍ୟା ପରିଚୟ ଦେଇ ବହୁ ମହିଳାଙ୍କୁ ବିବାହ ବାହାନାରେ ଲକ୍ଷାଧିକ ଟଙ୍କା, ଗାଡ଼ି ଆଦି ଠକିଥିବା ସତ୍ୟଜିତ୍ ସାମଲଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡରେ ଆଣି ମାରାଥନ ଜେରା ଚାଲିଛି। ହେଲେ ସତ୍ୟଜିତ୍ ମାପିଚୁପି କଥା କହୁଥିଲେ ମଧ ପୋଲିସ ଟିମ୍ ଗୋଟିଏ ପରେ ଗୋଟିଏ କାର୍‌ନାମାର ପ୍ରମାଣ ରଖିବାକୁ ଚେଷ୍ଟା କରୁଛି। ଏହା ମଧ୍ୟରେ ସତ୍ୟଜିତ୍‌ଙ୍କ ଆକାଉଣ୍ଟରୁ ଟଙ୍କା ନେଣଦେଣ କରୁଥିବା ମହିଳାଙ୍କୁ ଚିହ୍ନଟ କରି ତଦନ୍ତରେ ସହଯୋଗ କରିବାକୁ କ୍ୟାପିଟାଲ ଥାନା ପୋଲିସ ନୋଟିସ କରିଥିଲା। ସତ୍ୟଜିତଙ୍କ ଲେଡି ପାର୍ଟନର କୁହାଯାଉଥିବା ସେହି ମହିଳାଜଣକ ସୋମବାର ଥାନାରେ ହାଜର ହୋଇଥିବା ଜଣାପଡ଼ିଛି। ୩ ମାସ ଭିତରେ ସତ୍ୟଜିତ୍‌ଙ୍କ ଆକାଉଣ୍ଟରୁ



ଥାନାରେ ହାଜର ହୋଇଥିବା ମହିଳା।

ମହିଳାଙ୍କ ଆକାଉଣ୍ଟକୁ ଲକ୍ଷ ଲକ୍ଷ ଟଙ୍କା ଯାଇଥିବା ଜଣାପଡ଼ିଛି। ଏପରିକି ସତ୍ୟଜିତ ଗିରଫ ହେବା ପରଦିନ ଏହି ମହିଳା ୫୦ ହଜାର ଟଙ୍କା ଉଠାଇ ଥିଲେ ବୋଲି ସୂଚନା ମିଳିଛି। ତେବେ ସତ୍ୟଜିତଙ୍କ ସହ ତାଙ୍କର କ'ଣ ସମ୍ପର୍କ ରହିଛି ଓ ସେ ଠକେଇରେ ସାମିଲ ଅଛନ୍ତି କି ନାହିଁ ସେନେଇ ପୋଲିସ ପଚାରଉଚରା ଚଳାଇଛି। ଡିସିପି ପ୍ରତୀକ ସିଂ କହିଛନ୍ତି, ମହିଳା ଜଣକ ଅଭିଯୁକ୍ତ ସତ୍ୟଜିତ୍‌ଙ୍କ ଲିଙ୍କ୍‌ରେ ରହି ପୀଡିତାଙ୍କ ସହ କଥା ହୋଇଥାନ୍ତି। ତଦନ୍ତ ସରିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ଅନ୍ୟପଟେ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡବେଳେ ଅଭିଯୁକ୍ତ ସତ୍ୟଜିତ ପୁରୀ ମାଳତିପାଟପୁରରେ ଜମି କିଣିଥିବା ପୋଲିସ ପ୍ରମାଣ ପାଇଥିବାବେଳେ କଟକ, ଭୁବନେଶ୍ୱର, ଯାଜପୁର ଆଦି ସହରରେ ମଧ ଜମି କିଣିଥିବା ସୁରାକ ପାଇଥିବାରୁ ସେଦିଗରେ ଅଧିକ ପଚରାଉଚରା କରୁଛି। ଏଥିସହ ସତ୍ୟଜିତ ଓ ତାଙ୍କ ବ୍ୟାଙ୍କ ଆକାଉଣ୍ଟ କାରବାର କରୁଥିବା ମହିଳାଙ୍କୁ ମୁହାଁମୁହିଁ ଜେରା କରି ଅଧିକ କିଛି ତଥ୍ୟ ପାଇବାକୁ ପୋଲିସ ଆଶା ରଖିଛି। ସେପଟେ ଜବତ ଲାପଟପ୍, ପେନ୍‌ଡ୍ରାଇଭ୍ ଓ ମୋବାଇଲ୍‌ରୁ ସତ୍ୟଜିତ୍‌ଙ୍କ ସମ୍ପର୍କରେ ଥିବା ମହିଳାଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କେବଳ ଭାରତୀୟ ନୁହେଁ, ବିଦେଶୀ ମହିଳାଙ୍କୁ ମଧ ସତ୍ୟଜିତ୍ ପ୍ରେମ ଫାଶରେ ପକାଇ ଠକିବା ପାଇଁ ଚେଷ୍ଟା କରିଥିବା ଯାଞ୍ଚରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ସତ୍ୟଜିତ ନିଜକୁ ପୋଲିସ, ସିବିଆଇ ଅଫିସର ଭଳି ଭିନ୍ନ ଭିନ୍ନ ପରିଚୟ ଦେଇ ମାଟ୍ରିମୋନିଆଲ ସାଇଟ୍‌ରେ ବହୁ ମହିଳାଙ୍କ ସହ ସମ୍ପର୍କ ବଢ଼ାଇଥିଲେ। ବିବାହ ଏଗ୍ରିମେଣ୍ଟ କରି ଶାରୀରିକ ସମ୍ପର୍କ ରଖିବା ସହ ଠକେଇ କରିଥିଲେ। ତେବେ ଠକେଇର ଶିକାର ୩ ଜଣ ମହିଳା ସତ୍ୟଜିତ୍‌ଙ୍କ ନାଁରେ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ସତ୍ୟଜିତ୍ ଜଣଙ୍କଠାରୁ ୩୬ଲକ୍ଷ ଟଙ୍କା ଓ କାର୍ ନେଇଥିବାବେଳେ ଅନ୍ୟଜଣଙ୍କଠାରୁ ୮ଲକ୍ଷ ଟଙ୍କା ଓ ଏକ ବୁଲେଟ ଏବଂ ଆଉଜଣଙ୍କଠାରୁ ୧.୬୦ହଜାର ଟଙ୍କା ଠକି ନେଇଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇଁ ଅନ୍ୟ ପୀଡିତାଙ୍କୁ ମନାଇବା ଲାଗି ଦୁଇଟି ଟିମ୍ ଉଦ୍ୟମ ଚଳାଇଛି।

# ରାସ୍ତା ମଝିରେ ଅଧ୍ୟାପକଙ୍କୁ ଭୁଜାଲି ଚୋଟ

- ଜୀବନ ବଞ୍ଚାଇ ଦେଲା ହେଲମେଟ୍
- ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ଉଦଳା, ୧୨।୮(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା କୁକୁରଡ଼ିମା ଛକ ନିକଟ ରାସ୍ତା ମଝିରେ ଦୁର୍ବୃତ୍ତଙ୍କ ଭୁଜାଲି ଚୋଟରେ କପ୍ତିପଦା ବ୍ଲକ ନୁଦଡିହା ମେଘାସନ ମହାବିଦ୍ୟାଳୟର ଗଣିତ ଅଧ୍ୟାପକ ରୂପେଶ କୁମାର ମହାପାତ୍ର ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଅଧ୍ୟାପକ ମହାପାତ୍ର ସୋମବାର ପୂର୍ବାହ୍ନରେ ବାଇକ୍ ଯୋଗେ କଲେଜ ଯାଉଥିଲେ। ଉଦଳା-ପୋଡ଼ାଡିହା ରାଜ୍ୟ ରାଜପଥର କୁକୁରଡ଼ିମା ଛକ ନିକଟରେ ହଠାତ୍ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ପଛ ପାଖରୁ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ।



ଅଧ୍ୟାପକ ରୂପେଶ କୁମାର ମହାପାତ୍ର।

ଦୁର୍ବୃତ୍ତଦ୍ୱୟ ଅଧ୍ୟାପକ ମହାପାତ୍ରଙ୍କ ମୁଣ୍ଡକୁ ହାଣିବାକୁ ଚେଷ୍ଟା କରିଥିବା ବେଳେ ଭୁଜାଲି ଚୋଟ ତାଙ୍କ ହେଲମେଟରେ ବାଜିଥିଲା। ହେଲମେଟ ଯୋଗୁ ଜୀବନରକ୍ଷା ହୋଇଥିବା ବେଳେ ଅନ୍ୟ ଏକ ଭୁଜାଲି ଚୋଟ ତାଙ୍କ ବାମ କାନ୍ଧରେ ବାଜି ଗଭୀର କ୍ଷତ ହୋଇଥିଲା। ଦୁର୍ବୃତ୍ତଙ୍କ କବଳରୁ ନିଜକୁ ବଞ୍ଚାଇବା ପାଇଁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ନିକଟସ୍ଥ ଗାଁ ଭିତରକୁ ପଶିଯିବାରୁ ଦୁର୍ବୃତ୍ତମାନେ ସେଠାରୁ ପଳାଇ ଯାଇଥିଲେ। ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୂର୍ବରୁ କାହା ସହ ସେଭଳି ଶତ୍ରୁତା ନ ଥିବା ଅଧ୍ୟାପକ ମହାପାତ୍ର କହିଛନ୍ତି। ପୋଲିସ ଆକ୍ରମଣର କାରଣ ଜାଣିବା ପାଇଁ ଖୋଳତାଡ଼ କରୁଛି।

# ଯୁବକଙ୍କୁ ହତ୍ୟା ଘଟଣାରେ ୨ ଗିରଫ

କେନ୍ଦୁଝର,୧୨।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ କାଠକରଞ୍ଜିଆ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘଟିଥିବା ହତ୍ୟାକାଣ୍ଡରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ କାଠକରଞ୍ଜିଆ ଗ୍ରାମର ସାନୁ ମହାନ୍ତ ଓ ପିଣ୍ଟୁ ଭୋଇ। ସୂଚନା ଅନୁଯାୟୀ, ସଦର ଥାନା ଅନ୍ତର୍ଗତ କାଠକରଞ୍ଜିଆ ଗ୍ରାମର ଗାଇଗୋଠ ଯୁକେଲ ପଟାସ ଜଙ୍ଗଲ ନିକଟରେ ରବିବାର ଅଭିମନ୍ୟୁ ସେଠୀ(୫୦)ଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିଲା। ଖବର ପାଇ ସଦର ପୋଲିସ ପହଞ୍ଚି ମୃତଦେହ ଜବତ କରିପିଣ୍ଟୁଙ୍କୁଅଟକ ରଖିଥିଲା। ପରେ ତଦନ୍ତ କରି ସାନୁଙ୍କୁ ଧରିଥିଲା। ପୂର୍ବ ଶତ୍ରୁତାକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥିବା ଥାନା ଅଧିକାରୀ କହିଛନ୍ତି। ପୋଲିସ ଏକ ମାମଲା(ନଂ.୪୫୭/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଉଭୟଙ୍କୁ କୋର୍ଟଚାଲାଣ କରିଥିବା ସଦର ଥାନା ଆଇଆଇସି ଅମିତ କୁମାର ଭୂୟାଁ କହିଛନ୍ତି।

# ବ୍ୟାଙ୍କ ଲୁଟ୍ ଯୋଜନା ବେଳେ ଧରାପଡ଼ିଲା ଡକାୟତି ଗ୍ୟାଙ୍ଗ

## ୨ ପିସ୍ତଲ, ଦେଶୀ ବନ୍ଧୁକ ସହ ୧୪ ରାଉଣ୍ଡ ଅଫୁଟା ଗୁଳି ଜବତ

ଜଳେଶ୍ୱର,୧୨।୮(ନବୀନ ସାହୁ)

ବାଲେଶ୍ୱର ଜିଲାର ବିଭିନ୍ନ ବ୍ୟାଙ୍କ, ଗହଣା ଦୋକାନ ଓ ପେଟ୍ରୋଲ ପମ୍ପକୁ ଟାର୍ଗେଟ କରୁଥିବା ୭ଜଣିଆ ଡକାୟତି ଗ୍ୟାଙ୍ଗକୁ କାବୁ କରିଛି ଜଳେଶ୍ୱର ପୋଲିସ। ରବିବାର ରାତିରେ ଡକାୟତମାନେ ଏକ ବ୍ୟାଙ୍କ ଲୁଟ୍ କରିବାକୁ ଯୋଜନା କରୁଥିବା ବେଳେ ପୋଲିସ ଚଢାଉ କରି ସେମାନଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା(ନଂ. ୪୧୬/୨୪) ରୁଜୁ ହୋଇ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୨ଟି ପିସ୍ତଲ, ଗୋଟିଏ ଦେଶୀ ବନ୍ଧୁକ, ୧୪ ରାଉଣ୍ଡ ଅଫୁଟା ଗୁଳି, ଗୋଟିଏ କାର୍, ୩ଟି ବାଇକ, ଗୋଟିଏ ଗ୍ୟାସ କଟର ସହ ସିଲିଣ୍ଡର, ଲୁହାରଡ୍, ଲଙ୍କାଗୁଣ୍ଡ ପ୍ୟାକେଟ, ଗ୍ଲୋଭ୍‌ସ, ମଙ୍କି କ୍ୟାପ୍, ନଗଦ ୩ ହଜାର ଟଙ୍କା ସମେତ ୬ଟି ଦାମୀ ମୋବାଇଲ ଜବତ ହୋଇଛି। ଅଭିଯୁକ୍ତଙ୍କ ନିକଟରୁ ବାଇକ୍ ଓ କାର୍‌ରେ ବ୍ୟବହୃତ ଏକାଧିକ ନମ୍ବର ପ୍ଲେଟ୍ ମଧ ଜବତ ହୋଇଛି।



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କ ସହ ଏସ୍‌ପି ଓ ପୋଲିସ ଅଧିକାରୀ।

ଜଳେଶ୍ୱର ଥାନା ଗୋବରଘାଟସ୍ଥିତ ଦଶହରା ପଡ଼ିଆରେ ଡକାୟତମାନେ ଏକାଠି ହୋଇଥିଲେ। ଖବର ପାଇ ଜଳେଶ୍ୱର ଥାନା ପୋଲିସ ଟିମ୍ ଅତର୍କିତ ଭାବେ ଚଢାଉ କରିଥିଲା। ଗିରଫ ୭ ଜଣଙ୍କ ମଧ୍ୟରୁ ୪ ଜଣଙ୍କ ଘର ପଶ୍ଚିମବଙ୍ଗ, ଜଣଙ୍କ ଘର ଦିଲ୍ଲୀରେ ହୋଇଥିବା ବେଳେ ଅନ୍ୟ ୨ଜଣ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି। ଏହି ଡକାୟତି ଗ୍ୟାଙ୍ଗ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିଲା ବୋଲି ଜଳେଶ୍ୱର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ ସାହୁ, ଜଳେଶ୍ୱର ଥାନା ଆଇଆଇସି ରଞ୍ଜନ ସେଠୀଙ୍କ ସହିତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ହାଇଦ୍ରାବାଦରେ ଓଡ଼ିଆ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

ସିମୁଳିଆ, ୧୨।୮(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ସୋମନାଥପୁର ଅଞ୍ଚଳର ମାୟାଧର ବାରିକଙ୍କ ଝିଅ ଗୀତାଞ୍ଜଳି(୨୨)ଙ୍କର ହାଇଦ୍ରାବାଦରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଗୀତାଞ୍ଜଳି ନିଜ ପରିବାର ପୋଷଣ ପାଇଁ ଗତ ୪ବର୍ଷ ପୂର୍ବେ ମାଟ୍ରିକ୍ ପରୀକ୍ଷା ପରେ ଘରୁ ଗୋଡ଼ କାଢ଼ିଥିଲେ। ସେଠାରେ ସେ ଏକ ଘରୋଇ ଶିକ୍ଷା ଅନୁଷ୍ଠାନର ହଷ୍ଟେଲ ଦାୟିତ୍ୱରେ ଥିଲେ। ଗୀତାଞ୍ଜଳିଙ୍କ ବାପା ହୃଦ୍‌ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଘରେ ତାଙ୍କର ମା', ଦୁଇ ସାନଭାଇ, ଜେଜେ ଓ ଜେଜେମା' ଅଛନ୍ତି। ତେବେ ତାଙ୍କ ଆୟରେ ଘର ଚଳୁଥିବା ବେଳେ ଏକମାତ୍ର ରୋଜଗାରିଆ ଝିଅର ମୃତ୍ୟୁ ଖବର ପରିବାରର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ପରିବାର ଲୋକେ ଝିଅର ମରଶରୀର ଆଣିବା ପାଇଁ ହାଇଦ୍ରାବାଦ ଯାଇଥିବା ବେଳେ ସେଠାକାର ପୋଲିସ ୩ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଥିବାର ସୂଚନା ମିଳିଛି।

# ଲ୍ୟାଣ୍ଡମାଇନ ବିସ୍ଫୋରଣରେ ମହିଳା ମୃତ

ମାଲକାନଗିରି,୧୨।୮
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡର ସୁକ୍‌ମା ଜିଲାରେ ମାଓବାଦୀମାନଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଛି। ଏହି ମାମଲା କିସ୍ତରାମ ଥାନା ଅନ୍ତର୍ଗତ ଡାବାମାର୍କା ଅଞ୍ଚଳରେ ଘଟିଥିବା ଜଣାପଡ଼ିଛି।

ସୂଚନାନୁସାରେ, କିସ୍ତରାମ ଥାନା ଅଞ୍ଚଳର ଡାଆମାର୍କା ଗାଁର ଜଣେ ମହିଳା କାୱାସୀ ସୁକି ନିକଟରେ ଥିବା ଜଙ୍ଗଲକୁ ଗୋରୁ ଚରାଇବାକୁ ଯାଇଥିଲେ। ମହିଳା ଜଣକ ଜଙ୍ଗଲ ରାସ୍ତାରେ ଯାଉଥିବା ବେଳେ ମାଓବାଦୀମାନଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଲ୍ୟାଣ୍ଡମାଇନ ବୋମା ସଂସ୍ପର୍ଶରେ ଆସିବାରୁ ଏକ ବଡ଼ ବିସ୍ଫୋରଣ ଘଟିଥିଲା। ସେ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିଲେ। ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହେତୁ ଏହି ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା। ସ୍ଥାନୀୟ ଲୋକ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏହା ପରେ ଗ୍ରାମବାସୀ ପୋଲିସକୁ ସୂଚନା ଦେବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୁକମା ଏଏସପି ନିଖିଲ ରାଖେଜା ପ୍ରକାଶ କରିଛନ୍ତି।

# ହତ୍ୟା ମାମଲାରେ ବଡ଼ଭାଇଙ୍କୁ ଆଜୀବନ

ବ୍ରହ୍ମପୁର, ୧୨।୮(ସୁବାସ ଚନ୍ଦ୍ର ପାଢ଼ୀ)

ସାନଭାଇଙ୍କୁ ହତ୍ୟା ମାମଲାର ଶୁଣାଣି କରି ଗଞ୍ଜାମ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଅଭିଯୁକ୍ତ ବଡ଼ଭାଇଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଗୁଜିଲିଙ୍ଗ ଗ୍ରାମର ଆସିନା କାର୍ଜୀ (୪୨)।

ଜରଡ଼ା ଥାନା ଗୁଜିଲିଙ୍ଗ ଗ୍ରାମର ଆସିନା ଓ ସାନଭାଇ କାର୍ତ୍ତିକ ମଧ୍ୟରେ ଜମି ଭାଗବଣ୍ଟାକୁ କେନ୍ଦ୍ର କରି ଝଗଡ଼ା ଲାଗି ରହୁଥିଲା। ୨୦୨୨ ଜୁଲାଇ ୧୨ ସନ୍ଧ୍ୟାରେ କାର୍ତ୍ତିକ ଘର ବାହାରେ ବସିଥିଲା ସମୟରେ ବଡ଼ଭାଇ ଆସିନା ଆସି ଗଣ୍ଡଗୋଳ କରିଥିଲେ। ପରେ ଏକ କାତିରେ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। କାର୍ତ୍ତିକ ପଡ଼ୋଶୀ ଘର ଭିତରକୁ ପଶିଯିବାରୁ ଆସିନା ତାଙ୍କୁ ଗୋଡ଼ାଇ ଗୋଡ଼ାଇ ସେହି ଘରେ ପଶି ହାଣି ହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ମୃତକଙ୍କ ଭାଣିଜୀ ଜ୍ୱାଇଁ ପିଙ୍କୁ ନାୟକ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୨୨୦/୨୨ରେ ଅଭିଯୁକ୍ତ ଆସିନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଏସ୍‌ଆଇ ତଥା ତଦନ୍ତ ଅଧିକାରୀ ରଶ୍ମିତା ସାମଲ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଗିରଫ ପରଠାରୁ ଆସିନା ବିଚାରାଧୀନ ବନ୍ଦୀ ଭାବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିଲେ। ସୋମବାର ମାମଲାର ରାୟ ପ୍ରକାଶ ବେଳେ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏଥିସହିତ ମୃତ କାର୍ତ୍ତିକଙ୍କ ଏକମାତ୍ର ଶିଶୁ ବାପାମା' ଛେଉଣ୍ଡ ହୋଇଯାଇଥିବାରୁ ତା'ର ଭରଣପୋଷଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ଚିଠି କରିଛନ୍ତି। ସରକାରଙ୍କ ତରଫରୁ ପିପି ତ୍ରିଲୋଚନ ପରିଡ଼ା ମକଦ୍ଦମା ପରିଚାଳନା କରୁଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଉଲ ପତ୍ର ବଉଲ ବାଆ,**
**କୋଳି ଗୋଣ୍ଡାକର ଘର,**
**ଷାଠିଏ ଟଙ୍କାର ବଳଦ ବାନ୍ଧି,**
**ନାଥେ ହେଲେ ହରବର।**

ଅଭାବରୁ ହୀନସ୍ତା। ବହୁ ମୂଲ୍ୟ ବିନିମୟରେ ବଳଦ ଆଣି ତା'ର ଉପଯୁକ୍ତ ଭାବେ ପାଳନ କରି ନ ପାରି ହରଡ଼ଘଣାରେ ପଡ଼ିଯାଇଥିବା ବ୍ୟକ୍ତିର ଦୁରବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଖାଇ ନାନୀ, ପାନ ପତରି**
**ବସିଥାଏ ଚୁଲି ମୁଣ୍ଡେ,**
**ଘଇତା ଆଗରେ ସକେଇ କାନ୍ଦେ**
**କିଛି ଦେଇନାହିଁ ତୁଣ୍ଡେ।**

ଚୁଲି ମୁଣ୍ଡରେ ବସିଛି ଅଥଚ ପାଟିରେ କିଛି ବି ଖାଇନାହିଁ। କେତେକ ନାରୀ ଲୁଚେଇ ଛପେଇ ଖାଉଥିଲେ ମଧ କିଛି ନ ଖାଇଥିବାର ମିଛ ଅଭିନୟ କରିଥାନ୍ତି। ସବୁ ଖାଇ ରାଗ ଅଭିମାନରେ ଖାଇ ନ ଥିବାର ତୁଚ୍ଛା ବାହାନା କରୁଥିବା ନାରୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପାଣି ପିଇବା ବାହାନାରେ ଥାନାରୁ ଚମ୍ପଟ୍ ଅଭିଯୁକ୍ତ ଧରାପଡ଼ିଲେ

ଭୁବନେଶ୍ୱର,୧୨।୮
(ସୂର୍ଯ୍ୟକାନ୍ତ ବେହେରା)

ପାଣି ପିଇବା ବାହାନା କରି ଥାନାରୁ ଖସି ପଳାଇଥିବା ଅଭିଯୁକ୍ତଙ୍କୁ ଲିଙ୍ଗରାଜ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ସୁନ୍ଦରପଦା ଅଞ୍ଚଳର କାଳିଆ ବେହେରା(୨୩)। ସେ ଶ୍ରମିକ ଭାବେ କାମ କରନ୍ତି। ଜାମିନ ନ ମିଳିବାରୁ କାଳିଆଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ ଅଭିଯୋଗକାରିଣୀ ଓଲ୍ଡଟାଉନ ଅଞ୍ଚଳରେ ପରିବାର ସହ ରୁହନ୍ତି। ତାଙ୍କର ଏକ ନାବାଳିକା ଝିଆରୀ ପାଖ ସ୍କୁଲରେ ପଢୁଥିବାବେଳେ ଅଭିଯୁକ୍ତଙ୍କ ସହିତ ତାଙ୍କର ବନ୍ଧୁତା ହୋଇଥିଲା। ୨୦୨୩ ଅଗଷ୍ଟ ୧୦ରେ ପୀଡ଼ିତା ନାବାଳିକା ସ୍କୁଲ ଯାଉଥିବାବେଳେ ଅଭିଯୁକ୍ତ ତାଙ୍କୁ ସ୍କୁଲ ନିକଟରୁ ଅପହରଣ



କାଳିଆ ବେହେରା

କରିନେଇ ସୁନ୍ଦରପଦାରେ ଥିବା ନିଜ ଘରେ ରଖିଥିଲେ। ସେଠାରେ ଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ପୀଡ଼ିତାଙ୍କ ଇଚ୍ଛା ବିରୋଧରେ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଅଭିଯୋଗକାରିଣୀଙ୍କ ଅଭିଯୋଗ କ୍ରମେ ଲିଙ୍ଗରାଜ ଥାନା ପୋଲିସ ଏକ ମାମଲା ରୁଜୁକରି ଅଗଷ୍ଟ ୧୭ରେ ସୁନ୍ଦରପଦାସ୍ଥିତ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି କାଳିଆଙ୍କୁ କାବୁ କରିବା ସହିତ ତାଙ୍କ ହେପାଜତରୁ ନାବାଳିକା ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ଅଗଷ୍ଟ ୧୮ତାରିଖରେ ଅଭିଯୁକ୍ତ ଜଣକ ହାଜତ ବାହାରେ ବସିଥିଲେ। ଏହି ସମୟରେ ସେ ଥାନାର ଜଣେ କର୍ମଚାରୀଙ୍କୁ ପାଣି ପିଇବା ପାଇଁ ମାଗିଥିଲେ। କର୍ମଚାରୀ ଜଣକ ପାଣି ଆଣିବା ପାଇଁ ଯାଇଥିବାବେଳେ ଅଭିଯୁକ୍ତ କୌଶଳକ୍ରମେ ଥାନାରୁ ଫେରାର ହୋଇଯାଇଥିଲେ। ସେତେବେଳେ ଏହି ଘଟଣାକୁ କେନ୍ଦ୍ର କରି ଏକ ମାମଲା(ନଂ. ୨୪୩ /୨୦୨୩) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏବେ କୌଣସି କାମରେ ଅଭିଯୁକ୍ତ ଭୁବନେଶ୍ୱରସ୍ଥିତ ଘରକୁ ଆସିଥିବା ଖବର ପାଇ ପୋଲିସ ଚଢ଼ାଉ କରି ଧରିବାରେ ସଫଳ ହୋଇଛି।

# ୫ ମାଓବାଦୀ ଗିରଫ

ମାଲକାନଗିରି, ୧୨।୮
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମାରେ ତଲାସି ବେଳେ ପୋଲିସ ୫ ଲକ୍ଷ ପୁରସ୍କାର ଘୋଷିତ ଜଣେ ମହିଳା ମାଓବାଦୀ ମାଡଭି ଦେବେଙ୍କ ସହ ଅନ୍ୟ ୪ ଜଣଙ୍କୁ ଗିରଫ କରିଛି। ସୁକ୍‌ମା ଜିଲାରେ ଥିବା କେରଲାପାଲ ଓ ମଲେଙ୍ଗେରରେ ମାଓବାଦୀଙ୍କ ଉପସ୍ଥିତି ସୂଚନାକୁ ଆଧାରକରି ଗାଦିରାସ ଥାନାରୁ ଜିଲା ପୋଲିସ ଟିମ୍ ଏଟାପାଲ, ମନକାପାଲ ଏବଂ ଏହାର ଆଖପାଖ ଅଞ୍ଚଳରେ ତଲାସି କରିଥିଲା। ମନକାପାଲ ଗ୍ରାମ ନିକଟରେ ଥିବା ଏକ ପୋଲ ପାଖରେ ଜଣେ ମହିଳା ପୋଲିସକୁ ଦେଖି ଲୁଚି ପଳାଇବାକୁ ଚେଷ୍ଟା କରିଥିଲେ। ତାଙ୍କୁ କାବୁକରି ପଚରାଉଚରା ବେଳେ ସେ ନିଜ ନାମ ମାଡବି ଦେବେ କହିବା ସହ ସେ ଦରଭା ମାଓବାଦୀ ଡିଭିଜନ ମଲେଙ୍ଗେର ଏରିଆ କମିଟି ଏସିଏମ୍ କ୍ୟାଡର ଥିବା ସ୍ୱୀକାର କରିଥିଲେ। ତାଙ୍କ ନିକଟରୁ ପୋଲିସ ଏକ ଟିଫିନ ବୋମା, ବିସ୍ଫୋରକ ସାମଗ୍ରୀ ମଧ ଜବତକରି ତାଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ସେହିପରି ଛତିଶଗଡ ବିଜାପୁର ଜଲାରେ ତଲାସି ବେଳେ ମାଲେପାଲ୍ଲୀ ବଣ୍ଡାଗୁଡା ଜଙ୍ଗଲରୁ ୪ ମାଓବାଦୀଙ୍କୁ ପୋଲିସ ଗିରଫ କରିଛି।

# ବଳରାମଙ୍କୁ ଠାବ କରିପାରିନି ଭିଜିଲାନ୍ସ

## ଓଏଲ୍‌ଆଇସି ଆକାଉଣ୍ଟରୁ ୧.୧୯ କୋଟି ଆତ୍ମସାତ ଘଟଣା

### ବାହ୍ୟ ଠିକା କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରି ନିଗମ ଚୁପ୍

ସୋନପୁର,୧୨।୮
(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଉଠା ଜଳସେଚନ କାର୍ଯ୍ୟାଳୟର ପ୍ରାକ୍ତନ ସହକାରୀ ହିସାବ ରକ୍ଷକ ବଳରାମ ମେହେର ଚଞ୍ଚକତା କରି କୋଟିଏରୁ ଊର୍ଦ୍ଧ୍ୱ ସରକାରୀ ଟଙ୍କା ଆତ୍ମସାତ୍ କରିଛନ୍ତି। ଓଡ଼ିଶା ଉଠା ଜଳସେଚନ ନିଗମ(ଓଏଲ୍‌ଆଇସି) ଆକାଉଣ୍ଟରୁ ସେ ୧କୋଟି ୧୯ଲକ୍ଷ ୭୧ହଜାର ଟଙ୍କା ହଡ଼ପ କରିବାରେ ସକ୍ଷମ ହୋଇଛନ୍ତି। ଭିଜିଲାନ୍ସ ବିଭାଗ ଏହି ମାମଲାର ତଦନ୍ତ କରୁଛି। ତେବେ ଏକ ସପ୍ତାହ ପରେ ବି ଭିଜିଲାନ୍ସ ବିଭାଗ ସୁବର୍ଣ୍ଣପୁର ସହର ଘୋଡାଘାଟପଡା ଅଞ୍ଚଳର ବଳରାମଙ୍କୁ ଠାବ କରିପାରିନି। ମୋବାଇଲ୍ ସୁଇଚ୍ ଅଫ କରି ସେ କୁଆଡ଼େ ଫେରାର ହୋଇଯାଇଛନ୍ତି। ବଳରାମ ଜଣେ ଆଉଟ୍‌ସୋର୍ସିଂ(ବାହ୍ୟ ଠିକା) କର୍ମଚାରୀ। ସେ ପ୍ରଥମେ ଡାଟା ଏଣ୍ଟ୍ରି ଅପରେଟର ଓ ପରେ ସହକାରୀ ହିସାବରକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ସହକାରୀ ହିସାବରକ୍ଷକ ନିଯୁକ୍ତି ପରେ ସେ ସୁବର୍ଣ୍ଣପୁର ଉଠା ଜଳସେଚନ କାର୍ଯ୍ୟାଳୟର ସମସ୍ତ ଅର୍ଥ କାରବାର ବୁଝୁଥିଲେ। ବଳରାମଙ୍କ କାରନାମା ଜଣାପଡିବା ପରେ ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଓଏଲ୍‌ଆଇସିର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ନିଗମ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅନ୍ୟପକ୍ଷେ ଆର୍ଥିକ କାରବାରକୁ ତଦାରଖ ପାଇଁ ଓଏଲ୍‌ଆଇସି ମୁଖ୍ୟାଳୟ ଓ ଜିଲାସ୍ତରରେ ହିସାବରକ୍ଷକ ନିଯୁକ୍ତ ଥିଲେ। ସେମାନେ ମଧ ନିଜ ଦାୟିତ୍ୱ ସମ୍ପାଦନରେ ଅବହେଳା ପ୍ରଦର୍ଶନ କରିଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି।

ବଳରାମ ଗତ ୨୦୨୩ ଅଗଷ୍ଟରେ ଓଏଲ୍‌ଆଇସି ଆକାଉଣ୍ଟରୁ ଆରଟିଜିଏସ୍ ଜରିଆରେ ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନିଜ ଫାର୍ମ



ବଳରାମ ମେହେର

ବିଏମ୍ କମ୍ପ୍ୟୁଟର ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଆକାଉଣ୍ଟସ୍ ଦାୟିତ୍ୱରେ ଥିବା ନିଗମର ମୁଖ୍ୟାଳୟ ଓ ଜିଲାସ୍ତର ଅଧିକାରୀ ଏହା ଜାଣିପାରି ନ ଥିଲେ। ଏହି ସୁଯୋଗର ଫାଇଦା ଉଠାଇଥିଲେ ବଳରାମ। ଗତ ଜୁଲାଇ ମାସରେ ନିର୍ବାହୀ ଯନ୍ତ୍ରୀଙ୍କ ଚେକ୍ ବ୍ୟବହାର କରି ନିଜ ଫାର୍ମ ଆକାଉଣ୍ଟକୁ ୭୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଟ୍ରାନ୍ସଫର କରିଥିଲେ। ଏହା ମଧ ନିର୍ବାହୀ ଯନ୍ତ୍ରୀ କିମ୍ବା କାର୍ଯ୍ୟାଳୟ ହିସାବରକ୍ଷକ ଜାଣି ପାରି ନ ଥିଲେ। ଜୁଲାଇ ୩୦ରେ ଆରଟିଜିଏସ୍ ଜରିଆରେ ପୁଣି ୭୬ ଲକ୍ଷ ଟଙ୍କା ନିଜ ଫାର୍ମ ଆକାଉଣ୍ଟକୁ ନେବା ପାଇଁ ବଳରାମ ଉଦ୍ୟମ କରିଥିଲେ। ସେ ଚେକ୍ ଓ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ବ୍ୟାଙ୍କ୍‌ରେ ଦେବା ପରେ ମଧ୍ୟାହ୍ନଭୋଜନ ପାଇଁ ଚାଲିଯାଇଥିଲେ। ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ସୋନପୁର ଶାଖାରେ ନୂତନ ଭାବେ ଯୋଗଦାନ କରିଥିବା ପରିଚାଳକ ଏ ସମ୍ପର୍କରେ ସୁବର୍ଣ୍ଣପୁର ଓଏଲ୍‌ଆଇସି ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ବେହେରାଙ୍କୁ ପଚାରି ବୁଝିଥିଲେ। ନିର୍ବାହୀ ଯନ୍ତ୍ରୀ ଆଶ୍ଚର୍ଯ୍ୟ ହେବା ସହ ବ୍ୟାଙ୍କ୍‌ରେ ପହଞ୍ଚି ବୁଝିବା ପରେ ବଳରାମଙ୍କ ତୃତୀୟ ଉଦ୍ୟମ ବିଫଳ ହୋଇଥିଲା। ଆତ୍ମସାତ୍ ହୋଇଥିବା ଅର୍ଥ ବଳରାମଙ୍କ ନିକଟରୁ ଆଦାୟ ପାଇଁ ପ୍ରଥମେ ଉଦ୍ୟମ ହୋଇଥିଲେ ହେଁ ତାହା ସମ୍ଭବ ହୋଇ ନ ଥିଲା। ପରେ କର୍ତ୍ତୃପକ୍ଷ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହା ପୋଲିସର ତଦନ୍ତ ପରିସରଭୁକ୍ତ ନ ଥିବାରୁ ଅଗଷ୍ଟ ୪ ରେ ଭିଜିଲାନ୍ସ ବିଭାଗ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ସୁଯୋଗରେ ବଳରାମ ନିଜ ଫାର୍ମ ଆକାଉଣ୍ଟରେ ଜମା କରିଥିବା ଟଙ୍କାକୁ ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର କରିନେଇଥିଲେ। ଏ ସମ୍ପର୍କରେ ଭିଜିଲାନ୍ସ ଡିଏସ୍‌ପି ଗୀତାଞ୍ଜଳି ପଧାନ କୁହନ୍ତି, ତଦନ୍ତ ଜାରି ରହିଛି। କମ୍ ସମୟ ମଧ୍ୟରେ ସମସ୍ତ ଘଟଣାର ଖୁଲାସା ହେବ।

ଫ୍ୟାଶନ

## ବର୍ଷାଦିନେ ପରିଧାନ



ବର୍ଷାଦିନେ ଯେଉଁ ଡ୍ରେସ୍ ପିନ୍ଧୁଛନ୍ତି ତାହା ପ୍ରତି ଧ୍ୟାନ ଦିଅନ୍ତୁ। ଏହି ଋତୁରେ ନିଜ ପରିଧାନ ପ୍ରତି ସଚେତନ ରହିବା ଦରକାର। ସେ ସମ୍ପର୍କରେ କେତୋଟି ଟିପ୍ସ .....

**ଟାଇଟ୍ ଡ୍ରେସ୍ ଠାରୁ ଦୂରେଇରୁହନ୍ତୁ**
ବର୍ଷାଦିନେ କେବେ ବି ଟାଇଟ୍ ଡ୍ରେସ୍ ପିନ୍ଧନ୍ତୁ ନାହିଁ। ଧ୍ୟାନରଖନ୍ତୁ ଏହି ଦିନରେ ଯଦି ଅଧିକ ଟାଇଟ୍ କପଡ଼ା ପିନ୍ଧିବେ ତେବେ ଶରୀର କୁଣ୍ଡାଇହେବା ସମସ୍ୟା ଦେଖାଯାଇଥାଏ। ବର୍ଷା ହେବା ସମୟରେ ଯଦି ଆପଣ ଟାଇଟ୍ କପଡ଼ା ପିନ୍ଧିଛନ୍ତି ଏବଂ ତାହା ସମ୍ପୂର୍ଣ୍ଣ ଓଦା ହୋଇଗଲା ତେବେ ଏହା ଶୁଖିବା ଲାଗି ଅଧିକ ସମୟ ଲାଗିବ। ଏହାବ୍ୟତୀତ ଓଦା ହୋଇଥିବା ଟାଇଟ୍ ଡ୍ରେସ୍ ଶରୀରରେ ଅଠା ଭଳି ଲାଖି ରହିଥାଏ। ଏହାଦ୍ୱାରା କେତେକ ସ୍କିନ୍ ସମସ୍ୟା ଦେଖିବାକୁ ମିଳିଥାଏ।

**ଫାବ୍ରିକ୍‌ର ରଖନ୍ତୁ ଧ୍ୟାନ**
ବର୍ଷାଦିନରେ ଏପରି ଫାବ୍ରିକ୍ ଚୟନ କରନ୍ତୁ ଯାହା ପିନ୍ଧିଲେ ହାଲୁକା ଲାଗିବ। ଖାସ୍‌କରି ଏହି ଦିନରେ ନାଇଲନ୍ ଏବଂ ଶିଫନ୍ କପଡ଼ା ଚଏସ୍ କରନ୍ତୁ।

**ସ୍କିନ୍ ଫିଟିଂ ଜିନ୍ସ ବଦଳରେ ପିନ୍ଧନ୍ତୁ ଲୁଜ୍ ଫିଟ୍ ଜିନ୍ସ**
ବର୍ଷାଦିନରେ ଜିନ୍ସ ପିନ୍ଧିବା ଏକ ସମସ୍ୟା ହୋଇଥାଏ। ଏହା ଯଦି ବର୍ଷାରେ ଓଦା ହୋଇଯାଏ ତେବେ ଏହା ଶୁଖିବା ଲାଗି ଅଧିକ ସମୟ ଲାଗିଥାଏ। ସେଥିପାଇଁ ଏହିଦିନରେ ଯେତେ ସମ୍ଭବ ଟାଇଟ୍ ଜିନ୍ସ ପିନ୍ଧିବାକୁ ଆଭଏଡ୍ କରିବା ସହ ଲୁଜ୍ ଫିଟିଂ ପିନ୍ଧିବାକୁ ପ୍ରିଫର କରିବା।

**ଟ୍ରାନ୍ସପରେଣ୍ଟ କପଡ଼ାର ଡ୍ରେସ୍ ପିନ୍ଧନ୍ତୁ ନାହିଁ**
ବର୍ଷାଦିନରେ ସମସ୍ତେ ହାଲ୍କା କପଡ଼ା ପିନ୍ଧିବାକୁ ପସନ୍ଦ କରନ୍ତି। କିନ୍ତୁ ଆପଣ ଦେଖନ୍ତୁ ଯେ ଯଦି ଯେଉଁ କପଡ଼ାର ଡ୍ରେସ୍ ପିନ୍ଧୁଛନ୍ତି ତାହା ଟ୍ରାନ୍ସପରେଣ୍ଟ ଯେପରି ନ ହେଉ। ଏହା ଓଦାହେବା ମାତ୍ରେ ଆପଣଙ୍କୁ ଲଜ୍ଜିତ ହେବାକୁ ପଡ଼ିପାରେ।

## ଅସରପା ଦୂରକରିବାକୁ ହେଲେ..



**ସା**ରା ଘରକୁ ଆପଣ କେତେ ଯତ୍ନରେ ସଜାଇଛନ୍ତି। ହେଲେ ଅସରପା ଆପଣଙ୍କ ଘରେ ନିଜର ଏକ ବଡ଼ କଲୋନି ବନାଇ ରହିଗଲାଣି। ଯେତେବେଳେ ଆପଣ କିଚେନ୍‌କୁ ଯାଉଛନ୍ତି ସେତେବେଳେ ୨/୩ ଅସରପା ଇଆଡ଼େ ସିଆଡ଼େ ଦୌଡୁଥିବାର ଦେଖିବାକୁ ମିଳୁଛି। ଯଦି ଆପଣ ଏମାନଙ୍କଠାରୁ ମୁକ୍ତି ଚାହାନ୍ତି ତେବେ କିଛି ଔଷଧର ବ୍ୟବହାର କରିବା ଶିଖନ୍ତୁ ଯାହା ଆପଣଙ୍କୁ ଅସରପା ଦାଉରୁ ମୁକ୍ତି ଦେଇଥାଏ....

- ରୋଷେଇଘରେ ଲବଙ୍ଗର ବ୍ୟବହାର କରନ୍ତୁ । ଏମାନଙ୍କ ଠାରୁ ରକ୍ଷା ପାଇବାକୁ ହେଲେ କିଚେନ୍‌ର କ୍ୟାବିନେଟ୍‌ରେ ଲବଙ୍ଗ ରଖିଦିଅନ୍ତୁ ଏବଂ ଦେଖନ୍ତୁ ଏହାର ପ୍ରଭାବ ଫଳରେ ଅସରପା ଦୌଡ଼ି ପଳାଉଛନ୍ତି।
- ଚିନି ପାଉଡରକୁ କୌଣସି ଏକ ପାତ୍ରରେ କିମ୍ବା ଢାଙ୍କୁଣି ଥିବା ବୋତଲରେ ଠିପି ବନ୍ଦକରି ରଖିଦିଅନ୍ତୁ। ଆପଣ ଚିନିକୁ ବୋରିକ୍ ଏସିଡ୍ ସହ ମିଶାଇ ଅସରପା ହେଉଥିବା ସ୍ଥାନରେ ରଖି ଦିଅନ୍ତୁ। ଦେଖିବେ ସେଠାରୁ ଅସରପା ଦୌଡ଼ି ପଳାଇବେ।
- ଯଦି ଆପଣ ଅଣ୍ଡା ଖାଉଥାନ୍ତି ତେବେ ତା'ର ଖୋଳକୁ ଫିଙ୍ଗନ୍ତୁ ନାହିଁ। ଏହା ଅସରପାକୁ ଦୂର କରିବାରେ ପ୍ରମୁଖ ଭୂମିକା ରହିଛି।

# କର୍ମଜୀବୀ ଓ ପରିବାର



**ବ**ର୍ତ୍ତମାନ ମହିଳାମାନେ ପୁରୁଷମାନଙ୍କ ସହ ପାଦ ମିଳାଇ ଆଗଉଛନ୍ତି। କେବଳ ପାଠପଢ଼ା ନୁହେଁ, ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବା ସହ ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି। ନିଜେ କିଛି ରୋଜଗାର କରିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜୁଛନ୍ତି। ଯେଉଁ ମହିଳମାନେ ଚାକିରି କରନ୍ତି, ସେମାନଙ୍କୁ ଗୋଟିଏ ପଟେ ଚାକିରି ଏବଂ ଅନ୍ୟପଟେ ପରିବାର–ଏ ଦୁଇଟି ଜିନିଷକୁ ଚଳାଇବାକୁ ପଡ଼ିଥାଏ। ଏହି ସମୟରେ ବେଶ୍ ସତର୍କତା ଅବଲମ୍ବନ କରିବାକୁ ପଡ଼େ। ଜଣେ କର୍ମଜୀବୀ ମହିଳା କିପରି ନିଜ ସଂସାର ରଥକୁ ଆଗେଇନେବ ସେଥିଲାଗି ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେଇପାରନ୍ତି।

**ଜୀବନଶୈଳୀ :** ଆପଣ ନିଜ ଚାକିରି ସହ ପରିବାର କଥା ବୁଝିବା ସମୟରେ ନିଜର ଜୀବନଶୈଳୀ ପ୍ରତି ଧ୍ୟାନଦେବା ନିହାତି ଜରୁରୀ। ଏହି ସମୟରେ ଏପରି ଯୋଜନା ପ୍ରସ୍ତୁତ କରନ୍ତୁ, ଯାହାଦ୍ୱାରା ଆପଣ ନିଜ ପରିବାରକୁ ସୁରୁଖୁରୁରେ ଚଳାଇପାରିବେ। ଏ ନେଇ ସ୍ୱାମୀ ଏବଂ ନିଜ ପରିବାର ସଦସ୍ୟଙ୍କ ସହ ଆଲୋଚନା କରନ୍ତୁ। ଘରର ଖର୍ଚ୍ଚ ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ। ଯଦି ନିଜେ କିଛି ରୋଜଗାର କରିବାକୁ ଚାହୁଁଛନ୍ତି ତେବେ ସେଥିପାଇଁ ନିଜକୁ ମାନସିକ ସ୍ତରରେ ପ୍ରଥମେ ପ୍ରସ୍ତୁତ କରନ୍ତୁ। ଦିନକୁ ଦିନ ପ୍ରତି ଜିନିଷର ଦରଦାମ ବଢ଼ିବାରେ ଲାଗିଛି। ଆପଣ ହାଉସ୍ ରେଣ୍ଟ, ରାଶନ ସାମଗ୍ରୀ, ପନିପରିବା, ଫଳ ଦାମ ଏବଂ ପିଲାଙ୍କ ସ୍କୁଲ ଫି' ଏସବୁ ଏତେ ବଢ଼ିଗଲାଣି ଯେ ନିଜର ଆର୍ଥିକ ସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡୁଛି। ତେଣୁ ନିଜ ଜୀବନଶୈଳୀ ପ୍ରତି ଧ୍ୟାନଦେବା ସହ ରୋଜଗାର ଏବଂ ଖର୍ଚ୍ଚ ବିଷୟରେ ଭଲ ଭାବରେ ଅବଗତ ରୁହନ୍ତୁ।

**ନିଜକୁ ଭାବନ୍ତୁନି ଅସହାୟ :** କେତେଜଣ ମହିଳା ସ୍ୱାମୀଙ୍କ ରୋଜଗାରରେ ନିର୍ଭରଶୀଳ ହୋଇଥାନ୍ତି। ଆପଣ ନିଜେ ଯଦି ଆତ୍ମନିର୍ଭରଶୀଳ ହୋଇପାରିଲେ ତେବେ ତାହା ଆପଣଙ୍କ ପାଇଁ ବଡ଼ କଥା। ଯଦି ଆପଣ କିଛି ରୋଜଗାର କରୁଛନ୍ତି ତେବେ ନିଜକୁ ଅସହାୟ ଭାବନ୍ତୁ ନାହିଁ। କାରଣ ଆପଣ କିଛି ରୋଜଗାର କରିବା ସହ ପରିବାର ଚଳାଇବାରେ ସାହାଯ୍ୟ କରୁଛନ୍ତି। ଏହି ସମୟରେ ପରିବାରର ସମସ୍ତ ସଦସ୍ୟଙ୍କ ସହ ମନ ମିଳାଇ ଚଳନ୍ତୁ। ନିଜ ରୋଜଗାର ଏବଂ ଖର୍ଚ୍ଚ ବିଷୟରେ ସ୍ୱାମୀଙ୍କ ସହ ଆଲୋଚନା କରନ୍ତୁ।

**କାହା ଉପରେ ନିର୍ଭର କରନ୍ତୁନି :** ଯେତେବେଳେ ଜଣେ ମହିଳା ଅନ୍ୟ ଉପରେ ନିର୍ଭର କରନ୍ତି, ସେତେବେଳେ ସେ ସ୍ୱତନ୍ତ୍ର ହୋଇ ନିଜେ କିଛି ନିଷ୍ପତ୍ତି ନେଇପାରନ୍ତି ନାହିଁ। ଯେତେବେଳେ ଜଣେ ନାରୀ ଆର୍ଥିକ ରୂପେ ଦୃଢ଼ ହେବେ ସେତେବେଳେ ସେ କାହା ଉପରେ ବୋଝ ହୋଇ ରହିବେ ନାହିଁ। ପରିବାରରେ ଯଦି କିଛି ପାରିବାରିକ ସମସ୍ୟା ଉପୁଜିଲା ଏବଂ ଆପଣଙ୍କୁ ଅଲଗା ରହିବାକୁ ପଡ଼ିଲା, ତେବେ କିଛି ଅସୁବିଧା ନାହିଁ। କାରଣ ସେତେବେଳେ ଆପଣ ନିଜେ ରୋଜଗାରକ୍ଷମ। ଏହାଦ୍ୱାରା ଆପଣ ନିଜର ସ୍ୱପ୍ନ ପୂରଣ କରିପାରିବେ।

**ବୃଦ୍ଧିହେବ ଆତ୍ମବିଶ୍ୱାସ :** ଯେତେବେଳେ ମହିଳା ନିଜ ଗୋଡ଼ରେ ନିଜେ ଠିଆ ହେବେ ସେତେବେଳେ ନିଜର ଆତ୍ମବିଶ୍ୱାସ ବଢ଼ିବ। ତା' ସହ ଅନ୍ୟମାନଙ୍କ ପାଇଁ ଆପଣ ରୋଲ୍ ମଡେଲ ମଧ୍ୟ ହୋଇପାରିବେ। ସମସ୍ତେ ଆପଣଙ୍କୁ ଦେଖି କହିପାରିବେ– ଦେଖ ସେ କିପରି ଘର ବାହାର ଦୁଇଟି ଯାକ ମ୍ୟାନେଜ କରୁଛନ୍ତି। ଜୀବନରେ ଏମିତି କାମ କରନ୍ତୁ ଯାହାଦ୍ୱାରା ସମସ୍ତେ ଆପଣଙ୍କ ଦ୍ୱାରା ମୋଟିଭେଟ୍ ହୋଇପାରିବେ। ଏମିତିରେ ମା'ମାନେ ଫାଇନାନ୍ସିଆଲ ଇଣ୍ଡିପେଣ୍ଡେଣ୍ଟ ହେବା ଜରୁରୀ ହୋଇଗଲାଣି।







ଜଣେ ମହିଳା କର୍ମଜୀବୀ ହୋଇଥିଲେ ସେତେବେଳେ ଉଭୟ ପରିବାର ଏବଂ ନିଜ ଚାକିରି ପ୍ରତି ସମାନ୍ତରାଳ ଦୃଷ୍ଟିଦେବାକୁ ପଡ଼ିଥାଏ। ଏହି ଦୁଇଟି କଥାକୁ କିପରି ସୁଚାରୁରୂପେ ସମ୍ପାଦନ କରିବେ ଜାଣନ୍ତୁ ସେ ସମ୍ପର୍କରେ...

**ଡବଲ ଇନ୍‌କମ୍ ଅଧିକ ସପୋର୍ଟ :** ପ୍ରତିଦିନର ଆବଶ୍ୟକତା ପୂରଣ କରୁ କରୁ ମାସକର ଦରମାର ହିସାବ ରୁହେନାହିଁ। ଯଦି କିଛି ନୂଆ ଖର୍ଚ୍ଚ ଆସିଲା, ଲାଗେ ଯେମିତି ବଡ଼ ସମସ୍ୟା ପହଞ୍ଚିଲା । ଏମିତିରେ ଯଦି ଦୁଇଜଣ ଇନ୍‌କମ୍ କରୁଛନ୍ତି ତେବେ ଅସୁବିଧା ସମୟରେ ଜଣେ ଆଉ ଜଣକୁ ଫାଇନାନ୍ସିଆଲ ସପୋର୍ଟ ମଧ୍ୟ ଦେଇଥାନ୍ତି। ଏହା ଜଣେ ଜଣଙ୍କ ପ୍ରତି ରେସ୍‌ପେକ୍ଟ ବଢ଼ାଇବା ସହ ଆପଣଙ୍କୁ ହୃଦ୍‌ବୋଧ କରାଇଥାଏ କି ଦୁଇଜଣଙ୍କ ରୋଜଗାର କରିବା କେତେ ଜରୁରୀ।

**ପିଲାଙ୍କ ଯତ୍ନ :** କର୍ମଜୀବୀ ହେଲେ ମଧ୍ୟ ପିଲାମାନଙ୍କ ପାଇଁ ସମୟ ଦିଅନ୍ତୁ। ସେମାନଙ୍କ ପାଠପଢ଼ା, ସ୍ୱାସ୍ଥ୍ୟ, ଖାଇବା ପିଇବା ପ୍ରତି ନଜର ଦିଅନ୍ତୁ। ଯଦି ଆପଣଙ୍କ ସ୍ୱାମୀ ବାହାରେ ରହୁଛନ୍ତି କିମ୍ବା ଚାକିରି କରିଛନ୍ତି ସେହି ସମୟରେ ପିଲାମାନଙ୍କ ପ୍ରତି ମା'ମାନଙ୍କର ଦାୟିତ୍ୱ ଆହୁରି ବଢ଼ିଯାଇଥାଏ। ତେଣୁ ଏହି ସମୟରେ ନିଜର ମାନସିକ ଭାରସାମ୍ୟ ସନ୍ତୁଳିତ ରଖନ୍ତୁ। ନିଜ ଚାକିରି ପ୍ରତି ଯେତିକି ଯତ୍ନବାନ୍ ରହୁଛନ୍ତି ଠିକ୍ ସେମିତି ନିଜ ପରିବାର ପ୍ରତି ଧ୍ୟାନଦିଅନ୍ତୁ। ଏପରି ପରିସ୍ଥିତି ସୃଷ୍ଟି କରନ୍ତୁ ନାହିଁ, ଯାହାର ପ୍ରଭାବ ଆପଣଙ୍କ ପିଲା ଏବଂ ପରିବାର ଉପରେ ପଡ଼ିବ।

**ବିକଳ୍ପ ରହିଛି :** ଆପଣ ଯଦି ଆଗକୁ ବଢ଼ିବାକୁ ଚାହୁଁଥାନ୍ତି ତେବେ ପାଦକୁ ପଛକୁ ନ ନେଇ ଆଗକୁ ବଢ଼ାନ୍ତୁ । ଏହାଦ୍ୱାରା ଆପଣଙ୍କୁ କିଛି ବୋଝ ପରି ଲାଗିବ ନାହିଁ। ପୁରୁଣା ପ୍ରଫେସନକୁ ଫେରିପାରିଲେ ଭଲ। ନ ହେଲେ ଘରେ ଟ୍ୟୁଶନ୍, କୁକିଂ କ୍ଲାସ୍, କେକ୍ ମେକିଂ, ଜୁଏଲେରି ମେକିଂ, ଫ୍ରିଲାନ୍ସ କଣ୍ଟେଣ୍ଟ ରାଇଟିଂ ଆଦି କାମ କରି ଭଲ ରୋଜଗାର କରିପାରିବେ। ଏହାବ୍ୟତୀତ ଆହୁରି ବହୁତ କିଛି ଅଛି ଇଣ୍ଟରେଷ୍ଟ ଏରିଆକୁ ନଜରରେ ରଖି ଆଗକୁ ବଢ଼ି ନିଜର ଦକ୍ଷତା ପ୍ରଦର୍ଶନ କରିପାରିବେ।

ସୌନ୍ଦର୍ଯ୍ୟ

# ମେହେନ୍ଦି ଅଏଲ

ଆଜିକାଲି ବଜାରରେ ବିଭିନ୍ନ ପ୍ରକାର ପ୍ରଡକ୍ଟ ଉପଲବ୍ଧ । ଖାସ୍‌କରି ମହିଳାମାନେ କେଶରେ ମେହେନ୍ଦି ଲଗାଇଥାନ୍ତି। ଏହାଦ୍ୱାରା କେଶ କଳା ଏବଂ ସିଲ୍‌କି ହୋଇଥାଏ। ନିମ୍ନରେ ମେହେନ୍ଦି ତେଲ ବିଷୟରେ କିଛି ଟିପ୍ସ ଦିଆଯାଉଛି, ଯାହା ଆପଣଙ୍କୁ ବହୁ ଫାଇଦା ଦେଇପାରିବ । ମହିଳାଙ୍କ ସୁନ୍ଦରତା ତାଙ୍କ କେଶ ପାଇଁ ହୋଇଥାଏ। ଯଦି ଆପଣ ବି କେଶ ସମ୍ବନ୍ଧିତ ସମସ୍ୟା ଭୋଗୁଥାନ୍ତି ତେବେ ତଳେ ଦିଆଯାଇଥିବା କେତୋଟି ଟିପ୍ସ ଆପଣାଇ ପାରନ୍ତି...





**କେଶ ହେବ କଳା:** ମୁଣ୍ଡରେ ମେହେନ୍ଦି ତେଲ ଲଗାଇବା ଦ୍ୱାରା ସବୁଠାରୁ ବଡ଼ ଫାଇଦା ହୋଇଥାଏ। ଆପଣଙ୍କ କେଶ ଲମ୍ବା ହେବା ସହ କଳା ଦେଖାଯାଏ। ଏହା ବ୍ୟତୀତ ଏଥିରେ ଥିବା ଓମେଗା–୩ ଏବଂ ଓମେଗା –୬ ଯାହା କେଶକୁ କଳା କରିବାରେ ସାହାଯ୍ୟ କରିଥାଏ। କେବଳ ଏତିକି ନୁହେଁ, ଏହାକୁ ଲଗାଇବା ଦ୍ୱାରା ରକ୍ତ ସଞ୍ଚାଳନ ମଧ୍ୟ ଭଲ ହୋଇଥାଏ। ଏହି ତେଲକୁ ମୁଣ୍ଡରେ ମସାଜ୍ କରିବା ଦ୍ୱାରା ସ୍କାଲ୍ପକୁ ପୋଷଣ ମିଳିଥାଏ। ଫଳରେ ନୂଆକରି ଉଠୁଥିବା କେଶର ରଙ୍ଗ ପରିବର୍ତ୍ତନ ଦେଖିବାକୁ ମିଳିଥାଏ।

**ଆଣ୍ଟିବ୍ୟାକ୍ଟେରିଆଲ ଗୁଣ:** ମେହେନ୍ଦି ତେଲରେ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଭରି ରହିଛି। ଏହା ସ୍କାଲ୍ପକୁ ସଫା ରଖିବାରେ ସାହାଯ୍ୟ କରିଥାଏ। ଏହି ତେଲ ଲଗାଇବା ଦ୍ୱାରା କେଶ ସୁନ୍ଦର ଏବଂ ଚମକପ୍ରଦ ଦେଖାଯାଏ।

**କିପରି ଲଗାଇବେ ମେହେନ୍ଦି ତେଲ**
କେଶରେ ମେହେନ୍ଦି ତେଲ ଲଗାଇବାକୁ ହେଲେ ସର୍ବପ୍ରଥମେ ହିନାପେଷ୍ଟ ସହ ରୋଜମେରୀ ଅଏଲ ଏବଂ ନଡ଼ିଆତେଲ ହାତରେ ନିଅନ୍ତୁ । ଏବେ ଏହାକୁ ଭଲଭାବେ ମିଶାଇ ଦିଅନ୍ତୁ। ଏହି ତେଲକୁ ମୁଣ୍ଡରେ ଲଗାଇ ରାତିରେ ଛାଡ଼ି ଦିଅନ୍ତୁ। ସକାଳେ ଶାମ୍ପୋ ସାହାଯ୍ୟରେ କେଶକୁ ଭଲଭାବେ ଧୋଇନିଅନ୍ତୁ। ମେହେନ୍ଦି ତେଲ ଆପଣଙ୍କ କେଶକୁ ସୁରକ୍ଷା କରିଥାଏ। ଏହା କେଶ ଝଡ଼ିବା, ରୂପି ଭଳି ସମସ୍ୟାଠାରୁ ଦୂରେଇ ରଖିଥାଏ। ଯଦି ଆପଣ ସପ୍ତାହରେ ଥରେରୁ ଦୁଇଥର ଏହାକୁ ଲଗାଉଛନ୍ତି ତେବେ କେଶ ସମ୍ବନ୍ଧିତ ସବୁ ସମସ୍ୟା ଦୂରହୋଇଯିବ।

ଖାଦ୍ୟରୁଚି

# ଆଳୁ ପୋହା କଟ୍‌ଲେଟ୍



**ଆବଶ୍ୟକ ସାମଗ୍ରୀ:** ଚୁଡ଼ା ୨୫୦ଗ୍ରାମ୍, ସିଝା ଆଳୁ ୨ଟି, ବେସନ, ସୁଜି, ଜିରା, ଅଦା ରସୁଣ ପେଷ୍ଟ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ସିମେଇ, ଜୁଆଣି, ଧନିଆପତ୍ର, ଗୋଲମରିଚ ଗୁଣ୍ଡ ଏବଂ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କିଛି ଚୁଡ଼ା ନିଅନ୍ତୁ। ତାକୁ ଭଲଭାବେ ଗ୍ରାଇଣ୍ଡକରି ଦିଅନ୍ତୁ। ଏବେ ଏହାକୁ ପାତ୍ରରେ କାଢ଼ି ଦିଅନ୍ତୁ। ଏଥିରେ ଅଳ୍ପ ବେସନ, ସିମେଇ ଏବଂ ସୁଜି ଭଲଭାବେ ମିଶାଇଦେଲା ପରେ ସେଥିରେ କିଛି ପାଣି ଦେଇ ତାକୁ ଗୋଳାଇଦିଅନ୍ତୁ। ଏହି ମିଶ୍ରଣରେ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଜୁଆଣି, ଧନିଆପତ୍ର, ଗୋଲମରିଚ ଗୁଣ୍ଡ ଏବଂ ଲୁଣକୁ ଭଲଭାବେ ପକାଇ ମିକ୍ସ କରିଦିଅନ୍ତୁ। ଏହାର ଘୋଳ ଯେପରି ମୋଟା ହେବ। ଘୋଳ ପ୍ରସ୍ତୁତ ହୋଇଗଲା ପରେ ପ୍ୟାନ୍‌କୁ ଗ୍ୟାସ୍ ଚୁଲାରେ ବସାଇ ସେଥିରେ ଅଳ୍ପ ତେଲ ପକାନ୍ତୁ। ତେଲ ତାତିଲା ପରେ ସେଥିରେ ଜିରା ପକାନ୍ତୁ। ଅଦା ରସୁଣ ପେଷ୍ଟ ପକାନ୍ତୁ। ଏବେ ଏହାକୁ ଭଲଭାବେ ଚଲାନ୍ତୁ। ମସଲା କଷିହୋଇଗଲା ପରେ ସେଥିରେ କୋରା ହୋଇଥିବା ଆଳୁକୁ ପକାନ୍ତୁ। ଏବେ ଏଥିରେ ଚିମୁଟାଏ ଲୁଣ ପକାନ୍ତୁ। ଆଗରୁ ଗୋଳାହୋଇଥିବା ବ୍ୟାଟରକୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାକୁ ସେ ପର୍ଯ୍ୟନ୍ତ ଚଲାନ୍ତୁ ଯେପର୍ଯ୍ୟନ୍ତ ପ୍ୟାନ୍‌ରୁ ଏସବୁ ଛାଡ଼ିବା ସହ ଏହା ଟିକେ ବହଳ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଉକ୍ତ ମିଶ୍ରଣଟି ପୂରା ବହଳହେବା ପର୍ଯ୍ୟନ୍ତ ତାକୁ ବେଲଣା ପେଡ଼ି ଉପରେ ପକାଇ ନିଜ ହିସାବରେ ସେପ୍ ଦିଅନ୍ତୁ। ଛୁରିରେ ତାକୁ ଛୋଟ ଛୋଟ ଆକରରେ କାଟି ଦିଅନ୍ତୁ। ଏବେ କଡ଼େଇରେ ଛୋଟ ଛୋଟ ଆକାରରେ କଟା ହୋଇଥିବା ଖଣ୍ଡକୁ ତେଲରେ ପକାଇ ଛାଣନ୍ତୁ। ଏହାକୁ ଏପଟସେପଟକରି ଗୋଲ୍‌ଡେନ୍ ବ୍ରାଉନ୍ କଲର ହେବା ପର୍ଯ୍ୟନ୍ତ ସେକନ୍ତୁ।

# ଆତ୍ମହତ୍ୟା କରିଥିଲେ ଗ୍ରାହାମ୍ ଥର୍ପ

**ଲଣ୍ଡନ,୧୨।୮(ପି.ଟି.)**

ଇଂଲଣ୍ଡର କ୍ରିକେଟ କିମ୍ବଦନ୍ତୀ ଗ୍ରାହାମ୍ ଥର୍ପ ଆତ୍ମହତ୍ୟା କରିଥିବା ସ୍ପଷ୍ଟ କରିଛନ୍ତି ପତ୍ନୀ ଆମଣ୍ଡା। ଦୀର୍ଘ ଦିନ ଧରି ମାନସିକ ଅବସାଦରେ ପୀଡ଼ିତ ଥିବା ଥର୍ପ ନିଜ ପ୍ରାଣ ନିଜେ ନେଇଥିବା ସେ କହିଛନ୍ତି। ୫୫ ବର୍ଷୀୟ ଥ୍ରୋପ୍ ଅଗଷ୍ଟ ୫ ତାରିଖରେ ଆତ୍ମହତ୍ୟା କରିଥିବା ନେଇ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ ପକ୍ଷରୁ ସୂଚନା ମିଳିଥିଲା। ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ ଆଥରଟନଙ୍କୁ ସାକ୍ଷାତ୍କାର ଦେବା ସମୟରେ ଆମଣ୍ଡା ଏହା କହିଥିଲେ। ବିଗତ ୨ ବର୍ଷ ହେବ ଥ୍ରୋପ ମାନସିକ ବିଷାଦର ଶିକାର ଥିଲେ। ଏପରି କି ମେ ୨୦୨୨ରେ ଜୀବନ ନେବା ପ୍ରୟାସରେ ଦୀର୍ଘଦିନ ଆଇସିୟୁରେ ମଧ୍ୟ ଭର୍ତ୍ତି ହୋଇଥିଲେ। ସ୍ତ୍ରୀ ଓ ୨ଝିଅଙ୍କ ଉପସ୍ଥିତି ସତ୍ତ୍ୱେ ମଧ୍ୟ ସେ ନିଜକୁ ଏକୁଟିଆ ଅନୁଭବ କରୁଥିଲେ। ତେବେ ନିଜ ପରିବାରକୁ ଭଲ ପାଉଥିଲେ ମଧ୍ୟ ମାନସିକ ଦୁଶ୍ଚିନ୍ତା କାରଣରୁ ସେ ସର୍ବଦା ଅସୁସ୍ଥ ରହୁଥିଲେ।

ଏପରି କି ନିଜ ଜୀବନ ନେବା ଦ୍ୱାରା ସେ ଖୁସିରେ ରହିବେ ବୋଲି ଏକ ଧାରଣା ତାଙ୍କ ମନରେ ରହିଥିଲା। ଅନେକ କାମ ମଧ୍ୟରେ ସେ କିଛି ସମୟ ପାଇଁ ସୁସ୍ଥ ହେବାର ଲକ୍ଷଣ ମଧ୍ୟ ଦେଇଥିଲେ। ମାତ୍ର ଏହା କ୍ଷଣସ୍ଥାୟୀ ରହିଥିଲା। ପୁନର୍ବାର ସମାନ ସମସ୍ୟା ନିୟମିତ ଭାବରେ ଦେଖାଦେଇଥିଲା। ଶନିବାର ଥ୍ରୋପ୍‌ଙ୍କ ଶ୍ରଦ୍ଧାଞ୍ଜଳି ପାଇଁ ଚିପଷ୍ଟିଡ କ୍ରିକେଟ କ୍ଲବ ଓ ଫାର୍ନହାମ କ୍ରିକେଟ କ୍ଲବ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳାଯାଇଥିଲା। ଥର୍ପଙ୍କ ପରିବାର ବର୍ତ୍ତମାନ ତାଙ୍କ ନାମରେ ଏକ ଫାଉଣ୍ଡେସନ ପ୍ରତିଷ୍ଠା କରିବାକୁ ଚାହୁଁଥିବା ଜଣାପଡିଛି।

# ତୃତୀୟ ଥରରେ ଲସ୍‌ଏଞ୍ଜେଲ୍ସ ମାୟ

## ଅଲିମ୍ପିକ୍ସ ଆୟୋଜନ

**ଲସ୍‌ଏଞ୍ଜେଲ୍ସ ,୧୨।୮(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ଉଦ୍‌ଯାପିତ ହୋଇଥିବା ବେଳେ ପରବର୍ତ୍ତୀ ସଂସ୍କରଣ ଯୁକ୍ତରାଷ୍ଟ୍ର ଆମେରିକାର ଲସ୍‌ଏଞ୍ଜେଲ୍ସରେ ଅନୁଷ୍ଠିତ ହେବ। ରବିବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପ୍ୟାରିସ୍ ମେୟର ଆନ୍ନେ ହିଡାଲଗୋ ଲସ୍‌ଏଞ୍ଜେଲ୍ସ ମେୟର କାରେନ୍ ବାସ୍‌ଙ୍କୁ ଅଲିମ୍ପିକ୍ସ ପତାକା ପ୍ରଦାନ କରିଥିଲେ। କାରେନ୍ ବାସ୍ ଏହି ପତାକା ଗ୍ରହଣ କରିବା ପରେ ସେ ହଲିଉଡ୍ ଅଭିନେତା ଟମ୍ କ୍ରୁଜ୍‌ଙ୍କୁ ଦେଇଥିଲେ। ଏକ ପ୍ରି ରେକର୍ଡେଡ୍ ଭିଡିଓରେ କ୍ରୁଜ୍ କିଭଳି ଟ୍ରେକିଂ, ପାରାଚୁଟ୍ ଓ ଫ୍ଲାଇଟ ନେଇ ପ୍ୟାରିସ୍‌ରେ ପହଞ୍ଚିଛନ୍ତି ତାହା ଦେଖିବାକୁ ମିଳିଥିଲା। ଏହା ସହ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସର କାଉଣ୍ଟ ଡାଉନ୍ ଆରମ୍ଭ ହୋଇଥିଲା।

**ଲସ୍‌ଏଞ୍ଜେଲ୍ସ ଟ୍ରାୟୋଲୋଜି:** ବିଶ୍ୱର ତୃତୀୟ ସହର ଭାବରେ ଲସ୍‌ଏଞ୍ଜେଲ୍ସ ତୃତୀୟ ଥର ପାଇଁ ଅଲିମ୍ପିକ୍ସ ଆୟୋଜନ କରିବାକୁ ଯାଉଛି। ପ୍ରଥମେ ଲଣ୍ଡନ ଓ ଚଳିତ ସଂସ୍କରଣ ପରେ ପ୍ୟାରିସ୍ ଏହି କୃତିତ୍ୱ ହାସଲ କରିଛନ୍ତି। ପୂର୍ବରୁ ଲସ୍‌ଏଞ୍ଜେଲ୍ସ ୧୯୩୨ ଓ ୧୯୮୪ରେ ଅଲିମ୍ପିକ୍ସ ଆୟୋଜନ କରିଥିଲା। ପ୍ୟାରିସ୍ ୧୯୦୦, ୧୯୨୪ ଓ ୨୦୨୪ରେ ଅଲିମ୍ପିକ୍ସ ଆୟୋଜନ କରିଥିବା ବେଳେ ଲଣ୍ଡନ ୧୯୦୮, ୧୯୪୮ ଓ ୨୦୧୨ରେ ଆୟୋଜନ କରିଥିଲା।

୧୯୩୨ ମସିହାରେ ଲସ୍‌ଏଞ୍ଜେଲ୍ସ ପ୍ରଥମ ଥର ପାଇଁ ଅଲିମ୍ପିକ୍ସ ଆୟୋଜନ କରିଥିଲା। ସମଗ୍ର ବିଶ୍ୱରେ ଗ୍ରେଟ୍ ଡିପ୍ରେସନ ଦେଖାଦେଇଥିଲା। ବିଶ୍ୱର ଅନେକ ରାଷ୍ଟ୍ର ଅର୍ଥନୈତିକ ସଙ୍କଟ କାରଣରୁ ଏଥିରେ ଅଂଶଗ୍ରହଣ କରି ପାରି ନ ଥିବା ବେଳେ ଲସ୍‌ଏଞ୍ଜେଲ୍ସ ଏକମାତ୍ର ବିଡର ରହିଥିଲା। ଅନେକ ଦୃଷ୍ଟିକୋଣରୁ ଏହି ଅଲିମ୍ପିକ୍ସ ଚମତ୍କାର ରହିଥିଲା। ଆମେରିକୀୟ କିମ୍ବଦନ୍ତୀ ମହିଳା ଆଥ୍‌ଲେଟ ବେବ୍ ଡିଡ୍ରିକ୍‌ସନ ଜାହାରିସ୍ ଜାଭେଲିନ୍ ଥ୍ରୋ ଓ ମହିଳା ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ୧୯୮୪ ଅଲିମ୍ପିକ୍ସ ଅର୍ଥନୈତିକ ଦୃଷ୍ଟିକୋଣରୁ ବିଶ୍ୱର ସଫଳ କ୍ରୀଡ଼ା ଇଭେଣ୍ଟ ରହିଥିଲା। ଉଦ୍‌ଘାଟନୀ ସମାରୋହରେ ହଲିଉଡ୍ ଅଭିନେତାଙ୍କ ପ୍ରଚଳନ ଏହି ସଂସ୍କରଣରୁ ଆରମ୍ଭ ହୋଇଥିଲା। କାର୍ଲ ଲୁଇସ୍ ଓ ମେରୀ ଲୋଉ ରେଟନ୍ ଆମେରିକାର ଘରେ ଘରେ ପ୍ରସିଦ୍ଧି ହାସଲ କରିଥିଲେ। ଯୁବ ମାଇକେଲ୍ ଜୋର୍ଡାନ୍ ଏହି ସଂସ୍କରଣରେ ଆମେରିକା ଦଳକୁ ବାସ୍କେଟବଲରେ ସ୍ୱର୍ଣ୍ଣ ପଦକ ଜିତାଇଥିଲେ।


ଅଲିମ୍ପିକ୍ ପତାକା ସହ ଲସ ଏଞ୍ଜେଲ୍ସ ମେୟର କରେନ ବାସ୍ (ବାମ)। ନିକଟରେ ଅଛନ୍ତି ଆଇଓସି ସଭାପତି ଥୋମାସ ବାକ୍ (ମଝି) ଓ ପ୍ୟାରିସ ମେୟର ଆନେ ହିଡାଲ୍‌ଗୋ।

ଲସ୍‌ଏଞ୍ଜେଲ୍ସ ମେୟର କାରେନ୍ ବାସ୍ ଅଲିମ୍ପିକ୍ସ ପତାକା ଗ୍ରହଣ କରିଥିବା ବେଳେ ବିଗତ କିଛି ଦିନ ହେବ ସେ ପ୍ୟାରିସରେ ରହିଥିଲେ। ଅଲିମ୍ପିକ୍ସ ପରି ବିଶାଳ ଇଭେଣ୍ଟକୁ କିଭଳି ସଫଳତାର ସହ ଆୟୋଜନ କରାଯାଉଛି ସେ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ତାଙ୍କ ସହିତ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ କମିଟି ମୁଖ୍ୟ ଟ୍ରାସି ପାର୍କ ମଧ୍ୟ ଉପସ୍ଥିତ ଥିଲେ। ଆସନ୍ତା ଅଲିମ୍ପିକ୍ସ ପାଇଁ କୌଣସି ନୂଆ ଷ୍ଟାଡିୟମ ନିର୍ମାଣ କରିବା ପରିବର୍ତ୍ତେ ପୁରାତନ ଷ୍ଟାଡିୟମଗୁଡିକର ପୁନରୁଦ୍ଧାର କରାଯିବ ବୋଲି କାରେନ୍ ସୂଚନା ଦେଇଛନ୍ତି। ସେହିପରି ଅଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହ ସୋଫି ଷ୍ଟାଡିୟମରେ ହେବ ବୋଲି ମଧ୍ୟ ସେ କହିଛନ୍ତି। ଦୁଇଟି ଏନ୍‌ଏଫ୍‌ଏଲ ଟିମ୍‌ର ହୋମ୍ ଭେନ୍ୟୁ ରହିଥିବା ସୋଫି ଷ୍ଟାଡିୟମ ଥରେ ସୁପର ବାଉଲ୍(ରଗ୍‌ବୀ ଫାଇନାଲ) ଓ ଏକାଧିକ ଟେଲର ସ୍ୱିଫ୍ଟ କନସର୍ଟ ମଧ୍ୟ ଆୟୋଜିତ ହୋଇଛି।

ସୋଫିରେ ସନ୍ତରଣ ସୁବିଧା ନ ଥିବାରୁ ଏହା ଉପରେ କାର୍ଯ୍ୟ ଆବଶ୍ୟକ ବୋଲି କହିଛନ୍ତି କାରେନ୍। ସେନ୍ ନଦୀର ପାଣିକୁ ନେଇ ଅନେକ ବିବାଦ ସୃଷ୍ଟି ହୋଇଥିଲା। ସନ୍ତରଣ ବ୍ୟବସ୍ଥା ଆରମ୍ଭ କରିବା ସହ ମେଟ୍ରୋ ଚଳାଚଳ ବ୍ୟବସ୍ଥାକୁ ସଶକ୍ତ କରାଯିବା ଆବଶ୍ୟକ ବୋଲି ମଧ୍ୟ ସେ ମତ ଦେଇଛନ୍ତି। ନିକଟରେ ମେଟ୍ରୋ ରେଳ ଚଳାଚଳ ପ୍ରକଳ୍ପ ପାଇଁ ୯୦୦ ମିଲିୟନ ଡଲାର ଅର୍ଥ ମଞ୍ଜୁର କରାଯାଇଥିଲା।

# ଟମ୍ ଡାଲେଙ୍କ ଅବସର

**ଲଣ୍ଡନ,୧୨।୮(ପି.ଟି.)**

୫ ଥରର ଅଲିମ୍ପିକ୍ସ ପଦକ ବିଜେତା ବ୍ରିଟିଶ ଡାଇଭର୍ ଟମ୍ ଡାଲେ ଅବସର ଘୋଷଣା କରିଛନ୍ତି। ବ୍ରିଟିଶ ଭୋଗ୍ ମାଗାଜିନ୍‌କୁ ସାକ୍ଷାତ୍କାର ଦେବା ଅବସରରେ ୩୦ ବର୍ଷୀୟ ଟମ୍ ଅବସର ଘୋଷଣା କରିଛନ୍ତି। ବେଜିଂ ୨୦୦୮ରେ ଟମ୍ ପଦାର୍ପଣ କରିଥିଲେ। ବେଜିଂରେ ପଦକ ଶୂନ୍ୟ ରହିଥିବା ଟମ୍ ୨୦୧୨ ଲଣ୍ଡନ ଓ ୨୦୧୬ ରିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୨୧ ଟୋକିଓ ଅଲିମ୍ପିକ୍ସରେ ଟମ୍ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଜିତିଥିବା ବେଳେ ଚଳିତ ସଂସ୍କରଣରେ ଗୋଟିଏ ରୌପ୍ୟ ପଦକ ହାସଲ କରିଥିଲେ। ୧୦ ମିଟର ସିଙ୍କ୍ରୋନାଇଜ୍‌ଡ ଇଭେଣ୍ଟରେ ସେ ରୌପ୍ୟ ପଦକ ଜିତିଥିଲେ।


ଟମ୍ ଡାଲେ

# ଆଇଫେଲ ଟାୱାରରେ ଚଢ଼ିଥିବା ବ୍ୟକ୍ତି ବ୍ରିଟିଶ ନାଗରିକ

**ପ୍ୟାରିସ, ୧୨।୮ (ଏପି)**

ପ୍ୟାରିସ ଅଲିମ୍ପିକ୍ସ ଉଦ୍‌ଯାପନୀ ଉତ୍ସବ ବେଳେ ଆଇଫେଲ ଟାୱାର ଉପରକୁ ଅନଧିକାର ଚଢ଼ିଯାଇଥିବା ଲୋକ ଜଣକ ଜଣେ ବ୍ରିଟିଶ ନାଗରିକ ବୋଲି ଜଣାପଡ଼ିଛି। ତାଙ୍କ ନାମ ପ୍ରକାଶ କରାଯାଇ ନାହିଁ। ପୋଲିସ ହେପାଜତରୁ ସେ ସୋମବାର ଛାଡ଼ ପାଇଛନ୍ତି। ହେଲେ ସ୍ଥାନୀୟ ପୋଲିସ ଏହି ଐତିହାସିକ ସ୍ଥଳରେ ଅନଧିକାର ପ୍ରବେଶ ଘଟଣାର ତଦନ୍ତ ଜାରି ରଖିଛି। ପ୍ୟାରିସ ଅଲିମ୍ପିକ୍ସ ଉଦ୍‌ଯାପନୀ ଉତ୍ସବର କିଛି ଘଣ୍ଟା ପୂର୍ବରୁ ଅପରାହ୍ନରେ ଏକ ଅଦ୍ଭୁତ ଘଟଣା ଦେଖିବାକୁ ମିଳିଥିଲା। ଜଣେ ବ୍ୟକ୍ତି ଫୁଙ୍ଗୁଳା ଦେହରେ ଆଇଫେଲ ଟାୱାର ଉପରକୁ ଚଢୁଥିବା ଦେଖିବାକୁ ମିଳିଥିଲା। ଫ୍ରେଞ୍ଚ ପୋଲିସ ତୁରନ୍ତ ଆଇଫେଲ ଟାୱାର ଅଞ୍ଚଳକୁ ଖାଲି କରିଦେଇଥିଲେ। ଆଇଫେଲ ଟାୱାରର ଉଚ୍ଚତା ହେଉଛି ୩୩୦ ମିଟର (୧,୦୮୩ ଫୁଟ୍)। ସେ ସ୍ମାରକର ଦ୍ୱିତୀୟ ଭାଗରେ ଲଗା ଯାଇଥିବା ରିଙ୍ଗ ଉପରକୁ ଚଢିଯାଇଥିଲେ। ସେ କେଉଁ ବାଟ ଦେଇ ଚଢିଥିଲେ ତାହା ଜଣାପଡ଼ିନାହିଁ। ଫ୍ରେଞ୍ଚ ପୋଲିସ ଲୋକଟିକୁ ଓହ୍ଲାଇବାର ବ୍ୟବସ୍ଥା କରିଥିଲେ। ଅଲିମ୍ପିକ୍ସର ପ୍ରତିଯୋଗିତାଗୁଡ଼ିକ ଶେଷ ହୋଇଯିବା ପରେ ପ୍ୟାରିସରେ ସୁରକ୍ଷା କର୍ମୀମାନଙ୍କ ଧ୍ୟାନ ଉଦ୍‌ଯାପନୀ ଉତ୍ସବ ଉପରକୁ ଚାଲିଯାଇଥିଲା। ସୂଚନାଯୋଗ୍ୟ, ପୋଲିସ ଅପରାହ୍ନ ୩ଟାରେ ଅଞ୍ଚଳକୁ ଖାଲି କରିଥିଲା। କିଛି ପର୍ଯ୍ୟଟକ ଦ୍ୱିତୀୟ ତାଲାରେ ଅଟକି ଯାଇଥିଲେ। ସ୍ଥାନ ଛାଡ଼ିଚାଲିଯିବା ଲାଗି ସେମାନଙ୍କୁ ୩୦ ମିନିଟ ସମୟ ଦିଆଯାଇଥିଲା। ଆଇଫେଲ ଟାୱାର ଉପରେ ଚଢିଥିବା ଲୋକକୁ ପୋଲିସ ଅଟକ ରଖିଥିଲା।

# କିସ, ସାଇ ଇଣ୍ଟରନ୍ୟାଶନାଲ ବିଜୟୀ

**ଭୁବନେଶ୍ୱର, ୧୨।୮ (ତପନ ସ୍ୱାଇଁ)**

ୟୁନିଟ-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଜୟନ୍ତ କୁମାର ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ କିସ୍ ଓ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ବିଜୟୀ

## ଜୟନ୍ତ ସ୍ମାରକୀ ଆନ୍ତଃସ୍କୁଲ ଫୁଟ୍‌ବଲ

ହୋଇଛି। ଦିବସର ପ୍ରଥମ ମ୍ୟାଚରେ କିସ୍ ୩-୧ ଗୋଲରେ ଲୟୋଲା ଓଡ଼ିଆ ସ୍କୁଲକୁ ପରାସ୍ତ କରିଛି। କିସ୍ ପକ୍ଷରୁ ରାମ ମାଝି ୨୫, ୪୫+୩ ଓ ୫୦ତମ ମିନିଟ୍‌ରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଲୟୋଲାର ତରଣ ମୋହନ ନାୟକ ଗୋଟିଏ ଗୋଲ ଦେଇଥିଲେ। ରାମ ମାଝି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସତ୍ୟଜିତ ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ ୬-୧ ଗୋଲରେ ଜାଭିୟର ଖଣ୍ଡଗିରିକୁ ହରାଇ ଦେଇଛି। ସାଇ ଇଣ୍ଟରନ୍ୟାଶନାଲ ପକ୍ଷରୁ ଅଗସ୍ତ୍ୟ ପଟ୍ଟନାୟକ ଓ ନିସିତ ତ୍ରିପାଠୀ ୨ଟି ଲେଖାଏ ଏବଂ ସାଜାଂଶ ସାହୁ ଓ ମୁଦିତ ମିଶ୍ର ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଜାଭିୟରର ସୋହମ ପ୍ରଧାନ ଗୋଟିଏ ଗୋଲ ପରିଶୋଧ କରିଥିଲେ। ନିସିତ ତ୍ରିପାଠୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମହାପାତ୍ର ଓ ରଗ୍‌ବୀ ଖେଳାଳି ହୁପି ମାଝି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆଲୋକ ଦେହୁରି, ଚନ୍ଦ୍ରକାନ୍ତ ବାରିକ, ସୁଜିତ କୁମାର ପାତ୍ରୋ, ଶିବ ପ୍ରସାଦ ସାମନ୍ତରାୟ ଓ ସୋଭାଲିନ୍ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ ରେଫରି ଥିଲେ ସୁଦୀପ୍ତା ଦାଶ।


ରାମ ମାଝି ଓ ନିଶିତ ତ୍ରିପାଠୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ବଲାଙ୍ଗୀର-କଟକ ଫାଇନାଲ ୧୪ରେ

## ଆନ୍ତଃଜିଲା ମହିଳା କ୍ରିକେଟ ସୁପରଲିଗ୍ ପର୍ଯ୍ୟାୟ ଶେଷ

**ଭୁବନେଶ୍ୱର, ୧୨।୮ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ଆନ୍ତଃଜିଲା ମହିଳା କ୍ରିକେଟର ସୁପର ଲିଗ୍ ପର୍ଯ୍ୟାୟ ସୋମବାର ଶେଷ ହୋଇଛି। ଗ୍ରୁପ୍ 'ଏ'ରୁ ବଲାଙ୍ଗୀର ଓ ଗ୍ରୁପ୍ 'ବି'ରୁ କଟକ ଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଦୁଇ ଦଳ ମଧ୍ୟରେ ଫାଇନାଲ ଆସନ୍ତା ୧୪ ତାରିଖରେ ବିଡ଼ାନାସୀ କ୍ଲବ ପଡ଼ିଆରେ ଅନୁଷ୍ଠିତ ହେବ।

ସୁପର ଲିଗ୍ ପର୍ଯ୍ୟାୟର ଅନ୍ତିମ ୪ ମ୍ୟାଚରେ ବଲାଙ୍ଗୀର, ଯାଜପୁର, କଟକ ଓ ରେଷ୍ଟ ଅଫ୍ ଓଡ଼ିଶା 'ବି' ବିଜୟ ହାସଲ କରିଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ବଲାଙ୍ଗୀର ୮ ଉଇକେଟରେ ରାଉରକେଲାକୁ ହରାଇ ଦେଇଥିଲା। ସଙ୍ଗୀତା ଖାଡ଼ିଆ (୫୫)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ରାଉରକେଲା ୨୦ ଓଭରରେ ୪ ଉଇକେଟ ହରାଇ ୧୧୭ ରନ କରିଥିଲା। ଜବାବରେ ବଲାଙ୍ଗୀର ୧୮.୧ ଓଭରରେ ୨ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରି ନେଇଥିଲା। ମାଧୁରୀ ମେହେଟା ୫୩ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ରଶ୍ମିତା ଚିନାରା ୩୪ ରନ କରିଥିଲେ। ବିଡ଼ାନାସୀ ପଡ଼ିଆରେ ଆୟୋଜିତ ମ୍ୟାଚରେ ଯାଜପୁର ୩୩ ରନରେ କିଟ୍‌କୁ ହରାଇ ଦେଇଛି। ଯାଜପୁର ଦଳ ୨୦ ଓଭରରେ ୪ ଉଇକେଟ ହରାଇ ୧୨୨ ରନ କରିଥିଲା। କାଜଲ ଜେନା ୪୪ ଓ ଅଲିପ୍ସା ବିଶ୍ୱାଳ ୪୩ ରନ କରିଥିଲେ। ଜବାବରେ କିଟ୍ ୨୦ ଓଭରରେ ୮ ଉଇକେଟ ହରାଇ ୮୯ ରନ କରିବାକୁ ସକ୍ଷମ ହୋଇଥିଲା।

ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ରେଷ୍ଟ ଅଫ୍ ଓଡ଼ିଶା 'ବି' ୩୦ ରନରେ ଭୁବନେଶ୍ୱରକୁ ପରାସ୍ତ କରିଛି। ରେଷ୍ଟ ଅଫ୍ ଓଡ଼ିଶା 'ବି' ୨୦ ଓଭରରେ ୨ ଉଇକେଟ ହରାଇ ୧୧୧ ରନ କରିଥିଲା। ବିଜୟଲକ୍ଷ୍ମୀ ବେହେରା ୫୦ ରନରେ ଅପରାଜିତ ରହିଥିଲେ। ଜବାବରେ ଭୁବନେଶ୍ୱର ୧୬.୨ ଓଭରରେ ୮୧ ରନକରି ସମସ୍ତ ଉଇକେଟ ହରାଇଥିଲା। ୨୦ ରନ କରିବା ସହ ୩ ଓଭରରେ ମାତ୍ର ୩ ରନ ଦେଇ ଗୋଟିଏ ଉଇକେଟ ନେଇଥିବା ବିଜୟୀ ଦଳର ଅଙ୍କିତା ଗିରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ବିଡ଼ାନାସୀ ପଡ଼ିଆରେ କଟକ ୨୬ ରନରେ ରେଷ୍ଟ ଅଫ୍ ଓଡ଼ିଶା 'ଏ'କୁ ହରାଇ ଦେଇଛି। କଟକ ୨୦ ଓଭରରେ ୭ ଉଇକେଟ ହରାଇ ୧୧୩ ରନ କରିଥିଲା। ଶୁଭ୍ରା ନିର୍ଝରିଣୀ ସ୍ୱାଇଁ ସର୍ବାଧିକ ୨୯ ଓ ଜୟସ ନାୟକ ୨୮ ରନ କରିଥିଲେ। ୧୧୪ ରନ ବିଜୟ ଲକ୍ଷ୍ୟରେ ରେଷ୍ଟ ଅଫ୍ ଓଡ଼ିଶା 'ଏ' ୨୦ ଓଭରରେ ୭ ଉଇକେଟ ହରାଇ ୮୭ରନ କରିଥିଲା।


ମାଧୁରୀ ମେହେଟା


ଅଲିପ୍ସା ବିଶ୍ୱାଳ


ଅଙ୍କିତା ଗିରି


ଶୁଭ୍ରା ନିର୍ଝରିଣୀ ସ୍ୱାଇଁ

# ଓଡ଼ିଶାକୁ ରୌପ୍ୟ

## ଜାତୀୟ ଜୁନିୟର ଫୁଟ୍‌ବଲ

**ଭୁବନେଶ୍ୱର, ୧୨।୮ (ତପନ ସ୍ୱାଇଁ)**

କୋଲକାତା ଦକ୍ଷିଣ ୨୪ ପ୍ରଗଣାର ନରେନ୍ଦ୍ରପୁରସ୍ଥିତ ରାମକ୍ରିଷ୍ଣ ମିଶନ ଆଶ୍ରମ ଗ୍ରାଉଣ୍ଡରେ ଅନୁଷ୍ଠିତ ଜାତୀୟ ଜୁନିୟର ଫୁଟବଲ (ବି.ସି. ରୟ ଟ୍ରଫି) ଚାମ୍ପିୟନଶିପ୍‌ରେ ଓଡ଼ିଶା ରନରଅପ୍ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ୦-୨ ଗୋଲରେ ପଶ୍ଚିମବଙ୍ଗଠାରୁ ହାରିଯାଇଛି। ପୂରା ଟୁର୍ନାମେଣ୍ଟରେ ଅପରାଜିତ ରହିଥିବା ଓଡ଼ିଶା ଫାଇନାଲ ହର୍ଡଲ୍ସ ଅତିକ୍ରମ କରିବାରେ ବିଫଳ ହେବାରୁ ରୌପ୍ୟ ପଦକ ହାସଲ କରିଛି। ପଶ୍ଚିମବଙ୍ଗ ପକ୍ଷରୁ ଶୁଭଦୀପ ସର୍ଦ୍ଦାର ୨ ଓ ୭୨ତମ ମିନିଟ୍‌ରେ ଗୋଲ୍ ୨ଟି ଦେଇଥିଲେ। ଓଡ଼ିଶା ଦଳ ପରାଜିତ ହୋଇଥିଲେ ହେଁ ଖେଳାଳିଙ୍କ ଦକ୍ଷତା ଓ ଉତ୍ସାହକୁ ଫାଓ ପକ୍ଷରୁ ପ୍ରଶଂସା କରାଯାଇଛି। ତେଣୁ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ପ୍ରତି ଖେଳାଳି ଓ ଟିମ୍ ଅଫିସିଆଲଙ୍କ ପାଇଁ ୫,୦୦୦ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରିଛନ୍ତି।


ଜାତୀୟ ଜୁନିୟର ଫୁଟବଲ ଟୁର୍ନାମେଣ୍ଟରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ଦଳ।

# କିଟ୍-କିସ୍‌କୁ ୫ ପଦକ

**ଭୁବନେଶ୍ୱର, ୧୨।୮ (ତପନ ସ୍ୱାଇଁ)**

ରାଜ୍ୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ନିକଟରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା କିଟ୍ ଓ କିସ୍ ଭାରୋତ୍ତୋଳକମାନେ ୫ଟି ପଦକ ଜିତିଛନ୍ତି। ମହିଳା ୮୭ କେଜି ବର୍ଗରେ କିଟ୍‌ର ଅଭିଷିକ୍ତା କାଦୁଲୁରି ଓ ମହିଳା ୭୬ କେଜି ବର୍ଗରେ ଏମ. କୀର୍ତ୍ତି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ମହିଳା ୫୯ କେଜିରେ କିସ୍‌ର ମୋତି ଜାନି ଓ ପୁରୁଷ ୫୫ କେଜିରେ ମୁକେଶ ୱିକା ରୌପ୍ୟ ଏବଂ ମହିଳା ୪୫ କେଜିରେ ଜୟନ୍ତି ମଲିକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# କେଟି ଗ୍ଲୋବାଲ ସ୍କୁଲ ଚେସ୍ ୧୮ରୁ

**ଭୁବନେଶ୍ୱର,୧୨।୮(ସରୋଜ ଜେନା)**

କେଟିଗ୍ଲୋବାଲ ଅଲ ଓଡ଼ିଶା ଓପନ୍ ସ୍କୁଲ ଚେସ ୧୮ ତାରିଖରୁ ଆରମ୍ଭ ହେବ। ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ମିଳିତ ଉଦ୍ୟମରେ ରାଉରକେଲା ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଓଡ଼ିଶାର ଚେସ୍ ପ୍ରତିଭାଙ୍କୁ ଉପଯୁକ୍ତ ସୁଯୋଗ ଦେବା ଏହି ଟୁର୍ନାମେଣ୍ଟର ଏକମାତ୍ର ଲକ୍ଷ୍ୟ।

# ଓଡ଼ିଶା ନାଭାଲ ଟାଟାକୁ ମହିଳା ଟାଇଟଲ

## ହକି ଇଣ୍ଡିଆ ଜୁନିୟର ଏକାଡେମୀ ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୧୨।୮ (ପି.ଟି.)**

ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର ଏଠାରେ ଚାଲିଥିବା ହକି ଇଣ୍ଡିଆ ଜୁନିୟର ପୁରୁଷ ଓ ମହିଳା ଏକାଡେମୀ ଚାମ୍ପିୟନଶିପ୍ ଜୋନ୍ 'ଏ' ଓ 'ବି'ର ମହିଳା ଟାଇଟଲ ହାସଲ କରିଛି। ଫାଇନାଲରେ ଦଳ ୫-୩ ପେନାଲ୍ଟି ଶୁଟ୍‌ଆଉଟରେ ରାଉଣ୍ଡଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀକୁ ହରାଇ ଦେଇଛି। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ରହିଥିଲା। ଓଡ଼ିଶା ନାଭାଲ ଟାଟା ପାଇଁ ପ୍ରଭଜୋତ କୌର (୩୪ତମ ମିନିଟ) ଓ ସୁରେଖା ବାହାଲା (୫୪ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବା ବେଳେ ରାଉଣ୍ଡ ଗ୍ଲାସ ପଞ୍ଜାବ ପାଇଁ ରୁବି (୧୪ତମ) ଓ ରିବ୍‌କା (୪୫ତମ) ଗୋଲ୍ ସ୍କୋର କରିଥିଲେ। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ପ୍ରିୟାଙ୍କ ହ୍ୟାଟ୍ରିକ୍ ଗୋଲ ସ୍କୋର ସହାୟତାରେ ଘୁମାନହେରା ରାଇଜର୍ସ ଏକାଡେମୀ ୫-୧ ଗୋଲ୍‌ରେ ସାଲ୍ୟୁଟ ଏକାଡେମୀକୁ ହରାଇ ଦେଇଛି। ଅନ୍ୟପକ୍ଷରେ ସୋମବାର ଖେଳାଯାଇଥିବା ପୁରୁଷ ବିଭାଗର ଏକ ମ୍ୟାଚରେ ରାଉଣ୍ଡଗ୍ଲାସ ପଞ୍ଜାବ ୪-୧ ଗୋଲ୍‌ରେ ସେଲ୍ ହକି ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ତରଫରୁ ଜପନିତ ସିଂ, ସନ୍ନି, ଗୁରୁସେବକ ସିଂ ଓ ଅମନଦୀପ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।


ଚାମ୍ପିୟନ ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର ମହିଳା ଦଳ।

# ରାଜ୍ୟ ଟେବୁଲ ଟେନିସ୍ ଆରମ୍ଭ




ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୧୨।୮ (ତପନ ସ୍ୱାଇଁ)**

ରାଜ୍ୟ ଟେବୁଲ ଟେନିସ୍ ଆସୋସିଏଶନ ଆନୁକୂଲ୍ୟରେ କଟକ ସିଡିଏସ୍ଥିତ ସେକ୍ଟର-୭ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ୫ମ ଆନ୍ତଃସ୍କୁଲ ଏବଂ ୨୯ତମ ୱାଇଜିଟିଟିଏ(ୟଙ୍ଗ ଜେନେରେଶନ ଟେବୁଲ ଟେନିସ ଆସୋସିଏଶନ) ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୫୪ଟି ସ୍କୁଲର ପିଲାମାନେ ଅଂଶଗ୍ରହଣ କରିଛନ୍ତି। ଆନ୍ତଃସ୍କୁଲ ପ୍ରତିଯୋଗିତା ପରେ ସେହି ଭେନ୍ୟୁରେ ୧୫ରୁ ୧୭ ପର୍ଯ୍ୟନ୍ତ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ୍ ହେବ। କଟକ ଜିଲା କ୍ରୀଡ଼ା ଅଧିକାରୀ ରଶ୍ମି ରଞ୍ଜନ ସାମନ୍ତରାୟ, ରାଜ୍ୟ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର ପରିଡ଼ା, ଚିତ୍ତ ରଞ୍ଜନ ମହାନ୍ତି, ନୀହାର ରଞ୍ଜନ ମିଶ୍ର, ଜୟଦିଥ ଦେବତା, ଟୁର୍ନାମେଣ୍ଟ ଡାଇରେକ୍ଟର ଆର. କ୍ରିଷ୍ଣା କୁମାର, ଆବାହକ ପି.ଭି.ଏସ.ଏସ. ରାଜୁ ଏବଂ ସଦସ୍ୟ ସୌମିତ୍ର ମହାନ୍ତି ଓ ଦିଗନ୍ତ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚଗୁଡ଼ିକ ମଧ୍ୟରେ ଜୁନିୟର ବାଳିକା ଦଳଗତ ଇଭେଣ୍ଟର ପ୍ରଥମ ସେମିଫାଇନାଲରେ କଟକ ଡିଏଭି ଏସ୍‌ସିବି ପବ୍ଲିକ୍ ସ୍କୁଲ ୩-୨ରେ ଷ୍ଟିୱାର୍ଟ ସ୍କୁଲକୁ ଏବଂ ଦ୍ୱିତୀୟ ସେମିରେ ଭୁବନେଶ୍ୱରର କେଭି-୧ ପୁରୀର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ୩-୦ରେ ହରାଇ ଫାଇନାଲରେ ପ୍ରବେଶ କରିଛି। ସିନିୟର ବାଳକ ଦଳଗତ ସେମିଫାଇନାଲ କଟକର ଖ୍ରୀଷ୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଭୁବନେଶ୍ୱରର ସାଇ ଇଣ୍ଟରନ୍ୟାଶନାଲ ଏବଂ କଟକ ଡିଏଭି ପବ୍ଲିକ୍ ସ୍କୁଲ ଓ ଭୁବନେଶ୍ୱର କେଭି-୧ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ସିନିୟର ବାଳିକା ବିଭାଗ ଫାଇନାଲରେ କଟକର ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଗୁରୁ ନାନକ ପବ୍ଲିକ୍ ସ୍କୁଲ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

## ପ୍ରଥମ ରାଉଣ୍ଡ ମ୍ୟାଚ ବେଙ୍ଗାଲୁରୁକୁ ସ୍ଥାନାନ୍ତର

**ଦୁଲିପ ଟ୍ରଫି**

**ବେଙ୍ଗାଲୁରୁ, ୧୨।୮ (ପି.ଟି.)**

ଦୁଲିପ ଟ୍ରଫିର ଗୋଟିଏ ପ୍ରଥମ ରାଉଣ୍ଡ ମ୍ୟାଚ ଅନନ୍ତପୁରଠାରୁ ବେଙ୍ଗାଲୁରୁ ସ୍ଥାନାନ୍ତର କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିଷ୍ପତ୍ତି ନେଇଛି। ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ପେସ୍‌ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ଛାଡ଼ି ଅନ୍ୟ କେତେଜଣ ନିୟମିତ ଖେଳାଳି ପ୍ରଥମ ରାଉଣ୍ଡରେ ଖେଳିବେ। ସିନିୟର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମା ଟୁର୍ନାମେଣ୍ଟରେ ଖେଳିବେ କି ନା ଏହା ସେମାନଙ୍କ ଇଚ୍ଛା ଉପରେ ନିର୍ଭର କରିବ। ଦୁଲିପ ଟ୍ରଫିର ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ପ୍ରଥମ ରାଉଣ୍ଡ ମ୍ୟାଚ ଗୁଡ଼ିକ ମଧ୍ୟରୁ ଦୁଇଟି ସେଟ୍ ଆନ୍ଧ୍ର ପ୍ରଦେଶର ଅନନ୍ତପୁରରେ ସେପ୍ଟେମ୍ବର ୫ରେ ଖେଳାଯିବାର ଥିଲା। ମାତ୍ର ସେଠାରେ କିଛି ସମସ୍ୟା ଯୋଗୁ ତନ୍ମଧ୍ୟରୁ ଗୋଟିଏ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ସ୍ଥାନାନ୍ତର ହୋଇଛି। ଅନନ୍ତପୁର ହେଉଛି ବେଙ୍ଗାଲୁରୁଠାରୁ ୨୩୦ କି.ମି. ଦୂରରେ ଅବସ୍ଥିତ। ଏହି ସହରକୁ ବିମାନସେବା ନାହିଁ। ଆଗକୁ ବାଂଲାଦେଶ ବିପକ୍ଷରେ ଟେଷ୍ଟ ସିରିଜ ଖେଳାଯିବାକୁ ଥିବାରୁ କେତେଜଣ ଟପ୍ ଖେଳାଳିଙ୍କୁ ଦୁଲିପ ଟ୍ରଫିରେ ସାମିଲ କରାଯିବା ଉଦ୍ଦେଶ୍ୟ ନେଇ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ବାଂଲାଦେଶ ବିପକ୍ଷ ଦୁଇ ଟେଷ୍ଟ ମ୍ୟାଚ ଯଥାକ୍ରମେ ସେପ୍ଟେମ୍ବର ୧୯ରୁ ଚେନ୍ନାଇରେ ଏବଂ ୨୭ରୁ କାନପୁରରେ ଖେଳାଯିବ।

# ବିଜୟ ସହ ଓଡ଼ିଶାର ଅଭିଯାନ

## ଜାତୀୟ ଜୁନିୟର ବାଳିକା ଫୁଟ୍‌ବଲ



ଓଡ଼ିଶା ବାଳିକା ଫୁଟ୍‌ବଲ ଦଳ।

**ଭୁବନେଶ୍ୱର, ୧୨।୮ (ତପନ ସ୍ୱାଇଁ)**

ଆନ୍ଧ୍ର ପ୍ରଦେଶର ଅନନ୍ତପୁରଠାରେ ଆରମ୍ଭ ହୋଇଥିବା ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ବିଜୟ ସହ ଅଭିଯାନ ଆରମ୍ଭ କରିଛି। ସୋମବାର ଅନୁଷ୍ଠିତ ଏହାର ପ୍ରଥମ ମ୍ୟାଚରେ ଓଡ଼ିଶା ୪-୨ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଛି। ମ୍ୟାଚ ଆରମ୍ଭରୁ ଓଡ଼ିଶା ପ୍ରାଧାନ୍ୟ ବିସ୍ତାର କରି ପ୍ରଥମାର୍ଦ୍ଧ ଶେଷ ବେଳକୁ ୩-୦ରେ ଅଗ୍ରଣୀ ହାସଲ କରିଥିଲା। ଅଧିନାୟିକା ଥଣ୍ଡମୋନି ବାସ୍କେ ୧୪ଶ ମିନିଟରେ ପ୍ରଥମ, ରୂପଶ୍ରୀ ମୁଣ୍ଡା ୨୦ତମ ମିନିଟରେ ଦ୍ୱିତୀୟ ଓ ଥଣ୍ଡମୋନି ୪୩ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ତଥା ଦଳ ପକ୍ଷରୁ ତୃତୀୟ ଗୋଲଟି ସ୍କୋର କରିଥିଲେ। ୫୬ତମ ମିନିଟ୍‌ରେ ଥଣ୍ଡମୋନି ବ୍ୟକ୍ତିଗତ ୩ୟ ଗୋଲ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ଶେଷଭାଗରେ ଲଢୁଆ ପ୍ରଦର୍ଶନ ସହ ପ୍ରତିଆକ୍ରମଣ କରିଥିଲା ଛତିଶଗଡ଼। ମିଡ୍‌ଫିଲ୍ଡର ହେମ୍ବତି ବାଘେଲ ୬୭ ଓ ୮୧ତମ ମିନିଟରେ ୨ଟି ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ଗ୍ରୁପ୍ 'ଡି'ରେ ମିଜୋରାମ, ଦିଲ୍ଲୀ ଓ ଛତିଶଗଡ଼ ସହିତ ସ୍ଥାନ ପାଇଛି ଓଡ଼ିଶା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୧୪ରେ ଦିଲ୍ଲୀ ଓ ୧୬ରେ ମିଜୋରାମ ବିପକ୍ଷରେ ଖେଳିବ।

**ଓଡ଼ିଶା ଦଳ:** ଗୋଲକିପର୍ସ- ଇସ୍ଥେର ବାସ୍କେ, ଅଙ୍କିତା ସ୍ୱାଇଁ ଓ ଶ୍ରେୟା ସିଂ। ଡିଫେଣ୍ଡର୍ସ-ପ୍ରୀତି ଯାଦବ, ଅନୁସ୍କା ଲିମ୍ମୁ, ବର୍ଷା ମାଝି, ଆକାଶି ନାୟକ, ଜସମିନି ମୁର୍ମୁ, ପ୍ରିୟା ମାଝି, ଗଜଲକ୍ଷ୍ମୀ ବେହେରା ଓ ପବିତା ନାଏକ। ମିଡ୍‌ଫିଲ୍ଡର୍ସ- ଅଙ୍କିତା ଟପ୍ପୋ, ରୁବିନା ନାଏକ, ଈପ୍ସିତା ରାଉତ, ରଶ୍ମିତା ନାଏକ ଓ ତୁଳସୀ ଟପ୍ପୋ। ଫରୱାର୍ଡ୍ସ- ଆଞ୍ଚଲ ସିଂ, ଥଣ୍ଡମୋନି ବାସ୍କେ, ରୂପଶ୍ରୀ ମୁଣ୍ଡା, ଲୋଟସ ହଂସ, ବନ୍ଦନା ନାଏକ ଓ ଭାରତୀ କିସ୍କୁ।

# ଡାକ୍ତରଙ୍କ ପରାମର୍ଶ ପାଇଁ ଜର୍ମାନୀ ଗଲେ ନୀରଜ

**ନୂଆଦିଲ୍ଲୀ, ୧୨।୮ (ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସରେ ରୌପ୍ୟ ଜିତିଥିବା ଭାରତର ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ସ୍ୱଦେଶ ନ ଫେରି ଜର୍ମାନୀ ଗସ୍ତ କରିଛନ୍ତି। ସେଠାରେ ସେ ତାଙ୍କର ଅସ୍ତ୍ରୋପଚାର ସମ୍ଭାବନାକୁ ନେଇ ଡାକ୍ତରୀ ପରାମର୍ଶ ନେବେ। ତା'ପରେ ଯାଇ ସେ ଆଗାମୀ ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବେ କି ନା ସେ ସମ୍ପର୍କରେ ନିଷ୍ପତ୍ତି ନେବେ। ଜର୍ମାନୀରେ ଚୋପ୍ରା ଅତିକମ୍‌ରେ ଦେଢ଼ ମାସ ଅବସ୍ଥାନ କରିବେ ବୋଲି ତାଙ୍କ ପରିବାର ସୂତ୍ରରୁ ପ୍ରକାଶ। ଜୁନ୍‌ରେ ଫିନ୍‌ଲାଣ୍ଡରେ ଅନୁଷ୍ଠିତ ପାଭୋ ନୁର୍ମି ଗେମ୍ସରେ ବିଜୟ ପରେ ତାଙ୍କ ଇଞ୍ଜୁରୀକୁ ନେଇ ସେ ପ୍ୟାରିସ ଅଲିମ୍ପିକ୍ସ ପରେ ଜର୍ମାନୀର ଜଣେ ଡାକ୍ତରଙ୍କ ସହ ପରାମର୍ଶ ନେବେ ବୋଲି ଚୋପ୍ରା କହିଥିଲେ। ୨୦୨୩ରେ ବିଶ୍ୱ ଚାମ୍ପିୟନଶିପ୍ ଜିତିଥିବା ବେଳେ ତାଙ୍କର ଗ୍ରୋଇନ୍ ଇଞ୍ଜୁରୀ ହୋଇଥିଲା। ମାଂସପେଶୀରେ ସମସ୍ୟା ଯୋଗୁ ସେ ଏକମାସରୁ ଅଧିକ ସମୟ ଛୁଟିରେ ଥିଲେ। ୨୬ ବର୍ଷୀୟ ନୀରଜ ତାଙ୍କ ଇଞ୍ଜୁରୀକୁ ନେଇ ଜର୍ମାନୀରେ ଜଣେ ଡାକ୍ତରଙ୍କ ସହ ପରାମର୍ଶ କରିଛନ୍ତି। ଗତମାସରେ ଅଲିମ୍ପିକ୍ସ ପୂର୍ବରୁ ସେ ଜର୍ମାନୀର ସାର୍‌ବ୍ରକେନଠାରେ କିଛି ଦିନ ପାଇଁ ଟ୍ରେନିଂ ନେଇଥିଲେ। ପ୍ୟାରିସ ଅଲିମ୍ପିକ୍ସ ବେଳେ ନୀରଜ ସେପ୍ଟେମ୍ବର ୧୪ରେ ବେଲ୍‌ଜିୟମର ବ୍ରସେଲ୍ସରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍ ଫାଇନାଲରେ ଅଂଶଗ୍ରହଣ ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଯଦି ତାହା ସମ୍ଭବପର ହୁଏ ତେବେ ତାଙ୍କୁ ଅଗଷ୍ଟ ୨୨ରେ ଲାଉସାନେ ଏବଂ ସେପ୍ଟେମ୍ବର ୫ରେ ଜୁରିଚ୍‌ଠାରେ ହେବାକୁଥିବା ଡିଏଲ୍ ମିଟ୍ ମଧ୍ୟରୁ ଗୋଟିଏ ପ୍ରତିଯୋଗିତାରେ ଭାଗ ନେବାକୁ ପଡ଼ିବ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ